

ରଣବୀରଙ୍କ ନୂଆ ଲୁକ୍
▶ପୃଷ୍ଠା ୭ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-355 ◆BHUBANESWAR ◆FRIDAY ◆21 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୫୫ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୧ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ବାରବାଟୀକୁ ଫେରିଲା ଅନ୍ତର୍ଜାତୀୟ ମ୍ୟାଚ୍

**ଫେବୃଆରୀ ୯ରେ ଭାରତ-ଇଂଲଣ୍ଡ ଏକଦିବସୀୟ**

■ **କଟକ, ୨୦।୬ (ସମିସ):** ଅଢ଼େଇ ବର୍ଷର ବ୍ୟବଧାନ ପରେ ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପ୍ରତ୍ୟାବର୍ତ୍ତନ କରିଛି। ଆସନ୍ତା ଫେବୃୟାରୀ ୯ରେ ବାରବାଟୀରେ ଭ୍ରମଣକାରୀ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏକଦିବସୀୟ ମ୍ୟାଚ୍ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷଣା ପରେ ଏହା ସ୍ପଷ୍ଟ ହୋଇଛି। ବିସିସିଆଇ ୱେବସାଇଟରେ ମ୍ୟାଚ୍ ତାଲିକା ପ୍ରକାଶ ପାଇବା ପରେ ରାଜ୍ୟର ଅଗଣିତ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଛି।

ବିସିସିଆଇର ରିପୋର୍ଟ ଅନୁଯାୟୀ ଜାନୁଆରୀ ମାସରେ ଇଂଲଣ୍ଡ ଦଳ ୫ ଟି-୨୦ ଏବଂ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିବ। ୬ ତାରିଖରେ ନାଗପୁରରେ, ୯ ତାରିଖରେ କଟକରେ ଏବଂ ୧୨ ତାରିଖରେ ଅହମ୍ମଦାବାଦ୍‌ରେ ଏକଦିବସୀୟ ମ୍ୟାଚ୍ ଖେଳାଯିବ। ପ୍ରକାଶ ଥାଉକି, ୨୦୨୨ ଜୁନ ୧୨ ତାରିଖରେ ଶେଷଥର ନିମନ୍ତେ ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଭାରତ ଏବଂ ଦକ୍ଷିଣ ଆଫ୍ରିକା ଭିତରେ ଟି-୨୦ ଲଢ଼େଇ ହୋଇଥିଲା। ଏହା ପୂର୍ବରୁ ୨୦୧୯ ଡିସେମ୍ବର ୨୨ରେ ଶେଷଥର ନିମନ୍ତେ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ୱେଷ୍ଟଇଣ୍ଡିଜକୁ ଭେଟିଥିଲା ଘରୋଇ ଭାରତ ଦଳ।



# 'ଏମ୍‌ଏସ୍‌ପି' ଚାପରେ ଡବଲ୍ ଇଞ୍ଜିନ୍

## ବିଜେପିର ପ୍ରତିଶ୍ରୁତି ପୂରଣ ଲାଗି ବାର୍ଷିକ ଲୋଡ଼ା ୬୪୦୦ କୋଟି ଟଙ୍କା

■ **ଭୁବନେଶ୍ୱର, ୨୦।୬ (ସମିସ):** ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯିବ ବୋଲି ଦଳ ନିଜର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ବିଜେପି ସରକାର ଗଢ଼ିଲା, ମୋହନ ସରକାରଙ୍କ ପ୍ରଥମ କ୍ୟାବିନେଟ୍‌ରେ ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରାଯିବାକୁ ନିଷ୍ପତ୍ତି ମଧ୍ୟ ହେଲା। ୧୦୦ ଦିନ ମଧ୍ୟରେ କୃଷି ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବା ପରେ କାର୍ଯ୍ୟକାରୀ କରାଯିବାକୁ ଘୋଷଣା କରାଗଲା। ବୁଧବାର କେନ୍ଦ୍ର କ୍ୟାବିନେଟ୍ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୧୭ ଟଙ୍କା ବୃଦ୍ଧି କରି ୨୩୦୦ ଟଙ୍କା କରିବା ପରେ ଏବେ ରାଜ୍ୟର ଚାଷୀଙ୍କ ନଜର ଓଡ଼ିଶା ସରକାରଙ୍କ ଉପରେ ନିବଦ୍ଧ ହୋଇଛି। କେବେ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କାରେ କିଣିବେ, ତାହାକୁ ଚାଷୀ ଓ ରାଜ୍ୟବାସୀ ଅପେକ୍ଷା କରିଛନ୍ତି। ଯଦି ବି ରାଜ୍ୟର ଡବଲ ଇଞ୍ଜିନ୍ ସରକାର ଚାଷୀଙ୍କୁ ଧାନ କ୍ରୟ ଉପରେ ବୋନସ ଦେବାକୁ ନିଷ୍ପତ୍ତି ନିଅନ୍ତି; ତେବେ ରାଜ୍ୟ ଉପରେ ପ୍ରାୟ ୬୪୦୦ କୋଟି ଟଙ୍କାର ଚାପ ପଡ଼ିବ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୪ରେ ଶସ୍ୟ କ୍ରୟ ଉପରେ ବୋନସ ପ୍ରଦାନ ଉପରେ ଜାରି କରିଥିବା ଅଙ୍କୁଶ ଓ ନିୟମର ପ୍ରଭାବ ଓଡ଼ିଶା ଉପରେ କ'ଣ ପଡ଼ିବ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।



**୨୦୧୪ରୁ ଏମ୍‌ଏସ୍‌ପି ଉପରେ ବୋନସ ପ୍ରଦାନକୁ ନିରୁତ୍ସାହିତ କରିଛି କେନ୍ଦ୍ର**

୨୦୧୪ ମସିହାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏମ୍‌ଏସ୍‌ପି ଉପରେ ବୋନସ ପ୍ରଦାନ ଉପରେ ଅଙ୍କୁଶ ଜାରି କରିଥିଲେ। କୌଣସି ରାଜ୍ୟ ଯଦି ଏମ୍‌ଏସ୍‌ପି ଉପରେ ବୋନସ ପ୍ରଦାନ କରନ୍ତି, ତେବେ କେବଳ ସମ୍ପୃକ୍ତ ରାଜ୍ୟର ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକୀୟ ଶସ୍ୟକୁ କେନ୍ଦ୍ରୀୟ ପୁଲ୍ ପାଇଁ କ୍ରୟ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଯେଉଁଥିପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୩୦୦ ଟଙ୍କା ବୋନସ ଦେବାକୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଛତିଶଗଡ଼ର ରମଣ ସିଂହ ସରକାର ୨୦୧୫ରେ ଧାନ ଚାଷୀଙ୍କୁ ୩୦୦ ଟଙ୍କା ବୋନସ ଦେବାକୁ ମନା କରି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ କଂଗ୍ରେସ କ୍ଷମତାସୀନ ହେବାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ୫୦୦ ଟଙ୍କା ବୋନସ କାର୍ଯ୍ୟକାରୀ କରିଥିଲେ ଓ ବିଜେପି ପୁନର୍ବାର କ୍ଷମତାକୁ ଫେରିବା ▶ପୃଷ୍ଠା-୯

## ୩୧୦୦ ଟଙ୍କାରେ କିଣାଯିବ ଖରିଫ ଧାନ: ଯୋଗାଣ ମନ୍ତ୍ରୀ

■ **ଭୁବନେଶ୍ୱର, ୨୦।୬ (ସମିସ):** ଖରିଫ ଋତୁରେ ଚାଷୀଙ୍କଠାରୁ ୩୧୦୦ ଟଙ୍କାରେ ଧାନ କିଣାଯିବ। ନିର୍ବାଚନୀ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଗୁରୁବାର ଗଣମାଧ୍ୟମକୁ ଶ୍ରୀ ପାତ୍ର କହିଛନ୍ତି ଯେ ଚଳିତ ଖରିଫ୍ ଋତୁରୁ ଚାଷୀଙ୍କଠାରୁ ୩୧ଶହ ଟଙ୍କା ଦରରେ ଧାନ କ୍ରୟ କରାଯିବ। କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ୨୩୦୦ ଟଙ୍କା ଘୋଷଣା କରିବା ପରେ ରାଜ୍ୟ ସରକାରଙ୍କୁ ଅଧିକ ସୁବିଧା ହୋଇଛି। ପୂର୍ବ ହିସାବରେ ରାଜ୍ୟ ସରକାରଙ୍କୁ କ୍ୱିଣ୍ଟାଲ ପିଛା ଅତିରିକ୍ତ ୯୧୭ ଟଙ୍କା ଅଧିକ ଦେବାକୁ ପଡ଼ିଥାଆନ୍ତା, ମାତ୍ର ଏବେ ୮୦୦ ଟଙ୍କା ପଡ଼ିବ। ଚାଷୀ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇଯିବେ। ଧାନ କିଣା ବେଳେ କୌଣସି କଟନି-ଛଟନି କରାଯିବ ନାହିଁ ଓ ଯେଉଁମାନେ କଟନି-ଛଟନି କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ▶ପୃଷ୍ଠା-୯



**ଏମ୍‌ଏସ୍‌ପି ଉପରେ ଚାଷୀଙ୍କୁ ମିଳିବ ୮୦୦ ଟଙ୍କା ବୋନସ**

**କଟନୀ-ଛଟନୀ ହେଲେ ଗ୍ରହଣ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ**

**ସପ୍ତାହକ ମଧ୍ୟରେ ରାଜଧାନୀରେ ବସିବ ଚାଉଳ ଏଟିଏମ୍**

**ନିଟ୍-ୟୁଜି ମାମଲା**

## କାଉନସେଲିଂ ରୋକିବାକୁ ମନାକଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ପ୍ରଶ୍ନପତ୍ର ପ୍ରଘଟ ବିବାଦ ମଧ୍ୟରେ ସୁପ୍ରିମକୋର୍ଟ ଗୁରୁବାର ନିଟ୍-ୟୁଜି ମାମଲାର ଶୁଣାଣି କରିଛନ୍ତି। ପୁଣି କାଉନସେଲିଂ ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ନ୍ୟାୟାଳୟ ମନା କରିଦେଇଛନ୍ତି। ଜୁଲାଇ ୬ରୁ ହେବାକୁ ଥିବା କାଉନସେଲିଂ ଉପରେ କୌଣସି କଟକଣା ଲଗାଯିବ ନାହିଁ। ୨୩ ତାରିଖରେ ହେବାକୁ ଥିବା ପୁନଃ ପରୀକ୍ଷା ଉପରେ ମଧ୍ୟ ରୋକ୍ ଲାଗିବ ନାହିଁ। ଶେଷ ଶୁଣାଣି ପରେ ପରୀକ୍ଷା ରଦ୍ଦ ହୋଇଗଲେ କାଉନସେଲିଂ ମଧ୍ୟ ବାତିଲ ହୋଇଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହା ସହିତ ହାଇକୋର୍ଟଗୁଡ଼ିକରେ ଚାଲିଥିବା ମାମଲାର ଶୁଣାଣି ଉପରେ ସର୍ବୋଚ୍ଚ ଅଦାଲତ କଟକଣା ଲଗାଇ ଦେଇଛନ୍ତି। ସୁପ୍ରିମକୋର୍ଟକୁ ସବୁ ମାମଲା ସ୍ଥାନାନ୍ତର ଆବେଦନକୁ ନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ନୋଟିସ୍ ଜାରି କରିଛନ୍ତି। ସେହିପରି ଆସନ୍ତା ୮ ତାରିଖରେ ଏକାସଙ୍ଗେ ସବୁ ମାମଲାର ଶୁଣାଣି ଉପରେ ଏନ୍‌ଟିଏ ଏବଂ କେନ୍ଦ୍ର ସରକାରଙ୍କୁ ନୂଆ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି; ମାତ୍ର ମାମଲାରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା ▶ପୃଷ୍ଠା-୯

## ବିହାର ଇଓୟୁକୁ ରିପୋର୍ଟ ମାଗିଲା କେନ୍ଦ୍ର

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ନିଟ୍ ପରୀକ୍ଷା ବିବାଦକୁ ନେଇ ସାରା ଦେଶରେ ହଙ୍ଗାମା ଜାରି ରହିଛି। ଏହା ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ବିହାର ପୁଲିସର ଆର୍ଥିକ ଅପରାଧ ଶାଖା (ଇଓୟୁ)କୁ ବିସ୍ତୃତ ରିପୋର୍ଟ ମାଗିଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏହି ମାମଲାରେ ଇଓୟୁ ପାଖରେ ସ୍ପଷ୍ଟ ପ୍ରମାଣ ରହିଛି ବୋଲି କୁହାଯାଉଛି। ଏପରି ସମୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ବଡ଼ ଦାବି କରିଛନ୍ତି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଅଭିଯୁକ୍ତମାନଙ୍କ ପାଇଁ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ବ୍ୟକ୍ତିଗତ ସଚିବ ପ୍ରୀତମ କୁମାର ସରକାରୀ ଗେଷ୍ଟ ହାଉସ୍ ବୁକ୍ କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ସେ ମେ' ୧ ତାରିଖରେ ଗେଷ୍ଟ ହାଉସର କର୍ମଚାରୀ ▶ପୃଷ୍ଠା-୯

**ମାଷ୍ଟରମାଇଣ୍ଡର ପ୍ରକୋଷ୍ଠ ବୁକ୍ କରିଥିଲେ ତେଜସ୍ୱୀଙ୍କ ପିଏସ୍: ବିଜୟ କୁମାର**

## ୧୨ ଦିନ ପରେ ଆଗକୁ ବଢ଼ିଲା ମୌସୁମୀ

■ **ଭୁବନେଶ୍ୱର, ୨୦।୬ (ସମିସ):** ଓଡ଼ିଶା ଛୁଇଁବାର ୧୨ ଦିନ ପରେ ଅଭିମାନ ଭାଙ୍ଗି ଆଗକୁ ବଢ଼ିଛି ମୌସୁମୀ। ଫଳରେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ଆରମ୍ଭ ହୋଇଛି। ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିପାରେ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୮ ତାରିଖରେ ମୌସୁମୀ ପ୍ରଥମେ ମାଲକାନଗିରିରେ ପ୍ରବେଶ କରିବା ପରେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ଯାଇଥିଲା। ଏବେ ୧୨ ଦିନ ପରେ ଅର୍ଥାତ ୨୦ ତାରିଖରେ ମୌସୁମୀ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ଅଞ୍ଚଳକୁ ପ୍ରବେଶ କରିଛି। ଏହା ପ୍ରଭାବରେ ସମ୍ପୃକ୍ତ ଅଞ୍ଚଳରେ ବର୍ଷାର ପ୍ରକୋପ ଅଧିକ ରହିଥିବା ବେଳେ ଆଗକୁ ମଧ୍ୟ ସମାନ ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଆସନ୍ତା ୩ ଦିନ ଭିତରେ ରାଜ୍ୟର ଆଉ କିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିବା ସହ ବର୍ଷାର ପ୍ରଭାବ ଆଗକୁ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ▶ପୃଷ୍ଠା-୯



**ଧୀରେ ଧୀରେ ବଢ଼ିବ ବର୍ଷାର ପରିମାଣ**

## ୧୦ ଲକ୍ଷ ଯାଏ ଆୟକର ଉପରେ ମିଳିବ ରିଆତି !

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଜୁଲାଇ ୨୨ରେ କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ। ଅନ୍ତରୀଣ ବଜେଟରେ ସରକାର ସାଧାରଣ ଲୋକଙ୍କୁ ଆୟକରରେ କୌଣସି ଲାଭ ଦେଇ ନ ଥିବା ଯୋଗୁଁ ଚଳିତଥର ଆୟକର ସମ୍ବନ୍ଧରେ ବଡ଼ ଘୋଷଣା କରିପାରନ୍ତି। ରିପୋର୍ଟ ଅନୁଯାୟୀ, ଏଥର ବାର୍ଷିକ ୧୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ପାଇଁ ଆୟକର ହାରରେ ହ୍ରାସ ଘଟାଇବାକୁ ସରକାର ଚିନ୍ତା କରୁଛନ୍ତି। ଏହାବ୍ୟତୀତ ସରକାର ଆୟକର ସ୍ଲାବରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ଏହି ଅନୁଯାୟୀ, ଧାରା ୮୦-ଗ'ରେ କେତେକ ପରିବର୍ତ୍ତନ କରାଯାଇପାରେ। ବଜେଟରେ ସରକାର ଏକ ନିର୍ଦ୍ଦିଷ୍ଟ ବେତନ ଶ୍ରେଣୀ ଏବଂ ମଧ୍ୟବିତ୍ତ ଲୋକଙ୍କୁ ଆୟକରରେ ଏହି ଆରାମ ପ୍ରଦାନ କରିପାରିବେ।

## ସୁରମା ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି

■ **ଭୁବନେଶ୍ୱର, ୨୦।୬ (ସମିସ):** ରଣପୁର ବିଧାୟିକା ସୁରମା ପାଢ଼ୀ ଓଡିଶା ବିଧାନସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସେ ନିର୍ବାଚିତ ହୋଇଥିବା ବିଧାନସଭା ସଚିବାଳୟ ପକ୍ଷରୁ ଘୋଷଣା କରାଯାଇଛି। ପ୍ରମିଳା ମଲ୍ଲିକଙ୍କ ପରେ ସୁରମା ବିଧାନସଭାର ଦ୍ୱିତୀୟ ମହିଳା ବାଚସ୍ପତି ପଦରେ ଅଧିଷ୍ଠିତ ହୋଇଛନ୍ତି।

୧୯୮୮ ମସିହାରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିବା ସୁରମା ପ୍ରଥମେ ୨୦୦୪ ମସିହାରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେଡି-ବିଜେପି ମେଣ୍ଟ ସରକାରରେ ଶ୍ରୀମତୀ ପାଢ଼ୀ ସମବାୟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ସେ ପରାଜୟ ବରଣ କରିଥିଲେ; କିନ୍ତୁ ▶ପୃଷ୍ଠା-୯

**ଲୋଡ଼ିଲେ ସମସ୍ତଙ୍କ ସହଯୋଗ**



### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନବନିର୍ବାଚିତ ବାଚସ୍ପତି ସୁରମା ପାଢ଼ୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଗୃହରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପବିତ୍ର ଗୃହର ଗର୍ବ, ଗରିମା ଓ ପଦମର୍ଯ୍ୟାଦା ରକ୍ଷା କରିବା ସହିତ ନିରପେକ୍ଷତା ଅବଲମ୍ବନ କରି ବାଚସ୍ପତି ଗୃହକୁ ସଠିକ୍ ଭାବେ ପରିଚାଳନା କରିବେ ▶ପୃଷ୍ଠା-୯

### ଗୃହର ଗରିମା ଅକ୍ଷୁଣ୍ଣ ରଖିବେ ବୋଲି ଆଶା: ନବୀନ

୧୭ତମ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ବିଧାୟକ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଛନ୍ତି, ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଆପଣ ଏହି ବିଧାନସଭାର ଜଣେ ସଦସ୍ୟ ତଥା ମନ୍ତ୍ରୀ ଭାବେ ବେଶ୍ ଦକ୍ଷତାର ସହ ▶ପୃଷ୍ଠା-୯

### ଲୋକକଥା



ସେବାୟତଙ୍କୁ କି ଆୟତ୍ତ ନାହିଁ ହେ
ଯା' ଇଚ୍ଛା କରନ୍ତି ସେହି,
ତାଙ୍କ କଳିଗୋଳେ କାଳିଆ ସାଆନ୍ତ
ଓପାସରେ ବସିଥାଇ !
ନୀତିର ଠିକଣା ନାହିଁ,
ଏଭଳି କାର୍ଯ୍ୟକୁ ଭକତ କେବଳ
ନିରବରେ ଦେଖୁଥାଇ !!

# ବିଜେପିକୁ ମହାରାଷ୍ଟ୍ର ଚିନ୍ତା

## ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ନିର୍ବାଚନ ଲଢ଼ିବ ଦଳ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରର କ୍ଷମତାସୀନ ଏନ୍‌ଡିଏକୁ ପ୍ରଚଣ୍ଡ ଧକ୍କା ଲାଗିବା ପରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆରମ୍ଭ ହୋଇଛି ମାନସମନ୍ଥନ। ଏନ୍‌ଡିଏକୁ ଆଶାଠାରୁ ଯଥେଷ୍ଟ କମ୍ ସିଟ୍ ମିଳିଥିବାରୁ ବିଜେପିର ଦୁଇ ସହଯୋଗୀ ଶିବସେନା (ସିନ୍ଦେ) ଓ ଏନସିପି (ଅଜିତ୍) ପରିବର୍ତ୍ତିତ ପରିସ୍ଥିତିରେ ଅଧିକ ଆସନ ଦାବି କରିବା ଆରମ୍ଭ କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବୀସ୍ ନିଜ ପଦରୁ ଇସ୍ତଫା ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଯଦିଓ ବିଜେପି ଶୀର୍ଷ ନେତୃତ୍ୱ ଫଡ଼ନାବୀସ୍‌ଙ୍କ ଇସ୍ତଫା ଗ୍ରହଣ କରିନାହାନ୍ତି; ତଥାପି ତାଙ୍କର ସ୍ଥିତି ଦୁର୍ବଳ ହୋଇଥିବା କୁହାଯାଉଛି। ଏପରିକି, ବିଜେପି ଆଗାମୀ ନିର୍ବାଚନରେ ମହାରାଷ୍ଟ୍ରରେ କାହାକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରୋଜେକ୍ଟ କରିବ ନାହିଁ ବୋଲି ମଧ୍ୟ ସୂଚନା ମିଳିଛି। ଗତ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରର ୪୮ଆସନ ମଧ୍ୟରୁ ବିଜେପି ମାତ୍ର ୯ଟି ଆସନରେ ବିଜୟୀ ହୋଇଥିବା ବେଳେ ସହଯୋଗୀ ଶିବସେନା ୭ ଓ ଏନ୍‌ସିପି ଗୋଟିଏ ଆସନରେ ବିଜୟୀ ହୋଇଛି। ଅବଶିଷ୍ଟ ୩୧ ଆସନ ଇଣ୍ଡି ମେଣ୍ଟ ସପକ୍ଷରେ ଯାଇଛି। ତେଣୁ ଆଗାମୀ ନିର୍ବାଚନ ବିଜେପି ଓ ଏହାର ସହଯୋଗୀଙ୍କ ପାଇଁ ଅଗ୍ନି ପରୀକ୍ଷା ସମ ହୋଇଛି।

ଅକ୍ଟୋବରରେ ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ନିମନ୍ତେ ନିର୍ବାଚନ ହେବ। ସମ୍ପ୍ରତି ମହାରାଷ୍ଟ୍ର ବିଧାନସଭାରେ ବିଜେପିର ବିଧାୟକ ସଂଖ୍ୟା ସର୍ବାଧିକ ରହିଛନ୍ତି। ମାତ୍ର ମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆଲୋଚନା ବୈଠକ ପୂର୍ବରୁ ଶିବସେନା (ସିନ୍ଦେ) ୧୦୦ ଆସନ ଦାବି କରିଛି। ଶିବସେନା ନେତା ରାମଦାସ କଦମ୍ କହିଛନ୍ତି ଯେ ଶିବସେନା ୧୦୦ ଆସନରେ ଲଢ଼ିବ ଓ ୯୦ ଆସନରେ ବିଜୟୀ ହେବ। ରାମଦାସ କଦମ୍ ଶିବସେନା (ସିନ୍ଦେ) ଗୋଷ୍ଠୀର ବଡ଼ ନେତା। ତେଣୁ ତାଙ୍କ କଥାର ଗୁରୁତ୍ୱ ରହିଛି। ସେହିପରି ସିନ୍ଦେ ସରକାରର ମନ୍ତ୍ରୀ ଛଗନ ଭୁଜବଳ ମଧ୍ୟ ଏହା ପୂର୍ବରୁ ତାଙ୍କ ଦଳ ଅନ୍ୟୁନ ୮୦ରୁ ୯୦ ଆସନରେ ଲଢ଼ିବ ବୋଲି କହି ବିଜେପିର ଶିରପୀଡ଼ା ବଢ଼ାଇ ▶ପୃଷ୍ଠା-୯



**ସହଯୋଗୀଙ୍କ ସହ ଆସନ ଭାଗବଣ୍ଟା ଅଡୁଆ**

**ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ**

## ଯାଞ୍ଚ ହେବ ୬ ରାଜ୍ୟର ୮ ଲୋକସଭା ଆସନର ଇଭିଏମ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଲୋକସଭା ନିର୍ବାଚନ ଫଳାଫଳ ବାହାରିବା ପରେ ବିରୋଧୀ ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ଉପରେ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍ ହ୍ୟାକ୍ କରି ଭୋଟ୍ ଗଡ଼ବଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଏହା ମଧ୍ୟରେ ନିର୍ବାଚନ କମିସନ (ଇସି) ୬ ରାଜ୍ୟର ୮ ଲୋକସଭା ଆସନର ଇଭିଏମ୍ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ଆସନରେ ଇଭିଏମ୍‌ରେ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଏହା ମଧ୍ୟରେ ହରିୟାଣା, ତାମିଲନାଡୁର ୨ଟି ଲେଖାଏଁ, ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ଗୋଟିଏ ଲେଖାଏଁ ଆସନ ରହିଛି। ୮ ଆସନ ମଧ୍ୟରୁ ବିଜେପି ୩ଟି, କଂଗ୍ରେସ ୨ଟି ଏବଂ ଅନ୍ୟଦଳଗୁଡିକ ୩ଟି ସିଟ୍ ଜିତିଥିଲେ। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଇଭିଏମ୍‌ରେ ଗଡ଼ବଡ଼କୁ ନେଇ ୮ ଆବେଦନ କରାଯାଇଥିଲା। ଏଥିରେ ଇଭିଏମର ମେମୋରି ଏବଂ ମାଇକ୍ରୋ କଣ୍ଟ୍ରୋଲର ଯାଞ୍ଚ ଦାବି ହୋଇଥିଲା। ଏବେ କମିସନ ୮ ଆସନର ୮୨ ପୁଲିଂ କେନ୍ଦ୍ରରେ ବ୍ୟବହୃତ ଇଭିଏମର ଯାଞ୍ଚ କରିବେ। ଏହା ବ୍ୟତୀତ ଇସି ଆନ୍ଧ୍ର ପ୍ରଦେଶର ୨ ଏବଂ ଓଡ଼ିଶାର ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ଇଭିଏମ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରର ଏବଂ ଝାରସୁଗୁଡ଼ାର ୧୩ଟି ଲେଖାଏଁ ମତଦାନ କେନ୍ଦ୍ରର ଇଭିଏମ ଯାଞ୍ଚ କରାଯିବ।

**ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ବି ହେବ ଯାଞ୍ଚ**

# ଅନ୍ତର୍ଜାତୀୟ ଯୋଗ ଦିବସ



ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରାଯାଏ। ସମଗ୍ର ବିଶ୍ୱରେ ଯୋଗର ପ୍ରଚାରପ୍ରସାର କରିବା ତଥା ଲୋକଙ୍କୁ ଯୋଗ ପ୍ରତି ଉତ୍ସାହିତ କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ। ଯୋଗ, ଏକ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଅଭ୍ୟାସ। ଏହାର ଉତ୍ପତ୍ତି ଭାରତରେ ହୋଇଥିଲା। ବିଶ୍ୱସ୍ତରରେ ଏହି ଯୋଗ ଦିବସ ପାଳନ ଉଦ୍ୟମ ପ୍ରଥମେ ଭାରତ ତରଫରୁ ହିଁ ନିଆଯାଇଥିଲା। ଦୈନିକ ଜୀବନଚର୍ଯ୍ୟାରେ ଯୋଗକୁ ସାମିଲ କରି ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରିବାକୁ ଏହି ଦିବସ ବାର୍ତ୍ତା ଦେଇଥାଏ। ପ୍ରାଚୀନ ସଂସ୍କୃତିର ଅମୂଲ୍ୟ ଉପହାର ହେଉଛି ଯୋଗ। ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ଆମ ମନ ଶାନ୍ତ ରହେ ଏବଂ ଶରୀରକୁ ଶକ୍ତି ମିଳେ। ବିଶେଷଜ୍ଞଙ୍କ ମତରେ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସୁନ୍ଦର ଉପଚାର ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହିଁ ଯୋଗ ଦିବସ ପାଳନର ପରମ୍ପରା ଆରମ୍ଭ କରିଛନ୍ତି। ସେ ୨୦୧୪ ସେପ୍ଟେମ୍ବର ୨୭ରେ ମିଳିତ ଜାତିସଂଘ ବୈଠକରେ ଏ ନେଇ ପ୍ରସ୍ତାବ ରଖିଥିଲେ। ୨୦୧୪ ଡିସେମ୍ବର ୧୧ରେ ପ୍ରତିବର୍ଷ ଜୁନ୍ ୨୧କୁ 'ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ୨୦୧୫ ମସିହା ଜୁନ୍ ୨୧ରୁ ଏଯାବତ୍ ଏହିଦିନକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ସେହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପାଖାପାଖି ୩୫ ହଜାରରୁ ଅଧିକ ଲୋକ ଏବଂ ୮୪ ଦେଶର ପ୍ରତିନିଧି ନୂଆଦିଲ୍ଲୀର ରାଜପଥରେ ପାଖାପାଖି ୩୫ ମିନିଟ୍ ଧରି ଯୋଗର ୨୧ଟି ଆସନ କରିଥିଲେ। ଆତ୍ମନିୟନ୍ତ୍ରଣ, ଆତ୍ମ-ଶୃଙ୍ଖଳା ଓ ଆତ୍ମଜ୍ଞାନ ପ୍ରଦାନ କରିବାରେ ଯୋଗ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦୈନନ୍ଦିନ ଯୋଗାଭ୍ୟାସ ମାନସିକ ଓ ଆଧ୍ୟାତ୍ମିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏହି ଦିବସ ପାଳନ ଅବସରରେ ସାରା ଦେଶରେ ଯୋଗ ଶିବିରମାନ ଆୟୋଜନ କରାଯାଇ ଲୋକମାନଙ୍କୁ ନିୟମିତ ଯୋଗାଭ୍ୟାସ କରିବା ପାଇଁ ଉତ୍ସାହିତ କରାଯାଏ।

## ଆଜିର ଇତିହାସ

- ୧୯୪୯-ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା।
- ୧୯୭୫- ୱେଷ୍ଟଇଣ୍ଡିଜ୍ ପ୍ରଥମ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।
- ୧୯୮୨- ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଗଲା।
- ୧୯୯୧-ପି.ଭି ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୨- ୟୁରୋପୀୟ ୟୁନିଅନ୍‌ର ୧୫ଜଣ ରାଷ୍ଟ୍ରାଧ୍ୟକ୍ଷଙ୍କୁ ନେଇ ସ୍ପେନ୍‌ରେ ବୈଠକ ଆରମ୍ଭ ହେଲା।
- ୨୦୦୯ - ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ୍ 'ସୁପର୍ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ' ଜିତିଲେ।
- ୨୦୧୨- ଅଷ୍ଟ୍ରେଲିଆକୁ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୯୦ ଶରଣାର୍ଥୀଙ୍କର ମୃତ୍ୟୁ ହୋଇଥିଲା।
- ୨୦୧୫- ପ୍ରଥମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଗଲା।

# ବିଶ୍ୱ ସଙ୍ଗୀତ ଦିବସ



ସଙ୍ଗୀତ ଏକ ଏପରି ଜିନିଷ ଯାହା ସୁଖଦୁଃଖ ସବୁ ସମୟରେ ମଣିଷର ସାଥୀ ହୋଇ ରହିଥାଏ। ଏହି ସଙ୍ଗୀତ ବିନା ଯେପରି ଜୀବନ ଅଧୁରା ଲାଗେ। ବିଭିନ୍ନ କାଳ୍ପନିକ କଥା ତଥା ଭାବନାକୁ ଶବ୍ଦରେ ପରିଣତ କରି ପରିବେଷଣ କରାଯାଉଥିବା ସଙ୍ଗୀତ ସବୁ ସମୟରେ ମନକୁ ଖୁସି ଦିଏ। ଏହା କେବଳ ମନକୁ ଶାନ୍ତି ପ୍ରଦାନ କରି ନ ଥାଏ, ବରଂ ଆମକୁ ଖୁସି ରଖିବାରେ ମଧ୍ୟ ସାହାଯ୍ୟ କରେ। ସଙ୍ଗୀତର ଗୁରୁତ୍ୱ ବାବଦରେ ଲୋକଙ୍କୁ ଅବଗତ କରାଇବା ତଥା ସଙ୍ଗୀତଜ୍ଞଙ୍କୁ ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ସଙ୍ଗୀତ ଦିବସ' ଭାବେ ପାଳନ କରାଯାଏ। ସେହିପରି ସଙ୍ଗୀତ ଥେରାପି ମନୁଷ୍ୟର ମାନସିକ ଦୁଶ୍ଚିନ୍ତା, ଅବସାଦ ତଥା ସୁସ୍ଥ ଶରୀର ଲାଗି ଖୁବ୍ ଉପଯୋଗୀ। ସଙ୍ଗୀତ ଦିବସର ପ୍ରାରମ୍ଭ ୧୯୮୨ରେ ଫ୍ରାନ୍ସରେ ହୋଇଥିଲା। ଆଉ ଏହାର ଶ୍ରେୟ ସେଠାକାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲେଙ୍ଗ୍‌କୁ ଦିଆଯାଏ। ଅନ୍ୟପଟେ ଏହି ଦିବସ 'ଫେଟେ ଡି ଲା ମ୍ୟୁଜିକ୍' ବା 'ମେକ୍ ମ୍ୟୁଜିକ୍ ଡେ' ନାଁରେ ମଧ୍ୟ ପରିଚିତ। ପ୍ରଥମ ସଙ୍ଗୀତ ଦିବସ ପାଳନ ଅବସରରେ ଫ୍ରାନ୍ସ ସମେତ ୩୨ରୁ ଅଧିକ ଦେଶ ସାମିଲ ହୋଇଥିଲେ। ଏବେ ଏହି ଦିବସକୁ ଭାରତ, ଇଟାଲୀ, ଗ୍ରୀସ୍, ରୁଷ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡୋର୍, ମେକ୍ସିକୋ, କାନାଡ଼ା, ଆମେରିକା, ବ୍ରିଟେନ, ଜାପାନ, ଚୀନ୍, ମାଲେସିଆ ସମେତ ଆହୁରି ଅନେକ ଦେଶ ପାଳନ କରୁଛନ୍ତି। ଏହି ଅବସରରେ ସଙ୍ଗୀତପ୍ରେମୀ ବିଭିନ୍ନ ସ୍ଥାନରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ତା'ସହ ଏହି ଦିନ ଯୁବ କଣ୍ଠଶିଳ୍ପୀଙ୍କୁ ମଧ୍ୟ ନିଜ ସଙ୍ଗୀତ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ। ଏହାବାଦ୍ ଏହି ଅବସରରେ ସଙ୍ଗୀତକାର ତଥା କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଏ।

# ରଣବୀରଙ୍କ ନୂଆ ଲୁକ୍‌କୁ ନେଇ ଚର୍ଚ୍ଚା





ବଲିଉଡ୍ ଅଭିନେତା ରଣବୀର ସିଂହଙ୍କର ଉଭୟ ଦେଶ ଓ ବିଦେଶରେ ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ରଣବୀର ତାଙ୍କ ଅଜବ ଫେସନ୍‌କୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ସେ ଦାଢ଼ି ରଖିଥିବାର ଦେଖାଯାଇଛନ୍ତି। ସେ ଏକ ପାଉଁଶିଆ ରଙ୍ଗର ସ୍ୱେଟର୍ ପିନ୍ଧିଛନ୍ତି। ରଣବୀର ଏହି ଲୁକ୍‌ରେ ବେଶ୍ ସୁନ୍ଦର ମଧ୍ୟ ଦେଖାଯାଉଛନ୍ତି। ତେବେ ରଣବୀରଙ୍କ ଏହି ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ଆସିବା ପରେ ତାଙ୍କ ପ୍ରଶଂସକମାନେ ପ୍ରତିକ୍ରିୟା ଦେବା ଆରମ୍ଭ କରି ଦେଇଛନ୍ତି। କିଛି ପ୍ରଶଂସକ ଅନୁମାନ କରୁଛନ୍ତି ଏହା ରଣବୀରଙ୍କ 'ବ୍ରହ୍ମାସ୍ତ୍ର-୨'ର ଲୁକ୍। ଯଦି ଏହା ଦେବଙ୍କ ଲୁକ୍, ତେବେ ରଣବୀର 'ବ୍ରହ୍ମାସ୍ତ୍ର-୨'ରେ ଦମ୍‌ଦାର୍ ଅବତାରରେ ଆସିବେ ବୋଲି ଅନେକ ପ୍ରଶଂସକ କହୁଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ବ୍ରହ୍ମାସ୍ତ୍ର-୨' ପାଇଁ ରଣବୀରଙ୍କୁ ଦେବ ଭୂମିକା ପାଇଁ ଫାଇନାଲ କରାଯାଇଛି। ଇତିମଧ୍ୟରେ ଏହାର କାହାଣୀ ଫାଇନାଲ ହୋଇଛି। ୨୦୨୫ରେ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ବ୍ରହ୍ମାସ୍ତ୍ର-୨'ର ନିର୍ମାତା ଅୟାନ୍ ମୁଖାର୍ଜୀ 'ୱାର୍-୨'ର ସୁଟିଂରେ ବ୍ୟସ୍ତ ଥିଲାବେଳେ ରଣବୀର ମଧ୍ୟ 'ବୈଜୁ ବାୱରା' ପାଇଁ ଏବେ ସମୟ ଦେଉଛନ୍ତି।

# ବିଲେଇଙ୍କ ଯନ୍ତ୍ରଣା ବାରିପାରୁଥିବା ଆପ୍

ଲୋକଙ୍କ ଦୁଃଖ କଷ୍ଟକୁ ଜାଣିବା ଏବଂ ବୁଝିବା ସମ୍ଭବ। କିନ୍ତୁ ମୂକ ପ୍ରାଣୀମାନଙ୍କ ଦୁଃଖ, କଷ୍ଟକୁ ବୁଝିବା ଆଦୌ ସହଜ କଥା ନୁହେଁ। ହେଲେ ଏଣିକି ପୋଷା ବିଲେଇଙ୍କ ଯନ୍ତ୍ରଣାକୁ ସେମାନଙ୍କ ମାଲିକ ସହଜରେ ବୁଝିପାରିବେ। ଏନେଇ ଏକ ନୂତନ ପ୍ରକାର ଆପ୍ ବିକଶିତ କରାଯାଇଛି। ଜାପାନର ଏକ ଷ୍ଟାର୍ଟଅପ୍ କମ୍ପାନି ଏମିତି ଏକ ଆପ୍ ତିଆରି କରିଛି, ଯାହାକି ବିଲେଇର ଫଟୋ ଦେଖି ତା'ର ଯନ୍ତ୍ରଣା ହେଉଛି କି ନାହିଁ କହିପାରିବ। ଜାପାନୀ ଲୋକେ ବିଲେଇ ପ୍ରିୟ। ତେଣୁ ଏହି ଆପ୍ ଏଠାରେ ବେଶ୍ ଆଦୃତ ହୋଇପାରିଛି। ଏହି ଆପ୍‌ର ନାଁ 'କ୍ୟାଟ୍‌ସ ମି' ରଖାଯାଇଛି। ପୋଷା ବିଲେଇ ମାଲିକଙ୍କ ପାଇଁ ଏହି ଆପ୍ ଉପଲବ୍ଧ। ଏହି ଆପ୍‌କୁ ଟେକ୍ ଷ୍ଟାର୍ଟଅପ୍ କମ୍ପାନି କେୟରଲଜି ଏବଂ ନିହୋନ ବିଶ୍ୱବିଦ୍ୟାଳୟର ଗବେଷକମାନେ ମିଶି ତିଆରି କରିଛନ୍ତି। ୬୦ ହଜାର ବିଲେଇଙ୍କ ଫଟୋ ମାଧ୍ୟମରେ ଏହି ଆପ୍‌କୁ ବିକଶିତ କରାଯାଇଛି। ଗତବର୍ଷ ଉକ୍ତ ଆପ୍ ବଜାରକୁ ଆସିଥିଲା। ଏବେ ସୁଦ୍ଧା ଦୁଇ ଲକ୍ଷ ୩୦ ହଜାରରୁ ଅଧିକ ଲୋକ ଏହି ଆପ୍‌ର ବ୍ୟବହାର କରିସାରିଲେଣି। ତେବେ ୭୦ ପ୍ରତିଶତ ବୟସ୍କ ବିଲେଇ ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରନ୍ତି। ତେବେ ସେଥିରୁ ଦୁଇ ପ୍ରତିଶତଙ୍କୁ ଡାକ୍ତରଙ୍କ ପାଖକୁ ନିଆଯାଏ। କାରଣ ମାଲିକମାନେ ସେମାନଙ୍କର ଯନ୍ତ୍ରଣାକୁ ଜାଣି ପାରି ନ ଥାନ୍ତି। କେୟାରଲଜିର କହିବା ଅନୁଯାୟୀ, ଏହି ଆପ୍ ପ୍ରାୟ ୯୫ ପ୍ରତିଶତ ସଠିକ୍ତା ସହ କାମ କରିଥାଏ। ତେବେ ଆଗାମୀ ଦିନରେ ଏହି ଆପ୍ ବିଲେଇଙ୍କ ଫଟୋ ଅଧିକରୁ ଅଧିକ ଦେଖିଲେ ସେମାନଙ୍କ ଦୁଃଖ- କଷ୍ଟକୁ ଠିକ୍ ଭାବେ ବୁଝିବାକୁ ସକ୍ଷମ ହେବ।



# 'ଗ୍ରୀନ୍ ନଏଜ୍'ରୁ ସୁନିଦ୍ରା

ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନ ବିଶେଷକରି ଲୋକଙ୍କ ନିଦ୍ରାକୁ ପ୍ରଭାବିତ କରୁଛି। ସେହିପରି ସୁଖରେ ଶୋଇବା ପାଇଁ ଲୋକେ ବହୁତ କିଛି ଉପାୟ ଅବଲମ୍ବନ କରୁଛନ୍ତି। ଏହାରି ଭିତରେ ଭଲ ନିଦର କାରଣ ପାଲଟିଛି 'ଗ୍ରୀନ୍ ନଏଜ୍'। ଏହି ଶବ୍ଦ ନିଦ ପାଇଁ ଭଲ। ସେଥିପାଇଁ ଏବେ ଗ୍ରୀନ୍ ନଏଜ୍‌ର ଲୋକପ୍ରିୟତା ବୃଦ୍ଧି ପାଇଛି। ଅବଶ୍ୟ ହ୍ୱାଇଟ୍ ନଏଜ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେଉଛି ଗ୍ରୀନ୍ ନଏଜ୍। କାରଣ ହ୍ୱାଇଟ୍ ନଏଜ୍ ଜୋର୍ ଶବ୍ଦ, କଳକାରଖାନା, ମେସିନ୍ ଆଦିରୁ ସୃଷ୍ଟି ଶବ୍ଦକୁ ବୁଝାଏ। ତା'ସହ ଏହାର ଫ୍ରିକ୍ୱେନ୍ସି ମଧ୍ୟ ଅଧିକ। ଏହା ତୀବ୍ର ବା କଟୁ ଶବ୍ଦ ହୋଇଥିବାରୁ କାନକୁ କଷ୍ଟ ଦେଇଥାଏ। ତେବେ ଗ୍ରୀନ୍ ନଏଜ୍‌ରେ ଏଭଳି କିଛି ଦେଖିବାକୁ ମିଳି ନ ଥାଏ। ଏହା ଏମିତି ଶବ୍ଦକୁ ବୁଝାଏ, ଯାହା ମନକୁ ଓ ମସ୍ତିଷ୍କକୁ ଶାନ୍ତି ପହଞ୍ଚାଇଥାଏ। କହିବାକୁ ଗଲେ, ଏହି ଶବ୍ଦ ପ୍ରକୃତିଠାରୁ ପ୍ରେରିତ। ଏଇ ଯେମିତି ବର୍ଷା ପାଣିର ଶବ୍ଦ, ଗଛ ପତ୍ରର ଶବ୍ଦ, ପକ୍ଷୀଙ୍କ କିଚିରିମିଚିରି ସ୍ୱର ଆଦି ମନକୁ ଶାନ୍ତି ଦେଇଥାଏ। ଏହାବାଦ୍ ଗ୍ରୀନ୍ ନଏଜ୍ କମ୍ ଫ୍ରିକ୍ୱେନ୍ସି ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଗ୍ରୀନ୍ ନଏଜ୍ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଏ। ତେଣୁ ଏହି ଶବ୍ଦ ନିଦ ପାଇଁ ଭଲ। ଅନ୍ୟପକ୍ଷରେ ଏହାର ଉପଯୋଗ ଧ୍ୟାନ ତଥା ଏକାଗ୍ରତା ବୃଦ୍ଧି ପାଇଁ କରାଯାଏ। କେବଳ ସେତିକି ନୁହେଁ, ଏହାର ବ୍ୟବହାର ଅବସାଦ କମ୍ କରିବା ଦିଗରେ ସାହାଯ୍ୟ କରେ। ଏ ଦୃଷ୍ଟିରୁ ଶୋଇବା ପୂର୍ବରୁ ଗ୍ରୀନ୍ ନଏଜ୍ ଶୁଣିବା ଭଲ।



# ଟଙ୍କା ଗଣିବା ସମୟରେ କରନ୍ତୁନି ଏହିସବୁ ଭୁଲ୍

**ହିନ୍ଦୁ ଧର୍ମରେ ମା' ଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ସୁଖ, ସମୃଦ୍ଧି, ଧନ, ବୈଭବରେ ଘର ପୂରି ଉଠେ ବୋଲି ବିଶ୍ୱାସ ରହିଛି। ଯଦି ମା' ଲକ୍ଷ୍ମୀ ରୁଷ୍ଟ ହୋଇଯାନ୍ତି, ତା'ହେଲେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଘରକୁ ସଫାସୁତୁରା ନ ରଖିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାରୁ ବଞ୍ଚିତ ହେବାକୁ ପଡ଼େ। ଅନେକ ସମୟରେ ବ୍ୟକ୍ତି ଏଭଳି କିଛି ଭୁଲ୍ କରିଥାଏ, ଯାହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ନାହିଁ। ଟଙ୍କା ସମ୍ପର୍କିତ ମଧ୍ୟ ଅନେକ ନିୟମ ରହିଛି। ଏହାକୁ ନ ମାନିବା ଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ସେହିସବୁ ନିୟମକୁ ଜାଣି ରଖିବା ଉଚିତ।**

### ଏକାଠି ରଖନ୍ତୁନି ଖାଦ୍ୟ ଓ ଟଙ୍କା

ବାସ୍ତୁଶାସ୍ତ୍ର ଅନୁସାରେ, ଯେଉଁ ପର୍ସରେ ଟଙ୍କା ରଖୁଛନ୍ତି, ସେଥିରେ ଖାଦ୍ୟ ଜିନିଷ ରଖନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଧନର ଅପମାନ ହୋଇଥାଏ।

### ସମ୍ମାନର ସହିତ ଦିଅନ୍ତୁ ଟଙ୍କା

ଗରିବ ଲୋକଙ୍କୁ ଟଙ୍କା ଦେବା ସମୟରେ ଧୀରସ୍ଥିର ଭାବେ ଏବଂ ସମ୍ମାନର ସହ ଟଙ୍କା ଦିଅନ୍ତୁ। ଟଙ୍କାକୁ ଫିଙ୍ଗିବା ଭଳି ଦେବା ଉଚିତ ନୁହେଁ। ଏହାଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି।

### ଟଙ୍କା ଗଣିବା ସମୟରେ...

ବାସ୍ତୁଶାସ୍ତ୍ର ଅନୁସାରେ ନୋଟ୍‌କୁ ଛେପ ଲଗାଇ ଗଣିବା ଉଚିତ ନୁହେଁ। ଏଭଳି କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ଅପମାନ ହୋଇଥାଏ। ଏଥିପ୍ରତି ଧ୍ୟାନ ଦିଅନ୍ତୁ। ନୋଟ୍‌ଗୁଡ଼ିକୁ ଗଣିବା ସମୟରେ ପାଣି କିମ୍ବା ପାଉଡର୍‌ର ବ୍ୟବହାର କରିପାରିବେ।



### ଶେଯ ଉପରେ ରଖନ୍ତୁନି

ଟଙ୍କାକୁ କେବେ ମଧ୍ୟ ଶେଯ ପାଖରେ, ଶେଯ ଉପରେ କିମ୍ବା ମୁଣ୍ଡ ପାଖରେ ରଖନ୍ତୁ ନାହିଁ। ଟଙ୍କାକୁ ସବୁବେଳେ ଆଲମାରୀ ଭିତରେ ସଫାସୁତୁରା ସ୍ଥାନରେ ରଖିବା ଉଚିତ। ଟଙ୍କା ସହିତ କଉଡ଼ି ରଖିବା ଶୁଭ ହୋଇଥାଏ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ସର୍ବଦା ରହିଥାଏ।

### ପ୍ରଣାମ କରନ୍ତୁ

ବାସ୍ତୁଶାସ୍ତ୍ର ଅନୁସାରେ ଟଙ୍କାରେ ମା' ଲକ୍ଷ୍ମୀ ବାସ କରିଥାନ୍ତି। ତେଣୁ ରାସ୍ତାରେ ଯାଉଥିବା ସମୟରେ ଯଦି ନୋଟ୍ କିମ୍ବା କଏନ୍ ମିଳେ, ତାହାକୁ ଉଠାଇ ମଥାରେ ଲଗାଇ ପ୍ରଣାମ କରନ୍ତୁ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଗଡ଼ୁା ଚାଲିଛି ତିନିରଥ...

# ତିନିରଥରେ ଯୋଖା ସଂଯୋଗ ସରିଲା



**ପୁରୀ, ୨୦।୬(ସମିସ):** ଆଉ ମାତ୍ର ୧୬ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ଗୁରୁବାର ତିନିରଥରେ ମୋଟ ୪୪ଟି ଯୋଖା ସଂଯୋଗ କରାଯାଇଛି। ବୁଧବାର କାମ ଶେଷ ହେବା ପୂର୍ବରୁ ଭୋଇ ସେବକମାନେ ତିନି ରଥର ନିର୍ମାଣ ଯୋଖାଗୁଡ଼ିକୁ ନେଇ ପ୍ରତ୍ୟେକ ରଥରେ ଡେରିଥିଲେ। ଗୁରୁବାର ଏହି ଯୋଖାଗୁଡ଼ିକ ଫିଟିଙ୍ଗ କରାଯାଇଛି। ଭୋଇ ସେବକମାନେ ପ୍ରତ୍ୟେକ ରଥ ଚାଳିକୁ ଗାରେଡ଼ି ପାଇଁ ୧୨ଫୁଟିଆ ଅସନ କାଠ ଯୋଗାଇ ଦେଇଛନ୍ତି। ଗୋଟିଏ ରଥରେ ୮ଟି ଲେଖାଏଁ ଗାରେଡ଼ି ଲଗାଯାଇଥାଏ। ତେଣୁ ତିନିରଥରେ ମୋଟ ୨୪ଟି ଗାରେଡ଼ି ଲଗାଯିବ। ଭୋଇ ସେବକମାନେ ଏହି କାଠ ଦେବା ପରେ ମହାରଣା ସେବକମାନେ ଏହାକୁ ସାଇଜ୍ କରୁଛନ୍ତି। ଏହାସହ ତିନିରଥର ଦ୍ୱିତୀୟ ଭୂଇଁ ପଡ଼ିଛି। ଏଥିସହ ତିନି ରଥର ୫ଟି ଲେଖାଏଁ ଜଗତପୃଷ୍ଠ ଶେଣୀ ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏହି ଜଗତପୃଷ୍ଠ ଶେଣୀ ତିନିରଥ ଶ୍ରୀବିଗ୍ରହମାନଙ୍କ ସିଂହାସନ ବେଦୀ ନିର୍ମାଣ ପାଇଁ ଲାଗିଥାଏ। ରୂପକାର ସେବକମାନେ ତିନି ରଥ ଦ୍ୱାର ବେଢ଼ାରେ ଲାଗିବା ପାଇଁ ନାଟ ଗୋଡରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ଏବଂ ଅଗ ଭୂଇଁ ପାଇଁ ବିଡ଼ିଆ କଣ୍ଟା ତିଆରି କରୁଛନ୍ତି।

# ଏମ୍‌ଏସ୍‌ପିକୁ ନେଇ ଶାସକ-ବିରୋଧୀ ଛକାପଞ୍ଝା







- ପ୍ରତିଶ୍ରୁତି ରକ୍ଷା କରନ୍ତୁ ସରକାର: ପ୍ରସନ୍ନ
- କଥା ରଖିବାରେ ବିଜେପି ବିଫଳ:ରାଜନ୍
- ପ୍ରତିଶ୍ରୁତି ପାଳନ କରାଯିବ: ଟଙ୍କଧର

**ଭୁବନେଶ୍ୱର, ୨୦।୬(ସମିସ):** ଧାନର ଏମଏସ୍‌ପି ୧୧୭ ଟଙ୍କା ବୃଦ୍ଧିକୁ ନେଇ ଶାସକ ବିରୋଧୀ ମଧ୍ୟରେ ଆରମ୍ଭ ହୋଇଛି ଛକାପଞ୍ଝା। ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ତୁରନ୍ତ ପାଳନ କରନ୍ତୁ ବୋଲି ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିଲେ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କା ହେବ ବୋଲି ବରଗଡ଼ ଓ ସମ୍ବଲପୁରରେ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଥିଲେ। କିନ୍ତୁ ଏବେ ନାମକୁ ମାତ୍ର ୧୧୭ ଟଙ୍କା ବୃଦ୍ଧି କରିଛନ୍ତି। ଏଥିରେ କ'ଣ ଚାଷୀଙ୍କ ସମସ୍ୟା ଦୂର ହୋଇଯିବ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ବିଜୁ ଜନତା ଦଳ ସ୍ୱାମୀନାଥନ କମିଟିର ସୁପାରିଶ ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବାକୁ ଦାବି କରି ଆସିଛି। ଏମ୍‌ଏସ୍‌ପି ବୃଦ୍ଧି କରା ନ ଯିବା ପର୍ଯ୍ୟନ୍ତ ଚାଷୀଙ୍କୁ ସେମାନଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିବ ନାହିଁ। ତେଣୁ ସ୍ୱାମୀନାଥନ୍ କମିଟି ରିପୋର୍ଟ ଅନୁସାରେ ତୁରନ୍ତ ଧାନର ମୂଲ୍ୟ ବୃଦ୍ଧି କରାଯାଉ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଡାକ୍ତର ସିଏସ୍ ରାଜନ୍ ଏକ୍କା କହିଛନ୍ତି ଯେ ବିଜେପି ନିଜର ଘୋଷଣା ପତ୍ରରେ କହିଥିଲା ଏମ୍‌ଏସ୍‌ପି ୩୧୦୦ ଟଙ୍କା ହେବ ବୋଲି। ଏବେ ତ ତାଙ୍କର ଡବଲ୍ ଇଞ୍ଜିନ୍ ସରକାର ଅଛି। ଏମ୍‌ଏସପି ବୃଦ୍ଧି କରିବା ପାଇଁ ଆୟୋଗ ସ୍ପଷ୍ଟ ଭାବେ କହିଛନ୍ତି। ତେଣୁ ମୂଲ୍ୟ ବଢ଼ାଇବାରେ ସମସ୍ୟା କେଉଁଠି ଅଛି? କିନ୍ତୁ ଦୁର୍ଭାଗ୍ୟର କଥା ମାତ୍ର ୨୩୦୦ ଟଙ୍କା କରାଗଲା। ତେଣୁ ବିଜେପି ସରକାରର କଥା ଅନୁସାରେ କେବେ ୩୧୦୦ ଟଙ୍କା ହେବ ତାହା ଦେଖିବାକୁ ଆମେ ଅପେକ୍ଷା କରିଛୁ।

ଅପରପକ୍ଷେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଆମେ ଯାହା କହିଥିଲୁ ତାହା କରିବୁ। ପ୍ରଥମ କ୍ୟାବିନେଟ ବୈଠକରେ ମଧ୍ୟ ଏମ୍‌ଏସ୍‌ପି ୩୧୦୦ ଟଙ୍କା କରିବା ପାଇଁ ନିଷ୍ପତ୍ତି ହୋଇଛି। ଠିକଣା ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯିବ ବୋଲି କହିଛନ୍ତି।

ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗରେ ଓଡ଼ିଶା କୃଷକ ସଭାର ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି, ମୋଦୀ ସରକାର ଏଥର ମଧ୍ୟ କୃଷକମାନଙ୍କୁ ପ୍ରତାରିତ କରିଛନ୍ତି। ପ୍ରତିବର୍ଷ ଚାଷ ଖର୍ଚ୍ଚ ଅସ୍ୱାଭାବିକ ଭାବେ ବଢ଼ି ଚାଲିଛି ଏବଂ ଚାଷୀମାନେ କ୍ରମାଗତ ଭାବେ କ୍ଷତି ସହି ଚାଲିଛନ୍ତି। ଫସଲ ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ହିସାବରେ ଏମ୍‌ଏସ୍‌ପି ଧାର୍ଯ୍ୟ ପାଇଁ ୨୦୧୮ ରେ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାରମ୍ବାର ଏଥିରେ ବିଚ୍ୟୁତି ଦେଖାଦେଉଛି। ଚାଷୀମାନେ ଏମ୍‌ଏସ୍‌ପି ବୃଦ୍ଧିକୁ ଚାହିଁ ବସିଥିଲେ ସୁଦ୍ଧା କେନ୍ଦ୍ର ସରକାର ନିରାଶ କରି ଚାଲିଛନ୍ତି। ତେଣୁ ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ କେନ୍ଦ୍ର ସରକାର ତୁରନ୍ତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରନ୍ତୁ ବୋଲି ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି।

## ଆଜି ସକାଳୁଆ; ଶନିବାରଠୁ ସ୍ୱାଭାବିକ ଖୋଲିବ ସ୍କୁଲ

**ଭୁବନେଶ୍ୱର, ୨୦।୬(ସମିସ):** ରାଜ୍ୟର ସମସ୍ତ ବିଦ୍ୟାଳୟ ଆସନ୍ତାକାଲି (ଶୁକ୍ରବାର)ଠାରୁ ଖୋଲିଯିବ। କେବଳ ଶୁକ୍ରବାର ସକାଳୁଆ ସ୍କୁଲ୍ ବା ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପାଠପଢ଼ା ହେବ। ଏହାପରେ ଶନିବାରଠାରୁ ସ୍ୱାଭାବିକ ସମୟରେ ବିଦ୍ୟାଳୟ ଖୋଲିବା ସହ ପାଠପଢ଼ା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗ୍ରୀଷ୍ମାବକାଶ ପରେ ନିର୍ଦ୍ଧାରିତ ସମୟରେ ସମସ୍ତ ବିଦ୍ୟାଳୟ ଖୋଲିପାରିନଥିଲା। ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେଇଥିଲେ। ଗତ ୧୮ ତାରିଖରେ ୧୫ଟି ଜିଲ୍ଲାରେ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଏହାର ଦିନକ ପରେ ଅର୍ଥାତ ୧୯ ତାରିଖରେ ଆଉ ୪ଟି ଜିଲ୍ଲାରେ ବିଦ୍ୟାଳୟ ଖୋଲିଥିଲା। ଅବଶିଷ୍ଟ ୧୧ଟି ଜିଲ୍ଲାରେ ଆସନ୍ତାକାଲିଠାରୁ ପାଠପଢ଼ା ଆରମ୍ଭ ହେବ। ଖରା ଓ ଗୁଳୁଗୁଳି ପାଇଁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ରହୁଛି। ଆସନ୍ତା ସୋମବାରଠାରୁ ପାଠପଢ଼ା ସ୍ୱାଭାବିକ ହେବ ବୋଲି ଅଭିଭାବକମାନେ ଆଶାବ୍ୟକ୍ତ କରିଛନ୍ତି।

# ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି

**ପୁରୀ,୨୦।୬(ସମିସ):** ଆସନ୍ତା ଶନିବାର ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ୧୦୮ ଗରାଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ଦାରୁବିଗ୍ରହଙ୍କ ଅଣସର ନୀତି।



ମହାପ୍ରଭୁଙ୍କର ଏହି ଗୁପ୍ତ ନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ତେଣୁ ଗୁରୁବାର ମଙ୍ଗଳ ଆଳତି ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି। ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ନିମଗ୍ନ ରହିବେ ଦଇତାପତି। ଗୋଷ୍ଠୀଗତ ଭାବେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପାଦନ କରିବେ। ତେବେ ଗୁରୁବାର ରାତିରେ ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟ କରିଛନ୍ତି। ଶ୍ରୀସୁଦର୍ଶନଙ୍କୁ ବଡ଼ବାଡ଼ ଖଟୁଲି ଉପରେ ବିଜେ କରିବା ପରେ କୋଠ ସୁଆଁସିଆମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ଶୁକ୍ରବାର ସେନାପଟା ଲାଗି କରିବେ। ବଉଳ କାଠରେ ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗର ମାପ ଅନୁଯାୟୀ ସେନାପଟା ଓ ବାହୁଟ ନିର୍ମାଣ କରାଯିବ। ମହାପ୍ରଭୁଙ୍କ ପୃଷ୍ଠଦେଶରେ ସେନାପଟା ଓ ଶ୍ରୀଭୁଜରେ ବାହୁଟ ପାଟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରି ବାନ୍ଧି ଦିଆଯିବ। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ଆଡ଼ପ ପହଣ୍ଡି, ବାହୁଡ଼ା ଯାତ୍ରା ଓ ନୀଳାଦ୍ରିବିଜେ ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

# ଛତିଶା ନିଯୋଗର ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୦।୬(ସମିସ):** ଚଳିତ ବର୍ଷ ରଥଯାତ୍ରା ଏକ ବିରଳ ସଂଯୋଗ। ଗୋଟିଏ ଦିନରେ ୩ ଟି ନୀତି ସହ ରଥଯାତ୍ରା କାମ ସମ୍ପନ୍ନ ହେବ। ଏହାକୁ ଶୃଙ୍ଖଳିତ ଭାବେ ସାରିବାକୁ ପୁରୀ ଛତିଶା ନିଯୋଗର ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ରାଜ୍ୟ ଅତିଥି ଭବନ ଠାରେ ଅନୁଷ୍ଠିତ ଆଲୋଚନାରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଅପାର କରୁଣାରୁ ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହୋଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟ, ଦେଶ ତଥା ଏ ଦୁନିଆ ଚାଲିଛି। ଏହି ବିରଳ ରଥଯାତ୍ରା ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆପଣଙ୍କ ସହଯୋଗରେ ନିଶ୍ଚିତ ରୂପେ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଛତିଶା ନିଯୋଗର ସଦସ୍ୟମାନେ ମଧ୍ୟ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିଯୋଗର ସଦସ୍ୟମାନେ କହିଛନ୍ତି ଯେ ସେବକମାନଙ୍କ ପ୍ରତି ସରକାରଙ୍କ ଆତ୍ମୀୟତା ଭାବ ସମସ୍ତଙ୍କୁ ବହୁତ୍ ଖୁସି ଓ ଆନନ୍ଦିତ କରିଛି। ଶ୍ରୀମନ୍ଦିର ପାଇଁ ୫ଶହ କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ମଧ୍ୟ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସଦସ୍ୟମାନଙ୍କୁ ନିବେଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସେବାୟତ ମାନଙ୍କୁ ବୈଠକକୁ ସ୍ୱାଗତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ସ୍ନାନଯାତ୍ରା ପାଇଁ ୬୮ ପ୍ଲାଟୁନ ଫୋର୍ସ

**ପୁରୀ, ୨୦।୬(ସମିସ):** ଶନିବାର ଦେବସ୍ନାନ ପୂର୍ଣ୍ଣିମା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦର୍ଶନ ପାଇଁ ଏଥର ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ସ୍ନାନଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ୬୮ ପ୍ଲାଟୁନ ଫୋର୍ସ ସହ ୪ଜଣ କମାଣ୍ଡାଣ୍ଟ, ୧୫ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କାମାଣ୍ଡାଣ୍ଟ, ୩୦ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬୫ଇନ୍ସପେକ୍ଟର, ୩୨୩ଜଣ ସବ୍-ଇନ୍ସପେକ୍ଟ ଓ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର, ୫୧ଜଣ ହାବିଲଦାର, ୧୨ ଜଣ ଟ୍ରାଫିକ ହାବିଲଦାର, ୩୬୫ ଜଣ କନଷ୍ଟେବଲ, ୫୨ଜଣ ଟ୍ରାଫିକ କନଷ୍ଟେବଲ, ୫୯୪ ହୋମ୍‌ଗାର୍ଡ ମୁତୟନ ହେବେ। ସେହିପରି ସ୍ନାନମଣ୍ଡପ ଓ ଶ୍ରୀମନ୍ଦିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ବେଳେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମୋଟ ୬୮ ପ୍ଲାଟୁନ ଫୋର୍ସଙ୍କ ମଧ୍ୟରୁ ଶ୍ରୀମନ୍ଦିର ଭିତରେ ୩୪ ପ୍ଲାଟୁନ, ମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ଲାଗି ୨୩ ପ୍ଲାଟୁନ ଏବଂ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ୮ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ମନ୍ଦିର ଭିତରେ ଜଣେ କମାଣ୍ଡାଣ୍ଟ, ୬ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୧୩ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୭ ଇନ୍ସପେକ୍ଟର, ୧୦୫ ଜଣ ସବ୍-ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର, ୧୨ଜଣ ହାବିଲଦାର, ୧୨୨ଜଣ କନଷ୍ଟେବଲ ଓ ୮୪ ଜଣ ହୋମ୍‌ଗାର୍ଡ ମୁତୟନ ହେବେ। ସେହିପରି ମନ୍ଦିର ବାହାରେ ୨ଜଣ କମାଣ୍ଡାଣ୍ଟ, ୫ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୮ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୪ ଇନ୍ସପେକ୍ଟର, ୯୯ ଜଣ ସବ୍ ଇନ୍ସପେକ୍ଟ ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୪୧ କନଷ୍ଟେବଲ, ୬ ଜଣ ଟ୍ରାଫିକ କନଷ୍ଟେବଲ ଏବଂ ୩୪ ଜଣ ହୋମ୍‌ଗାର୍ଡ ମୁତୟନ ହେବେ।

# ୨ ଠିକାଦାରଙ୍କ ଅଫିସ୍‌ରେ ଜିଏସ୍‌ଟି ଚଢ଼ଉ

**ଯାଜପୁର, ୨୦।୬ (ସମିସ):** ଟିକସ ଫାଙ୍କିବା ନେଇ ଆଜି କେନ୍ଦ୍ରୀୟ ଜିଏସଟି ଟିମ୍ ପକ୍ଷରୁ ଜାରକାସ୍ଥ ୨ଜଣ ଠିକାଦାରଙ୍କ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ଆଜି ପୂର୍ବାହ୍ନରେ କେନ୍ଦ୍ରୀୟ ଜିଏସଟି ଟିମ୍‌ର ୭ଜଣ ସଦସ୍ୟ ୩ଟି ଗାଡ଼ିରେ ଜାରକା ବଜାରରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ଜାରକା ଅଞ୍ଚଳରେ ରହୁଥିବା ସ୍ପେସାଲ କ୍ଲାସ ଠିକାଦାର ଗଜେନ୍ଦ୍ର ବେହେରାଙ୍କ ବାସଭବନରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ପରେ ଏକ ଟିମ୍ ଜାରକା ଅଞ୍ଚଳରେ ରହୁଥିବା ଏ କ୍ଲାସ ଠିକାଦାର ଗୌତମ ସାହୁଙ୍କ ବାସଭବନରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ତେବେ ଜିଏସଟି ଟିମ୍ ଯେଉଁ ସମୟରେ ଗୌତମଙ୍କ କାର୍ଯ୍ୟାଳୟକୁ ଆସିଲେ, ସେହି ସମୟରେ ଗୌତମ ସାହୁ ଚକମା ଦେଖାଇ ସେଠାରୁ ଚମ୍ପଟ ମାରିଥିଲେ।

ଗୌତମଙ୍କ ଘର ଓ କାର୍ଯ୍ୟାଳୟ ଲକ୍ ଥିବାରୁ ଏହାକୁ ଖୋଲିବା ପାଇଁ ଜିଏସଟି ଅଧିକାରୀ ଘରେ ଥିବା ଲୋକଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା କେହି ଗେଟ୍ ଖୋଲି ନଥିଲେ। ଫଳରେ ଟିମ୍ ସହିତ ଆସିଥିବା ଜିଏସ୍‌ଟି କମିସନର ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲଙ୍କ ସହାୟତା ଲୋଡ଼ିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କିଛି ସମୟର ବ୍ୟବଧାନରେ ଧର୍ମଶାଳା ଥାନା ଅଧିକାରୀ ତାଙ୍କ କର୍ମଚାରୀଙ୍କୁ ନେଇ ସେଠାରେ ପହଞ୍ଚିବା ସହ ଘରର ଗେଟ ଖୋଲିବାକୁ ଘର ଲୋକଙ୍କୁ କହିବା ପରେ ଗେଟ ଖୋଲାଯାଇଥିଲା। ଏହାପରେ ଜିଏସ୍‌ଟି କର୍ମଚାରୀ ଠିକାଦାର ଗୌତମଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି କାଗଜପତ୍ର ଯାଞ୍ଚ କରିଥିଲେ। ଠିକାଦାର ଗଜେନ୍ଦ୍ର ବେହେରାଙ୍କ କାର୍ଯ୍ୟାଳୟରୁ କାମ ସାରି ଜିଏସଟିର ଗୋଟିଏ ଟିମ ଫେରି ଯାଇଥିବା ବେଳେ ଜିଏସ୍‌ଟିର ଅନ୍ୟ ଏକ ଟିମ୍ ଗୌତମଙ୍କ ଘରେ ଛାନଭିନ୍ କରି ସନ୍ଧ୍ୟାରେ ଫେରିଥିଲେ। ଏହି ଚଢ଼ଉ ସମୟରେ ଜିଏସଟି ଟିମ୍ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଇଥିବା ଜଣାଯାଇଛି। ଏହି ଚଢ଼ଉକୁ ନେଇ ସାଧାରଣରେ ନାନାଦି କଥା ଆଲୋଚନା ହେଉଥିବା ବେଳେ ଏଠାରେ ଥିବା ଅନ୍ୟ ଠିକାଦାରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ହାତୀ ଛୁଆର ମୃତଦେହ ଉଦ୍ଧାର

**ବଡମ୍ବା, ୨୦।୬ (ସମିସ):** ଆଠଗଡ଼ ବନଖଣ୍ଡ ଅଧୀନ ବଡ଼ମ୍ବା ବନାଞ୍ଚଳ ଗୋପପୁର ରେଞ୍ଜର ନରେଇଜାନି ବନ୍ଧ ନିକଟସ୍ଥ ତଳ ଚନ୍ଦ୍ରଗିରି କମ୍ପାଟମେଣ୍ଟ ୩ ଅଞ୍ଚଳରେ ଗୁରୁବାର ଗୋଟିଏ ହାତୀ ଛୁଆର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମାଈ ହାତୀର ବୟସ ଏକ



ମାସରୁ ଦୁଇ ମାସ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଗତକାଲିଠାରୁ ଛୁଆ ହାତୀଟିର ମୃତ୍ୟୁ ହୋଇଥିବା ନେଇ ବନବିଭାଗ ସୂଚନା ଦେଇଛି। ଆଜି ଘଟଣାସ୍ଥଳରେ ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ଏସିଏଫ୍ ଚିଟିଲିଚି ବିଶ୍ୱାଳ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ, ବଡମ୍ବା ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ହାତୀ ଛୁଆଟିର ମୃତଦେହ ବ୍ୟବଚ୍ଛେଦ କରାଇବା ସହିତ ଗାତ ଖୋଳି ହାତୀଟିକୁ ପୋତି ଦେଇଥିଲେ। ଶବ ବ୍ୟବଚ୍ଛେଦ ପରେ ହାତୀଟିର ବିଭିନ୍ନ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପରୀକ୍ଷଣ ପାଇଁ ପଠାଯାଇଛି। ସେଠାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହାତୀ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।






## ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ ଘଟଣା

# ୨୧ ମଧ୍ୟରାତ୍ରି ପର୍ଯ୍ୟନ୍ତ ବଢ଼ିଲା କର୍ଫ୍ୟୁ

- ଇଣ୍ଟରନେଟ୍ ସେବା ଉପରୁ ହଟିଲା ଆଂଶିକ ଅଙ୍କୁଶ
- ଲିଜ୍ ଲାଇନ୍ ଜରିଆରେ କାମ କରିବାକୁ ଅନୁଷ୍ଠାନକୁ ମିଳିଲା ଅନୁମତି
- ଶୁକ୍ରବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କୋହଳ

**ବାଲେଶ୍ୱର, ୨୦।୬ (ସମିସ):** ଗୋଷ୍ଠୀ ସଂଘର୍ଷ ଘଟଣାରେ ବାଲେଶ୍ୱର ସହରରେ ଜାରି ହୋଇଥିବା କର୍ଫ୍ୟୁ ଅବଧି ପୁଣି ବଢ଼ିଛି। ଏହାକୁ ୨୧ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଜି ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ, ୪ ଘଣ୍ଟା ପାଇଁ କର୍ଫ୍ୟୁ କୋହଳ କରାଯାଇଥିବା ବେଳେ ଆସନ୍ତାକାଲି (ଶୁକ୍ରବାର) ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଇଣ୍ଟରନେଟ୍ ସେବା ଉପରକୁ ଆଂଶିକ ଅଙ୍କୁଶ ହଟାଯାଇଛି। ବିଶେଷକରି ଲିଜ୍-ଲାଇନ୍‌କୁ ଆଜିଠାରୁ ବ୍ୟବହାର କରାଯିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ବିଭିନ୍ନ ଅନୁଷ୍ଠାନ କଲେଜ, ବ୍ୟାଙ୍କ ଆଦି ଅନୁଷ୍ଠାନଗୁଡ଼ିକ ଲିଜ୍ ଲାଇନ୍ ଜରିଆରେ ସେମାନଙ୍କ କାର୍ଯ୍ୟ କରିପାରିବେ। ଗୃହ ବିଭାଗ ସହ ଆଲୋଚନା ପରେ ସମ୍ପୂର୍ଣ୍ଣ ଇଣ୍ଟରନେଟ୍ ସୁବିଧା ଉପରେ ନିଷ୍ପତ୍ତି ହେବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି।



ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି ଯେ ଗୁରୁବାର ୪ଘଣ୍ଟା ପାଇଁ କର୍ଫ୍ୟୁ କୋହଳ ହେବା ପରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ସମସ୍ତେ ନିୟମ କାନୁନ୍ ମାନିଛନ୍ତି। ପରିସ୍ଥିତି ଏବେ ଶାନ୍ତ ରହିଛି। ୨୧ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କର୍ଫ୍ୟୁ ଅବଧିକୁ ବଢ଼ାଯାଇଛି। ଶୁକ୍ରବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବ। ଉକ୍ତ ସମୟ ମଧ୍ୟରେ ବ୍ୟାଙ୍କ ଓ ଅନ୍ୟ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ସେମାନଙ୍କ କାର୍ଯ୍ୟ କରିପାରିବେ। ଏହା ବ୍ୟତୀତ ସହରକୁ ଏବେ ୪୦ ପ୍ଲାଟୁନ୍ ଫୋର୍ସ ଜଗି ରହିଥିବା ବେଳେ ୬କମ୍ପାନୀ ବିଏସଏଫ ମୁତୟନ ମଧ୍ୟ ହୋଇଛନ୍ତି। ପାଟ୍ରୋଲିଂ ଟିମ, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ମଧ୍ୟ ସଠିକ ଭାବେ କାର୍ଯ୍ୟ କରୁଛନ୍ତି। ସହରର ସମସ୍ତ ସୀମାରେ ଚେକିଂ ଜୋରଦାର୍ କରାଯାଉଛି। ଜିଲ୍ଲା ଓ ପୁଲିସ୍ ପ୍ରଶାସନ ସମସ୍ତେ ହାଇ-ଆଲର୍ଟରେ ରହିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ, ଏହି ଗୋଷ୍ଠୀସଂଘର୍ଷ ଘଟଣାରେ ଆଜି ୧୯ ଜଣଙ୍କୁ ଗିରଫ କରିଛି। ଫଳରେ ଗିରଫଦାରୀ ସଂଖ୍ୟା ୫୪କୁ ବୃଦ୍ଧି ପାଇଛି।

ମଦ ନୀତି ଦୁର୍ନୀତି ମାମଲା

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜାମିନ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ମଦ ନୀତି ଦୁର୍ନୀତି ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରିବନ୍ଦ କେଜ୍ରିୱାଲଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ରାଉଜ ଆଭିନ୍ୟୁ କୋର୍ଟ ଗୁରୁବାର ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେ ଶୁକ୍ରବାର ଜେଲରୁ ବାହାରି ପାରନ୍ତି। ଅନ୍ୟପକ୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାମିନ ବିରୋଧରେ ଆବେଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୪୮ ଘଣ୍ଟା ସମୟ ମାଗିଛି। ଏହା ପୂର୍ବରୁ ଜାମିନ ଉପରେ ୪୮ ଘଣ୍ଟା ପାଇଁ ସ୍ଥଗିତାଦେଶ ଲଗାଇବାକୁ ଇଡି ପକ୍ଷରୁ ନିବେଦନ କରାଯାଇଥିଲା। ମାତ୍ର ଅବକାଶକାଳୀନ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ। କୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଲକ୍ଷେ ଟଙ୍କାର ଜାମିନ୍ ବଣ୍ଡ ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ପାଇଁ କୋର୍ଟ ୨ଟି ସର୍ତ୍ତ ମଧ ରଖିଛନ୍ତି। ଯାଞ୍ଚରେ ସମସ୍ୟା ସୃଷ୍ଟି କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ ନ କରିବାକୁ କହିଛନ୍ତି।



ଆବଶ୍ୟକ ପଡ଼ିଲେ କୋର୍ଟରେ ଉପସ୍ଥିତ ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ତୃତ ନିଷ୍ପତ୍ତି ଶୁକ୍ରବାର ଅପ୍‌ଲୋଡ କରାଯିବ ବୋଲି କୋର୍ଟ କହିଛନ୍ତି। କେଉଁ ଆଧାରରେ କେଜ୍ରିୱାଲଙ୍କୁ ଜାମିନ ମିଳିଲା ତାହା ଶୁକ୍ରବାର ଜଣାପଡ଼ିବ। ଶୁଣାଣି ସମୟରେ କେଜ୍ରିୱାଲଙ୍କ ଓକିଲ ବିକ୍ରମ ଚୌଧୁରୀ କହିଥିଲେ ଯେ ସମ୍ପୂର୍ଣ୍ଣ ମାମଲା କଳ୍ପନା ଉପରେ ଆଧାରିତ। ମାତ୍ର ଇଡି ପକ୍ଷରୁ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଏହାକୁ ଖଣ୍ଡନ କରି ଦେଇଥିଲେ। ସେ କହିଥିଲେ ଯେ ଇଡି ଫାଙ୍କା ଯାଞ୍ଚ କରିନାହିଁ। କେଜ୍ରିୱାଲଙ୍କ ବିରୋଧରେ ସ୍ପଷ୍ଟ ପ୍ରମାଣ ରହିଛି। ତାଙ୍କୁ ଜାମିନ ନ ମିଳିବା ଉଚିତ। ତେବେ କୋର୍ଟ ଇଡିର ଦାବିକୁ ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ ଯେ କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରାଯାଇଥିଲା। ଏପ୍ରିଲ ୧ରେ ତାଙ୍କୁ ତିହାର ଜେଲ୍ ପଠାଇ ଦିଆଯାଇଥିଲା। ପରେ ନିର୍ବାଚନ ପାଇଁ ସୁପ୍ରିମକୋର୍ଟ ତାଙ୍କୁ ମେ' ୧୦ରେ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।

## ଭର୍ତ୍ତୃହରି ମହତାବ ପ୍ରୋଟେମ୍ ସ୍ପିକର ନିଯୁକ୍ତ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଅଠର ତମ ଲୋକସଭା ଅଧିବେଶନ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ବାଚସ୍ପତି ଏବଂ ଉପ-ବାଚସ୍ପତି ନିର୍ବାଚନ ହେବ। ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଧାରା ୯୫(୧) ଅନୁଯାୟୀ ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କୁ ପ୍ରୋଟେମ ସ୍ପିକର ନିଯୁକ୍ତ କରିଛନ୍ତି। ସେ ସଂସଦର ନବ ନିର୍ବାଚିତ ସାଂସଦଙ୍କୁ ଶପଥପାଠ କରାଇବେ।



ଭର୍ତ୍ତୃହରି ମହତାବ କଟକରୁ ସାତ ଥର ସାଂସଦ ହୋଇଛନ୍ତି। ସେ ଲୋକସଭା ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିଲେ। ୨୦୧୭ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତାଙ୍କୁ ଆଉଟଷ୍ଟାଣ୍ଡି ପାଲ୍ୟାମେଣ୍ଟାରିଆନ ଆୱାର୍ଡ ମିଳିଥିଲା। ଏହା ବ୍ୟତୀତ ରାଷ୍ଟ୍ରପତି ସମ୍ବିଧାନର ଧାରା ୯୯ ଅନୁଯାୟୀ ବାଚସ୍ପତିଙ୍କୁ ସହାୟତା କରିବା ନିମନ୍ତେ ସୁରେଶ କୋଡିକୁନ୍ନିଲ, ଥିକୋଟାଇ ରାଜୁଥେବର ବାଲୁ, ରାଧା ମୋହନ ସିଂହ, ଫଗନ ସିଂହ କୁଲସ୍ତେ ଏବଂ ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ନିଯୁକ୍ତି କରିଛନ୍ତି।

## ମଦ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି

ଚେନ୍ନାଇ,୨୦।୬(ଏଜେନ୍ସି): ତାମିଲନାଡୁର କଲ୍ଲାକୁରିଚି ଜିଲ୍ଲାରେ ଗତ ମଙ୍ଗଳବାର ରାତିରେ ବିଷାକ୍ତ ମଦ ପିଇ ମରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଶତାଧିକ ମଦ୍ୟପ ବିଭିନ୍ନ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ କଲ୍ଲାକୁରିଚି ପୁଲିସ୍ ଅଧୀକ୍ଷକ(ଏସ୍‌ପି)ଙ୍କୁ ଓ ଜିଲ୍ଲାର ଅନ୍ୟ ୯ଜଣ ପୁଲିସ୍ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। କଲ୍ଲାକୁରିଚି ଜିଲ୍ଲାପାଳଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହି ମଦ ମୃତ୍ୟୁର କ୍ରାଇମ୍ ବ୍ରାଞ୍ଚ-ସିଆଇଡି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଆଦେଶ ଦେଇଛନ୍ତି। ଦେଶୀ ମଦରେ ମେଥାନଲ୍ ମିଶାଯାଇଥିବାରୁ ତାହା ବିଷାକ୍ତ ହେଇ ଏତେ ଅଧିକ ଲୋକ ମରିଛନ୍ତି। ଏହି ଘଟଣାରେ ଚାରି ଜଣ ମଦ ବିକ୍ରେତାଙ୍କୁ ଗିରଫ କରାଯାଇଛି। ୨୦୦ ଲିଟର ବିଷାକ୍ତ ମଦ ଜବତ ହୋଇଛି। ଆଜି ତାମିଲନାଡୁର ବିରୋଧୀ ଦଳ ଏଆଇଏଡିଏମକେ'ର ଓକିଲମାନେ ମଦ ମୃତ୍ୟୁ ସମ୍ପର୍କିତ ଏକ ପିଟିସନର ଜରୁରୀ ଶୁଣାଣି ପାଇଁ ମାଡ୍ରାସ୍ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି।

ସାଉଦିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି

## ମୃତ୍ୟୁସଂଖ୍ୟା ହଜାରେକୁ ବୃଦ୍ଧି; ୧୪୦୦ ନିଖୋଜ

ମକ୍କା, ୨୦।୬ (ଏଜେନ୍ସି): ସାଉଦି ଆରବରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିଯୋଗୁଁ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅସହ୍ୟ ଗୁଳୁଗୁଳିରେ ହଜ୍ ଯାତ୍ରା ପାଇଁ ମକ୍କା ଯାଇଥିବା ହଜାରେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହେଲାଣି। ସାଉଦି ଆରବର ଜଣେ କୂଟନୀତିଜ୍ଞ କହିଛନ୍ତି ଯେ ମୃତକଙ୍କ ମଧ୍ୟରେ ଇଜିପ୍ଟର ସର୍ବାଧିକ ୬୫୮ ଜଣ ସାମିଲ ଅଛନ୍ତି। ଆହୁରି ୧୪୦୦ ଜଣ ନିଖୋଜ ଅଛନ୍ତି। ରିପୋର୍ଟ ଅନୁଯାୟୀ ଗତ ୧୨ରୁ ୧୯ ତାରିଖ ମଧ୍ୟରେ ୭୦ ଭାରତୀୟ ହଜ୍‌ଯାତ୍ରୀଙ୍କ ମଧ ମୃତ୍ୟୁ ହୋଇଥିଲା। ଭାରତର ହଜ୍ କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ସର୍ବାଧିକ ଲକ୍ଷେ ୭୫ ହଜାର ଲୋକ ହଜ୍ ଯାତ୍ରାରେ ମକ୍କା ଯାଇଛନ୍ତି। ଅନ୍ୟପକ୍ଷରେ କେରଳର ହଜ୍‌ମନ୍ତ୍ରୀ ଅବଦୁର ରେହମାନ ଭାରତୀୟଙ୍କ ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି।



କୁଏତ କୋଠାରେ ଅଗ୍ନିକାଣ୍ଡ ମାମଲା

## ୩ ଭାରତୀୟଙ୍କ ସମେତ ୮ ଅଭିଯୁକ୍ତ ଗିରଫ

କୁଏତ ସିଟି, ୨୦।୬ (ଏଜେନ୍ସି): କୁଏତ କୋଠାରେ ନିଆଁ ଲାଗି ୫୦ ଜଣଙ୍କ ମୃତ୍ୟୁ ହେବା ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୩ ଭାରତୀୟ, ଇଜିପ୍ଟର ୪ ଜଣ ଏବଂ କୁଏତର ଜଣେ ନାଗରିକ ସାମିଲ ଅଛନ୍ତି। ସମସ୍ତଙ୍କୁ ୩ ସପ୍ତାହ ପାଇଁ ପୁଲିସ ରିମାଣ୍ଡକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଅବହେଳା ଏବଂ ହତ୍ୟା ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖ ସକାଳେ କୁଏତର ଏକ ୬ ମହଲା କୋଠାରେ ନିଆଁ ଲାଗି ଯାଇଥିଲା। ଏଥିରେ ୪୫ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା। ଏହି କୋଠାରେ ମୋଟ ୧୯୬ ଶ୍ରମିକ ରହୁଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ଭାରତୀୟ ଥିଲେ। ମୃତକଙ୍କ ସମ୍ପର୍କୀୟଙ୍କୁ ୧୨.୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ କୁଏତ ଅମିର ଶେଖ୍ ମେସଲ ଅଲ-ଅହମ୍ମଦ ଅଲ-ଜାବେର ଅଲ-ସବାହ ବୁଧବାର ଘୋଷଣା କରିଥିଲେ।



# ନିଟ୍-ନେଟ୍ ବିବାଦ: ସରକାରଙ୍କୁ ଘେରିଲେ ରାହୁଲ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ୟୁଜିସି-ନେଟ୍ ଏବଂ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଏବଂ ରାଜନୈତିକ ଦଳମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଆଶାୟୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘର ବାହାରେ ଛାତ୍ର ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତାଙ୍କ ବିରୋଧରେ ସ୍ଲୋଗାନ ଦେଇ ଇସ୍ତଫା ଦାବି କରିଛନ୍ତି। ଜଣେ ପ୍ରଦର୍ଶନକାରୀ ଛାତ୍ର ନକଲି ନୋଟ୍ ଭର୍ତ୍ତି ବ୍ୟାଗ ଉଡ଼ାଇ ତୁରନ୍ତ ଯାଞ୍ଚ ଦାବି କରିଛନ୍ତି। ଏହା ସହିତ ପରୀକ୍ଷା ରଦ୍ଦକୁ



### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଘର ବାହାରେ ବିକ୍ଷୋଭ

### ଇସ୍ତଫା ଦାବି କଲେ ଛାତ୍ରଛାତ୍ରୀ

ବିରୋଧ କରି ଲକ୍ଷ୍ନୌ ୟୁନିଭର୍ସିଟିରେ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ସେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ପ୍ରଘଟ ରୋକିବାକୁ ବିଫଳ ହୋଇଛନ୍ତି। ମୋଦୀ ୟୁକ୍ରେନ-ରୁଷ ଯୁଦ୍ଧକୁ ରୋକି ଦେଇଥିଲେ। କିନ୍ତୁ ପେପର ଲିକ୍‌କୁ ରୋକି ପାରୁ ନାହାନ୍ତି। ସେ ଏହାକୁ ରୋକିବାକୁ ମଧ ଚାହୁଁ ନାହାନ୍ତି। ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକ ବିଜେପି ନିୟନ୍ତ୍ରଣରେ ରହିଥିବା ଯାଏ ଦେଶରେ ପ୍ରଶ୍ନପତ୍ର ପ୍ରଘଟ ଜାରି ରହିବ। ପ୍ରଶ୍ନପତ୍ର ପ୍ରଘଟ ଦେଶଦ୍ରୋହୀ କାମ। କାରଣ ଏହା ଯୁବଗୋଷ୍ଠୀଙ୍କୁ ଆଘାତ ଦେଉଛି। ଯୁବଗୋଷ୍ଠୀ ଦେଶର ଭବିଷ୍ୟତ। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଏହାର କୁଳପତିମାନେ ବିଜେପି ନିୟନ୍ତ୍ରଣରେ ରହିଛନ୍ତି। ବିଜେପି ଓ ଏହାର ମୂଳ ସଂଗଠନ ଏଗୁଡ଼ିକୁ ପରିଚାଳନା କରୁଛନ୍ତି। ମୋଦୀଙ୍କ ଚିନ୍ତାଧାରା ଗୁଜରାଟରେ ଆରମ୍ଭ ହୋଇଥିଲା। ସେ ଏହି ମଡେଲକୁ ଜାତୀୟସ୍ତରକୁ ଆଣିଛନ୍ତି। କୋଟି କୋଟି ଟଙ୍କାର ମାର୍କେଟିଂ ଏବଂ ଭୟ ସୃଷ୍ଟି କରିବାକୁ ସେ ଚାହୁଁଥିଲେ। ଏଜେନ୍ସି, ଗଣମାଧ୍ୟମ ଏବଂ ସରକାରଙ୍କ ମାଧ୍ୟମରେ ଡରାଇବାକୁ ଚାହୁଁଥିଲେ। ମାତ୍ର ଏବେ କେହି ବି ମୋଦୀଙ୍କୁ ଡରୁ ନାହାନ୍ତି। ପୂର୍ବରୁ ତାଙ୍କ ଛାତି ୫୬ ଇଞ୍ଚର ଥିଲା। କିନ୍ତୁ ଏବେ ଏହା ୩୦ରୁ ୩୫ ହୋଇଯାଇଛି। ସେ ଲୋକଙ୍କୁ ଡରାଇବା ଓ ଧମକାଇବ ପାଇଁ କାମ କରନ୍ତି। କିନ୍ତୁ ଏବେ ସେ ଭୟ ଚାଲି ଯାଇଛି। ତେଣୁ ମୋଦୀ ମାନସିକ ଭାବେ ଚିନ୍ତିତ ଅଛନ୍ତି। ତାଙ୍କ ଦଳରେ ବି ସମସ୍ୟା ସୃଷ୍ଟି ହୋଇଛି। ମୂଳ ସଂଗଠନ ସହ ମଧ ତିକ୍ତତା ରହିଛି। ମୋଦୀଙ୍କ ଚିନ୍ତାଧାରାକୁ ବିରୋଧୀ ଧରାଶାୟୀ କରିଛନ୍ତି। ଏବେ ଶକ୍ତିଶାଳୀ ବିରୋଧୀ ରହିଛନ୍ତି। ଗୃହରେ ବିରୋଧୀ ନିଟ୍ ଏବଂ ୟୁଜିସି-ନେଟ୍ ପ୍ରସଙ୍ଗ ଉଠାଇବେ। ପ୍ରଶ୍ନପତ୍ର ପ୍ରଘଟର ଦୋଷୀଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାହୁଲ ଦାବି କରିଛନ୍ତି।

ନିଟ୍ ପ୍ରସଙ୍ଗରେ ରାହୁଲ କହିଛନ୍ତି, "ନିଟ୍ ପରୀକ୍ଷାରେ ଏନଟିଏକୁ ଶିକ୍ଷା ମନ୍ତ୍ରୀ କ୍ଲିନଚିଟ ଦେବାର ଅର୍ଥ ସେମାନଙ୍କର ଏ ପ୍ରସଙ୍ଗରେ କୌଣସି ପ୍ରକାରର ଉତ୍ତରଦାୟିତ୍ୱ ନାହିଁ। ସମସ୍ତେ ଜାଣିଛନ୍ତି ଯେ ପୂରା ଘଟଣାର ମୂଳ ହେଉଛି ମଧ୍ୟପ୍ରଦେଶ, ଗୁଜରାଟ ଓ ଉତ୍ତର ପ୍ରଦେଶ। ସେହିପରି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି ଯେ ଯେଉଁ ସରକାର ବିନା ଜାଲିଆତିରେ ଦେଶର ଗୋଟିଏ ପରୀକ୍ଷା କରାଇ ପାରୁନାହାନ୍ତି, ତାହାର ମୁଖିଆ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାକୁ ନେଇ ଜ୍ଞାନ ଦେବା ଅନୁଚିତ। ଏହା ପେପର ଲିକ୍ ସରକାର ବନିଯାଇଛି। ସେହିପରି ବିଜେପି ସରକାରର ଗଣତନ୍ତ୍ର ଏବଂ ଦାୟିତ୍ୱହୀନ ତନ୍ତ୍ର ଯୁବ ପିଢିଙ୍କ ପାଇଁ ଘାତକ ବୋଲି ପ୍ରିୟଙ୍କା ଭଦ୍ରା କହିଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାର ଦେଶର ଭବିଷ୍ୟତକୁ ବିଗାଡୁଛି ବୋଲି ଆପ ପକ୍ଷରୁ କୁହାଯାଇଛି।

### ୨୩ରେ ଗ୍ରେସ୍‌ମାର୍କ ପାଇଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା

ନୂଆଦିଲ୍ଲୀ: ନିଟ୍-ୟୁଜି ପୁନଃ ପରୀକ୍ଷା ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଆଡ୍‌ମିଟ୍ କାର୍ଡ ଜାରି କରିଛି। ଗ୍ରେସ୍ ମାର୍କ ପାଇଥିବା ୧୫୬୩ ଛାତ୍ରଛାତ୍ରୀ ୨୩ ତାରିଖରେ ଏହି ପରୀକ୍ଷା ଦେବେ। ଇମେଲ୍ ମାଧ୍ୟମରେ ଏମାନଙ୍କୁ ଏହାର ସୂଚନା ଦିଆଯିବ। ୩୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ନିଟ୍-ୟୁଜିର ସଂଶୋଧିତ ଫଳାଫଳ ଜାରି ହେବା ପରେ ଜୁଲାଇ ୬ରୁ କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେବ।

■ ଦୋଷୀଙ୍କୁ ଛଡ଼ାଯିବନି; ଶିକ୍ଷାମନ୍ତ୍ରୀ

## ମେଧାବୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ନିଟ୍ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି। ପରୀକ୍ଷାକୁ ତ୍ରୁଟି ଶୂନ୍ୟ କରାଯିବ ବୋଲି ସେ କହିଛନ୍ତି। ନିଟ୍ ପରୀକ୍ଷାରେ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେମାନଙ୍କ ସ୍ୱାର୍ଥର ଧ୍ୟାନ ରଖାଯିବ। ଶିକ୍ଷାର୍ଥୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିରେ କୌଣସି ସାଲିସ କରାଯିବ ନାହିଁ। ନିଟ୍ ପରୀକ୍ଷା ସମ୍ବନ୍ଧରେ ବିହାର ସରକାରଙ୍କ ସହ ଯୋଗାଯୋଗ କରାଯାଉଛି। ପାଟନା ପୁଲିସ ମାମଲାର ତଦନ୍ତ ଚଳାଇଛି। ପ୍ରାଥମିକ ସୂଚନା ଅନୁସାରେ ତ୍ରୁଟି କେବଳ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଛି। ଏହି ଦୋଷୀଙ୍କୁ ଆଦୌ ଛଡ଼ାଯିବ ନାହିଁ। ଏନଟିଏ ହେଉ କିମ୍ବା ଏନଟିଏର ବରିଷ୍ଠ ଅଧିକାରୀ, କାହାକୁ ବି ଛଡ଼ା ଯିବନି। ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏନ୍‌ଟିଏର ସଂସ୍କାର ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ଯାଉଛନ୍ତି। ଏହି କମିଟି ଏନ୍‌ଟିଏକୁ ଅଧିକ ଦକ୍ଷ କରିବାକୁ ସୁପାରିସ କରିବ। ଟେକ୍ନୋକ୍ରାଟ୍ସ, ବୈଜ୍ଞାନିକ, ଶିକ୍ଷାବିତ, ମନୋଚିକିତ୍ସକ ଆଦିଙ୍କୁ ନେଇ ସରକାର କମିଟି ବନାଇବେ। ଖୁବ୍‌ଶୀଘ୍ର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କମିଟି ଏନ୍‌ଟିଏର ଗଠନ, କାର୍ଯ୍ୟ, ପରୀକ୍ଷା ପ୍ରକ୍ରିୟା, ସ୍ୱଚ୍ଛତା, ଟ୍ରାନ୍ସଫର ଏବଂ ଡାଟା, ସିକ୍ୟୁରିଟି ପ୍ରୋଟକଲକୁ ଅଧିକ ଉନ୍ନତ ବନାଇବା ପାଇଁ କାମ କରିବେ। ବିଦ୍ୟାର୍ଥୀ ଦେଶର ଭବିଷ୍ୟତ। ଯେକୌଣସି ପ୍ରକାର ସଂସ୍କାର ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ପ୍ରଶ୍ନପତ୍ର ଲିକ୍ ସମ୍ପର୍କିତ ଗୁଜବ ପ୍ରଚାର କରାଯିବା ଉଚିତ ନୁହେଁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ଗୁଜବ କିମ୍ବା ସବୁ ବିଷୟକୁ ରାଜନୀତି ଦୃଷ୍ଟିରୁ ଦେଖିବା ଅନୁଚିତ୍ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀପ୍ରଧାନ କହିଛନ୍ତି।



ଏହା ପୂର୍ବରୁ ବୁଧବାର ୟୁଜିସି ନେଟ୍ ପରୀକ୍ଷାକୁ ସରକାର ବାତିଲ କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପ୍ରଶ୍ନପତ୍ର ଡାର୍କ ନେଟ୍‌କୁ ଆସିଯାଇଥିଲା ବୋଲି ସାଇବର କ୍ରାଇମ ଟ୍ରାକ କରୁଥିବା ଏଜେନ୍ସି ପକ୍ଷରୁ କୁହାଯାଇଥିଲା। ଏନ୍‌ଟିଏ ପ୍ରଶ୍ନପତ୍ର ସହ ଏହା ମିଶି ଯାଇଥିଲା। ମାତ୍ର ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା ପାଇଁ ପରୀକ୍ଷା ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଶିକ୍ଷା ମନ୍ତ୍ରାଳୟର ଯୁଗ୍ମ ସଚିବ ଗୋବିନ୍ଦ ଜୟସ୍ୱାଲ କହିଛନ୍ତି।

## ଦିଲ୍ଲୀ ଅଂଶୁଘାତରେ ୧୯୨ ମୃତ

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି): ଦିଲ୍ଲୀରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଥିରେ ସପ୍ତାହେ (ଜୁନ୍ ୧୧ରୁ ୧୯) ମଧ୍ୟରେ ୧୯୨ ନିରାଶ୍ରୟ ଲୋକଙ୍କ ମୃତ୍ୟୁ ହୋଇଛି। ଏନ୍‌ଜିଓ ସେଣ୍ଟର ଫର ହୋଲିଷ୍ଟିକ ଡେଭଲପମେଣ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଅବଧିରେ ହୋଇଥିବା ଏହା ସର୍ବାଧିକ ମୃତ୍ୟୁ। ସେହିପରି ଗତ ୭୨ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ଅଂଶୁଘାତରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ନୋଏଡାରେ ୨୪ ଘଣ୍ଟାରେ ୧୪ ପ୍ରାଣ ହରାଇଛନ୍ତି।

## ୩୨ ଲକ୍ଷରେ ବିକ୍ରି ହୋଇଥିଲା ପ୍ରଶ୍ନପତ୍ର

ପାଟନା, ୨୦।୬ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ଗିରଫ ୪ ଆଶାୟୀ ପ୍ରଶ୍ନପତ୍ର ପାଇଁ ୩୨ ଲକ୍ଷ ଟଙ୍କା ଦେଇଥିବା ସ୍ୱୀକାର କରିଛି। ସୂଚନା ଅନୁଯାୟୀ ଗିରଫ ଆଶାୟୀଙ୍କ ମଧ୍ୟରେ ଅନୁରାଗ ଯାଦବ ସାମିଲ ଅଛନ୍ତି। ତାଙ୍କ ମାମୁଁ ଜଣେ ଜୁନିୟର ଇଞ୍ଜିନିୟର। ସେହିପରି ନୀତୀଶ କୁମାର ଏବଂ ଅମିତ ଆନନ୍ଦ ମାମଲାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ମେ' ୫ ତାରିଖରେ ନିଟ୍ ପରୀକ୍ଷା ହୋଇଥିଲା। ଏହା ପୂର୍ବ ରାତିରୁ ସମସ୍ତଙ୍କ ପାଖକୁ ପ୍ରଶ୍ନପତ୍ର ପହଞ୍ଚି ଯାଇଥିଲା ବୋଲି କହିଛନ୍ତି। ଅନୁରାଗ ପୁଲିସକୁ କହିଛି ଯେ ତାଙ୍କ ମାମୁଁ ସିକନ୍ଦର ଯାଦବେନ୍ଦୁ ତା ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରିଥିଲେ। ସେ ରାଜସ୍ଥାନ କୋଟାରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ପରେ ମାମୁଁ ପାଟନାକୁ ନେଇ ଅମିତ ଏବଂ ନୀତୀଶ ସହ ଭେଟ କରିଥିଲେ। ଉଭୟେ ପ୍ରଶ୍ନପତ୍ର ଦେଇ ଉତ୍ତର ଘୋଷିବାକୁ କହିଥିଲେ। ପରୀକ୍ଷାରେ ମଧ ସମାନ ପ୍ରଶ୍ନ ପଡ଼ିଥିଲା। ପରୀକ୍ଷା ସରିଲା ପରେ ପୁଲିସ ତାଙ୍କୁ ଗିରଫ କରି ନେଇଥିଲା। ସିକନ୍ଦର ଏ ବିଷୟରେ ଅନୁରାଗ ସହିତ ଆଉ ୩ ଆଶାୟୀଙ୍କୁ ସୂଚନା ଦେଇଥିଲା। ଅନ୍ୟପକ୍ଷରେ ଅନୁରାଗ ରଖିଥିବା ମାର୍କ ସନ୍ଦେହ ଘେରରେ ଥିଲା। ସେ ଫିଜିକ୍ସରେ ୮୫.୮ ପ୍ରତିଶତ, ବାୟୋଲୋଜିରେ ୫୧ ପ୍ରତିଶତ ଏବଂ କେମେଷ୍ଟ୍ରିରେ ମାତ୍ର ୫ ପ୍ରତିଶତ ମାର୍କ ରଖିଥିଲା।

ନୀତୀଶ ସରକାରଙ୍କୁ ହାଇକୋର୍ଟ ଝଟ୍‌କା

# ସଂରକ୍ଷଣ କୋଟା ବୃଦ୍ଧି ରଦ୍ଦ

ପାଟନା, ୨୦।୬(ଏଜେନ୍ସି): ବିହାରର ସରକାରଙ୍କ କୋଟା ବୃଦ୍ଧି ବିଜ୍ଞପ୍ତିକୁ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଅଧ୍ୟକ୍ଷତାରେ ଗଠିତ ଡିଭିଜନ୍ ବେଞ୍ଚ୍ ଆଜି ରଦ୍ଦ କରିଛନ୍ତି। ବିହାର ସରକାର ୨୦୨୩ ନଭେମ୍ବରରେ ଗେଜେଟ୍ ବିଜ୍ଞପ୍ତି ଇସ୍ୟୁ କରି ସରକାରୀ ଚାକିରି ଓ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ପଛୁଆ ବର୍ଗ(ବିସି)ଙ୍କୁ ମିଳୁଥିବା ୫୦% କୋଟାକୁ ୬୫%କୁ ବଢ଼ାଇଥିଲେ। ଫଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍) ପାଇଁ ଥିବା ୧୦% କୋଟାକୁ ମିଶାଇ ମୋଟ କୋଟା ୭୫%କୁ ବଢ଼ିଥିଲା। ଏହି କୋଟା ବୃଦ୍ଧିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ୍ କରି କେତେକ ପକ୍ଷ ପାଟନା ହାଇକୋର୍ଟରେ ଏକାଧିକ ରିଟ୍ ପିଟିସନ୍ ଦାଖଲ କରିଥିଲେ। ସେହି ପିଟିସନ୍‌ଗୁଡ଼ିକର ଏକତ୍ର ବିଚାର କରି ପାଟନା ହାଇକୋର୍ଟ ଆଜି ଏହି କୋଟା




ବୃଦ୍ଧିକୁ ରଦ୍ଦ କରିଛନ୍ତି। ବିହାର ସରକାର ୨୦୨୨-୨୩ରେ ଜାତିଭିତ୍ତିକ ସର୍ଭେ କରିଥିଲେ। ସର୍ଭେର ନିର୍ଯ୍ୟାସରୁ ଜଣାଗଲା ଯେ ସାମାଜିକ-ଆର୍ଥିକ ସମାନତା ଲକ୍ଷ୍ୟ ହାସଲ ନିମନ୍ତେ ପଛୁଆ ବର୍ଗଙ୍କ ଏକ ବଡ଼ ଅଂଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କୁ ସେମାନଙ୍କ ସଂଖ୍ୟାନୁପାତରେ ସରକାରୀ ସୁବିଧା ସୁଯୋଗ ଯୋଗାଇବାକୁ ପଡ଼ିବ। ତଦନୁଯାୟୀ ବିହାର ସରକାର ଅନୁସୂଚିତ ଜାତି(ଏସସି)ଙ୍କ କୋଟା ବଢ଼ାଇ ୨୦%, ଅନୁସୂଚିତ ଜନଜାତି (ଏସଟି)ଙ୍କ ପାଇଁ ୨%, ଅତିପଛୁଆ ବର୍ଗ(ଇବିସି)ଙ୍କ ପାଇଁ ୨୫%ଓ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ ୧୮%କୋଟାର ବ୍ୟବସ୍ଥା ରଖି ଗେଜେଟ୍ ନୋଟିଫିକେସନ୍ ବା ରାଜପତ୍ର ଜାରି କରିଥିଲେ। କିନ୍ତୁ କୋଟା ବଢ଼ାଇବା ପାଇଁ ନିଷ୍ପତ୍ତି ନେଇ ରାଜ୍ୟ ସରକାର କ୍ଷମତା ବର୍ହିଭୂତ କାର୍ଯ୍ୟ କରିଛନ୍ତି ଦର୍ଶାଯାଇ ତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରାଗଲା। ପ୍ରତିବାଦୀଙ୍କ ଓକିଲ ହାଇକୋର୍ଟଙ୍କୁ କହିଥିଲେ, ଇନ୍ଦିରା ସ୍ୱାହନେ ବନାମ ଭାରତ ସରକାର ମାମଲାରେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ କୋଟା ସର୍ବାଧିକ ୫୦% ରହିପାରିବ ବୋଲି ସ୍ପଷ୍ଟ କରିଛନ୍ତି। କୋଟା ବୃଦ୍ଧି ନିଷ୍ପତ୍ତିଟି ଏକ ଭେଦଭାବମୂଳକ ନିଷ୍ପତ୍ତି। ଏହା ନାଗରିକଙ୍କୁ ସମ୍ବିଧାନର ଧାରା-୧୪,୧୫ ଓ ୧୬ ଅନୁଯାୟୀ ମିଳୁଥିବା ସମାନତାର ମୌଳିକ ଅଧିକାରର ପରିପନ୍ଥୀ। ଏହି ତର୍କକୁ ଗ୍ରହଣ କରି ପାଟନା ହାଇକୋର୍ଟ ବିହାର ସରକାରଙ୍କ କୋଟା ବୃଦ୍ଧି ନିଷ୍ପତ୍ତିର ସାମ୍ବିଧାନିକ ବୈଧତା ନାହିଁ ବୋଲି ରାୟ ଦେଇଛନ୍ତି ଓ କୋଟା ବୃଦ୍ଧି ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି।

## ଚୀନ୍-ଫିଲିପିନ୍ସ ସୈନିକ ହାତାହାତି

ମାନିଲା, ୨୦।୬ (ଏଜେନ୍ସି): ଚୀନ୍ ବିରୋଧରେ ଫିଲିପିନ୍ସ ବଡ଼ ଅଭିଯୋଗ ଲଗାଇଛି। ଗତ ୧୭ ତାରିଖରେ ଦକ୍ଷିଣ ଚୀନ୍ ସାଗରରେ ଦୁଇ ଦେଶର ଜାହାଜ ମୁହାଁମୁହିଁ ହୋଇଥିଲା। ଏହି ସମୟରେ ଚୀନ୍ ସୈନିକ କୁରାଢ଼ୀ ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ଫିଲିପିନ୍ସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ମଧ ଭିଡିଓ ଜାରି କରାଯାଇଛି। ଏଥିରେ ଚୀନ୍ ତଟରକ୍ଷୀ ବାହିନୀ (ସିସିଜି)ର ଯବାନ ଫିଲିପିନ୍ସ ସୈନିକଙ୍କୁ ଧମକାଉଥିବା ଦେଖାଯାଉଛି। ପରେ ତାଙ୍କ ବୋଟ୍‌ରେ ଆକ୍ରମଣ କରୁଛନ୍ତି। ଫିଲିପିନ୍ସର ସୈନ୍ୟ ଅଧିକାରୀ କହିଛନ୍ତି ଯେ ସିସିଜିର ଅଧିକାରୀ ବେଆଇନ ଭାବେ ଦେଶର ବୋଟ୍ ଉପରେ ଚଢ଼ି ଯାଇଥିଲେ। ଏହି ସମୟରେ ଜଳଦସ୍ୟୁଙ୍କ ପରି ଆକ୍ରମଣ କରି ରାଇଫଲ ଲୁଟି ନେଇଥିଲେ। ଜାହାଜ ବାହାରେ ଲାଗିଥିବା ମୋଟର, ନେଭିଗେସନ ସମ୍ବନ୍ଧିତ ଉପକରଣ ନଷ୍ଟ କରିଦେଇଥିଲେ। ଫିଲିପିନ୍ସ ସୈନିକଙ୍କ ଫୋନ୍ ମଧ ଛଡ଼ାଇ ନେଇଥିଲେ। କଣ୍ଟା ଲାଗିଥିବା ଏବଂ ଧାରୁଆ ଅସ୍ତ୍ରଶସ୍ତ୍ରରେ ରବର ବୋଟ୍‌କୁ ପଙ୍କଚ୍‌ର କରି ଦେଇଥିଲେ। ଜଣେ ଯବାନଙ୍କ ଆଙ୍ଗୁଠି ମଧ କାଟି ଦେଇଥିଲେ।

## ୨୦ ହଜାର କୋଟି ଠକେଇ: ଆମ୍‌ଟେକ୍ ଗ୍ରୁପ୍‌ର ୩୫ ଠିକଣାରେ ଇଡି ଚଢ଼ଉ

ନୂଆଦିଲ୍ଲୀ, ୨୦।୬(ଏଜେନ୍ସି): ଆମ୍‌ଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍ ୨୦ହଜାରରୁ ଅଧିକ କୋଟି ଟଙ୍କାର ବ୍ୟାଙ୍କ ଠକେଇ କରିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହି ବୃହତ ବ୍ୟାଙ୍କ ଠକେଇର ତଦନ୍ତ ଚଳାଇଛନ୍ତି। ଆଜି ଇଡି ପକ୍ଷରୁ ଦିଲ୍ଲୀ-ଏନ୍‌ସିଆର୍'ର ଗୁରୁଗ୍ରାମ, ନୋଇଡା ଓ ମହାରାଷ୍ଟ୍ରର ମୁମ୍ବାଇ,ନାଗପୁରରେ ଆମ୍‌ଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍ ସହ ସମ୍ବନ୍ଧ ଥିବା ୩୫ଟି ଠିକଣାରେ ଏକକାଳୀନ ଚଢ଼ଉ ଓ ଖାନତଲାସୀ କରାଯାଇଛି। ଅରବିନ୍ଦ ଧାମ, ଗୌତମ ମାଲହୋତ୍ରା ଓ ଅନ୍ୟ କେତେଜଣ ହେଉଛନ୍ତି ଆମ୍‌ଟେକ୍ ଗ୍ରୁପ୍ ଅଫ୍ କମ୍ପାନିଜ୍'ର ପରିଚାଳକ। ସିବିଆଇ ପ୍ରଥମେ ଆମ୍‌ଟେକ୍ ଗ୍ରୁପ୍ କମ୍ପାନୀ ଏସିଆଇଏଲ୍ ବ୍ୟାଙ୍କ ଋଣ ଜାଲିଆତି କରିଥିବା ନେଇ ଏଫ୍‌ଆଇଆର୍ ପଞ୍ଜିକୃତ କରିଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ'ର ଏଫ୍‌ଆଇଆର୍'କୁ ଭିତ୍ତି କରି ଇଡି ଏହି ଠକେଇରୁ ପ୍ରାପ୍ତ ଧନକୁ କିପରି କେଉଁଠାରେ ଲୁଚାଇ ରଖାଯାଇଛି କିମ୍ବା ଶୋଧନ(ମନିଲଣ୍ଡରିଂ) କରାଯାଇଛି ତାହାର ତଦନ୍ତ କରୁଛି। ତଦନ୍ତରୁ ଇଡି ଜାଣିପାରିଛି ଯେ ଆମ୍‌ଟେକ୍ ଗ୍ରୁପ୍'ର କମ୍ପାନୀଗୁଡ଼ିକ ବିଭିନ୍ନ ବ୍ୟାଙ୍କର କନ୍‌ସୋର୍ଟିୟମ୍'ରୁ ୨୦ହଜାର କୋଟିରୁ ଅଧିକ ଟଙ୍କାର ଋଣ ଉଠାଇ ଚମ୍ପଟ କରିଦେଇଛନ୍ତି। ଠକେଇ ଅର୍ଥକୁ ନୂଆ ଉଦ୍ୟୋଗରେ, ରିୟଲ ଇଷ୍ଟେଟରେ, ବିଭିନ୍ନ ସେଲ୍ କମ୍ପାନୀ ଆକାଉଣ୍ଟରେ ତଥା ବିଦେଶରେ ନିବେଶ କରାଯାଇଛି।

## ମାମୁ ପୁଅଙ୍କୁ କୁରାଢ଼ିରେ ହାଣି ହତ୍ୟା

**ମହୁଲଡିହା, ୨୦।୬ (ସମିସ):** ମାମୁ ପୁଅକୁ କୁରାଢ଼ିରେ ହାଣି ହତ୍ୟା। ଠାକୁରମୁଣ୍ଡା ଥାନା ହାଣ୍ଡିଫୁଟା ଗ୍ରାମରେ ଗୁରୁବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନୀଳାଞ୍ଚଳ ମୁନା (୩୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ପରମିଳ ପେରାକୁ ପୁଲିସ୍ ଗିରଫ କରିଛି। ସୂଚନାଯୋଗ୍ୟ,

**ଅଭିଯୁକ୍ତ ଗିରଫ**

ହାଣ୍ଡିଫୁଟା ଗ୍ରାମର ମୁରଲୀ ଗିରିଙ୍କ ଝିଅ ଚେନ୍ନାଇରେ କାମ କରିବା ସମୟରେ ୭ବର୍ଷ ତଳେ ଅନିଲ ପେରା (୨୬)ଙ୍କୁ ବିବାହ କରିଥିଲେ। ତାଙ୍କର ଏବେ ଦୁଇଟି ସନ୍ତାନ ଅଛନ୍ତି। କିଛି ଦିନ ତଳେ ରଜ ପର୍ବ ପାଇଁ ଅନିଲ ନିଜ ସାନ ଭାଇ ପରମିଳ ପେରା ଓ ମାମୁ ପୁଅ ନୀଳାଞ୍ଚଳ ମୁନା (୩୫)କୁ ନେଇ ହାଣ୍ଡିଫୁଟାକୁ ଆସିଥିଲେ। ଗୁରୁବାର ଅପରାହ୍ଣରେ ନୀଳାଞ୍ଚଳ ଘରେ ଶୋଇ ମୋବାଇଲ ଦେଖୁଥିବା ବେଳେ ପରମିଳ ଏକ କୁରାଢ଼ିରେ ତାଙ୍କ ବେକକୁ ହାଣି ଦେଇଥିଲା। ଏଥିରେ ନୀଳାଞ୍ଚଳର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବୌଦ୍ଧ ଜିଲ୍ଲା ଚମ୍ପାମାଳ ଗ୍ରାମର ବିଶ୍ୱମ୍ବର ପେରାଙ୍କ ପୁଅ ନୀଳାଞ୍ଚଳ ଅବିବାହିତ ବୋଲି ଜଣାପଡ଼ିଛି।

### ଶିକ୍ଷାବର୍ଷ ଉପରେ ଭାରୀ ପଡ଼ିଛି ଖରା କୋପ

# ବଢ଼ୁଛି ଛୁଟି; କମୁଛି ଶିକ୍ଷା ଦିବସ

**ଭୁବନେଶ୍ୱର, ୨୦।୬(ସମିସ):** ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହ ପାଇଁ ବିଗତ କିଛି ବର୍ଷ ହେଲା ବିଦ୍ୟାଳୟର ଶିକ୍ଷାଦାନ ଦିବସ ପ୍ରଭାବିତ ହେଉଛି। ଖରା ଯୋଗୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଉଛି; ସେହିପରି ନିର୍ଦ୍ଧାରିତ ସମୟରେ ମଧ୍ୟ ବିଦ୍ୟାଳୟ ଖୋଲି ପାରୁନି। ଗ୍ରୀଷ୍ମ ପ୍ରବାହ ଓ ଗୁଲୁଗୁଲି ପାଇଁ ଛୁଟି ଅବଧି ବଢ଼ାଯାଉଛି। ଦିନକୁ ଦିନ ଶିକ୍ଷାଳୟରେ ଗ୍ରୀଷ୍ମ ପ୍ରବାହ ସହ ଖରା ଛୁଟି ଅବଧି ବଢ଼ି ଚାଲୁଛି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବା ସହ ଶିକ୍ଷାବର୍ଷ ପ୍ରଭାବିତ ହେଉଛି।

ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। କିଛି ସ୍ଥାନରେ ହାଲୁକା ବର୍ଷା ହୋଇଥିଲେ ମଧ୍ୟ ଗୁଲୁଗୁଲି ଲାଗି ରହିଛି। ଏହାରି ଭିତରେ ବିଦ୍ୟାଳୟଗୁଡ଼ିକର ଛୁଟିକୁ ୩ ଦିନ ବଢ଼ାଯାଇଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଏହି ୩ ଦିନକୁ ମିଶାଇଲେ ଚଳିତ ବର୍ଷ ପ୍ରାୟ ୧୫ ଦିନ ଅଧିକ ବିଦ୍ୟାଳୟ ଛୁଟି ହୋଇଛି। ସେହିପରି ୨୦୨୩-୨୪ ଶିକ୍ଷା ବର୍ଷରେ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଏହାସହ ନିର୍ଦ୍ଧାରିତ ସମୟ ପରେ ୩ଦିନ ଛୁଟି ବଢ଼ିଥିବାରୁ ମୋଟ୍ ୧୮ ଦିନ ଛୁଟି ହୋଇଥିଲା। ୨୦୨୨-୨୩ ଶିକ୍ଷା ବର୍ଷରେ ୧୪ ଦିନ ଆଗରୁ ଓ ୩ ଦିନ ପରେ ବିଦ୍ୟାଳୟ ଖୋଲିଥିବାରୁ ସମୁଦାୟ ୧୭ଦିନ ଅଧିକ ଛୁଟି ହୋଇଥିଲା।

ପରିବର୍ତ୍ତିତ ଜଳବାୟୁକୁ ଅନୁଧ୍ୟାନ କଲେ ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ବଢ଼ିବ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଫଳରେ ଗ୍ରୀଷ୍ମ ପ୍ରବାହ ପାଇଁ ବିଦ୍ୟାଳୟଗୁଡ଼ିକ ଅଧିକ ଦିନ ପର୍ଯ୍ୟନ୍ତ ଛୁଟି କରାଯିବ। ଛୁଟି ଅବଧି ବଢ଼ିଲେ ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ପ୍ରତିଫଳିତ ହେବ। ପୂର୍ବରୁ ଥିବା ପାଠ୍ୟକ୍ରମରେ କୌଣସି ପରିବର୍ତ୍ତନ କରାଯାଉ ନ ଥିବାରୁ କମ୍ ସମୟରେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପଢ଼ା ଯିବ। ଫଳରେ ଛାତ୍ରଛାତ୍ରୀମାନେ ଚାପଗ୍ରସ୍ତ ହେବାର ମଧ୍ୟ ଆଶଙ୍କା ରହିଛି।

ଏହାର ପ୍ରତିକାର ପାଇଁ ଖୁବ୍ ଶୀଘ୍ର ସମସ୍ତ ଶିକ୍ଷକ ପଦ ପୂରଣର ଆବଶ୍ୟକତା ରହିଥିବା ଶିକ୍ଷାବିତ୍ ଡଃ ମାନସ ବେହେରା କହିଛନ୍ତି। ସେହିପରି ୱାର୍କଲୋଡ୍ ଅନୁସାରେ ନୂତନ ଶିକ୍ଷକ ପଦ ସୃଷ୍ଟି କରାଗଲେ ଶିକ୍ଷାଦାନ ତ୍ୱରାନ୍ୱିତ ହୋଇପାରିବ। ଫଳରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରି ଅବଶିଷ୍ଟ ଛୁଟିର କ୍ଷତିକୁ ଭରଣା କରାଯାଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ଶିକ୍ଷାଦାନକୁ ଅନ୍ୟଏକ ବିକଳ୍ପ ବୋଲି କହିଛନ୍ତି ଶିକ୍ଷାବିତ ଦେବାଶିଷ ପ୍ରଧାନ। କରୋନା ସମୟରେ ଅନ୍‌ଲାଇନ୍ ଶିକ୍ଷାଦାନ କରିବା ଆରମ୍ଭ ହୋଇଥିଲା। କିଛି ସ୍ଥାନରେ ନେଟୱାର୍କ ନ ଥିବାବେଳେ ଅଧିକାଂଶ ଛାତ୍ରଛାତ୍ରୀଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବାରୁ ଏହା ପ୍ରଭାବିତ ହୋଇଥିଲା। ସମ୍ପ୍ରତି ୫-ଜି ଆସିଥିବାବେଳେ ନେଟ୍‌ୱାର୍କ ସମସ୍ୟା ସରକାରଙ୍କୁ ଦୂର କରିବାକୁ ହେବ। ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟଫୋନ୍ ଦେବା ସମ୍ପର୍କରେ ମଧ୍ୟ ସରକାର ବିଚାର କରିବା ଆବଶ୍ୟକ ରହିଥିବା ସେ କହିଛନ୍ତି।

### ■ ବିଦ୍ୟୁତ୍ ଦେୟ ପଇଠ ନାଁରେ ସାଇବର୍ ଠକେଇ

## ଲୁଟିନେଲେ ଲକ୍ଷେ ୭୬ ହଜାର

**ତାଳଚେର ସଦର, ୨୦।୬(ସମିସ):** ତାଳଚେର ଥାନା ଅନ୍ତର୍ଗତ ରେମୁଆଁ ଅଞ୍ଚଳରୁ ଜଣେ ବ୍ୟକ୍ତି ସାଇବର ଠକାମିର ଶିକାର ହୋଇଛନ୍ତି। ବିଦ୍ୟୁତ୍ ଦେୟ ପଇଠ ନାଁରେ ଠକ ତାଙ୍କଠାରୁ ୧ ଲକ୍ଷ ୭୫ ହଜାର ୯୦୦ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସଂଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଆଜି ଲୋକଲୋଚନକୁ ଆସିଛି। ଠକେଇର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଦିଲ୍ଲୀପ କୁମାର ପାଲ। ଏନେଇ ସେ ଅନୁଗୋଳ ସାଇବର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ସେଠାରେ ତାଙ୍କର ଅଭିଯୋଗ ଗ୍ରହଣ କରାନଯିବାରୁ ସେ ତାଳଚେର ଥାନାରେ ଏତଲା ଦେଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଦିଲ୍ଲୀପଙ୍କ ପାଖକୁ ବିଦ୍ୟୁତ୍ ଦେୟ ପଇଠ କରିବା ପାଇଁ ଗତ ମଙ୍ଗଳବାର ଏକ ମେସେଜ ଆସିଥିଲା। ରାତି ସୁଦ୍ଧା ଏହି ଦେୟ ପଇଠ ନକଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବ ବୋଲି ମେସେଜରେ ଉଲ୍ଲେଖ ଥିଲା। ସେଥିରେ ଏକ ମୋବାଇଲ୍ ନମ୍ବର ରହିଥିଲା। ଏହି ନମ୍ବରରେ ଶ୍ରୀ ପାଲ ଯୋଗାଯୋଗ କରିବାରୁ ପ୍ରଥମେ କୌଣସି ଉତ୍ତର ମିଳିନଥିଲା। କିନ୍ତୁ ପରେ ସେହି ନମ୍ବରରୁ ଶ୍ରୀପାଲଙ୍କ ପାଖକୁ କଲ୍ ଆସିବା ସହ ଦେୟ ପଇଠ ନକଲେ ଏହି ମେସେଜ ବାରମ୍ବାର ଆସିବ ଏବଂ ଏହାକୁ କାଟିବାକୁ ହେଲେ ଦିଆଯାଇଥିବା ଲିଙ୍କ୍‌ରେ ୫ଟଙ୍କା ଟଙ୍କା ଅନ୍‌ଲାଇନ୍ ପଇଠ କରିବାକୁ ହେବ ବୋଲି ଠକ ତାଙ୍କୁ କହିଥିଲା। ଶ୍ରୀ ପାଲ ଏଥିରେ ଅରାଜି ହେବାରୁ ଠକ ତାଙ୍କୁ ସହିଦନଗର ଟିପିସିଓଡିଏଲ୍ ଅଫିସର ଅଭିଶେଷ ଶର୍ମା ବୋଲି ପରିଚୟ ଦେଇ ମାତ୍ର ୨ ମିନିଟ୍ ସମୟରେ ଏହା ସମାଧାନ ହୋଇଯିବ ବୋଲି କହିଥିଲା। ଏହା ପରେ ଶ୍ରୀ ପାଲ ୫ଟଙ୍କା ଡେବିଟ୍ କାର୍ଡରୁ ପଇଠ କରିଥିଲେ। ଏହାର ୧୦ ମିନିଟ୍ ଭିତରେ ତାଙ୍କ ଆକାଉଣ୍ଟରୁ ୪ଥରରେ ସମୁଦାୟ ୧ଲକ୍ଷ ୭୫ ହଜାର ୯୦୦ ଟଙ୍କା ଗାଏବ ହୋଇଯାଇଥିଲା। ସେ ଠକାମିର ଶିକାର ହୋଇଥିବା ଜାଣି ପ୍ରଥମେ ସାଇବର ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରିଥିଲେ। ଏନେଇ ଅନୁଗୋଳ ସାଇବର ଥାନା ତାଙ୍କର ଅଭିଯୋଗପତ୍ର ଗ୍ରହଣ ନକରିବା ପରେ ତାଳଚେର ଥାନାକୁ ଯାଇ ସେ ଲିଖିତ ଅଭିଯୋଗ କରିଛନ୍ତି।

### ■ ତିର୍ତ୍ତୋଲ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

## ଫାଶୀ ଦଣ୍ଡାଦେଶ କୋହଳ କଲେ ହାଇକୋର୍ଟ

**କଟକ, ୨୦।୬(ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ମାମଲାର ଶୁଣାଣି ଶେଷ କରିବା ସହ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏହି ମାମଲାର ଜଣେ ଅଭିଯୁକ୍ତ ସେକ ଅକିଲ ଅଲ୍ଲୀଙ୍କୁ

- **ଅନ୍ୟ ଜଣେ ଦୋଷମୁକ୍ତ**
- **ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

ହାଇକୋର୍ଟ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ସେକ୍ ଅସିଫ ଅଲ୍ଲି କ୍ଷେତ୍ରରେ ଫାଶୀ ଦଣ୍ଡାଦେଶକୁ କୋହଳ କରିଛନ୍ତି ହାଇକୋର୍ଟ। ଫାଶୀ ଦଣ୍ଡକୁ ଆଜୀବନ ଜେଲ ଦଣ୍ଡରେ ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ। ଉଭୟ ଅଭିଯୁକ୍ତଙ୍କ କ୍ରିମିନାଲ ଅପିଲ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ମୃତ୍ୟୁ ଦଣ୍ଡାଦେଶ ଅନୁମୋଦନ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅପରପକ୍ଷେ, ମୃତ ପୀଡ଼ିତାଙ୍କ ପିତା/ମାତାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା ସୁନିଶ୍ଚିତ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୧୪, ଅଗଷ୍ଟ ୨୧ ତାରିଖ ଦିନ ତିର୍ତ୍ତୋଲ କୃଷ୍ଣାନନ୍ଦପୁର ଅଞ୍ଚଳର ପୀଡ଼ିତା ୬ବର୍ଷୀୟ ନାବାଳିକା ଚକୋଲେଟ ପାଇଁ ନିକଟସ୍ଥ ଦୋକାନକୁ ଯାଇଥିବା ବେଳେ ଦୁଷ୍କର୍ମର ଶିକାର ହୋଇଥିଲା। ଗୁରୁତର ଅବସ୍ଥାରେ ଉକ୍ତ ନାବାଳିକାକୁ ଏସ୍‌ସିବି ମେଡିକାଲ ନିଆଯାଉଥିବା ବେଳେ ତା'ର ମୃତ୍ୟୁ ହୋଇଥିଲା। ପୁଲିସ ଏହି ଘଟଣାରେ ରୁଜୁ ଏତଲା ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଜଗତସିଂହପୁର ଅତିରିକ୍ତ ଆଡହକ ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ପୋକ୍ସୋ ଅଦାଲତ ଗତ ୨୦୨୨, ସେପ୍ଟେମ୍ବର ୨୯ରେ ଦୁଇ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ।

### ଦାବିପତ୍ରଗୁଡ଼ିକର ବିଚାର ବିଳମ୍ବ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

## 'କେତେ ଦାବିପତ୍ରର ବିଚାର କରିଛ ଜଣାଅ'

**କଟକ,୨୦।୬(ସମିସ):** ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାଧାରଣ ଲୋକ ଅବା ସରକାରୀ କର୍ମଚାରୀଙ୍କ ଅଭିଯୋଗ ସମ୍ବଳିତ ଦାବିପତ୍ର ବିଚାର ହେଉନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଶେଷକରି ଅଦାଳତଙ୍କ



ନିର୍ଦ୍ଦେଶ ସତ୍ତ୍ୱେ ବି ବହୁ ଦାବିପତ୍ର ବିଚାର କରାଯାଉ ନଥିବାରୁ ଅଦାଲତ ଅବମାନନା ମାମଲା ବୃଦ୍ଧି ପାଉଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେ ଦାବିପତ୍ରର ବିଚାର ଶେଷ ହୋଇଛି ଓ କେତେ ବିଚାରାଧୀନ ରହିଛି; ସେ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ନିଜ ଆଡୁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଅନଲାଇନ୍‌ରେ ଉପସ୍ଥିତ ରହି ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା

- **ସବିଶେଷ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ**
- **ସମସ୍ତ ବିଭାଗୀୟ ସଚିବଙ୍କୁ ନେଇ ବସିବ ଉଚ୍ଚସ୍ତରୀୟ ବୈଠକ**

ହାଇକୋର୍ଟଙ୍କୁ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଉପରୋକ୍ତ ପ୍ରସଙ୍ଗରେ ଦିନକ ମଧ୍ୟରେ ସମସ୍ତ ବିଭାଗର ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆହୂତ କରାଯିବ। ସେହିପରି ସାପ୍ତାହିକ ଭିତ୍ତିରେ ଦାବିପତ୍ର ବିଚାର ବା ସମାଧାନ ସଂକ୍ରାନ୍ତରେ ସେ ନିଜେ ମନିଟରିଂ କରିବେ ବୋଲି ମୁଖ୍ୟ ଶାସନ ସଚିବ ଆଜି ଅଦାଲତଙ୍କୁ ଅବଗତ କରାଇଥିଲେ। ଦାବିପତ୍ର ବିଚାର ହୋଇନଥିବା କାରଣରୁ ପ୍ରାୟ ୧୩ହଜାର ଅଦାଲତ ଅବମାନନା ମାମଲା ଚାଲିଥିବା ନେଇ ମୁଖ୍ୟ ଶାସନ ସଚିବ କହିଥିଲେ। ଏଥିପାଇଁ ଆସନ୍ତା ଏକ ମାସ ସମୟ ପ୍ରଦାନ କରିଥିବା ବେଳେ ପରବର୍ତ୍ତୀ ଶୁଣାଣି ସମୟରେ ନିର୍ଦ୍ଦେଶ କାର୍ଯ୍ୟକାରିତା ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ସାଧାରଣ ଲୋକ କିମ୍ବା ସରକାରୀ ବେସରକାରୀ କର୍ମଚାରୀ ସେମାନଙ୍କ ଅଭିଯୋଗ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅନେକ ସମୟରେ ଏହାର ଫଇସଲା ବିଳମ୍ବ ପାଇଁ ଅଦାଲତରେ ଏହି ମାମଲା ସଂଖ୍ୟା ବଢ଼ୁଛି। ଏଣୁ ହାଇକୋର୍ଟ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜ ଆଡୁ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୪ସପ୍ତାହ ପରେ ଧାର୍ଯ୍ୟ ହୋଇଛି।

### ■ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ମାମଲା

## ଅନୁଭବ ଓ ଦୁଇ ସହଯୋଗୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ୨୦।୬(ସମିସ):** କଟକ ପୁରୀଘାଟ ଥାନାରେ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ରୁଜୁ ଏତଲା ଆଧାରରେ ପୂର୍ବତନ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିବା ସହ ଅଦାଲତ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଆଜି ଏହି ମାମଲାରେ ଅଭିଯୁକ୍ତ ଅନୁଭବଙ୍କ ସମେତ ତାଙ୍କର ଦୁଇ ସହଯୋଗୀ ସୁଜିତ ଦଳେଇ ଓ ଖଗେନ୍ଦ୍ର ସାହୁଙ୍କ ବିରୋଧରେ କଟକ ଜେଏମ୍‌ଏଫ୍‌ସି ତଥା ସାଂସଦ-ବିଧାୟକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତ ଚାର୍ଜଫ୍ରେମ କରିଛନ୍ତି। ଆଇପିସିର ଧାରା ୫୦୬, ୪୯୮ଏ, ୨୯୪, ୩୪୧, ୫୦୯, ୧୦୯ ୩୪ରେ ଅନୁଭବଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଛି। ସେହିପରି ଦୁଇ ସହଯୋଗୀଙ୍କ ବିରୋଧରେ ଆଇପିସିର ଧାରା ୫୦୯ ଓ ୩୪ରେ ଚାର୍ଜଫ୍ରେମ କରାଯାଇଥିଲା। ଅନୁଭବ ଓ ତାଙ୍କ ସହଯୋଗୀ ଜେଏମଏଫସି ଅଦାଲତରେ ହାଜର ହୋଇଥିଲେ। ଚାର୍ଜଫ୍ରେମ ହେବା ପରେ ଅନୁଭବ ଅଦାଲତରେ ଆତ୍ମସମର୍ପଣ କରିବା ସହ ଜାମିନ ଆବେଦନ କରିଥିଲେ। ଅଦାଲତ ତାଙ୍କ ଜାମିନ ମଞ୍ଜୁର କରିଥିଲେ। ପୂର୍ବରୁ ଦୁଇ ସହଯୋଗୀ ହାଇକୋର୍ଟରୁ ଜାମିନ ପାଇ ସାରିଥିଲେ। ଚାର୍ଜଫ୍ରେମ୍ ସରିଥିବାରୁ ପରବର୍ତ୍ତୀ ସମୟରେ ଏହି ମାମଲାରେ ଶୁଣାଣି ଆରମ୍ଭ କରାଯିବ। ଅଭିଯୋଗକାରୀଙ୍କ ସମେତ ସାକ୍ଷ୍ୟମାନଙ୍କୁ ମଧ୍ୟ ଅଦାଲତରେ ହାଜର ହେବାକୁ କୁହାଯିବ।

ମାମଲାରୁ ପ୍ରକାଶ ଯେ ପୁରୀଘାଟ ଥାନାରେ ଅନୁଭବ ଓ ତାଙ୍କର ଦୁଇ ସହଯୋଗୀ ସୁଜିତ ଓ ଖଗେନ୍ଦ୍ରଙ୍କ ନାମରେ ଘରୋଇ ହିଂସା, ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏତଲା ଦେଇଥିଲେ।

### କୃଷ୍ଣନଗର ପୋଷ୍ଟ ଅଫିସରେ ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣା

## ୧୩ ଦିନ ପରେ ଭଙ୍ଗାଗଲା ଡାକଘର ତାଲା

**ରାଜନଗର,୨୦।୬(ସମିସ):** କୃଷ୍ଣନଗର ପୋଷ୍ଟ ଅଫିସ୍‌ରେ ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣାରେ ଆଜି ଡାକ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦୀର୍ଘ ୧୩ ଦିନ ପରେ ଆଜି ବନ୍ଦ ଥିବା ଏହି ଡାକଘରର ତାଲା ଭଙ୍ଗାଯାଇଛି। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ କେନ୍ଦ୍ରପଡ଼ା ଡାକ ବିଭାଗର ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ



ବିଜୟ ପ୍ରଧାନ ଓ ଓଭରସିଅର ରଜନୀକାନ୍ତ ରାଉତ ତାଲା ଭାଙ୍ଗିଥିଲେ। ଏହି ଡାକଘର ପୋଷ୍ଟମାଷ୍ଟର ଦୀପଙ୍କର ଦାସଙ୍କ ଘରେ ଚାଲିଥିଲା। ଡାକଘରେ କ'ଣ କ'ଣ ସରକାରୀ କାଗଜପତ୍ର ଅଛି, କ'ଣ ନାହିଁ, ସେନେଇ ଯାଞ୍ଚ କରାଯାଇଛି। ଏହି ଡାକଘରୁ ୨ଶହରୁ ଅଧିକ ଜମାକାରୀଙ୍କ ପାସବୁକ୍ ମିଳିଛି। ସେସବୁ ପାସ୍‌ବୁକ୍ କାହାର, ଆକାଉଣ୍ଟ ନମ୍ବର କେତେ, ବହିରେ କେତେ ଟଙ୍କା ଜମା ରହିଛି; ତାହା ମଧ୍ୟ ଯାଞ୍ଚ କରାଯାଇଛି। ଏହି ଖବର ପାଇ ଶହଶହ ଜମାକରୀ ସେଠାରେ ଭିଡ଼ ଜମାଇଥିଲେ। ଭିଡ଼ ନିୟନ୍ତ୍ରଣ ଓ ଗଣ୍ଡଗୋଳ ଆଶଙ୍କା କରି ପୋଲିସ ମୁତୟନ କରଯାଇଥିଲା।

କେନ୍ଦ୍ରପଡ଼ା ଡାକ ବିଭାଗର ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ ବିଜୟ କୁମାର ପ୍ରଧାନଙ୍କ କହିବା କଥା, କେତେ ଟଙ୍କା ହଡ଼ପ ହୋଇଛି, ତାହା ତଦନ୍ତ ପରେ ଜଣାପଡ଼ିବ। ପୋଷ୍ଟମାଷ୍ଟର୍ ଛୁଟି ଦରଖାସ୍ତ ଦେଇନାହାନ୍ତି। ସେ ଫେରାର ଅଛନ୍ତି। ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ପୋଷ୍ଟମାଷ୍ଟର୍ ୧୩ ଦିନ ହେଲା ପୋଷ୍ଟ ଅଫିସରେ ତାଲା ପକାଇ ଫେରାର ହୋଇଯାଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଲା ଭାଙ୍ଗି ଯାଞ୍ଚ କରାଯାଉଛି ବୋଲି କହିଛନ୍ତି। ପୋଷ୍ଟ ଅଫିସ୍ ସରକାରଙ୍କ ଏକ ନିର୍ଭରଯୋଗ୍ୟ ସଂସ୍ଥା ହୋଇଥିଲେ ବି ଏହି ସଂସ୍ଥାରେ ଦୁର୍ନୀତି ଆଲୋଡ଼ନ ସୃଷ୍ଟି କରିଛି। ତେବେ ଜମାକାରୀମାନେ ସେମାନଙ୍କ ସମସ୍ତ ଟଙ୍କା ଫେରିପାଇବେ, ସେ ନେଇ କୌଣସି ନିଶ୍ଚିତ ପ୍ରତିଶ୍ରୁତି ମିଳି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ଲାଗି ରହିଛି। କୃଷ୍ଣନଗର ପଞ୍ଚାୟତର କୃଷ୍ଣନଗର, କନକନଗର, ବାଘୁଆ ଓ ଶୈଳେନ୍ଦ୍ରନଗର ଗାଁର ୨ ହଜାରରୁ ଅଧିକ ଜମାକାରୀ ଏହି ଠକେଇର ଶିକାର ହୋଇଛନ୍ତି। ଆରଡି, ସୁକନ୍ୟା ସମୃଦ୍ଧି ଯୋଜନା, ସଞ୍ଚୟ ଜମା ଖାତା, ପୋଷ୍ଟାଲ ଲାଇଫ୍ ଇନସ୍ୟୁରାନ୍ସ, ସମୟ ଅବଧି ଜମା ଆଦି ଡାକ ବିଭାଗର ସବୁ ଯୋଜନାରେ ଜମା ଅର୍ଥ ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଛି।

## ଆଜି ସେନାପଟା ଲାଗି

**ପୁରୀ, ୨୦।୬ (ସମିସ):** ଶନିବାର ସ୍ନାନ ପୂର୍ଣ୍ଣିମା। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁବିଗ୍ରହ। ସେଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ

**ପୂର୍ବାହ୍ନ ୧୧ଟା ଯାଏ ଦର୍ଶନ ବନ୍ଦ**

ପ୍ରବେଶ କରିଥିବା ବେଳେ ରାତିରେ ଚାରମାଳ ବନ୍ଧାଯାଇ ଶୁକ୍ରବାର ସେନାପଟା ଲାଗି ହେବ। ଏହି ଚାରମାଳ ବନ୍ଧା ଏବଂ ସେନାପଟା ଲାଗି ନୀତି ପାଇଁ ଗୁରୁବାର ରାତି ପ୍ରାୟ ୧୨ଟାରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେନାପଟା ଲାଗି ପରେ ପୁନଶ୍ଚ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଟ୍ରକ୍ ସହ ୭ ଲକ୍ଷ ଟଙ୍କାର କେନ୍ଦୁପତ୍ର ଜବତ

- **ଟ୍ରକ୍ ଚାଳକ ସମେତ ୨ ଖସି ପଳାଇଲେ**
- **ଗାଡ଼ିରୁ ଅନେକ ନକଲି ନମ୍ବର ପ୍ଲେଟ୍ ଜବତ**

**ଅନୁଗୋଳ, ୨୦।୬ (ସମିସ):** ଅନୁଗୋଳ ବନ ବିଭାଗକୁ ବଡ଼ ସଫଳତା ମିଳିଛି। ଚୋରାଚାଲାଣ ହେଉଥିବା ଏକ କେନ୍ଦୁପତ୍ର ବୋଝେଇ ଟ୍ରକ୍‌କୁ ଧରିବା ସହ ସେଥିରୁ ପାଖାପାଖି ୭ ଲକ୍ଷ ଟଙ୍କାର କେନ୍ଦୁପତ୍ର ଜବତ କରିଛି। କିନ୍ତୁ ଏହି ବେଆଇନ କାରବାରରେ ସଂଶ୍ଳିଷ୍ଟ ଟ୍ରକ୍ ଚାଳକ ସମେତ ୨ଜଣ ଖସିଯିବାରେ ସମର୍ଥ ହୋଇଛନ୍ତି।



ବଡ଼ କଥା ହେଲା, ଗାଡ଼ିରୁ ଅନେକ ନକଲି ନମ୍ବର ପ୍ଲେଟ୍ ମିଳିଛି। ନକଲି ନମ୍ବର ପ୍ଲେଟ୍ ବଦଳାଇ ବନ ବିଭାଗ ଓ ପୁଲିସକୁ ଚକମା ଦେଇ ଅନେକ ଦିନ ହେଲା ଏହି ଚୋରା ବେପାରୀ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁସାରେ, ଆଠମଲ୍ଲିକ ଅଞ୍ଚଳରୁ ୧୦ ଚକିଆ ଏକ ଟ୍ରକ୍‌ରେ କେନ୍ଦୁପତ୍ର ବୋଝେଇ ହୋଇ କଟକ ଚୋରାଚାଲାଣ ହେଉଥିବା ବନ ବିଭାଗକୁ ସୂଚନା ମିଳିଥିଲା। ତେଣୁ ବନ ବିଭାଗର ଏକ ଟିମ୍ ଅନୁଗୋଳଠାରେ ଛକି ରହି ଟ୍ରକ୍‌ଟିକୁ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଟ୍ରକ୍‌ଟି ନ ଅଟକିବାରୁ ବନବିଭାଗ କର୍ମଚାରରୀମାନେ ଟ୍ରକ୍‌କୁ ପିଛା କରି ଜାତୀୟ ରାଜପଥର ନାଲକୋରେ ଅଟକାଇବାରେ ସଫଳ ହୋଇଥିଲେ। ଯାଞ୍ଚ ବେଳେ ଟ୍ରକ୍‌ରୁ ବିପୁଳ ପରିମାଣର କେନ୍ଦୁପତ୍ର ମିଳିଥିଲା। ଟ୍ରକ୍‌ରୁ ୫୭.୫୨ କୁଇଣ୍ଟାଲ କେନ୍ଦୁପତ୍ର ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ୯୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ତେବେ ବନ ବିଭାଗ ଗାଡ଼ିର ଚାଳକ ଓ ଖଲାସିକୁ ଧରିବାକୁ ଚେଷ୍ଟା କରିବା ବେଳେ ଉଭୟ କୌଶଳକ୍ରମେ ଫେରାର ହୋଇଯାଇଥିଲେ।

### ନିୟମ ଏଠି ଧୂଆଁବାଣ

## ନୀତି ବିଳମ୍ବ ପାଇଁ ହେଉନି କାର୍ଯ୍ୟାନୁଷ୍ଠାନ

**ପୁରୀ, ୨୦।୬(ସମିସ):** ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଅନେକ ନିଷ୍ପତ୍ତି ଓ ନିୟମ ହେଉଛି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ କରାଯାଉଛି, ତାହା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ନିୟମ ଏକପ୍ରକାର ଧୂଆଁବାଣ ପାଲଟିଥିବା ବେଳେ କିଛି ସେବାୟତ ଓ କର୍ମଚାରୀ ମନମାନି କରୁଛନ୍ତି। ଏହାର ପ୍ରଭାବ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ପଡୁଛି। ଅନେକ ସମୟରେ ନୀତିରେ ବିଳମ୍ବ ଏବଂ ବିଭ୍ରାଟ ହେଉଛି। ଚିରାଚରିତ ଢଙ୍ଗରେ ମନ୍ଦିର ପ୍ରଶାସନ ନୋଟିସ୍ ଜାରି କରୁଛି। କିନ୍ତୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସମ୍ପୃକ୍ତ ସେବକ ଓ କର୍ମଚାରୀଙ୍କ ମନରେ ଭୟ ରହୁନି। ଅନେକ ସମୟରେ ସେମାନଙ୍କ ପାଇଁ ନୀତି ବିଳମ୍ବ ହେଉଥିବାରୁ ହୀନସ୍ତା ହେଉଛନ୍ତି ଭକ୍ତ।

ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଭକ୍ତ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁ ଟ୍ରେନ୍, ବସ୍‌ରେ ଆସିଥା'ନ୍ତି। ମହାପ୍ରଭୁଙ୍କ ସେବାପୂଜା ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେଲେ ଦର୍ଶନାର୍ଥୀମାନେ ସୁରୁଖୁରରେ ଠାକୁରଙ୍କୁ ଦର୍ଶନ କରି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିପାରିବେ। ଏଥିପାଇଁ ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବ ନ କରିବା ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ନୀତିକାନ୍ତିରେ ବିଳମ୍ବ ହେଲେ ଏହାର ପ୍ରଭାବ ମହାପ୍ରସାଦ ଉପରେ ମଧ୍ୟ ପଡ଼ିଥାଏ। ତେଣୁ ଅନେକ ସମୟରେ ଅବଢ଼ା ନପାଇ ଭକ୍ତ ଫେରିଥା'ନ୍ତି। ଏହାକୁ ନଜରରେ ରଖି ନିର୍ଘଣ୍ଟ ସମୟରେ ଠାକୁରଙ୍କ ସେବାପୂଜା କରିବା ଲାଗି ନିମୟ କରାଯାଇଛି। କିନ୍ତୁ ଏହି ନିୟମ ସତେଯେମିତି ଧୂଆଁବାଣ ପାଲଟିଛି। ବିଭିନ୍ନ ସମୟରେ ନୀତିରେ ବିଭ୍ରାଟ ଦେଖାଦେଉଛି। କେତେବେଳେ ସେବାୟତଙ୍କ ମଧ୍ୟରେ ବିବାଦ ତ ପୁଣି କେତେବେଳ କର୍ମଚାରୀଙ୍କ ତ୍ରୁଟି ଯୋଗୁ ବିଳମ୍ବ ହେଉଛି।



ହେଲେ ସେମାନଙ୍କର ଭୁଲ୍ ପାଇଁ ହନ୍ତସନ୍ତ ହେଉଛନ୍ତି ଭକ୍ତ। କେତେବେଳେ ଭକ୍ତ ଠାକୁରଙ୍କୁ ଦର୍ଶନ କରିପାରୁନାହାନ୍ତି ତ ପୁଣି କେତେବେଳେ ଅବଢ଼ା ନ ପାଇ ଫେରିଯିବାକୁ ବାଧ ହେଉଛନ୍ତି।

ଅନେକ ସମୟରେ ନୀତିକାନ୍ତିରେ ବିଳମ୍ବ ଯୋଗୁଁ ମନ୍ଦିର ପ୍ରଶାସନର ବୈଠକ ବସି କଠୋର ଆଭିମୁଖ୍ୟ ଗ୍ରହଣ ପାଇଁ ନିୟମ ହୋଇଛି। ୨୦୧୯ ଜାନୁୟାରୀ ୨୯ରେ ପରିଚାଳନା କମିଟି ବୈଠକ ବସି ଏମିତି କଠୋର ନିଷ୍ପତ୍ତି ଉପରେ ମୋହର ବାଜିଥିଲା। କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯେଉଁ ପାଳିଆ ସେବକ ତିନିଥର ନୀତି ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡ଼ି, ତେବେ ଶାଢ଼ିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ୍ୟ ସେବାରୁ ବିଦା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହା ପୂର୍ବରୁ ଯେଉଁ ସେବକ ୧୫ମିନିଟ୍ ବିଳମ୍ବ କରିବେ ତାଙ୍କର ଏକ ଚତୁର୍ଥାଂଶ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ। ଅଧଘଣ୍ଟାଏ ବିଳମ୍ବ ହେଲେ ସେହିଦିନର ଅଧା ପାଳିଆ ପୁରସ୍କାର ଏବଂ ଅନ୍ୟ ପ୍ରାପ୍ୟ ପାଉଣା ଏବଂ ଘଣ୍ଟାଏ ବିଳମ୍ବ ହେଲେ ସେ ଦିନର ସବୁଯାକ ପାଳିଆ ପୁରସ୍କାର ଏବଂ ପ୍ରାପ୍ୟ ପାଉଣା ସ୍ଥଗିତ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହି ସବୁ ନିୟମ ଏବଂ କଟକଣା ଏବେ ଧୂଆଁବାଣ ପାଲଟିଛି। ମିନିଟ୍ କି ଘଣ୍ଟାଏ ନୁହେଁ, ଘଣ୍ଟା ଘଣ୍ଟା ନୀତି ବିଳମ୍ବ କରାଯାଉଛି। ଏହାଦ୍ୱାରା ହିନସ୍ତା ହେଉଛନ୍ତି ଭକ୍ତ। ହେଲେ ଏହି ବାସ୍ତବତାକୁ ଅନୁଭବ କରିପାରୁ ନାହାନ୍ତି ନୀତିକାନ୍ତି ବିଳମ୍ବ କରୁଥିବା ସେବକ, କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ।

ମଙ୍ଗଳବାର ଥିଲା ରୁକ୍ମିଣୀ ହରଣ ଏକାଦଶୀ। ମହାପ୍ରଭୁଙ୍କ ବିବାହ ଉତ୍ସବ। ହେଲେ ପୂଜାପଣ୍ଡା ଏବଂ ସିଂହାରୀ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଦିଅଁ ବିବାହ ବିଳମ୍ବ ହୋଇଥିଲା। ଏହି ନୀତିରେ ପୂଜାପଣ୍ଡା ସେବକ ଅଧିକ ରହିଥିବା ନେଇ ଆପତ୍ତି ଉଠାଇଥିଲେ ସିଂହାରୀ ସେବକ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଫଳରେ ସେହିଠାରେ ନୀତି ଅଟକିଥିଲା। ଶ୍ରୀମନ୍ଦିର କମାଣ୍ଡର ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପ୍ରାୟ ୨ ଘଣ୍ଟା ପରେ ପ୍ରଶାସନିକ ଅଧିକାରୀ ଏଥିରେ ହସ୍ତକ୍ଷେପ କରି ବୁଝାଶୁଝା କରିଥିଲେ। ଏହି ବିବାଦ ଯୋଗୁଁ ମଙ୍ଗଳବାର ଏକାଦଶୀରେ ହେବାକୁ ଥିବା ଦିଅଁଙ୍କ ବିବାହ ବୁଧବାର ଭୋର ୫ଟା ୫୦ରେ ଆରମ୍ଭ ହୋଇଥିଲା। ହାତଗଣ୍ଠି ପଡ଼ିବା ବେଳକୁ ଦ୍ୱାଦଶୀ ହୋଇସାରିଥିଲା। ତେବେ ଏହି ବିଳମ୍ବ ଯୋଗୁଁ ବ୍ରାହ୍ମ ମୂହୁର୍ତ୍ତରେ ହେବାକୁ ଥିବା ମଙ୍ଗଳ ଆଳତି ପୂର୍ବାହ୍ନ ୧୦ଟାରେ ହୋଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେବାୟତଙ୍କ ଭିତରେ ବିବାଦ ବାରମ୍ବାର ହେଉଥିଲେ ହେଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ଏବଂ ବିଭ୍ରାଟର ପୁନରାବୃତ୍ତି ଘଟୁଛି।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 22nd June, 2024 | 07:00 pm | Bhubaneswar, Odisha |

Venue: Hotel Seetal, Near Shani Mandir, Vani Vihar, Bhubaneswar – 751022, Odisha.
Name: Rachita Panigrahi | Mob. No.: 9337017206
Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.

ଜାତୀୟ ରାଜପଥ ଅଧିକାରୀଙ୍କ ଅବହେଳା

# ସିଏମ୍‌ସି ୪ଟି ୱାର୍ଡର ଅଧିକାଂଶ ଗ୍ରାମ ଜଳମଗ୍ନ

ଫୁଲନଖରା, ୨୦।୬(ସମିସ)

ମୌସୁମୀ ଆଗମନରେ ଚାଷୀକୁଳ ଯେତିକି ଖୁସି, କଟକ ଭୁବନେଶ୍ୱର ମଧ୍ୟବର୍ତ୍ତୀ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗ୍ରାମବାସୀ ସେତିକି ଦୁଃଖୀ। କାରଣ ଜାତୀୟ ରାଜପଥ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ କିମ୍ବା ଅବହେଳା ମନୋଭାବ ଯୋଗୁ ଦୀର୍ଘ ବର୍ଷ ହେବ

**● ସାଂସଦ ଓ ମେୟରଙ୍କ ସମେତ ରାଜପଥ ଅଧିକାରୀଙ୍କ କ୍ଷେତ୍ର ଅନୁଧ୍ୟାନ**



କଟକ ମହାନଗର ନିଗମର ୫୬, ୫୭, ୫୮ ଓ ୫୯ନଂ ୱାର୍ଡ ଅନ୍ତର୍ଗତ ଗୋପାଳପୁର ଠାରୁ ଫୁଲନଖରା ପର୍ଯ୍ୟନ୍ତ ଗ୍ରାମ ଗୁଡିକ ବର୍ଷା ଦିନେ ଜଳମଗ୍ନ ଅବସ୍ଥାରେ ରହିଥାଏ। ଉକ୍ତ ଅସୁବିଧାକୁ ସୁଧାରିବା ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱର ଉତ୍ତୋଳନ କରାଯାଇଥିଲେ ସୁଦ୍ଧା ଏହାର ପ୍ରତିକାର ଏଯାବତ୍ କରାଯାଇପାରି ନାହିଁ। ବର୍ଷା ଦିନେ ଜାତୀୟ ରାଜପଥରୁ ବର୍ଷାଜଳ ଅବାଧରେ ଗ୍ରାମ ମଧ୍ୟରେ ପ୍ରବେଶ କରିଥାଏ। ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଜାତୀୟ ରାଜପଥ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ନେଇ ସ୍ଥାନୀୟ କର୍ପୋରେଟରଙ୍କ ଦ୍ୱାରା ବାରମ୍ବାର ଦାବି ହେଉଥିଲେ ସୁଦ୍ଧା ଜାତୀୟ ରାଜପଥ ଅଧିକାରୀମାନଙ୍କ ବେଖାତିର ମନୋଭାବ ଯୋଗୁ ସ୍ଥାନୀୟ ବାସିନ୍ଦା ଘରୁ ପାଦ କାଢ଼ିବା ସମ୍ଭବପର ହୁଏନାହିଁ। କଟକ ମ୍ୟୁନିସିପାଲିଟି ଅଧିବେଶନରେ କର୍ପୋରେଟରଙ୍କ ଦ୍ୱାରା ଏହାର ଦୃଢ଼ ପ୍ରତିବାଦ ଫଳରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ ଓ ଜାତୀୟ ରାଜପଥ ଅଧିକାରୀମାନେ ଉକ୍ତ ୱାର୍ଡରେ ଡ୍ରେନ୍ ଓ ସର୍ଭିସ ରାସ୍ତାର ଅବସ୍ଥା ଅନୁଧ୍ୟାନ କରିଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଡ୍ରେନ୍ ସହିତ ରାସ୍ତାକାମ ତୁରନ୍ତ ଆରମ୍ଭ କରିବାକୁ ଜାତୀୟ ରାଜପଥ ଅଧିକାରୀଙ୍କୁ ସାଂସଦ ଶ୍ରୀ ମହତାବ ପରାମର୍ଶ ଦେଇଥିଲେ।

କ୍ଷେତ୍ର ଅନୁଧ୍ୟାନ ସମୟରେ ୫୯ନଂ କର୍ପୋରେଟର ମମତା ମହାନ୍ତି, ୫୭ନଂ ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ୫୬ନଂ ୱାର୍ଡ କର୍ପୋରେଟର ଲିପ୍ସା ନାୟକ, ସ୍ୱାଧୀନଚେତା ମହାନ୍ତି, ପ୍ରମୋଦ ଓଝା, ଜିତନ୍ କର, କୀର୍ତ୍ତି ରଞ୍ଜନ ପଟ୍ଟନାୟକ, ପୂର୍ବତନ କର୍ପୋରେଟର ଲଳିତ ନାୟକଙ୍କ ସମେତ ସନ୍ତୋଷ ଲେଙ୍କା, ଦୀପକ ମଲ୍ଲିକ, ଲକ୍ଷ୍ମୀଧର ଦଳେଇ, ଯୁଧିଷ୍ଠିର ଦାସ, ବାବୁଲା ମହାନ୍ତି, ଶିଶିର ପାଲ, ଚନ୍ଦ୍ରକାନ୍ତ ଜେନା ଓ ବହୁ ସ୍ଥାନୀୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ।

## ରଜ ମହୋତ୍ସବ ଧୁମ୍‌ଧାମରେ ପାଳିତ



**ସାଲେପୁର, ୨୦।୬(ସମିସ):** ବାଲିସାହି ପଞ୍ଚାୟତରେ ରଜ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗ୍ରାମର ଯୁବତୀମାନେ ରଜ ମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। କୃଷି ଭିତ୍ତିକ ପର୍ବ ରଜ ଅବସରରେ ଯୁବତୀଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଅଖା ଦୌଡ଼, ଝୋଟି ପ୍ରତିଯୋଗିତା ଓ ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରୋଧପୁର ଗ୍ରାମରେ ରଜ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଥିବାବେଳେ ଏଥିରେ ଗ୍ରାମର ଯୁବତୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ରୂପେ ଓ ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷା ରାମଚନ୍ଦ୍ର ଭୋଇ, ଶିକ୍ଷୟିତ୍ରୀ ପ୍ରତିଭା ମହାନ୍ତି, ସମିତିସଭ୍ୟା ଗୌତମୀ ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରୋଧପୁର ଗ୍ରାମରେ ୩ ଦିନ ଧରି ଅନୁଷ୍ଠିତ ଏହି ରଜ ମହୋତ୍ସବକୁ ସୁବଳ ମଲ୍ଲିକ ବିନୋଦ ସାମଲ, ମନୋରଞ୍ଜନ ସାମଲ, ସଞ୍ଜୟ ନାୟକ, ଗୁଲରେଜ ଅଲ୍ଲୀ, ଧନେଶ୍ୱର ସାମଲ, ପ୍ରମୋଦ ସାମଲ, ଆନନ୍ଦ ସାମଲ, ଜୟନ୍ତ ଦାସ ପରିଚାଳନା କରିଥିଲେ।

## ବିଶ୍ୱ ସିକ୍‌ଲ୍ ସେଲ୍ ରୋଗ ସଚେତନତା ପକ୍ଷ ପାଳିତ



**ନିଆଳି, ୨୦।୬(ସମିସ):** ନିଆଳି ମହାବିଦ୍ୟାଳୟ ପରିସରରେ ସିକ୍‌ଲ୍ ସେଲ୍ ଏନିମିଆ ରୋଗ ସଚେତନତାର ପ୍ରସାର ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ବିଶ୍ୱ ସିକ୍‌ଲ ସେଲ୍ ଏନିମିଆ ସଚେତନତା ପକ୍ଷ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିନୋଦ ବିହାରୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସତ୍ୟନାରାୟଣ ସାହୁ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଫକୀର ମୋହନ ଧଳ, ଅଧ୍ୟାପକ ହରେକୃଷ୍ଣ ଦାସ, ଅଧ୍ୟାପିକା ପ୍ରଜ୍ଞା ପରମିତା ଦାସ ଏହି ରୋଗ ସମ୍ପର୍କରେ ବିଶଦ ଆଲୋଚନା କରି ସଚେତନ କରାଇଥିଲେ। ଅଧ୍ୟାପକ ଜିତେନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ



**ସାଲେପୁର, ୨୦।୬(ସମିସ):** ଯୁବ ବ୍ୟବସାୟୀଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଫିଲିପ କୁମାର ବରାଳଙ୍କ ୫୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ରୋଗାଗ୍ରସ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେ ଜଣେ ପରୋପକାରୀ, ସମାଜସେବୀ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗରେ ବିରଞ୍ଚିନାରାୟଣ କର, ସାମ୍ବାଦିକ ପ୍ରତ୍ୟୁଷ ମହାନ୍ତି, ହେମନ୍ତ କୁମାର ଭୂୟାଁ, ପ୍ରଦୀପ୍ତ କୁମାର କର, ଚିତ୍ତରଞ୍ଜନ ମୁଦୁଲି, ପ୍ରତାପ ମହାନ୍ତି, ବିସ୍ମିତ ଜେନା, ରଞ୍ଜନ ଭୂୟାଁ, ସଞ୍ଜୟ ଭୂୟାଁ, ପ୍ରମୋଦ ପରିଡ଼ା, ନିରଞ୍ଜନ ପଲାରୁ, ପ୍ରଣବ ମହାନ୍ତି, ସଞ୍ଜିବ ତ୍ରିପାଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ କନିଷ୍ଠ ଭ୍ରାତା ପ୍ରଶାନ୍ତ କୁମାର ବରାଳ ମୁଖାଗ୍ନି ଦେଇଥିଲେ। ତାଙ୍କର ୨ଟି ଝିଅ ଥିବା ଜଣାଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ କନ୍ୟା ଅଙ୍କିତା ବରାଳ, ଅର୍ଚ୍ଚିତା ବରାଳ, ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ପାନ ବରଜ ମରାମତି ସହାୟତା ପ୍ରଦାନରେ ଅନିୟମିତତା

**ନିଆଳି, ୨୦।୬(ସମିସ):** ପାନ ବରଜ ମରାମତି ସହାୟତା ରାଶି ପ୍ରଦାନରେ ଅନିୟମିତତା ହୋଇଥିବା ନେଇ ନିଆଳି ବ୍ଲକ ବିଳାଶୁଣୀ ପଞ୍ଚାୟତର କେତେକ ପାନ ଚାଷୀ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ଉଦ୍ୟାନ ବିଭାଗ ଜରିଆରେ ପାନ ଚାଷୀଙ୍କୁ ପାନ ବରଜ ମରାମତି ସହାୟତା ରାଶି ବଣ୍ଟନ କରାଯାଇଥିଲା। ମାତ୍ର ବିଳାଶୁଣୀ ପଞ୍ଚାୟତରେ ଅନିୟମିତତା ହୋଇଥିବା ଉକ୍ତ

**● ପାନ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**



ଚାଷୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ କାର୍ଯ୍ୟାଳୟରେ ଜଣେ କାର୍ଯ୍ୟରତ ବ୍ୟକ୍ତି ବିଳାଶୁଣୀ ଅଞ୍ଚଳରେ ପାନ ବରଜ ଚାଷୀଙ୍କ ଠାରୁ ଉକ୍ତ ସହାୟତା ପ୍ରଦାନ କରିବା ପାଇଁ ୫ଶହ ଟଙ୍କା ଲେଖାଏଁ ଆଦାୟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏମିତିକି ଯେଉଁ ଚାଷୀ ମାନଙ୍କର ପାନ ବରଜ ନାହିଁ ସେମାନଙ୍କ ଠାରୁ ଉତ୍କୋଚ ନେଇ ତାଙ୍କ ନାମରେ ପାନ ବରଜ ସହାୟତା ଦେଇଥିବା ବେଳେ କେତେକ ଚାଷୀଙ୍କର ଖଣ୍ଡିଏ ମାତ୍ର ପାନ ବରଜ ରହିଥିଲେ ମଧ୍ୟ ସେମାନଙ୍କୁ ଦୁଇ ତିନୋଟି ପାନ ବରଜ ଥିବା ଦର୍ଶାଯାଇ ସହାୟତା ପ୍ରଦାନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବିଳାଶୁଣୀର ବହୁ ଚାଷୀ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗୁରୁବାର ବିଳାଶୁଣୀର କ୍ଷେତ୍ରମୋହନ ଜେନା, ଅରକ୍ଷିତ ମହାନ୍ତି, ଶରତ ଚନ୍ଦ୍ର ଜେନା, ଗଣେଷ ମହାନ୍ତି, ବିରବର ନାୟକ, ବିଷ୍ଣୁ ଚରଣ ଡ଼ାଲୁଆ, ଆଲୋକ ଦାସ, ପରମେଶ୍ୱର ମହାନ୍ତି ପ୍ରମୁଖ ଚାଷୀ ଲିଖିତ ଭାବେ ଅଭିଯୋଗ କରିବା ପାଇଁ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ସେମାନେ ଜଲ୍ଲାରପୁରସ୍ଥିତ ନିଆଳି ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ଦିନ ପ୍ରାୟ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲି ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମାତ୍ର ଦିନ ୧୧ଟା ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟାଳୟରେ ତାଲା ଝୁଲିଥିବା ବେଳେ ଚାଷୀମାନେ ସେଠାରେ ଅପେକ୍ଷା କରି ରହିଥିଲେ। ୧୧ଟା ପରେ କାର୍ଯ୍ୟାଳୟର ଓଭରିସର ରହିଥିବା କର୍ମଚାରୀ ଆସି ପହଞ୍ଚି ତାଲା ଖୋଲିଥିବା ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖୁବ୍ ଶୀଘ୍ର ଏହି ଘଟଣାର ତଦନ୍ତ କରାଯାଇ ପ୍ରକୃତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା ସହ ଯେଉଁମାନେ ଅନିୟମିତତା ଭାବେ ସହାୟତା ନେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

## କୁରାଙ୍ଗ ପ୍ରଧାନ ପଞ୍ଚାୟତରେ ବିପର୍ଯ୍ୟୟ ପ୍ରଶମନ ମକ୍‌ଡ୍ରିଲ୍



**ଫୁଲନଖରା, ୨୦।୬(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତର ଗୁଆଳି ଗ୍ରାମସ୍ଥିତ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆକସ୍ମିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ବାରଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆକସ୍ମିକ ଅଗ୍ନିକାଣ୍ଡ, ବାତ୍ୟା, ବନ୍ୟା ଓ ଭୂମିକମ୍ପ ସମୟରେ ଧନଜୀବନ ସୁରକ୍ଷା ସଂପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶିତ କରାଯାଇଥିଲା। ଅଗ୍ନିଶମ ଅଧିକାରୀ ସୁକାନ୍ତ କୁମାର ସାହୁ ଯୋଗଦେଇ ଅଗ୍ନିକାଣ୍ଡ, ପାଣିରେ ବୁଡିଯିବା, ବନ୍ୟା ବିପନ୍ନ ଓ ବାତ୍ୟାରେ ଗଛପଡ଼ି ଆହତଙ୍କୁ ଉଦ୍ଧାର ବା ସୁରକ୍ଷା ନିମନ୍ତେ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଏବିଡିଓ ବିଜୟ କେତନ ଚୌଧୁରୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଆଦିତ୍ୟ ନାରାୟଣ ମିଶ୍ର, ନୋଡାଲ ଏନ୍‌ଜିଓ ମିନତୀ ବିନ୍ଧାଣୀ, ସ୍ଥାନୀୟ ସରପଞ୍ଚ ସୁରେଶ କୁମାର ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଭୂୟାଁ, କନିଷ୍ଠଯନ୍ତ୍ରୀ ଜୟଶ୍ରୀ ରାଉତ, ପ୍ରଜ୍ଞା ପାରମିତା ନନ୍ଦ, ଜିଆରଏସ୍ କିରଣ ଚନ୍ଦ୍ର ସାହୁ, ଆଗ୍ନିକ ସୌମ୍ୟ ରଞ୍ଜନ ଭୋଳ, ବାବୁଲି ବେହେରା, ଆପଦା ମିତ୍ର, ଅଜିତ ଦାସ, ସମାଜସେବୀ ବିଶ୍ୱରଞ୍ଜନ ସାହୁ, ଭରତ ସାମଲ, ଆଶାକର୍ମୀ କାଞ୍ଚନବାଳା ପାଇକରାୟ, ୱାର୍ଡ ସଭ୍ୟା ଜୟନ୍ତୀ ଛୋଟରାୟ, ସୁମତୀ ସିଂ, ବହୁମୁଖୀ ଆଶ୍ରୟସ୍ଥଳ କମିଟିବୃନ୍ଦଙ୍କ ସମେତ ପ୍ରାଥମିକ ଚିକିତ୍ସା ଦଳ ଓ ଗ୍ରାମବାସୀମାନେ ଯୋଗଦାନ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଚୌଦ୍ୱାର, ୨୦।୬(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟ ବିରୂପା ବ୍ରିଜ୍ ପାଖରେ ଗୁରୁବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିବାବେଳେ ବାଇକ୍ ପଛରେ ବସିଥିବା ଜଣେ ଯୁବତୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଯାଜପୁର ଜିଲ୍ଲା ଜେନାପୁର ଅଞ୍ଚଳର ପିଣ୍ଟୁ ମହାରଣା।

ପ୍ରକାଶ ଯେ ପିଣ୍ଟୁ ଓ ତାଙ୍କର ଜଣେ ସମ୍ପର୍କରିୟା ମାମାଲି ସ୍ୱାଇଁ ଓଡ଼ି ୦୪ ଟି ୮୨୪୩ ନମ୍ବରଯୁକ୍ତ ଏକ କଳା ପଲସର ବାଇକ୍‌ରେ କଟକ ଅଭିମୁଖେ ଯାଉଥିବାବେଳେ ରାଜରାସ୍ତା ଉପରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ବାଇକ୍‌ରୁ ଖସିପଡ଼ି ଘଟଣାସ୍ଥଳରେ ପିଣ୍ଟୁଙ୍କର ମୃତ୍ୟୁ ଘଟିଥିବାବେଳେ ମାମାଲି ଗୁରୁତର ହୋଇଥିଲେ। ରାସ୍ତାଉପରେ ଜଣେ ଯୁବକ ଓ ଜଣେ ଯୁବତୀ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଟାଙ୍ଗୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱେ ଆମ୍ବୁଲାନ୍ସ ଯୋଗେ ପିଣ୍ଟୁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହିତ ମାମାଲିଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଟାଙ୍ଗୀ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ସିଡିଏମଓ କାର୍ଯ୍ୟାଳୟ: ବଦଳି ଆଦେଶକୁ ବିରୋଧ

**କଟକ, ୨୦।୬(ସମିସ):** କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟ ଏବଂ ସିଟି ହସ୍ପିଟାଲରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀଙ୍କ ବଦଳି ଆଦେଶ ଆସିଛି। ଏହାକୁ ନେଇ ଗୁରୁବାର ସଂପୃକ୍ତ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଏହି ବଦଳି ଆଦେଶକୁ ଦୃଢ଼ ବିରୋଧ କରାଯାଇଛି। ବଦଳି ଆଦେଶ ପାଇଥିବା କର୍ମଚାରୀମାନେ ସିଡିଏମଓ ଡାକ୍ତର ମକରନ୍ଦ ବେଉରାଙ୍କୁ ଭେଟି ବଦଳି ଆଦେଶ ସ୍ଥଗିତ ରଖିବାକୁ ଦାବି କରିଥିଲେ। କାର୍ଯ୍ୟାଳୟରେ କିଛି ଘଣ୍ଟା ଧରି ଉତ୍ତେଜନା ଦେଖା ଦେଇଥିଲା। ତେବେ ସିଡିଏମଓ ଡାକ୍ତର ବେଉରା କହିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ ବଦଳି ଆଦେଶ ଦିଆଯାଇଛି। ସେମାନଙ୍କ ଦାବି ଭିତ୍ତିହୀନ ବୋଲି ସିଡିଏମଓ ଜଣାଇଛନ୍ତି।

ପ୍ରକାଶଯୋଗ୍ୟ, ସିଡିଏମ୍‌ଓ କାର୍ଯ୍ୟାଳୟ ଓ ସିଟି ହସ୍ପିଟାଲରେ ଅନେକ କର୍ମଚାରୀ ଓ ଅଧିକାରୀ ଦୀର୍ଘବର୍ଷ ହେବ ଗୋଟିଏ ପଦରେ କାର୍ଯ୍ୟ କରି ଆସୁଥିଲେ। ଯେଉଁଥିପାଇଁ ଅନେକ ସମୟରେ କର୍ମଚାରୀ ଓ ଅଧିକାରୀମାନେ ଦୁର୍ନୀତିରେ ଲିପ୍ତ ରହୁଥିବା ନେଇ ଅଭିଯୋଗ ଉଠୁଥିଲା। ଏହାକୁ ଆଧାର କରି ଏକକାଳୀନ ୩୪ ଜଣଙ୍କର ବିଭାଗ ଅଦଳବଦଳ କରାଯାଇଥିଲା। ବରିଷ୍ଠ ଓ କନିଷ୍ଠ କିରାଣି, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ପିଅନ ଆଦି ବିଭିନ୍ନ ବର୍ଗର କର୍ମଚାରୀଙ୍କ ବଦଳି ହୋଇଥିଲା।

## ନରସିଂହପୁର ମେଡିକାଲ ୱାର୍ଡରେ ପାଣି



**ନରସିଂହପୁର, ୨୦।୬(ସମିସ):** ନରସିଂହପୁର ମେଡ଼ିକାଲରେ ୱାର୍ଡ ଓ ବିଲ୍ଡିଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଅସରାଏ ବର୍ଷାରେ ନୂଆ କାର୍ଯ୍ୟ ହୋଇଥିବା ଘରେ ପାଣି ପଶି ଯାଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମେଡିକାଲ କୋଠାକୁ କେବଳ ରଙ୍ଗ ମାରି ବିଲ କରାଇ ନେଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅସରାଏ ବର୍ଷାରେ ମେଡିକାଲର ବିଭିନ୍ନ ୱାର୍ଡରେ ପାଣି ପଶିଯିବା ଫଳରେ ରୋଗୀମାନଙ୍କ ସହ ଆସିଥିବା ସେମାନଙ୍କ ସମ୍ପର୍କୀୟମାନେ ମଧ୍ୟ ହନ୍ତସନ୍ତ ହୋଇଛନ୍ତି।

**● ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ**

ବେଡ଼ ଉପରେ ରୋଗୀ ପଡ଼ି ରହିଥିବା ଦେଖିବାକୁ ମିଳିଛି। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ବିଲ୍ଡିଂରେ ପାଣି ପଶୁଥିବା ବେଳେ ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଠିକାଦାର ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବର୍ଷା ଦିନ ପୂର୍ବରୁ ବିଲ୍ଡିଂ କାର୍ଯ୍ୟ ହୋଇଥିବାରୁ ମେଡିକାଲ ବାହାରକୁ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲା, ହେଲେ ଅସରାଏ ବର୍ଷା ହେବା ପରେ ମେଡିକାଲର ହାଲ ବେହାଲ ହୋଇଛି। ନିମ୍ନମାନର କାର୍ଯ୍ୟ କରି ପୂର୍ତ୍ତ ବିଭାଗଠାରୁ ଠିକାଦାର ଅର୍ଥ ଆତ୍ମସାତ କରିଥିବା ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ନବନିର୍ବାଚିତ ବିଧାୟକ ବିଜୟ ଦଳବେହେରା ଏହାର ତଦନ୍ତ କରାଇବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

**ଫୋନ୍ ପେ'ରେ ମାତିଛନ୍ତି ସାଇବର ଲୁଟେରା**

# ଟଙ୍କା ଫେରସ୍ତ ଆଳରେ ଠକେଇ

କଟକ, ୨୦।୬(ସମିସ)

ସମ୍ପ୍ରତି ଆର୍ଥିକ ନେଣଦେଣ ବ୍ୟବସ୍ଥାକୁ ଡିଜିଟାଲାଇଜ୍ କରାଯିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଫୋନ୍ ପେ'ଏକ ଭରସାଯୋଗ୍ୟ ମାଧ୍ୟମ ପାଲଟିଛି। ଏବେ ସାଧାରଣ ପାନଦୋକାନୀ ଠାରୁ ବଡ଼ ବ୍ୟବସାୟୀ ଯାଏଁ ସମସ୍ତେ ଫୋନ୍ ପେ' ବ୍ୟବହାର କରୁଛନ୍ତି। ଅନେକ ସମୟରେ ଟଙ୍କା ପଠାଇବା ବେଳେ ଫୋନ୍ ପେ'ରେ ବିଭିନ୍ନ ବୈଷୟିକ ତ୍ରୁଟି ଯୋଗୁଁ ସ୍ୱଳ୍ପ ସମୟ ପାଇଁ ଟଙ୍କା ଟ୍ରାନ୍ସଫର୍ ହୋଇ ପାରିନଥାଏ। ଟଙ୍କା ପଠାଉଥିବା ଲୋକର ଆକାଉଣ୍ଟରୁ ଟଙ୍କା କଟିଯାଏ। ସମ୍ପୃକ୍ତ ବ୍ୟାଙ୍କ୍ କିମ୍ବା ଫୋନ୍ ପେ'ର କଷ୍ଟମର୍ କେୟାର ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ପରେ ୨୪ଘଣ୍ଟା ଭିତରେ ଟଙ୍କା ଆକାଉଣ୍ଟକୁ ଫେରିଆସେ। ନହେଲେ ପଠାଯାଇଥିବା ଲୋକର ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ହୋଇଯାଇଥାଏ। ତେବେ ଆଜି କଟକ ସାଇବର ଥାନାରେ ଜଣେ ଫୋନ୍ ପେ' ବ୍ୟବହାରକାରୀ ଠକାମୀର ଶିକାର ହୋଇଥିବା ଏତଲା ଦେଇଛନ୍ତି। ଟଙ୍କା ଫେରସ୍ତ ଦେବାକୁ କହି ସାଇବର ଠକମାନେ ଫୋନ୍ ପେ'ରେ ଫେରାଇବା ପରିବର୍ତ୍ତେ ଟଙ୍କା ଠକି ନେଇଛନ୍ତି। ଏଭଳି ଏକ ଅଭିନବ ସାଇବର ଠକାମୀର ଶିକାର ହୋଇଛନ୍ତି କଟକର ଜଣେ ବ୍ୟବସାୟୀ। ଫୋନ ପେ'ରେ ଫସିରହିଥିବା ଟଙ୍କାର ଦୁଇ ଗୁଣା ଫେରସ୍ତ ପାଇବାର ପ୍ରତିଶ୍ରୁତିରେ ବିଶ୍ୱାସ କରି ବ୍ୟବସାୟୀ ୫ ହଜାର ଟଙ୍କା ହରାଇଛନ୍ତି। ଏନେଇ ବ୍ୟବସାୟୀ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଚହଟାନଗର ଅଞ୍ଚଳର ବିଶ୍ୱମୋହନ ସାହୁ ବ୍ୟବସାୟ କରନ୍ତି। ଗତକାଲି ଦିନ ୧୨ଟା ସମୟରେ ତାଙ୍କ ଫୋନକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। ଫୋନ କରି ହିନ୍ଦୀ ଭାଷାରେ କଥା ହେଉଥିବା ବ୍ୟକ୍ତି ନିଜକୁ ଫୋନ ପେ' ସଂସ୍ଥାର କର୍ମଚାରୀ ପରିଚୟ ଦେଇଥିଲା। ଫୋନ ପେ'ରେ ଅଧିକ ଦେଣନେଣ କରୁଛନ୍ତି ବୋଲି ସେ କହିବା ସହିତ ବିଗତ କିଛି ଟ୍ରାନଜାକସନ ଭିତରେ ଆପଣଙ୍କର ୫୦୦୦ ଟଙ୍କା ବ୍ଲକ ବା ଫସି ରହିଥିବା ବିଶ୍ୱମୋହନଙ୍କୁ ଫୋନ୍‌ରେ କହିଥିଲା। କମ୍ପାନୀର ଏକ ଲିଙ୍କ୍ ଖୋଲି ସେଥିରେ କିଛି ତଥ୍ୟ ପ୍ରଦାନ କଲେ ଫସି ରହିଥିବା ଟଙ୍କା ଫେରିପାଇବ ବୋଲି ଅଜଣା ବ୍ୟକ୍ତି ଜଣକ ତାଙ୍କୁ ସୂଚନା ଦେଇଥିଲା।




ଏହାକୁ ବିଶ୍ୱାସ କରି ଶ୍ରୀ ସାହୁ ମଧ୍ୟ ତାଙ୍କ ଫୋନର ହ୍ୱାର୍ଟସଆପ୍‌ରେ ଆସିଥିବା ଲିଙ୍କ୍ ଖୋଲିଥିଲେ। ଫୋନ୍ ଲାଇନରେ ଥିବା ଅଜଣା ବ୍ୟକ୍ତିର କହିବାନୁସାରେ ସେ ଲିଙ୍କ୍‌ର ବିଭିନ୍ନ ପେଜରେ କ୍ଲିକ କରି ଚାଲିଥିଲେ। ଏହାରି ଭିତରେ ତାଙ୍କ ଫୋନ ପେ'କୁ ୨୯୯୯ ଟଙ୍କା ଟ୍ରାନ୍ସଫର ପାଇଁ ଲେଖା ଆସିଥିଲା। ଏନେଇ ପଚାରିବାରୁ ଉକ୍ତ ରାଶି ପ୍ରଦାନ ପରେ ପୂର୍ବ ଅର୍ଥକୁ ମିଶାଇ ମୋଟ ୮ ହଜାର ଟଙ୍କା ତାଙ୍କୁ ଫେରସ୍ତ ମିଳିବ ବୋଲି କୁହାଯାଇଥିଲା। ଏହାପରେ ଶ୍ରୀ ସାହୁ ଫୋନ ପେ'ରେ ଅଜଣା ବ୍ୟକ୍ତିକୁ ୨୯୯୯ ଟଙ୍କା ଟ୍ରାନ୍ସଫର କରି ଦେଇଥିଲେ। ମାତ୍ର ଟଙ୍କା ପ୍ରଦାନ ପରେ ତାଙ୍କୁ କିଛିବି ଫେରସ୍ତ ମିଳି ନଥିଲା। ଏ ସଂକ୍ରାନ୍ତରେ ପଚାରିବାରୁ ଅଜଣା ବ୍ୟକ୍ତି ଜଣକ କୌଣସି ସଠିକ ଉତ୍ତର ଦେଇ ନଥିଲା। ପରେ ବୈଷୟିକ ତ୍ରୁଟି କଥା କହି ଫୋନ କାଟି ଦେଇଥିଲା। ପରେ ଉକ୍ତ ଫୋନ ନମ୍ବରଟି ସୁଇଚ୍ ଅଫ୍ ହୋଇ ଯାଇଥିଲା। ଏଭଳି ସ୍ଥିତିରେ ଶ୍ରୀ ସାହୁ ଏକ ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣି ପାରିଥିଲେ। ତେଣୁ ସଂଗେ ସଂଗେ ସେ ଘଟଣା ସଂକ୍ରାନ୍ତରେ କଟକ ସାଇବର ଥାନାକୁ ଆସି ଲିଖିତ ଏତଲା ଦେଇଥିଲେ। ଏହାସହ ପ୍ରମାଣ ଭାବେ ଅଭିଯୁକ୍ତ ସହିତ ହୋଇଥିବା ଟଙ୍କା ଦେଣନେଣର ସ୍କ୍ରିନସଟ୍ ଓ ଲିଙ୍କର ତଥ୍ୟ ପୁଲିସକୁ ପ୍ରଦାନ କରାଯାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଉକ୍ତ ନମ୍ବରଟି ରାଜ୍ୟ ବାହାରୁ ଅପରେଟ ହେଉଥିବା ଜଣାପଡ଼ିଛି। ଏନେଇ ତଦନ୍ତ ଜାରି ରହିଥିବା ସାଇବର ଥାନା ପକ୍ଷରୁ କୁହାଯାଇଛି।

ପ୍ରକାଶ ଥାଉ କି, ସାଇବର ଥାନା ପକ୍ଷରୁ ଏକ ଜରୁରୀ ସୂଚନା ଜାରି କରାଯାଉଛି। ଗୁଗୁଲ୍ ପେ', ଫୋନ୍ ପେ' କିମ୍ବା କୌଣସି ଅନଲାଇନ୍ ନେଣଦେଣ କରୁଥିଲେ, ଯଦି ଟଙ୍କା ପଠାଉଥିବା ସମୟରେ ଉକ୍ତ ଟଙ୍କା ପଠାଉଥିବା ଲୋକଙ୍କ ନିକଟକୁ ଯାଉ ନାହିଁ ଏବଂ ଉକ୍ତ ଟଙ୍କା ବ୍ଲକ ବା ଫସି ରହୁଛି, ତେବେ ୧୨ଘଣ୍ଟା ଅପେକ୍ଷା କରନ୍ତୁ। କୌଣସି ବିଚଳିତ ହେବାର ଆବଶ୍ୟକତା ନାହିଁ। ୧୨ଘଣ୍ଟା ପରେ ଯଦି ବ୍ଲକ ହୋଇଥିବା ଟଙ୍କା ଫେରସ୍ତ ନଆସେ, ତେବେ ଫୋନ୍ ପେ' କିମ୍ବା ଗୁଗୁଲ୍ ପେ'ର ବୈଧ କଷ୍ଟମର୍ କେୟାର୍ ଅଧିକାରୀଙ୍କ ସହିତ ଯୋଗଯୋଗ କରନ୍ତୁ। କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବାକୁ ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# କଟକ ସିଟି



# ସହରରେ ୬ଟି ନୂତନ କଂସେଇଖାନା ପାଇଁ ଜାଗା ଚିହ୍ନଟ

- ଗୋ-ହତ୍ୟା ନିରୋଧ ଆଇନରେ କେତେ ପ୍ରମାଣପତ୍ର ଜାରୀ ହୋଇଛି ଜଣାଅ: ହାଇକୋର୍ଟ
- ସତ୍ୟପାଠ ଦାଖଲ କରିବେ ସିଏମ୍‌ସି କମିଶନର

କଟକ,୨୦।୬(ସମିସ)

କଟକ ସହରରେ ମାଳମାଳ ବେଆଇନ କଂସେଇଖାନା ଚାଲୁଥିବା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ଓଡିଶା ଗୋ-ହତ୍ୟା ନିରୋଧ ଆଇନ-୧୯୬୦ର ସେକ୍ସନ ୩ ଓ ରୁଲ୍ ୩ ଅନୁସାରେ ପ୍ରାଧିକୃତ ଅଧିକାରୀ କେତେ ପ୍ରମାଣପତ୍ର ଜାରୀ କରିଛନ୍ତି ତାହା ଜଣାଇବାକୁ ହାଇକୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ କଟକ ମହାନଗର ନିଗମ କମିଶନର ସତ୍ୟପାଠ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋ ଜ୍ଞାନ ଫାଉଣ୍ଡେସନ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ଗୋ-ହତ୍ୟା ନିରୋଧ ଆଇନର ଧାରା ୩ ଅନୁସାରେ କୌଣସି ବ୍ୟକ୍ତି କୌଣସି ସ୍ଥାନରେ ଗୋହତ୍ୟା କରିବେ ନାହିଁ। ଏଥି ନିମନ୍ତେ ପ୍ରାଧିକୃତ ଅଧିକାରୀଙ୍କ ପକ୍ଷରୁ ଏକ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ପଶୁ ବା ଗୋରୁଙ୍କ ପାଇଁ ବାଧ୍ୟତାମୂଳକ ବୋଲି ଆଇନରେ ବ୍ୟବସ୍ଥା ରହିଛି। ତେବେ ଏ ସମ୍ପର୍କରେ ସିଏମସିକୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଖଣ୍ଡପୀଠ। ଅନ୍ୟପଟରେ କଟକ ମହାନଗର ନିଗମ ପକ୍ଷରୁ ଦିଆଯାଇଥିବା ଏକ ସତ୍ୟପାଠ ଅନୁସାରେ ସହରରେ କଂସେଇଖାନା ଅଭାବ ଦୂର ପାଇଁ ୬ଟି ନୂଆ କଂସେଇଖାନା ସ୍ଥାପନ ହେବ। ଦିୱାନବଜାର ଓ ଖଲାସିଲେନଠାରେ ବଡ଼ ପଶୁ ବା ଗୋରୁଙ୍କ ପାଇଁ କଂସେଇଖାନା ନିମନ୍ତେ ଜାଗା ଚିହ୍ନଟ ହୋଇଛି।



ସେହିପରି ଛୋଟ ପଶୁ ଛେଳି, ମେଣ୍ଢାଙ୍କ ପାଇଁ ପ୍ରତାପନଗରୀ, ସାର୍ତ୍ତୋଳ, ଯୋବ୍ରା ଓ ଇମାମନଗର ଠାରେ କଂସେଇଖାନା ପାଇଁ ଜାଗା ଚିହ୍ନଟ ସରିଥିବା କୁହାଯାଇଛି। ସହରର ରାସ୍ତାକଡ଼ରେ ମାଂସ କଟା ବନ୍ଦ ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯିବା ସହ ଚଢ଼ଉ କରାଯାଉଛି। ବେଆଇନ ମାଂସ କଟା ଘଟଣାରେ ୧୨୦ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିଏମସି ତତ୍ପରତା ପ୍ରକାଶ କରି ଅଘୋଷିତ ତଥା ବେଆଇନ କଂସେଇଖାନା ଗୁଡିକରୁ ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି।

ପ୍ରକାଶଥାଉକି, ଓଡ଼ିଆ ବଜାର, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ଏହି ନିର୍ଦ୍ଦେଶ ପାଳନ ହୋଇ ନ ଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଙ୍ଘନ ପୂର୍ବକ ଗୋହତ୍ୟା କରାଯାଇଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଟ୍ରାଫିକ୍ ପୁଲିସର ଚଢ଼ଉ

**କଟକ,୨୦।୬(ସମିସ):** ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଗାଡିଗୁଡିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଟ୍ରାଫିକ୍ ପୁଲିସ। ଏହିକ୍ରମରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ତଦନୁଯାୟୀ ଆଜି ପ୍ରଥମେ ଲିଙ୍କରୋଡ ଛକଠାରୁ ବାଦାମବାଡ଼ି ଛକ ରାସ୍ତା ମଧ୍ୟରେ ବେଆଇନ ପାର୍କିଂ କରୁଥିବା ଗାଡିଗୁଡିକୁ ଚିହ୍ନଟ କରାଯାଇ ତାହାକୁ ଜବତ କରାଯାଇଛି। ଏହି ଜବତ ଗାଡି ମଧ୍ୟରେ ୫ଟି କାର ଓ ୭ଟି ବାଇକ୍ ରହିଛି। ଉକ୍ତ ଗାଡିଗୁଡିକୁ କ୍ରେନ ଜରିଆରେ ଟ୍ରାଫିକ୍ ଥାନାକୁ ଆଣି ରଖାଯାଇଛି। ସେହିପରି ରାତିରେ ଟର୍ମିନାଲରେ ଗାଡି ରଖିଥିଲେ ଦେୟ ଭରଣା କରିବାକୁ ପଡୁଥିବାରୁ ଲିଙ୍କରୋଡ଼ରୁ ବାଦାମବାଡ଼ି ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ବହୁମାତ୍ରାରେ ବସ୍ ପାର୍କିଂକରି ଛିଡା ହେଉଛନ୍ତି। ଏହାଦ୍ୱାରା ରାତି ସମୟରେ ଏହି ରାସ୍ତାରେ ଦୁର୍ଘଟଣା ବଢୁଥିବା ଜଣାପଡିଛି। ଫଳରେ ରାସ୍ତାରେ ଏଭଳି ବେଆଇନ ପାର୍କିଂ କରୁଥିବା ବସ୍‌ଗୁଡିକ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୨ଟି ବସ୍‌କୁ ଜବତ କରାଯିବା ସହିତ ସେହିଠାରେ ହିଁ ଗାଡିର କବାଟକୁ ସିଲ୍ କରିଦିଆଯାଇଥିବା ଟ୍ରାଫିକ୍ ଏସିପି ସୁଶାନ୍ତ ସିଂ ସୂଚନା ଦେଇଛନ୍ତି।



### ବଢୁଛି ସୁନା-ରୁପା ଦର

## ରୌପ୍ୟନଗରୀର ଅଳଙ୍କାର ବ୍ୟବସାୟ ପ୍ରଭାବିତ

କଟକ,୨୦।୬(ସମିସ)



ସୁନା ରୁପାର ଅହେତୁକ ଦର ବୃଦ୍ଧି ପାଇଁ ରୌପ୍ୟନଗରୀ କଟକର ଜୁଏଲାରୀ ଦୋକାନଗୁଡ଼ିକର ବେପାର ଗଭୀର ଭାବେ ପ୍ରଭାବିତ ହୋଇଛି। ଆକାଶଛୁଆଁ ଦର ପାଇଁ ଦୋକାନକୁ ଗ୍ରାହକ ମାନେ ଅତି ଜରୁରୀ ନଥିଲେ ପାଦ ପକାଉନାହାନ୍ତି। ସୁନା ଦର ଏକଦା ସର୍ବାଧିକ ୧୦ ଗ୍ରାମ ପ୍ରତି ୭୨ ହଜାର ଟପିଛି। ଦର ବୃଦ୍ଧି ପାଇଁ ଜୁଏଲାରୀ ଗ୍ରାହକ ବି ବଜାରରେ କମିଛନ୍ତି। ଏକଦା କରୋନା ମହାମାରୀ ପୂର୍ବରୁ ବି ଆର୍ଥିକ ମାନ୍ଦାବସ୍ଥା ପାଇଁ ସୁନା ଗହଣା ବ୍ୟବସାୟ ଏକପ୍ରକାର ମାନ୍ଦାବସ୍ଥା ମଧ୍ୟରେ ଗତି କରୁଥିଲା। ଏବେ ଅହେତୁକ ଦର ବୃଦ୍ଧି ପାଇଁ ଜୁଏଲାରୀ ଦୋକାନ ଗୁଡିକର କାରବାର ମାନ୍ଦାବସ୍ଥା ଦେଇ ଚାଲିବ ବୋଲି ବ୍ୟବସାୟୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜୁଏଲାରୀ ମାଲିକ ମାନଙ୍କ କହିବାନୁଯାୟୀ ଲୋକେ ଅତି ଆବଶ୍ୟକ ନଥିଲେ ସୁନାଗହଣା କ୍ରୟ କରୁନାହାନ୍ତି। କଟକରେ ପ୍ରାୟ ୩୦୦ଟି ଜୁଏଲାରୀ ଦୋକାନ ରହିଛି। ଏଗୁଡିକର କାରବାର ଆଶାଜନକ ହେଉ ନଥିବା କୁହାଯାଇଛି। ଏବେ ଦର ବଢୁଥିବାରୁ ବିବାହ ସିଜିନ ଚାଲିଥିବା ସତ୍ତ୍ୱେଭଲ ବିକ୍ରିବଟା ହେଉ ନଥିବାର କୁହନ୍ତି ସଞ୍ଜୟ ସାହୁ। ଆଗରୁ ବିକ୍ରି ନଥିବାରୁ ଜୁଏଲାରୀ ଦୋକାନ ଗୁଡିକ ସାମଗ୍ରୀ ତିଆରି ପାଇଁ ସାଧାରଣତଃ କାରିଗରଙ୍କୁ ଆଉ ବେଶୀ ଅର୍ଡର ଦେଉ ନଥିବା ଜଣାପଡିଛି।

ବ୍ୟବସାୟୀଙ୍କ କହିବାନୁଯାୟୀ, ରୂପାନଗରୀ କଟକରେ ପ୍ରାୟ ୧୫୦୦ କାରିଗର ଅଛନ୍ତି। ସୁନା ଦର ବଢିବା ପରେ ଗ୍ରାହକ ମାନେ ବେଶୀ ସୁନା କିଣୁ ନଥିବାର ଦେଖାଯାଉଛି। ଏଥିଲାଗି କାରିଗରଙ୍କ କାମ ଓ ରୋଜଗାର ମଧ୍ୟ ପ୍ରଭାବିତ ହୋଇଛି। ମିଳିଥିବା ସୂଚନାନୁସାରେ, କଟକରେ ଆଜି ୨୨କ୍ୟାରେଟ ସୁନା ଦର ୧୦ଗ୍ରାମ ପ୍ରତି ୬୬୪୦୦ଟଙ୍କା ରହିଥିଲା ବେଳେ ୨୪ କ୍ୟାରେଟ ଦର ୭୨୪୪୦ ଟଙ୍କା ରହିଛି। ବିଗତ ୧୦ଦିନ ଭିତରେ ଏହି ଦର ୨୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସେହିପରି ରୁପା କିଲୋ ପ୍ରତି ଦର ଆଜି ୯୨ ହଜାର ୫୦୦ଟଙ୍କା ରହିଛି। ଗତ ୧୦ଦିନ ଭିତରେ ଏହା କିଲୋ ପ୍ରତି ୨ହଜାର ବୃଦ୍ଧି ପାଇଛି। ତେବେ ସୁନା ଦର ଅସ୍ଥିର ରହିବା ଦ୍ୱାରା ବି କେତେକ ବେପାରୀ କ୍ଷତି ସହିଥିବାର କୁହନ୍ତି।

### ପାରିବାରିକ କଳହର କରୁଣ ପରିଣତି

## ମହିଳାଙ୍କ ଆତ୍ମହତ୍ୟା: ଯୌତୁକ ନିର୍ଯାତନା ଅଭିଯୋଗ

କଟକ,୨୦।୬(ସମିସ)

କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ମିଶନରୋଡ ଅଞ୍ଚଳରେ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ମନୋରାମା ଦାସ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁ ଆଶ୍ରୟପୁରର ପ୍ରଶାନ୍ତ ଦାସଙ୍କ ସହିତ ମନୋରମାଙ୍କ ବାହାଘର ୮ ବର୍ଷ ପୂର୍ବେ ହୋଇଥିଲା । ଏବେ ତାଙ୍କର ଏକ ୭ ବର୍ଷର ଝିଅ ଅଛି। ପ୍ରଶାନ୍ତ ସପରିବାର ମିଶନରୋଡରେ ଘରଭଡା ନେଇ ରହୁଛନ୍ତି। ପ୍ରଶାନ୍ତ ଏକ ସିକ୍ୟୁରିଟି ସଂସ୍ଥା ଦ୍ୱାରା ସଫିମଲରେ ସିକ୍ୟୁରିଟି ଗାର୍ଡ ଭାବେ



କାର୍ଯ୍ୟ କରୁଛନ୍ତି। ତେବେ ବିବାହ ପରଠାରୁ ଆର୍ଥିକ ଅନାଟନ ଦେଖା ଦେବାରୁ ଏହାକୁ ନେଇ ଦମ୍ପତିଙ୍କ ଭିତରେ କଳିଝଗଡ଼ା ଲାଗି ରହୁଥିଲା। ଗତକାଲି ରାତିରେ ପ୍ରଶାନ୍ତ ଓ ମନୋରମାଙ୍କ ଭିତରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ରାତି ପ୍ରାୟ ୩ଟା ବେଳେ ଝିଅ ପରିସ୍ରା ଯିବା ଲାଗି ବାପା ପ୍ରଶାନ୍ତ ସହ ଉଠି ଯାଇଥିଲେ। ଏତିକିବେଳେ ମନୋରମା ଘର ଭିତର ପଟୁ କବାଟ ବନ୍ଦ କରି ଦେଇଥିଲେ। ପ୍ରଶାନ୍ତ ଆସି କବାଟ ବାଡେଇ ଡାକିଲେ ମଧ୍ୟ ଭିତରୁ କିଛି ଉତ୍ତର ମିଳି ନଥିଲା। ହୁଏତ ରାଗିକରି ମନୋରମା କବାଟ ଖୋଲୁନଥିବା ଭାବି କିଛି ସମୟ ଚୁପ ରହିଥିଲେ ପ୍ରଶାନ୍ତ। ମାତ୍ର କିଛି ସମୟ ବିତିଯିବା ପରେ ବି କବାଟ ନଖୋଲିବାରୁ ପ୍ରଶାନ୍ତଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ସାହିପଡ଼ିଶାଙ୍କୁ ଡାକିଥିଲେ। ଖବର ପାଇ ପୁଲିସ ପହଞ୍ଚି କବାଟ ଭାଙ୍ଗି ଦେଖିଲା ବେଳକୁ ମନୋରମା ଏକ ଲୁଗାକୁ ବେକରେ ଗୁଡାଇ ଫ୍ୟାନରେ ଝୁଲିପଡିଛନ୍ତି। ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇଥିଲା। ଖବର ପାଇ ଭଦ୍ରକ ଭଣ୍ଡାରୀ ପୋଖରୀ ଅଞ୍ଚଳରୁ ମୃତ ମନୋରମାଙ୍କ ବାପା ବୃନ୍ଦାବନ ସେଠୀ ଆସି ପହଞ୍ଚିଥିଲେ। ତେବେ ମନୋରମାଙ୍କୁ ହତ୍ୟା କରାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ଝିଅ ମନୋରମାଙ୍କୁ ନିର୍ଯାତନା ଦିଆଯାଉଥିଲା। ସ୍ୱାମୀ ସହ ମିଶି ଶାଶୁ ଶ୍ୱଶୁର ଓ ନଣନ୍ଦ ତାଙ୍କୁ ବିଭିନ୍ନ ସମୟରେ ମାରଧର କରୁଥିଲେ। ବୁଧବାର ରାତିରେ ମନୋରମାଙ୍କୁ ବାଡେଇ ବାଡେଇ ମାରି ଦିଆଯାଇଥିବା ନେଇ ସେ ଏତଲା ଦେଇଛନ୍ତି। ତେବେ ମୃତ ଶରୀରରେ ସେଭଳି କୌଣସି ଚିହ୍ନ ନଥିବା ପୁଲିସ କହିଛି। ଅନ୍ୟପଟେ ମୃତକଙ୍କ ଶାଶୁ ଓ ନଣନ୍ଦ ଭୁବନେଶ୍ୱରରେ ରହୁଥିବା ଜଣାପଡିଛି। ଯୌତୁକ ଜନିତ ନିର୍ଯାତନା ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଆଗେ ଥଇଥାନ ପରେ ଉଚ୍ଛେଦ ଦାବି

କଟକ,୨୦।୬(ସମିସ)

ଗୁରୁବାର କଟକ ଉଠା ଦୋକାନୀ ମହାସଂଘ ସହବନ୍ଧିତ ବାଦାମବାଡି ଉଠା ଦୋକାନୀ ସଂଘ ପକ୍ଷରୁ ପୌର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଦାମବାଡି ପୁରୁଣା ବସଷ୍ଟାଣ୍ଡ (ଅନୁଗୁଳ ଓ ପାରାଦୀପ) ଠାରେ ଫୁଟପାଥ କଡରେ ଦୀର୍ଘବର୍ଷ ଧରି ବେପାର କରି ପେଟ ପୋଷି ଆସୁଥିବା ଉଠାଦୋକାନୀମାନେ କଟକ ପୌରନିଗମ ଅଫିସ୍ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଟକ ଉଠାଦୋକାନୀ ମହାସଂଘର ସଭାପତି ଅମରେନ୍ଦ୍ର ମହାନ୍ତି, ବାଦାମବାଡି ଉଠାଦୋକାନୀ ସଂଘ ସମ୍ପାଦକ ଛବି ଖୁଣ୍ଟିଆ, ଉପସଭାପତି ନିତ୍ୟାନନ୍ଦ ନାୟକ, ସହ ସମ୍ପାଦକ ଶିବ ବେହେରା, ମହାସଂଘ ସଂପାଦକ ଅକ୍ଷୟ ସାହୁ, ପ୍ରସନ୍ନ ମହାପାତ୍ର, ସଞ୍ଜୟ ବେହେରା, ବିକ୍ରମ ଦାସ, ଦିଲ୍ଲୀପ ସାହୁ, ଗଦାଧର ସାହୁ, ଶିଶିର ଦାସ, ବାବୁଲି ବାରିକ, ଆଲୋକ ସେଠୀ, ଶଶି ଖଟୁଆ, ହମରୀନ ବିବି, ବାବୁଲି ସାହୁ, ବସନ୍ତ ବିଶ୍ୱାଳ, ନାରାୟଣ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ବସଷ୍ଟାଣ୍ଡ ଖାନନଗର ଉଠି ଯାଇଥିବାରୁ ସେମାନଙ୍କ ଜୀବିକା ଉଜୁଡି ଯାଇଛି। ଏଣୁ ଥଇଥାନ ତଥା ଭେଣ୍ଡିଂ ଜୋନ ଯୋଗାଇଦେବା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଫୁଟପାଥ କଡରେ ପୂର୍ବ ଭଳି ବେପାର ପାଇଁ ଅନୁମତି ଦେବାକୁ ଦାବି ଜଣାଇଥିଲେ। ଏତଦବ୍ୟତୀତ ହାଇକୋର୍ଟଙ୍କ ଆଦେଶ ନମ୍ବର ୮୭୫୧/୨୪ ଅର୍ଡରକୁ କାର୍ଯ୍ୟକାରୀ କରିବାକୁ ଏକ ଦାବି ପତ୍ର ପୌର ନିଗମର କମିଶନରଙ୍କୁ ପ୍ରଦାନ କରିଥିଲେ; ନଚେତ୍ ଆଗାମୀ ଦିନରେ ସାରା କଟକ ସହରର ଉଠା ଦୋକାନୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।




## ୨ ଲକ୍ଷ ନେଇ କର୍ମଚାରୀ ଫେରାର

**କଟକ,୨୦।୬(ସମିସ):** ମାଲଗୋଦାମ ଥାନାଞ୍ଚଳରେ ୨ ଲକ୍ଷ ଟଙ୍କା ଠକିନେଇ ଜଣେ କର୍ମଚାରୀ ଫେରାର ହୋଇଯାଇଛନ୍ତି। ଏନେଇ ଟଙ୍କା ଦେଇଥିବା କର୍ମଚାରୀ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳାବାଗ ଥାନା ଫେଣ୍ଡ୍ରସ କଲୋନୀର ତୃପ୍ତୀମୟୀ ପାଣି କଲେଜଛକସ୍ଥିତ ଏକ ବ୍ୟାଙ୍କ୍‌ରେ ଚାକିରି କରିଛନ୍ତି। ତାଙ୍କର ଜଣେ ପରିଚିତ ସେହି ବ୍ୟାଙ୍କରେ କାମ କରୁଥିଲେ। ଗୋଟିଏ ବ୍ୟାଙ୍କରେ କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ଭଲ ସଂପର୍କ ରହିଥିଲା। ଗତ ୭ ମାସ ତଳେ ଉକ୍ତ ବନ୍ଧୁ ଜଣକ କୌଣସି ଏକ ଜରୁରୀ କାର୍ଯ୍ୟ ପାଇଁ ତୃପ୍ତିମୟୀଙ୍କୁ ୨ଲକ୍ଷ ଟଙ୍କା ଉଧାର ମାଗିଥିଲେ। ୨ମାସ ଭିତରେ ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେବାରୁ ତୃପ୍ତିମୟୀ ମଧ୍ୟ ତାଙ୍କୁ ଟଙ୍କା ଦେଇଥିଲେ। ତେବେ ସମୟ ଅତିକ୍ରାନ୍ତ କରିବାରୁ ତୃପ୍ତିମୟୀ ଟଙ୍କା ମାଗିବାରୁ ସେ ବିଭିନ୍ନ ପ୍ରକାର ଅସୁବିଧା ଥିବା କହି ସମୟ ଗଡାଇ ଚାଲିଥିଲେ। ଏହା ଭିତରେ ବନ୍ଧୁ ଜଣକ ହଠାତ ବ୍ୟାଙ୍କ ଆସିବା ବନ୍ଦ କରିଦେଇଥିଲେ। ତୃପ୍ତିମୟୀ ବହୁବାର ତାଙ୍କ ସହିତ ଯୋଗାଯୋଗ କରି ବିଫଳ ହେବାରୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରି ଫେରାର ବ୍ୟାଙ୍କ କର୍ମଚାରୀଙ୍କୁ ଠାବ ଲାଗି ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

## ଘର ସମ୍ମୁଖରୁ ବାଇକ୍ ଚୋରି

**କଟକ,୨୦।୬(ସମିସ):** ନିଜ ଘର ସମ୍ମୁଖରେ ଜଣଙ୍କ ବାଇକ ଚୋରି ହୋଇଯାଇଛି। ଏନେଇ ଗାଡି ମାଲିକ ଗତିରାଉତ ପାଟଣାର ଜ୍ୟୋତିରଞ୍ଜନ ପୃଷ୍ଟି ସିଆରଆରଆଇ ଥାନାରେ ଏତଲା ଦେଇଛନ୍ତି। ଜ୍ୟୋତିରଞ୍ଜନ ସବୁଦିନ ଭଳି ବୁଧବାର ରାତିରେ ଘର ସମ୍ମୁଖରେ ନିଜର ବାଇକ ରଖିଥିଲେ। ଗାଡିର ହ୍ୟାଣ୍ଡେଲ ଲକ୍ କରିଥିଲେ। ହେଲେ ଚେନ ତାଲା ପକାଇବାକୁ ଭୁଲି ଯାଇଥିଲେ। ଏହାର ସୁଯୋଗ ନେଇ କେହି ବିଳମ୍ବିତ ରାତିରେ ତାଙ୍କର ବାଇକକୁ ଚୋରାଇ ନେଇଛି। ଗୁରୁବାର ସକାଳେ ଜ୍ୟୋତିରଞ୍ଜନ ବାହାରେ ଗାଡି ନଥିବା ଦେଖି ଆଖପାଖରେ ସନ୍ଧାନ ନେଇଥିଲେ। ହେଲେ କେଉଁଠାରେ ଗାଡ଼ି ନମିଳିବାରୁ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଗାଡି ଚୋରକୁ ଚିହ୍ନଟ କରିବା ଲାଗି ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି।

## ଡ୍ରେନ୍‌ରେ ଫସିଲା ଟ୍ରାକ୍ଟର; ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

**କଟକ,୨୦।୬(ସମିସ):** ସିଏମସିର ଏକ ଟ୍ରାକ୍ଟର ଡ୍ରେନରେ ଖସିପଡିଛି। ଡ୍ରେନ ଉପରେ ପଡିଥିବା ସ୍ଲାବ ଭାଙ୍ଗିଯିବାରୁ ଏଭଳି ଅଘଟଣ ଘଟିଛି। ଡ୍ରାଇଭର୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ, ବାଲୁବଜାରରୁ ହାଇକୋର୍ଟ ରାସ୍ତାରେ ଦିନ ସମୟରେ ସିଏମସିର ଏକ ଟ୍ରାକ୍ଟର ଆବର୍ଜନା ବୋଝେଇ କରି ଯାଉଥିଲା। ଏହି ସମୟରେ ଡ୍ରେନ ଉପର ସ୍ଲାବ ଭାଙ୍ଗିଯିବାରୁ ଟ୍ରାକ୍ଟରର ବାମ ପଟ ଚକା ଡ୍ରେନ ଭିତରେ ଦବି ଯାଇଥିଲା। ମାତ୍ର ଟ୍ରାକ୍ଟର ଦୀର୍ଘ ସମୟ ଧରି ଡ୍ରେନରେ ଫସିରହିବାରୁ ସେଠାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସଙ୍କୀର୍ଣ୍ଣ ରାସ୍ତା ହୋଇଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଆଖପାଖର ସବୁ ଗଳିରେ ଗାଡି ଅଟକି ରହିଥିଲା। ଶେଷରେ ଟ୍ରାଫିକ କର୍ମଚାରୀ ପହଞ୍ଚି ସ୍ଥିତି ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ବହୁ ଉଦ୍ୟମ ପରେ ଭଙ୍ଗା ସ୍ଲାବରୁ ଟ୍ରାକ୍ଟର ବାହାରିବା ପରେ ଉକ୍ତ ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା। ତେବେ ଭିଡ଼ ସମୟରେ ସିଏମସିର ଅଳିଆ ବୁହା ଗାଡ଼ି ସହର ମଧ୍ୟ ଦେଇ ଯିବା ଏବଂ ନିମ୍ନମାନର ସ୍ଲାବକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ବାରବାଟୀକୁ ସପ୍ତମ ଥର ଆସିବ ଇଂଲଣ୍ଡ

### ଏବେ ଆରମ୍ଭ ହେବନି ନବକଳେବର କାର୍ଯ୍ୟ!

### ଉତ୍ସାହିତ କ୍ରିକେଟ୍‌ପ୍ରେମୀ; ଫେବୃଆରୀକୁ ଅପେକ୍ଷା

କଟକ,୨୦।୬(ସମିସ)

ଅଢ଼େଇ ବର୍ଷ ପରେ ପୁଣି ଥରେ କମ୍ପିବ ବାରବାଟୀ। ମହାନଦୀ କୂଳରେ ଅବସ୍ଥିତ ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ତଥା ବାରବାଟୀ ଷ୍ଟାଡିୟମରେ ମୁହାଁମୁହିଁ ହେବେ ଭାରତ ଓ ଇଂଲଣ୍ଡ ଦଳ। ଆସନ୍ତା ଫେବୃୟାରୀ ୯ ତାରିଖରେ ଏକଦିବସୀୟ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁକାବିଲାକୁ ଓହ୍ଲାଇବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ମ୍ୟାଚ୍ ତାଲିକା ପ୍ରକାଶ ପାଇବା ପରେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍ସାହ ଭରି ଯାଇଛି। ଏବେ କେବଳ ଫେବୃଆରୀକୁ ଅପେକ୍ଷା। ଶକ୍ତିଶାଳୀ ଇଂଲଣ୍ଡ ଦଳ ୭ମ ଥର ନିମନ୍ତେ ବାରବାଟୀକୁ ଆସିବ।

୧୯୮୨ ମସିହାରେ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ସେହିବର୍ଷ ଜାନୁୟାରୀ ୨୭ରେ ଆୟୋଜିତ ମ୍ୟାଚ୍‌ରେ ଇଂଲଣ୍ଡକୁ ହିଁ ଭେଟିଥିବା ଭାରତ। ଉକ୍ତ ମ୍ୟାଚ୍ ମଧ୍ୟ ଏକଦିବସୀୟ ରହିଥିଲା। ଏହାର ଦୁଇ ବର୍ଷ ପରେ ଅର୍ଥାତ ୧୯୮୪ ଡିସେମ୍ବର ୨୭ରେ ପୁର୍ନବାର ଭାରତ-ଇଂଲଣ୍ଡ ସାମ୍ନାସାମ୍ନି ହୋଇଥିଲେ। ଏହା ଥିଲା ବାରବାଟୀରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍। ୧୯୮୯ ଅକ୍ଟୋବର ୨୨ରେ ଇଂଲଣ୍ଡ ୩ୟ ମ୍ୟାଚ୍ ଏଠାରେ ଖେଳିଥିବା ବେଳେ ପ୍ରତିପକ୍ଷରେ ରହିଥିଲା ପାକିସ୍ତାନ। ୨୦୦୨ ଜାନୁୟାରୀ ୨୨ରେ ୪ର୍ଥ, ୨୦୦୮ ନଭେମ୍ବର ୨୬ରେ ୫ମ ଏବଂ



୨୦୧୭ ଜାନୁୟାରୀ ୧୯ରେ ଇଂଲଣ୍ଡ ବାରବାଟୀରେ ୬ଷ୍ଠ ମ୍ୟାଚ୍ ଖେଳିଛି। ବାରବାଟୀରେ ଏକଦିବସୀୟ ସମେତ ଟେଷ୍ଟ ଏବଂ ଟି-୨୦ ଫର୍ମାଟରେ ମଧ୍ୟ ମ୍ୟାଚ୍ ହୋଇଛି। କିନ୍ତୁ ଇଂଲଣ୍ଡ କେବଳ ଏକଦିବସୀୟ ଫର୍ମାଟରେ ହିଁ ବାରବାଟୀରେ ଅବତୀର୍ଣ୍ଣ ହୋଇଛି। ୭ମ ଥର ମଧ୍ୟ ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ଖେଳିବ।

ଅନ୍ତର୍ଜାତୀୟ ମ୍ୟାଚ୍‌କୁ ନେଇ ଉତ୍ସାହ ଦେଖା ଦେଇଥିବା ବେଳେ ଆଉ ଏକ ପ୍ରସଙ୍ଗକୁ ନେଇ ମଧ୍ୟ ଆଲୋଚନା ଜୋର୍ ଧରିଛି। ବାରବାଟୀ ଷ୍ଟାଡିୟମର ନବକଳେବର ନିମନ୍ତେ ଯୋଜନା ହୋଇଥିଲା। ହେଲେ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହାକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ଯଦି ନବକଳେବର କାର୍ଯ୍ୟ ଆରମ୍ଭ ହୁଏ, ତାହେଲେ ମ୍ୟାଚ୍ ଆୟୋଜନରେ ବାଧା ଉପୁଜିବା ନିଶ୍ଚିତ। ଏଣୁ କାର୍ଯ୍ୟ ଆରମ୍ଭ ନହୋଇ ପାରେ ବୋଲି କୁହାଯାଉଛି। ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଜଣେ ବରିଷ୍ଠ ଅଧିକାରୀ ମଧ୍ୟ ନବକଳେବର କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

ପ୍ରକାଶଥାଉକି, ବାରବାଟୀ ଷ୍ଟାଡିୟମର ନବକଳେବର କରାଯିବା ପାଇଁ କିଛି ମାସ ପୂର୍ବେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୭ଟି ଅନ୍ତର୍ଜାତୀୟ ମ୍ୟାଚ୍‌ର ମୁକସାକ୍ଷୀ ହେଉଛି ବାରବାଟୀ। ୪୪ହଜାର ଦର୍ଶକ କ୍ଷମତା ଥିବା ଏହି ଷ୍ଟାଡିୟମର ନବକଳେବର ହେବା ପରେ ୬୦ ହଜାର ଦର୍ଶକ ଏକ ସଙ୍ଗରେ ମ୍ୟାଚ୍ ଦେଖିପାରିବେ। କେବଳ ଯେ ସିଟ୍ ସଂଖ୍ୟା ବୃଦ୍ଧି ପାଇବ ତାହା ନୁହେଁ, ଏହାର ସୌନ୍ଦର୍ଯ୍ୟକରଣ ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ଭଳି ପ୍ରତିଫଳିତ ହେବ। ନିର୍ମାଣ କାର୍ଯ୍ୟ ପ୍ରାୟ ୩ବର୍ଷ ଧରି ଚାଲିବ। କାର୍ଯ୍ୟ ଶେଷ ହେଲେ ସମଗ୍ର ବିଶ୍ୱକୁ ଚମକାଇ ଦେବା ଭଳି ଏକ ଷ୍ଟାଡିୟମ କଟକରେ ଶୋଭା ପାଉଥିବ ବୋଲି ଓସିଏ ପକ୍ଷରୁ କୁହାଯାଇଥିଲା। ନବୀକରଣ କାର୍ଯ୍ୟ ନିମନ୍ତେ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା।

ସକାଳ
THE SAKALA

# କଠୋର ସମୟରେ ପୂର୍ଣ୍ଣାଙ୍ଗ ବଜେଟ୍ କସରତ

ଦେଶରେ ସାଧାରଣ ନିର୍ବାଚନ ପରେ ଅପ୍ରତ୍ୟାଶିତ ମୂଲ୍ୟ ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସଂକୋଚନ ବଡ଼ ଚର୍ଚ୍ଚାର ବିଷୟ ହୋଇଛି। ଏଥରର ଅଭୂତପୂର୍ବ ଗ୍ରୀଷ୍ମପ୍ରବାହ ଯୋଗୁଁ ଖରାଟିଆ ଫସଲ ଓ ପନିପରିବା ଉତ୍ପାଦନ କେବଳ ଗୁରୁତର ପ୍ରଭାବିତ ହୋଇନାହିଁ; ଏହା ମଧ୍ୟ ଅଣଆନୁଷ୍ଠାନିକ କ୍ଷେତ୍ରରେ ଶ୍ରମିକଙ୍କ କାମଧନ୍ଦା ଉପରେ ଗୁରୁତର ପ୍ରଭାବ ପକାଇଛି। ଏବର୍ଷ ଭାରତରେ ଗ୍ରୀଷ୍ମକାଳର ଅବଧି ସ୍ୱାଭାବିକଠାରୁ ପ୍ରାୟ ଏକମାସ ଅଧିକ ହେବା ପଛରେ ଜଳବାୟୁ ପରିବର୍ତ୍ତନର ଯେ ପ୍ରଭାବ ରହିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଭାରତର ମୂଳ ଭୂଖଣ୍ଡରେ ପ୍ରବେଶ କରିଥିଲେ ମଧ୍ୟ ଆଜି ସୁଦ୍ଧା ବିନ୍ଧ୍ୟ ପର୍ବତମାଳା ଅତିକ୍ରମ ନ କରି ଦେଶର ଦକ୍ଷିଣ ଭାଗରେ ସୀମିତ ରହିଛି। ଏହା ଆଗକୁ ବଢ଼ିବା ପାଇଁ ଯେଉଁ ଅନୁକୂଳ ପରିବେଶ ଦରକାର ତାହା ସୃଷ୍ଟି ହେଉନି; ଫଳରେ ଓଡ଼ିଶା ସମେତ ସମଗ୍ର ଉତ୍ତର, ପୂର୍ବ ଓ ପଶ୍ଚିମ ଭାରତରେ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ପ୍ରଚଣ୍ଡ ତାପ ପ୍ରବାହରେ ଉତ୍ତର ଭାରତରେ ବହୁ ଲୋକ ମରୁଛନ୍ତି ଏବଂ ଦେଶର ରାଜଧାନୀ ଦିଲ୍ଲୀରେ ଜଳ ସମସ୍ୟା ଜଟିଳ ଆକାର ଧାରଣ କରିଛି। ତାପପ୍ରବାହ ପରିସ୍ଥିତିକୁ ଦେଖି କିଛି ଲୋକ ଥଟ୍ଟାରେ କହିଲେଣି ଯେ ଏସି (ଶୀତତାପ ଯନ୍ତ୍ର) ବ୍ୟବହାରକୁ ମାନବାଧିକାର ସୂଚୀରେ ସ୍ଥାନିତ କରାଯାଉ।

ରାଷ୍ଟ୍ର ଜୀବନରେ ଏଭଳି ଗୁରୁତର ସମୟ ମଝିରେ ମଝିରେ ଆସେ ଏବଂ ତାହାକୁ ନେଇ ବାହୁନିବା ଅପେକ୍ଷା ପ୍ରତିକାର ବ୍ୟବସ୍ଥା କରିବା ବୁଦ୍ଧିମାନର କାର୍ଯ୍ୟ। ଆଗକୁ ୨୦୨୪-୨୫ର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ ଏବଂ ସେଥିପାଇଁ ପ୍ରାକ୍ ବଜେଟ୍ ଆଲୋଚନା ଓ ବିଚାରବିମର୍ଶ ଆରମ୍ଭ ହେଲାଣି। ଏହି ପରିପ୍ରେକ୍ଷୀରେ ଏବେ ଯେଉଁସବୁ ଅସ୍ୱାଭାବିକତା ଦେଖାଦେଇଛି; ବିଶେଷକରି କୃଷି, ନିଯୁକ୍ତି, ଶକ୍ତି, ଜଳ, ପରିବେଶ ଆଦି ପ୍ରସଙ୍ଗରେ ଯେଉଁସବୁ ବାସ୍ତବତା ଉପୁଜିଛି, ତାହାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ବୁଧବାର ନୂଆଦିଲ୍ଲୀଠାରେ ଦେଶର ପ୍ରମୁଖ ଅର୍ଥନୀତିଜ୍ଞମାନେ ଏକାଠି ହୋଇ ଏ ବିଷୟରେ ଯେଉଁସବୁ ଆଲୋଚନା କରିଛନ୍ତି, ତାହା ବିଶେଷ ଗୁରୁତ୍ୱ ବହନ କରେ। ପୂର୍ଣ୍ଣାଙ୍ଗ ବଜେଟରେ ଅର୍ଥନୀତିଜ୍ଞମାନଙ୍କ ଏସବୁ ପ୍ରସ୍ତାବ ସ୍ଥାନ ପାଇଲେ ଉଭୟ ଜନତା ଓ ଅର୍ଥନୀତି ପାଇଁ ଏହା ମଙ୍ଗଳକର ହେବ।

ଅର୍ଥନୈତିକ ଅଭିବୃଦ୍ଧି ବଢ଼ାଇବା ପାଇଁ ପୁଞ୍ଜିଗତ ବ୍ୟୟ ବୃଦ୍ଧି (କ୍ୟାପେସ୍ ପୁସ୍) ଉପରେ ଅର୍ଥ ଶାସ୍ତ୍ରୀମାନେ ଯେଉଁ ଗୁରୁତ୍ୱ ଦେଉଛନ୍ତି, ତାହା ଯଥାର୍ଥ ମନେହୁଏ। ଏହାଛଡ଼ା ଆର୍ଥିକ ବିଜ୍ଞତା ପ୍ରଦର୍ଶନ, ଅଧିକ ନିଯୁକ୍ତି ପାଇଁ ସରକାର ବଜେଟରେ ଉପଯୁକ୍ତ ପଦକ୍ଷେପ ନେବାକୁ ସେମାନେ ମଧ୍ୟ ମତ ଦେଇଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ଛାଡ଼ ବା ରିହାତିର ସୀମା ହ୍ରାସ ନ କଲେ ଆର୍ଥିକ ବିଜ୍ଞତା ରକ୍ଷା କରାଯାଇ ପାରିବ ନାହିଁ। ଏହା ନ କଲେ ସରକାରଙ୍କ ରାଜସ୍ୱ ଅଧିକ ଚାପଗ୍ରସ୍ତ ହୋଇ ଅଭିବୃଦ୍ଧିକୁ ମନ୍ଥର କରିବ। ସେହିଭଳି ମୁଦ୍ରାସ୍ଫୀତିର ନିୟନ୍ତ୍ରଣହୀନ ଗତିକୁ ରୋକିବାକୁ ହେଲେ ବ୍ୟକ୍ତିଗତ ଆୟକରଦାତାଙ୍କ ଟିକସ ବୋଝକୁ କମାଇବାକୁ ପଡ଼ିବ। ତାହା ନ ହେଲେ ମଧ୍ୟବିତ୍ତ ଶ୍ରେଣୀଙ୍କ କଷଣ ବଢ଼ିବ, ଯାହା ସରକାରଙ୍କ ପାଇଁ ଚିନ୍ତାଜନକ ହୋଇପାରେ।

ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାର ପ୍ରଚଳିତ ଆର୍ଥିକ ସଂସ୍କାର ଓ ଅଭିବୃଦ୍ଧି ବଢ଼ାଇବା ନୀତିକୁ ନୂଆ ବଜେଟରେ ଅବ୍ୟାହତ ରଖିବା ପ୍ରାୟ ନିଶ୍ଚିତ। ତେବେ ସରକାର ଯେଉଁସବୁ ଯୋଜନା ଓ କାର୍ଯ୍ୟକ୍ରମରେ ଅର୍ଥ ଖର୍ଚ୍ଚ କରୁଛନ୍ତି, ସେଥିରେ ଖର୍ଚ୍ଚର ଗୁଣାତ୍ମକ ଓ ଉପକାରୀ ଦିଗକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିସହିତ ଆଖିବୁଜା ରିହାତି ଓ ମାଗଣା ସଂସ୍କୃତିକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ତାହା ନ କଲେ ରାଜକୋଷ ଉପରେ ପ୍ରଚଣ୍ଡ ଚାପ ସୃଷ୍ଟି ହେବ ଏବଂ ରୋଜଗାରୀ ସୃଷ୍ଟିକାରୀ ଯୋଜନା ପାଇଁ ଅର୍ଥ ମିଳିବ ନାହିଁ। ସାଧାରଣ ନିର୍ବାଚନ ସରିଯାଇଥିବାରୁ ସରକାର ଲୋକଦେଖାଣିଆ ଯୋଜନା ସବୁକୁ କାଟଛାଣ୍ଟ କରିବା ଆବଶ୍ୟକ।

କ୍ୟାପେକ୍ସ କଥା ଦେଖିବା। କେନ୍ଦ୍ର ସରକାର ଏହାର ପରିମାଣକୁ ୨୦୨୨ ଆର୍ଥିକ ବର୍ଷଠାରୁ ବାର୍ଷିକ ୧୭-୩୯ ଶତାଂଶ ହାରରେ ବୃଦ୍ଧି କରିଆସୁଛନ୍ତି। ସାଧାରଣ ରାଜସ୍ୱ ଖର୍ଚ୍ଚ ବାହାରେ ଏହି ଅର୍ଥ ଖର୍ଚ୍ଚ କରାଯାଇ ନିଯୁକ୍ତି ସୃଷ୍ଟି, ଭିତ୍ତିଭୂମି ନିର୍ମାଣ ଓ ଅର୍ଥନୈତିକ ଅଭିବୃଦ୍ଧି ସାଧନ କାମ କରାଯାଉଛି। ଏଥର ଅନ୍ତରୀଣ ବଜେଟରେ କ୍ୟାପେକ୍ସ ବାବଦରେ ୨୦୨୧-୨୦୨୫ ଆର୍ଥିକ ବର୍ଷ ପାଇଁ ୧୧.୧୧ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି, ଯାହା ପୂର୍ବ ବଜେଟ୍ ତୁଳନାରେ ୧୭ ଶତାଂଶ ଅଧିକ। ଅନ୍ତରୀଣ ବଜେଟରେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ସରକାର ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୫.୧ ଶତାଂଶରେ ସୀମିତ ରଖିବାକୁ ଲକ୍ଷ୍ୟ ରଖିଥିଲେ। ନୂଆ ପ୍ରତିକୂଳ ପରିସ୍ଥିତିରେ ତାହା ହାସଲ କରିବା ସହଜ ହୋଇ ନ'ପାରେ। ଏବେ ଅର୍ଥନୀତି ଓ ଅଭିବୃଦ୍ଧି ପ୍ରତି ଯେଉଁ ପାରିପାର୍ଶ୍ୱିକ ଓ ଅର୍ଜିତ ବିପଦ ଦେଖା ଦେଇଛି, ତାହାକୁ ଦୂର କରି ଅର୍ଥନୈତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ହେଲେ ସରକାରଙ୍କୁ କ୍ୟାପେକ୍ସ ବ୍ୟୟ ବୃଦ୍ଧି, ଅର୍ଥନୈତିକ ବିଜ୍ଞତା ରକ୍ଷା, ରିହାତି ଓ ମାଗଣା ଯୋଜନା ବିବାଦ ବ୍ୟୟକୁ ନିୟନ୍ତ୍ରଣ କରିବା, ମଧ୍ୟବିତ୍ତ ଶ୍ରେଣୀକୁ ଟିକସ ରିହାତି, ପୁରୁଣା କାଳିଆ ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ)ର ପରିବର୍ତ୍ତନ, ଅଧିକ ନିଯୁକ୍ତି ସୃଷ୍ଟି, ବିଦେଶୀ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ, ଖାଉଟିଙ୍କ ହାତକୁ ଅଧିକ ଅର୍ଥ ଯୋଗାଣ ଏବଂ ସର୍ବୋପରି ଅତ୍ୟାବଶ୍ୟକ ସାମଗ୍ରୀ, ବିଶେଷକରି ଖାଦ୍ୟଶସ୍ୟର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଏଥିସହିତ ବିଜୁଳି, ଇନ୍ଧନ, ପରିବହନ ଆଦି କ୍ଷେତ୍ରକୁ ଅଗ୍ରାଧିକାର ଦେଇ ତାହାକୁ ଅଧିକ ଲୋକାନୁକୂଳ କରିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶ୍ରମ, କୃଷିକ୍ଷେତ୍ର, ଜଳ, ପରିବେଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ଉପରେ ପଡ଼ିବାକୁ ଆରମ୍ଭ କଲାଣି। ତେଣୁ ଏହା ଦେଶର ଅଭିବୃଦ୍ଧି ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ଏଥିପାଇଁ ପୂର୍ଣ୍ଣାଙ୍ଗ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା।

# ନିଟ୍ ପରୀକ୍ଷାରେ ଅନିୟମିତତା!

**ସଂଘମିତ୍ରା ଜେନା**
ଭୁବନେଶ୍ୱର, ମୋ: ୭୯୭୮୫୭୯୩୯୦

ଅଷ୍ଟାଦଶ ଲୋକସଭା ନିର୍ବାଚନ ଫଳାଫଳ ସହ ପ୍ରକାଶ ପାଇଲା ନିଟ୍ ୟୁଜି-୨୦୨୪ ପରୀକ୍ଷା ଫଳାଫଳ। ଆଶାନୁରୂପ ଫଳ ନ ହେବାରୁ ଆତ୍ମହତ୍ୟାର ବାଟ ବାଛିନେଲେ ବାଗିଶା ତିୱାରୀଙ୍କ ଭଳି କେତେକ ଛାତ୍ରଛାତ୍ରୀ। ଧୀରେ ଧୀରେ ବ୍ୟାପକ ଅନିୟମିତତାର ଖବର ସାମ୍ନାକୁ ଆସିବାକୁ ଲାଗିଲା। ଗୋଟିଏ ପଟେ କୋଚିଂ ସେଣ୍ଟରମାନଙ୍କ ସଫଳତାର ପ୍ରଚାର ପ୍ରସାର ଚାଲୁଥିବା ବେଳେ ଅନ୍ୟପଟେ ଛାତ୍ର ଅସନ୍ତୋଷ ବଢ଼ିବାରେ ଲାଗିଲା। ସାନି ପରୀକ୍ଷା ଓ ଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବିରେ ୨୦ ଜଣ ପରୀକ୍ଷାର୍ଥୀ ଶେଷରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ। ଆବେଦନର ଶୁଣାଣି ଅବସରରେ ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କ ରଦ୍ଦ ହେବା ସହ ସେମାନେ ଚାହିଁଲେ ଜୁନ୍ ୨୩ରେ ପୁନର୍ବାର ପରୀକ୍ଷା ଦେଇପାରିବେ ବୋଲି କେନ୍ଦ୍ର ସରକାର ଓ ଏନ୍‌ଟିଏ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କୁ କହିଥିଲେ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ଦ୍ୱାରା ଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ସାନି ପରୀକ୍ଷା ଦାବି ପାଇଁ ମଧ୍ୟ ଦାବି ହୋଇଆସୁଛି।

ପୂର୍ବରୁ ମେଡିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ 'ନିଟ୍'(ନ୍ୟାଶ୍‌ନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି, ଯାହାଫଳରେ କୋଚିଂ ସେଣ୍ଟରର ପ୍ରାବଲ୍ୟ ବଢ଼ିଚାଲିଛି। ଏହି ସେଣ୍ଟର୍‌ଗୁଡ଼ିକ ଅର୍ଥ ଶୋଷଣକାରୀ ମାର୍କସର୍ବସ୍ୱ ମେସିନ୍ ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଆସୁଛି। ନିଜର ସର୍ବସ୍ୱ ସମ୍ବଳକୁ ବାଜି ଲଗାଇ ଅଭିଭାବକମାନେ ନିଜ ପିଲାମାନଙ୍କୁ ଏହି କୋଚିଂ ଅନୁଷ୍ଠାନରେ ଭର୍ତ୍ତି କରିବାକୁ ବାଧ୍ୟ ହେଉଛନ୍ତି। ସମ୍ପ୍ରତି ମେଡିକାଲ ଶିକ୍ଷା ପାଇଁ ଅର୍ଥ ହିଁ ମୁଖ୍ୟ ମାପକାଠି ପାଲଟିଛି। ତେବେ ଗତ ମେ' ୫ରେ ଅନୁଷ୍ଠିତ ନିଟ୍-ୟୁଜି ପରୀକ୍ଷା ଦିନଠାରୁ ହିଁ ଏହାର ମୁଖ୍ୟ ପରିଚାଳକ ଏନ୍.ଟି.ଏ.ର ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ଅଭିଯୋଗ ହୋଇଥିଲା। ଫଳ ପ୍ରକାଶ ପରେ ଅନେକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିବା କାରଣରୁ ଛାତ୍ର ଅସନ୍ତୋଷ ତୀବ୍ରତର ହେଲା। ଚଳିତ ବର୍ଷର 'ନିଟ୍' ପରୀକ୍ଷା ଅନେକ ଅଭିଯୋଗରେ ଛନ୍ଦି ହୋଇଯାଇଛି ଏବଂ ଏନ୍‌ଟିଏର ପରୀକ୍ଷା ପରିଚାଳନା ଉପରେ ଅନେକ ପ୍ରଶ୍ନଚିହ୍ନ ଲାଗିଛି।

ପ୍ରଥମତଃ, ପଞ୍ଜିକରଣରୁ ହିଁ ଚଳିତ ବର୍ଷ 'ନିଟ୍' ପରୀକ୍ଷାର ଅନିୟମିତତାର ଅଭିଯୋଗ ଉଠିଥିଲା। ପଞ୍ଜିକରଣ ପାଇଁ ଆବେଦନ ସମୟ ସୀମା ଫେବୃୟାରୀ ୯ ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆବେଦନର ଶେଷ ତାରିଖକୁ ମାର୍ଚ୍ଚ୧୬ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ହଠାତ୍ ଏପ୍ରିଲ୍ ୯-୧୦ରେ ପଞ୍ଜିକରଣ ପାଇଁ ପୁଣି ଥରେ ସୁଯୋଗ ଦିଆଗଲା। ଏନ୍.ଟି.ଏର ଏଭଳି ନିଷ୍ପତ୍ତିକୁ ଅଦ୍ଭୁତ ଓ ସ୍ୱାର୍ଥ ପ୍ରଣୋଦିତ ବୋଲି ସେତେବେଳେ ଅଭିଯୋଗ ଆସିଥିଲା। ଦ୍ୱିତୀୟତଃ, ନିଟ୍ ୟୁଜିରେ ମୋଟ ୭୨୦ ନମ୍ବରର ପରୀକ୍ଷା ହୋଇଥାଏ। ଚଳିତ ବର୍ଷ ୬୭ ଜଣ ପରୀକ୍ଷାର୍ଥୀ ୭୨୦ ନମ୍ବରରୁ ୭୨୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ଗତବର୍ଷ ମାତ୍ର ୨ଜଣ ଓ ୨୦୨୨ରେ ୪ଜଣ ପରୀକ୍ଷାର୍ଥୀ ସର୍ବୋଚ୍ଚ ୭୨୦ ନମ୍ବର ରଖିବାରେ ସକ୍ଷମ ହୋଇଥିଲେ। ତେଣୁ କେଉଁ ଯାଦୁବଳରେ ଚଳିତ ବର୍ଷ ଏକକାଳୀନ ୬୭ଜଣ ପରୀକ୍ଷାର୍ଥୀ ଶତପ୍ରତିଶତ ନମ୍ବର ରଖିପାରିଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ତୃତୀୟତଃ, ପରୀକ୍ଷା ନିୟମାବଳୀ କାଗଜରେ ଗ୍ରେସ ମାର୍କ ସମ୍ପର୍କରେ ଉଲ୍ଲେଖ ନଥିଲେ ମଧ୍ୟ ୧୫୬୩ ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦିଆ ଯାଇଥିଲା। ଏନ୍.ଟି.ଏ. କହିବା ଅନୁଯାୟୀ, କିଛି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ବିଳମ୍ବରେ ପହଞ୍ଚିବା ଏବଂ କିଛି ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପୁରୁଣା ଏନ୍.ସି.ଇ.ଆର୍.ଟି. ବହି ବ୍ୟବହାର କଥାକୁ ବିଚାରକୁ ନେଇ ଅତିରିକ୍ତ ମାର୍କ ଦିଆ ଯାଇଛି। ତେବେ ପ୍ରଶ୍ନ ଉଠେ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆ ନ ଯାଇ ଗ୍ରେସ ମାର୍କର ବ୍ୟବସ୍ଥା କାହିଁକି କରାଗଲା? କ'ଣ ମେଘାଳୟ, ହରିୟାଣା, ରାଜସ୍ଥାନର ହିଁ କିଛି ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଇଚ୍ଛାକୃତ ଭାବେ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚାଯାଇଥିଲା? ଏପରିକି ଯେଉଁମାନେ ପୁରୁଣା ସିଲାବସ୍‌ର ବହି ପଢ଼ିଥିଲେ ସେମାନଙ୍କୁ ଚିହ୍ନଟ କିପରି କରାଗଲା ଓ କାହିଁକି ସେମାନଙ୍କୁ ନୂଆ ବହି ଯୋଗାଇଦେବା ବ୍ୟବସ୍ଥା କରାଯାଇ ନଥିଲା ସେ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚତୁର୍ଥତଃ, ହରିୟାଣାର ଏକ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ୬ ଜଣ ପରୀକ୍ଷାର୍ଥୀ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ସେମାନଙ୍କ ରୋଲ ନଂ କ୍ରମାନ୍ୱୟରେ ରହିବା ସବୁଠାରୁ ଆଶ୍ଚର୍ଯ୍ୟଜନକ। ଘଟଣାଚକ୍ରରେ କେଉଁ କାରଣରୁ ମହାରାଷ୍ଟ୍ର, ଓଡ଼ିଶା ଓ କର୍ଣ୍ଣାଟକ ଭଳି ୧୬ଟି ରାଜ୍ୟର ବହୁ ପରୀକ୍ଷାର୍ଥୀ ୧୦୦୦ କିଲୋମିଟରରୁ ଅଧିକ ଦୂରତାରେ ଥିବା ହରିୟାଣାର ଏହି କେନ୍ଦ୍ରଟିକୁ ଡେସଟିନେସନ୍ ସେଣ୍ଟର ଭାବେ ବାଛିଲେ ତାହା ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ସ୍ୱତଃ ସନ୍ଦେହ ସୃଷ୍ଟି କରୁଛି। ପଞ୍ଚମତଃ, ମେଧା ତାଲିକାର ୬୮ ଓ ୬୯ତମ ସ୍ଥାନରେ ଥିବା ପରୀକ୍ଷାର୍ଥୀ ଯଥାକ୍ରମେ ୭୧୯ ଓ ୭୧୮ ମାର୍କ ପାଇଛନ୍ତି, ଯାହା ପରୀକ୍ଷା ମୂଲ୍ୟାୟନ ଅନୁଯାୟୀ ଆଦୌ ସମ୍ଭବ ନୁହେଁ। କାରଣ ଗୋଟିଏ ସଠିକ୍ ଉତ୍ତର ପାଇଁ ୪ମାର୍କ ଦିଆଯିବା ବେଳେ ଗୋଟିଏ ଭୁଲ୍ ଉତ୍ତର ପାଇଁ ୧ମାର୍କ କଟାଯିବାର ନିୟମ ରହିଛି। ଷଷ୍ଠତଃ, ପ୍ରଶ୍ନପତ୍ରରେ ପଦାର୍ଥ ବିଜ୍ଞାନ ଉପରେ ଥିବା ଗୋଟିଏ ପ୍ରଶ୍ନର ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଦୁଇଟି ଉତ୍ତର ସଠିକ୍ ଥିଲା। ଏହି ପ୍ରଶ୍ନର ଉତ୍ତର ଦେଇଥିବା ପରୀକ୍ଷାର୍ଥୀଙ୍କୁ ଏନ୍.ଟି.ଏ. ପକ୍ଷରୁ ୫ମାର୍କ ଗ୍ରେସ ମାର୍କ ଭାବେ ଦିଆଯାଇଛି। ସପ୍ତମରେ, ପୂର୍ବ ନିର୍ଦ୍ଧାରିତ ସୂଚୀ ଜୁନ୍ ୧୪ ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ଦଶଦିନ ଆଗରୁ ଅର୍ଥାତ୍ ଠିକ୍ ଲୋକସଭା ନିର୍ବାଚନ ଫଳ ଘୋଷଣା ଦିନ ତରବରିଆ ଭାବେ 'ନିଟ୍' ପରୀକ୍ଷା ଫଳ ପ୍ରକାଶ କରାଗଲା। ଏଥିରୁ ସନ୍ଦେହ ସୃଷ୍ଟି ହୁଏ ଯେ ନିର୍ବାଚନୀ ଫଳାଫଳର କୋଳାହଳ ଭିତରେ 'ନିଟ୍' ପରୀକ୍ଷାର ଦୁର୍ନୀତିକୁ ଲୁଚାଇବାର ଅପଚେଷ୍ଟା କରାଯାଇନି ତ? ବୋଧହୁଏ ପରୀକ୍ଷା ଇତିହାସରେ ଫଳ ପ୍ରକାଶ ତାରିଖ ପଛକୁ ଘୁଞ୍ଚି ଆସିବା ଏକ ବିରଳ ଘଟଣା। ଅଷ୍ଟମରେ, ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଲୋକ ଏହି ମାମଲାରେ ଗିରଫ ହୋଇ ସାରିଲେଣି ଏବଂ ୯ଜଣ ପରୀକ୍ଷାର୍ଥୀଙ୍କୁ ନୋଟିସ୍ ପଠାଯାଇଛି।

ପୂର୍ବରୁ ମଧ୍ୟ ଏନ୍.ଟି.ଏ. ଦ୍ୱାରା ପରିଚାଳିତ ୭୦ଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ୨୦୧୭ରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୨୦୧୮ରେ ନିଟ୍-ୟୁଜି, ଜେଇଇ (ମେନ୍), ସିମ୍ୟାଟ୍, ଜିପ୍ୟାଟ୍ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପରିଚାଳକ ରୂପେ ଦାୟିତ୍ୱ ଦିଆଗଲା। ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ନିଟ୍, ସି.ୟୁ.ଇ.ଟି. ଆଦି ପରୀକ୍ଷା ମଧ୍ୟ ଏନ୍‌ଟିଏ ପରିଚାଳନା କରୁଛି। ଅଭିଯୋଗ ହେଉଛି ଯେ ଏହିଭଳି କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯିବା ଦ୍ୱାରା ହିଁ କୋଚିଂ ସେଣ୍ଟରର ବ୍ୟବସାୟ ସହଜରେ ବୃଦ୍ଧି ପାଉଛି। ଆମ ଦେଶରେ କୋଚିଂ ସେଣ୍ଟରର ବ୍ୟବସାୟ ଏବେ ପ୍ରାୟ ୫୮, ୦୦୦ କୋଟି ଟଙ୍କାର ହୋଇଥିବା ବେଳେ ୨୦୨୮ ସୁଦ୍ଧା ଏହା ୧.୩୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ସାରିଥିବ ବୋଲି ଆକଳନ କରାଯାଇଛି। ତେଣୁ ସ୍ୱଭାବତଃ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପିଲାମାନେ ମେଡିକାଲ୍ ପାଠପଢ଼ା ଦୌଡ଼ରେ ପଛରେ ରହି ଯାଉଛନ୍ତି। ପିଲାଙ୍କ ସାମଗ୍ରିକ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଅଣଦେଖା କରି କେବଳ ପ୍ରବେଶିକା ପରୀକ୍ଷାର ମାର୍କ ଉପରେ ସବୁକିଛି ନିର୍ଭର କରିବା ଏକ ଅବୈଜ୍ଞାନିକ ଚୟନ ପ୍ରକ୍ରିୟା ବୋଲି କେତେକ ଶିକ୍ଷାବିତ୍ ମତ ଦେଇଛନ୍ତି।

ଏକ ତଥ୍ୟ ଅନୁଯାୟୀ, ୨୦୧୯-୨୧ ମଧ୍ୟରେ ଆମ ଦେଶରେ ପ୍ରାୟ ୩୫, ୦୦୦ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଶାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ, ନିଟ୍ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ।

ଏହି ଆହ୍ୱାନର ମୁକାବିଲା ପାଇଁ 'ନିଟ୍' ପରୀକ୍ଷାକୁ ଉଚ୍ଛେଦ କରି ପୂର୍ବଭଳି ପରୀକ୍ଷା କରାଯିବା ସପକ୍ଷରେ ମତ ପ୍ରକାଶ ପାଇଛି। ଏହାର ସ୍ଥାୟୀ ସମାଧାନ ଭାବେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ଓ କେନ୍ଦ୍ରୀକରଣ ବନ୍ଦ ହେବା ନିତାନ୍ତ ଜରୁରୀ। ଶିକ୍ଷାର ବଜେଟ ବୃଦ୍ଧି କରି ସମସ୍ତଙ୍କ ପାଇଁ ନିଃଶୁଳ୍କ, ଗୁଣାତ୍ମକ ଓ ବିଜ୍ଞାନସମ୍ମତ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ ହେବା ଉଚିତ୍। ଏହାଦ୍ୱାରା ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ପିଲା ଆଉ କହିବେନି, 'ଡାକ୍ତର ହେବା ଆମ ପାଇଁ ଦିବା ସ୍ୱପ୍ନ।'

# ବିଶ୍ୱରେ ଯୋଗଶିକ୍ଷାର ବିସ୍ତାର

**ପଣ୍ଡିତ ଦୈତ୍ୟାରି ମହାପାତ୍ର**
ନୂଆପଡ଼ା, ମୋ: ୮୭୬୩୫୪୮୨୦୨

ସମୂହ ବିପଦରୁ ଉଦ୍ଧାର ପାଇବାର ଏକମାତ୍ର ମାଧ୍ୟମ ହେଉଛି ଯୋଗ। ପାତଞ୍ଜଳିଙ୍କ ରଚିତ 'ଯୋଗଃ ସ୍ଥିତ ଇତିଃ'ରୁ ଆରମ୍ଭ କରି ଯୋଗଗୁରୁ ଗୋରଖନାଥଙ୍କ ଭାଷାରେ 'ଆତ୍ମନଃ, ପରମାତ୍ମନଃ, ସଂଯୋଗ, ଯୋଗ ଉଚ୍ୟତେ' ପର୍ଯ୍ୟନ୍ତ ଜୀବନକୁ ଶାରୀରିକ, ମାନସିକ ଓ ଆଧାତ୍ମିକ ସ୍ତରରେ ଯୋଗ ହିଁ ସୁରକ୍ଷା କବଚ ହୋଇପାରିବ। ସଂସ୍କୃତ 'ୟୁଜ୍' ଧାତୁରୁ 'ଯୋଗ' ଶବ୍ଦର ଉତ୍ପନ୍ନ। ଏହାର ଅର୍ଥ ହେଉଛି ମିଳାଇବା ବା ମିଶାଇବା ବା ଯୋଡ଼ିବା। ଜୀବାତ୍ମାର ପରମାତ୍ମା ସହିତ ମିଳନକୁ ଯୋଗ କୁହାଯାଏ। ଗୀତାରେ କୁହାଯାଇଛି 'ଯୋଗଃ କର୍ମସୁ କୌଶଳଂ'। ଅର୍ଥାତ୍ କୌଣସି କାର୍ଯ୍ୟ କୁଶଳତା ପୂର୍ବକ ନିର୍ବାହ କରିବା ହେଉଛି ଯୋଗ।

'ଯୋଗ' ଓ 'ପ୍ରାଣାୟାମ' ଭାରତବର୍ଷରୁ ହିଁ ସୃଷ୍ଟି। ବହୁ ପୁରାତନ କାଳରେ ମୁନିଋଷିମାନେ ଯୋଗ ଓ ପ୍ରାଣାୟାମ କରି ଶହ ଶହ ବର୍ଷ ନିରାମୟ ଜୀବନ ବଞ୍ଚି ପାରୁଥିଲେ। ଭଗବାନ ସ୍ୱୟଂ ଯୋଗେଶ୍ୱର। ଯୋଗରୁ ଦର୍ଶନ। ଦର୍ଶନରୁ ବ୍ରହ୍ମ ପ୍ରାପ୍ତି। ଯୋଗ ହିଁ ସବୁଥିର ମୂଳ କାରଣ। ଯୋଗ ମାଧ୍ୟମରେ ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ, ଆୟୁ ବୃଦ୍ଧି ହୋଇଥାଏ, ମାନସିକ ଶାନ୍ତି ମିଳିଥାଏ, ଶରୀର ସୁସ୍ଥ ସବଳ ରହିଥାଏ। ଯୋଗାସନ ମାଧ୍ୟମରେ ମାଂସପେଶୀର କାର୍ଯ୍ୟକ୍ଷମତା ଅନ୍ତଃକରଣରୁ ବୃଦ୍ଧି ହୋଇଥାଏ ଏବଂ ଏହି କାର୍ଯ୍ୟ କ୍ଷମତା ମୃତ୍ୟୁ ପର୍ଯ୍ୟନ୍ତ ସକ୍ଷମ ରହିଥାଏ।

ଯୋଗ ଅର୍ଥାତ୍ ସଂଯୋଗ। ଅର୍ଥାତ୍ ଜୀବାତ୍ମା ପରମାତ୍ମା ସହିତ ମିଳନ। 'ସଂଯୋଗ ଯୋଗ ଇତ୍ୟୁକ୍ତ ଜୀବାତ୍ମା ପରମାତ୍ମନେଃ।' ଅର୍ଥାତ୍ ଜୀବାତ୍ମା ପରମାତ୍ମା ସହିତ ସଂଯୋଗକୁ ଯୋଗ କୁହାଯାଏ। ଯୋଗ ସାଧନା କରୁଥିବା ଯୋଗୀ ହିଁ ସର୍ବଜ୍ଞ। ଯେଉଁ ଯୋଗର କ୍ରିୟାନୁଷ୍ଠାନ ଦ୍ୱାରା ମନୁଷ୍ୟ ପରମପଦ ଲାଭ କରିଥାଏ, ପରମାତ୍ମାଙ୍କ ଅଲୌକିକ ଶକ୍ତି ପ୍ରାପ୍ତ ହୋଇଥାଏ ତାହାକୁ କୁହାଯାଏ 'ଯୋଗ ଶାସ୍ତ୍ର' ବା 'ବ୍ରହ୍ମ ଶାସ୍ତ୍ର'। ତେଣୁ ଆବାଳବୃଦ୍ଧବନିତା ଯୋଗକୁ ଆଶ୍ରୟ କରି ବା ଅନୁକରଣ କରି ଜୀବନକୁ ଅତିବାହିତ କରିବା ଉଚିତ୍।

ପ୍ରାଣ ଶରୀରକୁ ସଞ୍ଚାଳନ କରିବାର ଶକ୍ତି ପ୍ରଦାନ କରିଥାଏ। ତେଣୁ ପ୍ରାଣକୁ ସକଳ ଶକ୍ତିର ଆଧାର ବୋଲି କୁହାଯାଏ। ବାୟୁ ହେଉଛି ଶରୀରର ସମସ୍ତ କୋଷ ସଞ୍ଚାଳନର ମୁଖ୍ୟ ମାଧ୍ୟମ। କେବଳ ପ୍ରାଣାୟାମ ମାଧ୍ୟମରେ ହିଁ ବାୟୁକୁ ସଞ୍ଚାଳନ କରାଯାଇପାରିବ। ତେଣୁ ଆବାଳବୃଦ୍ଧବନିତା ସର୍ବୋପରି ପ୍ରତ୍ୟେକ ଛାତ୍ରଛାତ୍ରୀ ନିୟମିତ ପ୍ରାଣାୟାମକୁ ଅଭ୍ୟାସ କରିବା ଉଚିତ୍। ନିୟମିତ ପ୍ରାଣାୟାମ କରିବା ଦ୍ୱାରା ମନରୁ କ୍ରୋଧ, ହିଂସା, ଔଦ୍ଧତ୍ୟ ଦୂର ହୋଇଥାଏ। ଅବସାଦରୁ ମୁକ୍ତି ମିଳିଥାଏ। ମାନସିକ ଶାନ୍ତି ମିଳିଥାଏ। ବଂଶାନୁକ୍ରମିକ ମଧୁମେହ, ହୃଦ ରୋଗ, ଉଚ୍ଚ ରକ୍ତଚାପ, ଆଜମା ଆଦିରୁ ରକ୍ଷା ମିଳିଥାଏ। ଚର୍ମ ରୋଗ, ଗୁପ୍ତ ରୋଗରୁ ମୁକ୍ତି ମିଳିଥାଏ। ପାଚନ ଶକ୍ତି ବୃଦ୍ଧି ହୋଇଥାଏ। ଦାନ୍ତମୂଳ ଶକ୍ତ ହୋଇଥାଏ। ବାତ, ପିତ, କଫ ରୋଗରୁ ତ୍ରାହି ମିଳିଥାଏ। ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ। ପାରାଲିସିସ୍, ଥାଇରଏଡ୍, ଯକ୍ଷ୍ମା, କ୍ୟାନସର, ଆଣ୍ଠୁ, ଗଣ୍ଠି ବ୍ୟଥାରୁ ଉପଶମ ମିଳିଥାଏ। ମନ ସ୍ଥିର ଓ ଉଦାରବାଦୀ ହୁଏ। ଏପରିକି ମନରୁ ବାର୍ଦ୍ଧକ୍ୟ ଭାବ ଦୂର ହୋଇଥାଏ।

ପ୍ରାଣାୟାମ ବା ଆସନ କରିବା ସମୟରେ ରେଚକ, ପୂରକ ଓ କୁମ୍ଭକ ଉପରେ ଦୃଷ୍ଟି ରଖିବା ଉଚିତ୍। ପ୍ରକାର ଭେଦରେ ପ୍ରାଣାୟାମକୁ ୭ ଭାଗରେ ବିଭକ୍ତ କରାଯାଇଛି। ଯଥା- ଉଜ୍ଜ୍ୱିକା, କପାଳ ଭାତି, ଅନୁଲୋମ ବିଲୋମ, ବାହ୍ୟ ପ୍ରାଣାୟାମ, ଭ୍ରାମରି, ଅଗ୍ନିସାର ଓ ଉଦ୍‌ଗିଧ। ଏହି ପ୍ରାଣାୟାମ ସମ୍ପର୍କରେ ଭଲଭାବରେ ଜାଣିବା ପାଇଁ ଅଭିଜ୍ଞ ଗୁରୁଙ୍କ ଉପଦେଶ ଓ ମାର୍ଗଦର୍ଶନର ଆବଶ୍ୟକତା ଥାଏ। ପ୍ରାଣାୟାମ ଓ ଯୋଗ ମାଧ୍ୟମରେ ନର ପଶୁତ୍ୱରୁ ମାନବତ୍ୱ ଏବଂ ତାପରେ ମାନବତ୍ୱରୁ ମାହାମାନବତ୍ୱରେ ପରିଣତ ହୋଇ ଶେଷରେ ପୂର୍ଣ୍ଣତ୍ୱ ଲାଭ କରିଥାଏ।

ଆମ ଶାସ୍ତ୍ରରେ ଯେଉଁ ଷଡ଼ଦର୍ଶନ ବିଷୟରେ କୁହାଯାଇଛି (ପୂର୍ବ ମୀମାଂସା-ଜୈମିନି ଋଷି, ଉତ୍ତର ମୀମାଂସା-ଭଗବାନ ବ୍ୟାସ, ବୈଶେଷିକ ମୀମାଂସା-କଣାଦ, ନ୍ୟାୟ- ଋଷି ଗୌତମ, ପ୍ରକୃତି- କପିଳ ମୁନି ଓ ଯୋଗ-ପାତଞ୍ଜଳି) ସେଥିମଧ୍ୟରୁ ଆମ ସମାଜରେ ବିଶେଷ ଭାବେ ଯୋଗକୁ ପ୍ରାଧାନ୍ୟ ଦିଆଯାଇଛି। ଚିତ୍ତ ବୃତ୍ତିର ନିୟନ୍ତ୍ରଣ ହେଉଛି ଯୋଗ। ଚିତ୍ତକୁ ଏକାଗ୍ର କରି ମନକୁ ନିଶ୍ଚଳ କରିବା ପାଇଁ ଆଠ ଗୋଟି ପଦ୍ଧତି ଅବଲମ୍ବନ କରାଯାଇଛି। ତାହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ସେହି ଅଷ୍ଟାଙ୍ଗ ଯୋଗ ହେଉଛି - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଏବଂ ସମାଧି। ଯମ ନିୟମାଦି ପାଳନ କରିବା ପାଇଁ ମନୁଷ୍ୟର ଅନ୍ତରରେ ଶାରିରୀକ ସାମର୍ଥ୍ୟ ଏକାନ୍ତ ଆବଶ୍ୟକ। ସେଥିନିମିତ୍ତ ବୈଦିକ ଶକ୍ତି ପାଇଁ ଯୋଗ ସହାୟକ ହୋଇଥାଏ। ନିୟମିତ ଯୋଗ ପ୍ରାଣାୟମ ନ କଲେ ଶରୀର ରୋଗମୟ ହୋଇଥାଏ। ଶରୀର ସୁସ୍ଥ ଓ ନିରାମୟ ପାଇଁ ଯୋଗ ଏକାନ୍ତ ଆବଶ୍ୟକ। 'ଯୁବା ବୃଦ୍ଧୋଧାତିବୃଦ୍ଧୋଧା ବା ବ୍ୟାଧିତ୍ୱ ଦୁର୍ବୋଲୋପି ବା ଅଭ୍ୟାସାତ୍ ସିଦ୍ଧିମାପ୍ନୋତି ସର୍ବୋଯୋଗ ଶତନ୍ଦ୍ରିୟା' ଅର୍ଥାତ୍ ଯୁବା (ବାଳକ ବାଳିକା), ବୃଦ୍ଧ (ବୟସ୍କ ବୟସ୍କା), ଅତିବୃଦ୍ଧ (ବୁଢ଼ା ବୁଢ଼ୀ), ରୋଗୀ, ଦୁର୍ବଳ ଆବାଳବୃଦ୍ଧବନିତା ସମସ୍ତେ ଯୋଗ ଅଭ୍ୟାସ କରିବା ଉଚିତ୍। ନିୟମିତ ଯୋଗାଭ୍ୟାସ କଲେ ଶରୀରର ସର୍ବବିଧ ଲାଭ ହୋଇଥାଏ।



ଘେରଣ୍ଡ ସଂହିତାର ଦ୍ୱିତୀୟ ଉପଦେଶର ପ୍ରଥମ ଓ ଦ୍ୱିତୀୟ ଶ୍ଳୋକରେ କୁହାଯାଇଛି, ମଙ୍ଗଳମୟ ଦେବାଧିଦେବ ମହାଦେବ ମୋଟ୍ ୪୦ ଲକ୍ଷ ଯୋଗାସନ କଥା କହିଛନ୍ତି। ତନ୍ମଧ୍ୟରୁ ଷୋଡ଼ଶ ଆସନ ଶ୍ରେଷ୍ଠ ଏବଂ ତନ୍ମଧ୍ୟରୁ ଦ୍ୱାତ୍ରିଂଶତ୍ ଆସନ ମନୁଷ୍ୟମାନଙ୍କ ପାଇଁ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଛି। ଯୋଗ ପ୍ରାଚୀନ ଭାରତୀୟ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ। ଭଗବାନ ଦେବାଧିଦେବ ମହାଦେବ ଶିବ ଶଙ୍କରଠାରୁ ଯୋଗ ଜନ୍ମ ଏବଂ ପରେପରେ ବୈଦିକ ଋଷି ମୁନିଙ୍କ ଦ୍ୱାରା ଏହାର ପ୍ରଚାର ପ୍ରସାର ହୋଇଥିଲା ବୋଲି କୁହାଯାଏ। ପରେପରେ ଭଗବାନ କୃଷ୍ଣ, ବୁଦ୍ଧ, ମହାବୀର ମଧ୍ୟ ନିଜ ନିଜ ଚିନ୍ତାଧାରାରେ ଯୋଗ ପ୍ରଚାର କରିଛନ୍ତି।

ଶ୍ରୀମଦ୍ ଭଗବଦ୍ ଗୀତାରେ ସ୍ୱୟଂ ଭଗବାନ କହୁଛନ୍ତି, 'ହେ ଅର୍ଜୁନ! ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରୁଥିବା ଆଶାରହିତ ଓ ସଂଗ୍ରହରହିତ ଯୋଗୀ ଏକାକୀ ହିଁ ଏକାନ୍ତ ସ୍ଥାନରେ ଅବସ୍ଥିତ ହୋଇ ଆତ୍ମାକୁ ନିରନ୍ତର ପରମାତ୍ମାରେ ଲୀନ କରିବା ଉଚିତ୍। ଯେଉଁ ଯୋଗୀ ମନକୁ ବଶ କରି ଆତ୍ମାକୁ ନିରନ୍ତର ମୋ ଠାରେ ରଖି ଯୋଗ କରେ ସେ ପରମାନନ୍ଦନର ପରାକାଷ୍ଠା ରୂପକ ଶାନ୍ତି ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ମୋର ଉତ୍ତମ ସ୍ଥାନକୁ ଲାଭକରେ।'

ଯୋଗାସନ କହିଲେ ଆମେ ସାଧାରଣତଃ ଦୁଇପ୍ରକାର ଆସନକୁ ବୁଝିଥାଉଁ। ଯଥା- 'ଧ୍ୟାନାସନ' ଓ 'ସ୍ୱାସ୍ଥ୍ୟାସନ'। ଯେଉଁ ଆସନରେ ବସି ମନକୁ ସ୍ଥିର କରିବା ପାଇଁ ପ୍ରଯତ୍ନ କରାଯାଏ ତାହାକୁ 'ଧ୍ୟାନାସନ' ଏବଂ ଯେଉଁ ଆସନ ବ୍ୟାୟାମ ଦ୍ୱାରା ନିୟନ୍ତ୍ରିତ କରାଯାଏ ତାକୁ 'ସ୍ୱାସ୍ଥ୍ୟାସନ' କୁହାଯାଏ। ଯୋଗ ହେଉଛି ନିଜକୁ ନିଜ ମାଧ୍ୟମରେ ନିଜ ପର୍ଯ୍ୟନ୍ତ ପହଁଚାଇବା ପାଇଁ ଏକମାତ୍ର ମାଧ୍ୟମ। କେତେକ ଭାଷ୍ୟକାରଙ୍କ ମତରେ ଯୋଗରେ ତିନିଗୋଟି ଅର୍ଥ ଅଛି। ଯଥା ସଂଯୋଗ, ବିୟୋଗ ଓ ଉଦ୍ୟୋଗ। ଯୋଗର ପ୍ରୟୋଗଶାଳା ହେଉଛି ଆମ ଦେହ। ଦେହରେ ମନ, ବୁଦ୍ଧି, ଚିତ୍ତ, ଅହଂକାର ହେଉଛି ଚତୁଷ୍ଟୟ ମନ୍ତ୍ର ସ୍ୱରୂପ। ଯୋଗଦ୍ୱାରା ମନୁଷ୍ୟର ଶରୀର, ମନ ଓ ଆତ୍ମା ପ୍ରତ୍ୟେକ ସ୍ତରରେ ସମୃଦ୍ଧ ହୋଇଥାଏ। ଶାରୀରିକ ଶିକ୍ଷା ହେଉଛି ସାଧାରଣ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଯୋଗ ପ୍ରାଣାୟାମ ଶିକ୍ଷା ବା ଶାରୀରିକ ଶିକ୍ଷାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ '୧୯୮୬ - ଜାତୀୟ ଶିକ୍ଷା ନୀତି'ରେ ଶାରୀରିକ ଶିକ୍ଷାକୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରୂପେ ସ୍ୱୀକୃତି ଦିଆଯାଇଛି। ଶାରୀରିକ, ମାନସିକ, ସାମାଜିକ ଓ ନୈତିକ ବିକାଶ ଘଟାଇ ଶିକ୍ଷାର୍ଥୀକୁ ଜଣେ ସୁସ୍ଥ ମାନବ ରୂପରେ ଗଢ଼ି ତୋଳିବା ଏହାର ମୁଖ୍ୟ ଲକ୍ଷ୍ୟ।

ଶାରୀରିକ ଶିକ୍ଷା ପ୍ରତି ସଚେତନ ରହିଲେ ମାନସିକ ଶକ୍ତି ଦୃଢ଼ ହୋଇଥାଏ। ଶାରୀରିକ ଶକ୍ତି ଓ ମାନସିକ ଶକ୍ତି ବ୍ୟକ୍ତିବିଶେଷଙ୍କ ଜୀବନ ଯାପନରେ ସହାୟକ ହେବା ସହିତ ସୁସ୍ଥ ଓ ଉନ୍ନତ ସାମାଜିକ ଜୀବନଯାପନରେ ସହାୟକ ହୋଇଥାଏ। ଏଣୁ ସମାଜରେ ପ୍ରତ୍ୟେକ ନାଗରିକ, ବିଶେଷକରି ପ୍ରତ୍ୟେକ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାପ୍ରତି ସଚେତନ ରହିବା ଉଚିତ୍।

ସ୍ୱାସ୍ଥ୍ୟକୁ ଧନ, ରତ୍ନ, ମୋତି, ମାଣିକଠାରୁ ଶ୍ରେଷ୍ଠ ଧନ ବୋଲି ବିଚାର କରି ସ୍ୱାସ୍ଥ୍ୟ ଚର୍ଚ୍ଚା କରିବା ଉଚିତ୍। ସ୍ୱାସ୍ଥ୍ୟ ସମ ପରମ ଐଶ୍ୱର୍ଯ୍ୟ ଲାଭ କଲେ ମର୍ତ୍ତ୍ୟରେ ସ୍ୱର୍ଗ ଲାଭ ହୋଇପାରେ ବୋଲି ଯୋଗସାଧକମାନେ କୁହନ୍ତି। ପ୍ରତ୍ୟେକ ନାଗରିକକୁ ଶୃଙ୍ଖଳିତ କରି ଗଢ଼ି ତୋଳିବା ସହିତ ସଭ୍ୟତାର ବିକାଶ ଦିଗରେ ଯୋଗଶିକ୍ଷା, ଶାରୀରିକ ଶିକ୍ଷା ମୁଖ୍ୟତଃ ସହାୟକ ହୋଇଥାଏ। ତେଣୁ କୁହାଯାଇଛି - 'ସ୍ୱାସ୍ଥ୍ୟ ଦିଏ ଆନନ୍ଦ-ସ୍ନେହ-ପ୍ରୀତି-ପ୍ରେରଣା, ସ୍ୱାସ୍ଥ୍ୟ ପୁଣି ଭରିଦିଏ ଦୁଃଖ ଆଉ ଯନ୍ତ୍ରଣା / ମାନୀଜ୍ଞାନୀଗୁଣୀବିପ୍ର କିବା ଅବା ବୀର, ଯେତେ ବଡ଼ ହେଲେ ସ୍ୱାସ୍ଥ୍ୟ ସମ୍ପଦ ତାହାର।'

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଡବଲ ନୁହେଁ, ଟ୍ରିପଲ୍ ମର୍ଡର୍

## ଗତକାଲି ମା'-ଝିଅଙ୍କ ଶବ ମିଳିଥିଲା, ଆଜି ଆଉ ଗୋଟିଏ ଶବ ଜବତ





**ନିଶା, ଟଙ୍କା ପରିଶୋଧ ନା ଦୁଷ୍କର୍ମ?**

- ବୁଦା ମୂଳରୁ ଜବତ ହେଲା ଅଭିଯୁକ୍ତର ଆଈ ଶବ
- ପୁଲିସ୍ ହେପାଜତରେ ୧୪ ବର୍ଷର ନାବାଳକ
- କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇଲା ପୁଲିସ୍

**ଭଦ୍ରକ, ୨୦।୬(ସମିସ):** ଦୁଇଜଣ ନୁହେଁ, ତିନିତିନି ଜଣଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛି ମାତ୍ର ୧୪ ବର୍ଷର ଜଣେ ନାବାଳକ। ଗତକାଲି ପୁଲିସ୍ ୨ ଜଣଙ୍କ ଶବ ଜବତ କରିଥିବା ବେଳେ ଆଜି ଆଉ ଜଣେ ମହିଳାଙ୍କ ଶବ ଜବତ ହୋଇଛି। ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜଙ୍ଗ ପଞ୍ଚାୟତ ରାଇମଣି ଛକରେ ଘଟିଥିବା ଏହି ଟ୍ରିପଲ୍ ମର୍ଡର୍ ଏବେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ଗତକାଲି ଜଣେ ପଡ଼ୋଶୀ ମହିଳାଙ୍କୁ ଦୁଷ୍କର୍ମ ପରେ ବେକରେ ଶାଢ଼ି ଦ୍ୱାରା ତଣ୍ଟି ଚିପି ହତ୍ୟା କରିବା ପରେ ତାଙ୍କ ୬ବର୍ଷର ଝିଅକୁ ନିକଟସ୍ଥ ଏକ କଲଭର୍ଟ ନିକଟରେ ପଥରରେ ଛେଚି ହତ୍ୟା କରିଥିବା ପୁଲିସ ଜାଣିଥିଲା। ତେବେ ଘଟଣାସ୍ଥଳରୁ କିଛି ଦୂରରେ ଏକ ବୁଦା ମୂଳରୁ ଆଜି ମିଳିଛି ଆଉ ଜଣେ ମହିଳାଙ୍କ ଗଳିତ ଶବ। ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୁଲିସକୁ ଖବର କରିଥିଲେ। ଉଦ୍ଧାର ହୋଇଥିବା ମୃତଦେହଟି ହେଉଛି ଅଭିଯୁକ୍ତ ନାବାଳକ (୧୪ବର୍ଷ)ର ଆଈ ସୁମତି ମୁଣ୍ଡାଙ୍କର ବୋଲି ସ୍ପଷ୍ଟ ହୋଇଛି। ସମାନ ଭାବେ ବେକକୁ ଶାଢ଼ିରେ ଘୋଡ଼ାଇ ହତ୍ୟା କରାଯାଇଥିବା ପୁଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ ଯେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଇମଣି ଛକ ନିକଟରେ ରହୁଥିବା ଭଦ୍ରକ ବ୍ଲକ ଜଳଙ୍ଗା ଅଞ୍ଚଳର ରାଜୁ ମୁଣ୍ଡାଙ୍କ ପତ୍ନୀ ସୁକାନ୍ତି ମୁଣ୍ଡା ଓ ୬ବର୍ଷୀୟ ଝିଅକୁ ଗତକାଲି ଅଭିଯୁକ୍ତ ନାବାଳକ ହତ୍ୟା କରିଥିଲା। ପ୍ରଥମେ ସ୍ଥାନୀୟ ଲୋକେ ସୁକାନ୍ତିଙ୍କ ମୃତଦେହ ଏବଂ ଏକ କିଲୋମିଟର ଦୂରରେ ଥିବା ଏକ ପୋଲତଳୁ ନାବାଳିକାର ମୃତଦେହ ଦେଖିଥିଲେ। ଘଟଣାସ୍ଥଳରେ ଜଣେ ନାବାଳକକୁ ଦେଖି ସନ୍ଦେହ ହେବାରୁ ପୁଲିସ୍‌କୁ କବର ଦେଇଥିଲେ। ସ୍ଥାନୀୟ ଲୋକେ ନାବାଳକକୁ ଗୋଡ଼େଇ ଗୋଡ଼େଇ ଧରି ପୁଲିସକୁ ଦେଇଥିଲେ। ତେବେ ମୃତକଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ ନାବାଳକଜଣକ ମହିଳାଙ୍କୁ ଦୁଷ୍କର୍ମ କରିଥିଲା ଓ ଝିଅ ଦେଖିଦେବାରୁ ଝିଅକୁ ପଥରରେ ଚେଚ୍ଛି ହତ୍ୟା କରାଯାଇଥିବା କହିଥିଲେ। କିନ୍ତୁ ଆଜି ସକାଳେ ହତ୍ୟାକାଣ୍ଡ ସ୍ଥଳରୁ କିଛି ଦୂର ଏକ ବୁଦା ମୂଳରୁ ଦୁର୍ଗନ୍ଧ ଆସୁଥିବା ଜାଣି ଲୋକେ ସେଠାକୁ ଯିବାରୁ ସେଠାରୁ ପୁଣି ଏକ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତକ ଅଭିଯୁକ୍ତ ନାବାଳକଙ୍କ ଆଈ ସୁମତି ମୁଣ୍ଡାଙ୍କର ବୋଲି ଜଣାପଡ଼ିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ନାବାଳକଙ୍କ ସହ ଆଈଙ୍କୁ ଲୋକେ ଦୁଇ ଦିନ ପୂର୍ବରୁ ଦେଖିଥିଲେ। ଆଜି ଏସ୍‌ଡିପିଓ ସୌରଭ ଓତା ଓ ଗ୍ରାମାଞ୍ଚଳ ଥାନା ପୁଲିସ ଅଭିଯୁକ୍ତ ନାବାଳକକୁ ସାଙ୍ଗରେ ଧରି ଘଟଣାସ୍ଥଳକୁ ଯାଇ କ୍ରାଇମସିନ୍ ରିକ୍ରିଏସନ୍ କରିଥିଲେ। ଏହି ୩ ଜଣଙ୍କୁ ହତ୍ୟା ଘଟଣାକୁ ବି ସମ୍ପୃକ୍ତ ନାବାଳକ ସ୍ୱୀକାର କରିଥିବା ପୁଲିସ ସୂଚନା ଦେଇଛି। ଘଟଣାରେ ଏକ ହତ୍ୟା ମାମଲା (ନଂ-୪୦୮/୨୪) ରୁଜୁ କରି ପୁଲିସ୍ ତଦନ୍ତ ଚଳାଇଛି। ତେବେ ଦୁଷ୍କର୍ମରୁ ଏହି ଟ୍ରିପିଲ ମର୍ଡର ହୋଇଛି ବୋଲି ମୃତା ସୁକାନ୍ତିଙ୍କ ସ୍ୱାମୀ ରାଜୁ ମୁଣ୍ଡା ଅଭିଯୋଗ କରିଥିଲେ ବି ପୁଲିସ ନିଶାଗ୍ରସ୍ତ ହୋଇ ପୂର୍ବ ଟଙ୍କା ପରିଶୋଧକୁ ନେଇ ଏଭଳି ବୀଭତ୍ସ କାଣ୍ଡ ଘଟିଥିବା ସୂଚନା ଦେଇଛି। ଅନ୍ୟପକ୍ଷରେ ଏହି ବୀଭତ୍ସ ହତ୍ୟାକାଣ୍ଡରେ କେବଳ ଜଣେ ୧୪ବର୍ଷର ନାବାଳକ ସମ୍ପୃକ୍ତ କି ତାଙ୍କ ସହ ଅନ୍ୟ କେତେକ ସାମିଲ ଥିଲେ ଏଥିନେଇ ସ୍ପଷ୍ଟ ହୋଇନଥିବା ବେଳେ ହତ୍ୟାର ପ୍ରକୃତ କାରଣ ବି ପୁଲିସ ଉନ୍ମୋଚନ କରିପାରିନି।

# ମଧ୍ୟାହ୍ନଭୋଜନ ଖାଇ ୧୨ ଛାତ୍ରଛାତ୍ରୀ ଅସୁସ୍ଥ



**ବସ୍ତା ବ୍ଲକ, ୨୦।୬ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଂଲା ପଞ୍ଚାୟତର ପଥଦୁର୍ଗା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ଖାଇ ୧୨ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟରେ ଝିଟିପିଟି ବାହାରିବା ପରେ ମଧ୍ୟ ପିଲାଙ୍କୁ ସେହି ଖାଦ୍ୟ ଦିଆଯାଇଥିବାରୁ ବିଷକ୍ରିୟା ଯୋଗୁଁ ପିଲାମାନେ ଅସୁସ୍ଥ ହୋଇଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଗୁରୁବାର ସ୍କୁଲରେ ୩୬ଜଣ ପିଲା ଉପସ୍ଥିତ ଥିବା ବେଳେ ୩୦ ଜଣ ମଧ୍ୟାହ୍ନଭୋଜନ ଖାଇଥିଲେ। ପିଲାଙ୍କୁ ଭାତ ଓ ଡାଲମା ଦିଆଯାଇଥିଲା। ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଝିଟିପିଟି ବାହାରିବା ପରେ ପିଲାମାନେ ଜଣାଇଥିଲେ। କିନ୍ତୁ ଏହା ପରେ ମଧ୍ୟ ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ଖାଦ୍ୟ ଖାଇ ପିଲାମାନେ ଘରକୁ ଯିବା

**ଖାଦ୍ୟରୁ ବାହାରିଲା ଝିଟିପିଟି**

ପରେ ପେଟ ବ୍ୟଥା, ବାନ୍ତି କରି ଅସୁସ୍ଥ ହେବା ପରେ ସେମାନଙ୍କୁ ପରିବାର ଲୋକେ ବସ୍ତା ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ହସ୍ପିଟାଲରେ ଭର୍ତ୍ତି ହୋଇ ଥିବା ପିଲାମାନେ ହେଲେ, ପଥଦୁର୍ଗା ଗ୍ରାମର ବ୍ରହ୍ମାନନ୍ଦ ଚାନ୍ଦ, ଶିବାନନ୍ଦ ଚାନ୍ଦ, ବିଦ୍ୟାରାଣୀ ଦେ, ସ୍ୱର୍ଣ୍ଣ ପ୍ରଭା ସାହୁ, ଇତିଶ୍ରୀ ବେହେରା, ଇତିଶ୍ରୀ ବିଶ୍ୱାଳ, ସାଇକ୍ରିଷ୍ଣା ଦେ, ଲକ୍ଷ୍ମୀପ୍ରିୟା ବେହେରା, ଚନ୍ଦ୍ରକାନ୍ତ ବେହେରା, ବନ୍ଥୁଳି ଗ୍ରାମର ରଶ୍ମିରେଖା ସେନାପତି, ଶ୍ରୀରାମପୁର ଗ୍ରାମର ଶୋଭାଙ୍ଗିନୀ ପାତ୍ର। ପିଲାମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଥିବା ଡାକ୍ତର ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ସ୍କୁଲର କୌଣସି ଶିକ୍ଷକ ହସ୍ପିଟାଲରେ ପହଞ୍ଚି ନଥିବା ଯୋଗୁଁ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସିଂଲା ସରପଞ୍ଚ, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ସମିତି ସଭ୍ୟ ରବୀନ୍ଦ୍ର ଦାସ, ଯୁବ ନେତା ସୁଧାଂଶୁ ଜେନା ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଡିପ୍‌ଥେରିଆର କାରଣ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ

## ଅନ୍ୟ ଅଞ୍ଚଳରେ ଦିଆଯିବ ବୁଷ୍ଟର ଡୋଜ୍

**ଭୁବନେଶ୍ୱର, ୨୦।୬(ସମିସ):** ଡିପଥେରିଆ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏହାର କାରଣ ଖୋଜିବାରେ ବ୍ୟସ୍ତ। ସ୍ୱାସ୍ଥ୍ୟ ବିଭାଗ, ଆରଏମ୍‌ଆରସି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିଳିତ ଭାବେ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ଡିପଥେରିଆ ଆତଙ୍କ ଉପରେ ନିୟନ୍ତ୍ରଣ ଆସିପାରୁନାହିଁ। ସେପଟେ ସଂକ୍ରମଣ ରୋକିବା ସହିତ ଟିକାକରଣ କାର୍ଯ୍ୟ ଜାରି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ରୋଗୀଙ୍କ ଜୀବନରକ୍ଷା ସହ ଏହାର ଉପଯୁକ୍ତ ମୁକାବିଲାକୁ ସରକାର ପ୍ରାଥମିକତା ଦେଇ କାମ କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ଆରଏମ୍‌ଆରସିର ବିଶେଷଜ୍ଞମାନେ ଉପସ୍ଥିତ ରହି କାମ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ବିହିତ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ଡିପଥେରିଆରେ ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଛି। ଏମ୍‌କେସିଜିରେ ଚିକିତ୍ସାଧୀନ ଥିବା ସମୟରେ ମୃତକ ନିମୋନିଆରେ ଆକ୍ରାନ୍ତ ଥିଲେ। ଏହା ଉପରେ ଅଧିକ ଅନୁସନ୍ଧାନ କରାଯାଉଛି। ତେବେ ଟିକାର ପ୍ରଭାବ ହ୍ରାସ ପାଇଛି ନା ଷ୍ଟ୍ରେନ୍‌ରେ ପରିବର୍ତ୍ତନ ଆସିଛି, ସେନେଇ ପରୀକ୍ଷାନିରୀକ୍ଷା ଚାଲିଛି। ରୋଗୀଙ୍କ ଆଣ୍ଟିବଡି ପରୀକ୍ଷା ସହ ଜିନୋମ୍-ସିକ୍ୱେନ୍ସିଂ କାମ ଚାଲିଛି। ଆରଏମ୍‌ଆରସି ଓ ଆଇଏଲ୍‌ଏସ୍‌ର ବିଶେଷଜ୍ଞମାନେ ଏଥିରେ ସହଯୋଗ କରୁଛନ୍ତି। ଏବେ କାଶୀପୁରରେ ପିଲାଙ୍କ ବୁଷ୍ଟର୍ ଡୋଜ୍ ଟିକାକରଣ ଚାଲିଛି। ସେଠାରେ ଶେଷ ହେବା ପରେ ଅନ୍ୟ ଅଞ୍ଚଳରେ ଡୋଜ୍ ଦିଆଯିବ। ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରିରେ ସର୍ଭିଲାନ୍ସ କାମ ଜାରି ରହିଛି ବୋଲି କୁହାଯାଇଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ୧୦ ବର୍ଷରୁ କମ୍ ଯେଉଁ ପିଲମାନେ ଡିପିଟି ଟିକା ନେଇନାହାନ୍ତି, ସେମାନଙ୍କ କ୍ଷେତ୍ରରେ ସଂକ୍ରମଣ ଭୟ ଅଧିକ। ବାୟୁ ମାଧ୍ୟମରେ ଗଳା ଓ ନାକ ଦେଇ ଛାତିକୁ ଏହା ସଂକ୍ରମିତ କରୁଛି। ତେଣୁ ସତର୍କ ରହିବା ସହିତ ମାସ୍କ ପିନ୍ଧିବା ଜରୁରୀ ବୋଲି କୁହାଯାଇଛି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

# ପୂର୍ବତନ ମନ୍ତ୍ରୀମାନଙ୍କଠାରୁ ପିଏସ୍‌ଓ ପ୍ରତ୍ୟାହାର

**ଭୁବନେଶ୍ୱର, ୨୦।୬(ସମିସ):** ବିଜେଡି ସରକାରରେ ମନ୍ତ୍ରୀ ଥିବା ନେତାମାନଙ୍କଠୁ ଆଜି ପିଏସ୍‌ଓ ପ୍ରତ୍ୟାହାର କରାଯାଇଛି। ସେହି ପିଏସଓମାନଙ୍କୁ ତୁରନ୍ତ ନିଜନିଜ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି। ଯେଉଁ ପୂର୍ବତନ ମନ୍ତ୍ରୀମାନଙ୍କଠୁ ପିଏସଓ ପ୍ରତ୍ୟାହାର କରାଯାଇଛି, ସେମାନଙ୍କ ମଧ୍ୟରେ ଅଧିକାଂଶ ଏବେ ବିଜେଡିର ବିଧାୟକ ଅଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ନିରଞ୍ଜନ ପୂଜାରୀ, ପ୍ରତାପ କେଶରୀ ଦେବ, ଶାରଦା ପ୍ରସାଦ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରମିଳା ମଲ୍ଲିକ ଆଦିଙ୍କୁ ମିଳିଥିବା ପିଏସ୍‌ଓଙ୍କୁ ଆଜି ତତ୍କାଳ ପ୍ରଭାବରୁ ହଟାଇ ନିଆଯାଇଛି। କେବଳ ଏହି ପୂର୍ବତନ ମନ୍ତ୍ରୀ (ବର୍ତ୍ତମାନର ବିଧାୟକ) ନୁହଁନ୍ତି, ବିଜେଡିର ଅନ୍ୟ ବରିଷ୍ଠ ବିଧାୟକମାନଙ୍କୁ ରାଜ୍ୟ ଗୁଇନ୍ଦା ବିଭାଗ ଓ ପୁଲିସ କମିସନରେଟ ପକ୍ଷରୁ ଯେଉଁ ପିଏସଓ ଯୋଗାଇ ଦିଆଯାଇଥିଲା ସେମାନଙ୍କୁ ପ୍ରତ୍ୟାହାର କରିନିଆଯାଇଥିବା ଜଣାପଡ଼ିଛି।

# ବଜ୍ରପାତ ନେଲା ୫ ଜୀବନ

**ରାଉରକେଲା/ଚନ୍ଦାହାଣ୍ଡି/ବେଲପଡ଼ା,୨୦।୬(ସମିସ):** ବଜ୍ରପାତ ଆଜି ରାଜ୍ୟରେ ୫ ଜଣଙ୍କ ଜୀବନ ନେଇଛି। ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର, ଗଞ୍ଜାମ ଜିଲ୍ଲା ପୋଲସରା, ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି, ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଏବଂ ବୌଦ୍ଧ ଜିଲ୍ଲା ଚାରିଛକରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ଫୁଟବଲ ଖେଳୁଥିବା ବେଳେ ରାଉରକେଲାର ଜଣେ ନାବାଳକ ବଜ୍ରପାତରେ ପ୍ରାଣ ହରାଇଛି। ମୃତକଙ୍କ ନାମ ସାଗର କଶ୍ୟପ। ବୀରମିତ୍ରପୁର ସହରର ସଣ୍ଡେ ମାର୍କେଟସ୍ଥିତ ତବରାଜ ଢିପା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସାଗର ସାଙ୍ଗମାନଙ୍କ ସହ ସଣ୍ଡେ ମାର୍କେଟ ନିକଟ ତବରାଜ୍ ଢ଼ିପାଠାରେ ଫୁଟବଲ ପଡ଼ିଆରେ ଫୁଟବଲ ଖେଳୁଥିଲା। ଏହି ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସାଗର ତଳେପଡ଼ି ମୂର୍ଚ୍ଛା ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧୀନ ଦଳବେଡ଼ା ଗ୍ରାମର ବନବାସୀ ନାଗଙ୍କ ପୁଅ ମନୋଜ ନାଗ (୧୩) ନାମକ ଜଣେ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ଦଳବେଡ଼ା ଗ୍ରାମର ମନୋଜ ଗୁରୁବାର ଦିନ ୩ଟାରେ ନିକଟସ୍ଥ ପଡ଼ିଆକୁ ଶୌଚ ହେବାକୁ ଯାଉଥିବା ବେଳେ ବର୍ଷା ହେବାରୁ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ଏକ ବଜ୍ରପାତ ମନୋଜଙ୍କ ପ୍ରାଣ ନେଇଥିଲା। ସେହିପରି ବଲାଙ୍ଗୀର ଜିଲ୍ଲା ସାରମୁହାଣ ଗାଁ'ର ନୃପ ଧରୁଆଙ୍କ ଝିଅ ଜାହ୍ନବୀ ଧରୁଆ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ କ୍ଷେତରୁ ଘରକୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଚାଲିଯାଇଥିଲା। ବେଲପଡ଼ା ଡାକ୍ତରଖାନାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବା ପରେ ଗାଁ' ମଶାଣିରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

ଅପରପକ୍ଷେ, ଗଞ୍ଜାମ ପୋଲସରା ବାଲିସାହି ଫାଣ୍ଡି ଡୁଙ୍ଗୁରି ଗାଁର ଜଣେ ବ୍ୟକ୍ତି ଓ ବୌଦ୍ଧ ଜିଲ୍ଲା ଚାରିଛକର ଜଣେ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଇଛନ୍ତି।

# ଅବଶିଷ୍ଟାଂଶ...

## 'ଏମ୍‌ଏସ୍‌ପି' ଚାପରେ...

ପରେ ବିଷ୍ଣୁଦେଓ ସାଇ ସରକାର ଧାନ ଉପରେ କ୍ୱିଣ୍ଟାଲ ପିଛା ପାଖାପାଖି ୯୦୦ ଟଙ୍କା ବୋନସ ପ୍ରଦାନ କରୁଛନ୍ତି । ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ଷକୁ ପ୍ରାୟ ୩୫ ଲକ୍ଷ ଟନ୍ ଚାଉଳର ଆବଶ୍ୟକତା ରହିଛି । ଧାନ ଅନୁପାତରେ ଏହା ଅତିବେଶୀରେ ୫୧ ଲକ୍ଷ ଟନ୍ ହେବ। ତେଣୁ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଯଦି ଅବଶିଷ୍ଟ ୨୮ ଲକ୍ଷ ଟନ୍ (ଗତ ଦୁଇ କୃଷି ଋତୁରେ ୭୯ ଲକ୍ଷ ଟନ୍ ଧାନ ସଂଗ୍ରହ ହୋଇଥିଲା) ଧାନ କେନ୍ଦ୍ରୀୟ ପୁଲ୍ ନ ଉଠାଏ, ତେବେ ଚାଷୀମାନେ ଏହି ଧାନ କେଉଁଠି ବିକିବେ ବୋଲି ସ୍ୱାଭାବିକ ପ୍ରଶ୍ନ ସୃଷ୍ଟି ହୋଇଛି। ଓଡ଼ିଶାରେ ଗତ କୃଷିବର୍ଷ (ଉଭୟ ଖରିଫ ଓ ରବି)ରେ ରାଜ୍ୟ ସରକାର ଚାଷୀଙ୍କଠାରୁ ୭୯ ଲକ୍ଷ ଟନ୍ ଧାନ କ୍ରୟ କରିଛନ୍ତି। ଏହାବ୍ୟତୀତ ଆହୁରି ଅନେକ ଅଞ୍ଚଳରେ ଚାଷୀ ଧାନ ବିକ୍ରି କରି ପାରି ନ ଥିବା ସେତେବେଳେ ବିଜେପି ନେତାମାନେ ଅଭିଯୋଗ କରିଥିଲେ। ତଥାପି ଗତବର୍ଷ କ୍ରୟ ପରିମାଣର ଧାନ ଯଦି ଚଳିତ ବର୍ଷ ରାଜ୍ୟ ସରକାର କିଣନ୍ତି, ତେବେ ଏଥିପାଇଁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ହିସାବରେ ସରକାରଙ୍କୁ ୬୪୦୦ କୋଟି ଟଙ୍କା ଅଧିକ ବ୍ୟୟ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏତେ ପରିମାଣର ଧାନ ସରକାର କିଣିବା ପରେ ତାହାର ସଂରକ୍ଷଣ କରିବେ କେଉଁଠି ? କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ବୋନସ ଦେଉଥିବା ରାଜ୍ୟର ଖାଦ୍ୟ ସୁରକ୍ଷା ନିମନ୍ତେ ଆବଶ୍ୟକତା ଭିନ୍ନ ଅବଶିଷ୍ଟ ଧାନ ଏଫ୍‌ସିଆଇ ଖରିଦ କରିବ ନାହିଁ। ତେଣୁ ଏହି ଧାନ ବା ଚାଉଳ ରହିବ କେଉଁଠି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ୩୧୦୦ ଟଙ୍କାରେ...

କୃଷକମାନେ କିପରି ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ପାଇବେ, ଏବେ ରାଜ୍ୟ ସରକାର ସେହି କାର୍ଯ୍ୟରେ ଲାଗିଛନ୍ତି। ଏଇ ଖରିଫ ଋତୁରେ ପଇସା ଦିଆଯିବ। କୌଣସି ମିଲର ଚାଷୀଙ୍କୁ ହଇରାଣ କରିପାରିବେ ନାହିଁ। ଚାଷୀଙ୍କୁ ହଇରାଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚାଷୀମାନେ ଦିନ ଦିନ ଧରି ମଣ୍ଡି ଆଗରେ ଧାନ ରଖି ବସିବେ ନାହିଁ। ସେମାନଙ୍କଠାରୁ ତୁରନ୍ତ ଧାନ ସଂଗ୍ରହ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଚାଉଳ ଏଟିଏମ୍ ଖୋଲାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଭୁବନେଶ୍ୱରରେ ଚାଉଳ ଏଟିଏମ୍ ଖୋଲିବ। ହିତାଧିକାରୀମାନଙ୍କୁ ଏହାର କାର୍ଡ ପ୍ରଦାନ କରାଯିବ। ସେମାନେ ମେସିନ୍‌ରେ କାର୍ଡ ଗଳାଇଲେ ଚାଉଳ ବାହାରିବ ବୋଲି ମନ୍ତ୍ରୀ କହିଛନ୍ତି। ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ଏହି ସୁବିଧା ଉପଲବ୍ଧ କରାଯିବ। ଓଡ଼ିଶା ଗସ୍ତରେ ଆସିଥିବା 'ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ'ର କିଛି ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ସେମାନେ ଏଥିପାଇଁ ବୈଷୟିକ ସହାୟତା ଯୋଗାଇ ଦେବେ ବୋଲି ଶ୍ରୀ ପାତ୍ର କହିଛନ୍ତି । ପୁନଶ୍ଚ ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ରେସନ କାଡର୍ ପ୍ରତ୍ୟାହାର କରାଯାଇ ନୂଆ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ମଧ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି ।

## କାଉନସେଲିଂ ରୋକିବାକୁ...

କରିଦେଇଛନ୍ତି। ନିଟ୍-ୟୁଜି ମାମଲାରେ ରାଜସ୍ଥାନ, କଲକତା ଏବଂ ବମ୍ବେ ହାଇକୋର୍ଟରେ ଦାଏର ମାମଲାକୁ କୋର୍ଟ କ୍ଲବ୍ କରିଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖରେ (୮ ରେ) ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଷ୍ଟିସ ବିକ୍ରମନାଥ ଏବଂ ଏସ୍‌ଭିଏନ୍ ଭାଟ୍ଟିଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ସୁପ୍ରିମକୋର୍ଟ ଗତ ୧୧ ତାରିଖରେ କାଉନସେଲିଂ ରଦ୍ଦ ଆବେଦନକୁ ଖାରଜ କରିଦେଇଥିଲେ। ଷ୍ଟୁଡେଣ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଏଫଆଇ) ଏବଂ ୪୯ ଜଣ ଛାତ୍ର ଏହି ନୂଆ ଆବେଦନ କରିଥିଲେ। ଆବେଦନକାରୀ ପରୀକ୍ଷାରେ ୬୨୦ରୁ ଅଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୂର୍ବ ପ୍ରମାଣପତ୍ର ଏବଂ ଫୋରେନ୍‌ସିକ୍ ଯାଞ୍ଚ ପାଇଁ ଦାବି କରିଥିଲେ। ସେମାନେ ପ୍ରଶ୍ନପତ୍ର ପ୍ରଘଟ ମାମଲାର ସିବିଆଇ ତଦନ୍ତ ମଧ୍ୟ ଦାବି କରିଥିଲେ।

## ବିହାର ଇଓୟୁକୁ...

ପ୍ରଦୀପ କୁମାରଙ୍କୁ ଫୋନ୍ କରିଥିଲେ ଏବଂ ମାଷ୍ଟରମାଇଣ୍ଡ ସିକନ୍ଦର କୁମାର ଯାଦବେନ୍ଦୁ ପାଇଁ ପ୍ରକୋଷ୍ଠ ବୁକ୍ କରିବାକୁ କହିଥିଲେ। ଗେଷ୍ଟ ହାଉସ୍‌ର ଏଣ୍ଟ୍ରି ରେଜିଷ୍ଟରରେ ଅନୁରାଗ ଯାଦବଙ୍କ ନାମ ରହିଛି। ଏହାର ଆଗରେ ମନ୍ତ୍ରୀଜୀ ଲେଖା ଯାଇଥିଲା। ଏହା ତେଜସ୍ୱୀ ଯାଦବଙ୍କ ପାଇଁ ଲେଖାଯାଇଥିଲା ବୋଲି ସିହ୍ନା କହିଛନ୍ତି। ସୂଚନା ଅନୁଯାୟୀ ଏହି ମାମଲାରେ ଅନୁରାଗ ଯାଦବକୁ ଗିରଫ କରାଯାଇଥିଲା। ପ୍ରଥମେ ପାଟନା ସରକାରୀ ଗେଷ୍ଟ ହାଉସ୍‌ରୁ ଛାତ୍ରଛାତ୍ରୀ ରହିଥିଲେ। ପରେ ଏଠାରୁ ଏମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ଏଠାରେ ସମସ୍ତଙ୍କୁ ପ୍ରଶ୍ନପତ୍ର ଦିଆଯାଇ ଘୋଷା ଯାଇଥିଲା। ବୟାନ ରେକର୍ଡ କରିବା ସମୟରେ ସିକନ୍ଦର ମଧ୍ୟ ଗେଷ୍ଟ ହାଉସର ନାମ ନେଇଥିଲା। ଅନୁରାଗ ତାର ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ୟୁଜିସି ନେଟ୍ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ସିବିଆଇ ଆଜି ମାମଲା ରୁଜୁ କରିଛି।

## ୧୨ ଦିନ ପରେ...

କେନ୍ଦ୍ରର ନିର୍ଦ୍ଦେଶକ ଡଃ ମନୋରମା ମହାନ୍ତି କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୫ ଦିନ ଯାଏଁ ବର୍ଷାର ପ୍ରଭାବ ରହିବ। ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ସହ ପବନ ବି ହେବ। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ। ୨୧ ତାରିଖଠାରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ୨୧,୨୨ ଓ ୨୩ ତାରିଖରେ ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହିତ ବର୍ଷା ହେବ। ତା'ସହିତ ପବନ ମଧ୍ୟ ହେବ ଏବଂ ୨୨ ତାରିଖ ବର୍ଷାର ବିସ୍ତୃତି ବଢିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପକ୍ଷରେ ଉପକୂଳ, ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଗୁଳୁଗୁଳି ଜାରି ରହିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗୁଳୁଗୁଳି ହେବା ସହ ତା'ପରେ ଗୁଳୁଗୁଳି କମିବାର ସମ୍ଭାବନା ରହିଛି। ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି ସେ କହିଛନ୍ତି। ଶୁକ୍ରବାର ରାଜ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ରେ ପ୍ରବଳ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନରେ ବେଗ ୩୦-୪୦ କିମି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ସୁରମା ନିର୍ଦ୍ୱନ୍ଦ୍ୱରେ...

୨୦୨୪ରେ ସେ ଦ୍ୱିତୀୟ ଥର ପାଇଁ ରଣପୁରରୁ ବିଧାୟିକା ନିର୍ବାଚିତ ହୋଇଛନ୍ତି। ଶ୍ରୀମତୀ ପାଢ଼ୀ ବିଧାନସଭାର ବାଚସ୍ପତି ନିର୍ବାଚିତ ହେବା ପରେ କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସନ ଗ୍ରହଣ ପାଇଁ ତାଙ୍କୁ ଆମନ୍ତ୍ରଣ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବାଚସ୍ପତିଙ୍କ ପୋଡିୟମ୍ ପର୍ଯ୍ୟନ୍ତ ଶଙ୍ଖୋଳି ନେଇଥିଲେ। ବାଚସ୍ପତି ଦାୟିତ୍ୱ ଗ୍ରହଣ ପରେ ସୁରମା ପାଢ଼ୀ ଗୃହର ଗାରିମା, ସମ୍ମାନ ଓ ପଦ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ସାଧାରଣ ପରିବାରର ଝିଅ। ରାଜନୀତିରେ ଯୋଗଦେବା ପରେ ଗଣତନ୍ତ୍ରର ଏହି ପବିତ୍ର ଗୃହର ପରିଚାଳନା ଦାୟିତ୍ୱ ମୋତେ ମିଳିବ ବୋଲି ମୁଁ କଳ୍ପନା କରି ନ ଥିଲି।। ସମସ୍ତଙ୍କ ପରାମର୍ଶ ଅନୁଯାୟୀ ଏହି ପବିତ୍ର ଗୃହର ସମ୍ମାନ ଓ ଗାରିମା ଅକ୍ଷୁର୍ଣ୍ଣ ରଖିବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଗୃହର ସୁପରିଚାଳନାରେ ସବୁ ଦଳର ସଦସ୍ୟମାନେ ସହଯୋଗ କରିବେ ବୋଲି ମୋର ବିଶ୍ୱାସ। ଦଳମତ ନିର୍ବିଶେଷରେ ସାଢ଼େ ଚାରି କୋଟି ଓଡ଼ିଶାବାସୀ ରାଜ୍ୟର ବିକାଶ ପାଇଁ ଆମକୁ ଏଠାକୁ ପଠାଇଛନ୍ତି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ବିଧାନସଭା ପରିଚାଳନା କରିବି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

## ଶୁଭେଚ୍ଛା ଜ୍ଞାପନ...

ବୋଲି ଆଶା। ଓଡ଼ିଶାବାସୀଙ୍କ କଲ୍ୟାଣ ନିମନ୍ତେ ନିଷ୍ଠାପର ସେବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ। ମୋର ବିଶ୍ୱାସ, ଆମେମାନେ ସମସ୍ତେ ଏ ଗୃହ କାର୍ଯ୍ୟରେ ବାଚସ୍ପତି ମହୋଦୟାଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଏବଂ ଗୃହର ପରମ୍ପରା ଓ ପଦମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

## ଗୃହର ଗରିମା...

ଦାୟିତ୍ୱ ସମ୍ପାଦନ କରିଛନ୍ତି। ମୋର ବିଶ୍ୱାସ ଯେ ବିଧାୟକ ଭାବେ ଆପଣଙ୍କ ଅନୁଭବ, ପ୍ରଶାସନିକ ଦକ୍ଷତା ତଥା ସଦସ୍ୟମାନଙ୍କ ସହିତ ଉତ୍ତମ ସମ୍ପର୍କ ଜରିଆରେ ଆପଣ ଏହି ଗୁରୁଦାୟିତ୍ୱ ବେଶ୍ ନିଷ୍ଠାର ସହ ସମ୍ପାଦନ କରିପାରିବେ। ବାଚସ୍ପତି ଭାବେ ଆପଣ ନିରପେକ୍ଷ କାର୍ଯ୍ୟଧାରା ଦ୍ୱାରା ଏହି ପବିତ୍ର ଗୃହର ପଦମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବେ। ମୁଁ ଆଶା କରୁଛି ଗୃହର ସମସ୍ତ ସଦସ୍ୟ ବାଚସ୍ପତିଙ୍କୁ ଗୃହ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ବିଜେପିକୁ ମହାରାଷ୍ଟ୍ର...

ଦେଇଥିଲେ, ଏବେ ରାମଦାସ କଦମ୍ କେବଳ ତାହାର ପୁନରାବୃତ୍ତି କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ହୋଇଥିଲା। ୧୬୪ ଆସନରେ ବିଜେପି ପ୍ରତିଦ୍ୱନ୍ଦ୍ୱିତା କରି ୧୦୫ଟି ଆସନରେ ବିଜୟୀ ହୋଇଥିଲା ଓ ଶିବସେନା ୧୨୬ ଆସନରେ ଲଢ଼ି ୫୬ ଟି ଆସନରେ ବିଜୟୀ ହୋଇଥିଲା। ମାତ୍ର ବର୍ତ୍ତମାନ ସ୍ଥିତିରେ ରାଜନୈତିକ ଦୃଶ୍ୟପଟ ସମ୍ପୂର୍ଣ୍ଣ ଭିନ୍ନ। ଶିବସେନାର ବିଭାଜିତ ଗୋଷ୍ଠୀ ଓ ଏନ୍‌ସିପିର ଅଜିତ୍ ଗୋଷ୍ଠୀ ବିଜେପି ସହ ରହିଛନ୍ତି। ଏହି ଦୁଇ ସହଯୋଗୀ ଏବେ ବିଜେପି ପାଇଁ ଶିରପୀଡ଼ା ପାଲଟିଛନ୍ତି। ଦୁଇ ସହଯୋଗୀଙ୍କୁ ସେମାନଙ୍କ ମନମୁତାବକ ଆସନ ଦେବା ପରେ ବିଜେପି ଭାଗରେ ୧୦୦ରୁ କମ୍ ଆସନ ପଡ଼ିବାର ସମ୍ଭାବନା ରହିଛି, ଯାହାକୁ ବିଜେପି ନେତୃତ୍ୱ ଗ୍ରହଣ କରିବାକୁ ରାଜି ନୁହେଁ। ପୁନଶ୍ଚ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ସହ ହାତ ମିଳାଇଥିବା ରାଜ ଠାକ୍‌ରେଙ୍କ ନବନିର୍ମାଣ ସେନା ଓ ରାମଦାସ ଅଠାୱାଲେଙ୍କ ଆର୍‌ପିଆଇକୁ ନେଇ ସାଥିରେ ଚାଲିବାକୁ ପଡ଼ିବ; ଯାହା ହିଁ ବିଜେପି ଶୀର୍ଷ ନେତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

**AFFIDAVIT**
I, Lopamudra Pattnaik, W/o- Tanmay Das, resident of Floor No- D40, Gouri Garden, Gouri Nagar, Ps- Lingaraj, Bhubaneswar, Pin-751002, Odisha declare by this affidavit No. 6843, Dated- 20/06/2024, that now onwards I shall be known as **Lopamudra Pattanaik** for all future purposes.

**AFFIDAVIT**
I, Sachala Kumari Mohanty, W/o-Rohita Kumar Sethi, resident of Flat No-5, Shree Tower-2, BJB Nagar, Ps-Badagada, Bhubaneswar, Pin-751014, Odisha declare by this affidavit No.6306, Dated- 03/05/2024, that now onwards I shall be known as **Sushree Sachala Priyambada** for all future purposes.

C-70
e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**

e-procurement Notice for Bid Identification No. SEPH-DIVISION, CTC- 02 of 2024-25

1. Name of the work :- 2 Nos of P.H. work
2. Estimated cost :- Rs. 203.68 Lakhs to Rs. 772.25 Lakhs
3. Period of completion :- 6 months
4. Date & time of availability of bid document in the portal :- From 11.00 AM of 26.06.2024 to 5.00PM of 10.07.2024
5. Last date / time of receipt of bids in the portal :- 5.00 PM of 10.07.2024
6. Date & time of opening of bids : - 11.00 AM of 11.07.2024
7. Name and address of the officer inviting bid :- The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

Additional Chief Engineer,
I/C Superintending Engineer
P.H. Division, Cuttack

OIPR-13225/11/0002/2425

**ODISHA CONSTRUCTION CORPORATION LTD.** CAD-293
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-08(Vol.II)/ 07/2024-25 dtd.20.06.2024.**

Type of work : SUPPLY OF CASTING MATERIALS FOR SERVICE GATE OF HEAD REGULATOR FOR KANUPUR IRRIGATION PROJECT.
Total No. of work : 01(One).
Period of supply : 45 days.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (Off-line mode) |
|---|---|---|---|---|
| Senior Manager (Mech.)-I, OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/ KIP-08 (Vol.II) /07/ 2024-25 dtd.20.06.2024 | Rs.4720/- (Non-refundable) | 21.06.2024 10.00AM to 28.06.2024 1.00 PM | 21.06.2024 10.00AM to 28.06.2024 3.30 PM |

Date of opening of the Tender : **28.06.2024 at 4.00 P.M.**
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).

Sd/-
Senior Manager (Mech.)-I
OCC Ltd., Bhubaneswar

OIPR-34163/11/0003/2425

# ଶୁଖିଲା ପଡ଼ିଛି ଚାଷ ଜମି, ପରିବା ଉତ୍ପାଦନ ପ୍ରଭାବିତ

ତିଗିରିଆ,୨୦।୬(ସମିସ)

କଟକ ଜିଲ୍ଲାର ଅନ୍ୟତମ କୃଷିପ୍ରଧାନ ବ୍ଲକ ତଥା ବିଶେଷକରି ସଜ ପରିବା'ର ଗାଁ ବୋଲାଉଥିବା ତିଗିରିଆ ବ୍ଲକରେ ଏବେ ପରିବାଦର ଆକାଶ ଛୁଆଁ। ୧୦୦ ଟଙ୍କା ନେଇ ଘରକୁ ବ୍ୟାଗ ଭର୍ତ୍ତି ପରିବା ବୋହି ଆଣୁଥିବା ତିଗିରିଆ ବ୍ଲକର ଜନସାଧାରଣ ଏବେ ୫୦୦ ଟଙ୍କା ନେଇ ହାଟ ବଜାରକୁ ଗଲେ ବି ବ୍ୟାଗ ଭର୍ତ୍ତି

- **ଗ୍ରାମାଞ୍ଚଳରେ ଦର ଆକାଶ ଛୁଆଁ**
- **୫ ଶହ ଟଙ୍କାରେ ଭର୍ତ୍ତି ହେଉନି ବ୍ୟାଗ**

ହେଉନି। ଏଣେ ବିନା ପରିବାରେ ଘର ଚଳିବା ଏକ ଅସମ୍ଭବ ବ୍ୟାପାର ହୋଇଥିବା ବେଳେ ସଜ ପରିବାର ଗାଁରେ ପରିବାର ଆକାଶ ଛୁଆଁ ଦର ଖାଉଟିଙ୍କ ପକେଟକୁ ଖୁବ୍ ବାଧୁଛି। ଚଳିତବର୍ଷ ତିଗିରିଆ ଅଞ୍ଚଳରେ ସ୍ୱଳ୍ପ ବର୍ଷା ସହ ପ୍ରଚଣ୍ଡ ଖରା ଯୋଗୁଁ ଗହିର ବିଲରେ ଥିବା ଜଳାଶ୍ରୟଗୁଡ଼ିକ ଶୁଷ୍କ ଅବସ୍ଥାରେ ପଡିରହିଛି। ଜଳସେଚନର କୌଣସି ମାଧ୍ୟମ କି ଉତ୍ସ ନ ପାଇ ଚଳିତ ବର୍ଷ ବହୁ ପରିବା ଚାଷୀ ପରିବା ଚାଷରୁ ମନଉଣା କରିଥିବାରୁ ତିଗିରିଆ ବ୍ଲକରୁ ଉତ୍ପାଦିତ ହେଉଥିବା ପର୍ଯ୍ୟାପ୍ତ ପରିମାଣର ଫୁଲକୋବି, ବନ୍ଧାକୋବି, ପୋଟଳ, ବାଇଗଣ, ଝୁଡଙ୍ଗ, କଲରା ଆଦିର ଦର ବୃଦ୍ଧିର ଅନ୍ୟତମ କାରଣ ବୋଲି ଚର୍ଚ୍ଚା ହେଉଛି। ଏହି ବର୍ଦ୍ଧିତ ପରିବା ଦର ଆହୁରି ୧୫ ଦିନ ଲାଗି ରହିବ। ୧୫ ଦିନ ପରେ ସ୍ୱାଭାବିକ ବର୍ଷା ପରେ ଏହି ବ୍ଲକ ଅନ୍ତର୍ଗତ ବାଲିପୁଟ, ଘୋଳପୁର, ସୁଦର୍ଶନପୁର, ଚଷାଆଁରା ସହ ବାକି ଉତ୍ତରକୁଲାଟ ଅଞ୍ଚଳର ଗଦାଧରପୁର, ହାଟମାଳ ଓ ବଡନାଉପୁଟ ଅଞ୍ଚଳର କ୍ଷେତବାଡ଼ିରୁ ପରିବା ଉତ୍ପାଦିତ ହେବା ପରେ ପରିବାର ଦର ସ୍ୱାଭାବିକ ହେବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ସୂଚନା ମୁତାବକ ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ, ବିନ୍ଧାଣିମା, ଗୋଡିଝରିଆ ଓ ନୂଆପାଟଣା ସାପ୍ତାହିକ ହାଟ, ବଜାର ସହ ତିଗିରିଆ ନିଜିଗଡର ଦୈନିକ ହାଟରେ ଏବେ ପରିବା ଦର ଆକାଶ ଛୁଆଁ ରହିଛି। ବୁଧବାର ତିଗିରିଆ ବ୍ଲକ ଅଧୀନ ବିନ୍ଧାଣିମା ସାପ୍ତାହିକ ହାଟ ସହ ନିଜିଗଡ ତିଗିରିଆର ଗୋହିରିମୁଣ୍ଡା ଛକସ୍ଥିତ ଦୈନିକ ହାଟରେ ବାଇଗଣ ଦର ୫୦ରୁ ୬୦ ଥିବା ବେଳେ ପୋଟଳ ୮୦, ଝୁଡଙ୍ଗ ୬୦, କଲରା ୮୦, ଫୁଲକୋବି ଗୋଟାପ୍ରତି ୩୫ରୁ ୪୦, ଜହ୍ନୀ ୫୦, ସାରୁ ୬୦, କଞ୍ଚାଲଙ୍କା ୧୫୦ ଥିବା ବେଳେ ଆଳୁ ୨୮ ଓ ପିଆଜ ଦର ୪୦ ରହିଛି। ୧୫ ଦିନ ପୂର୍ବରୁ ଏହି ହାଟରେ ଆଜିର ପରିବା ଦରର ଅଧାଦାମରେ ପରିବା ମିଳୁଥିବା ବେଳେ ଆଜିର ଦର ଗ୍ରାହକ ତଥା ଖାଉଟିମାନଙ୍କୁ ଚକିତ କରିଛି। ଫି ବର୍ଷ ବ୍ଲକର ଅଟଳକୋଟ, ଭିରୁଡାରୁ ପର୍ଯ୍ୟାପ୍ତ ପରିମାଣର ଜହ୍ନୀ, ସୋମପଡା ଓ ଚଷାଆଁରାରୁ ପର୍ଯ୍ୟାପ୍ତ ପରିମାଣର ପୋଟଳ, ଘୋଳପୁର, ସୋମପଡା ଓ ବାଲିପୁଟ ଅଞ୍ଚଳରୁ ପର୍ଯ୍ୟାପ୍ତ ପରିମାଣର ବାଇଗଣ, ଚଷାଆଁରା, ମାନପୁର, ଗଦାଧରପୁର, ହରିଠା, କଦନା, ଗୋବିନ୍ଦପୁର ସହ ମହାନଦୀ ଉତ୍ତରକୁଲାଟ ଅଞ୍ଚଳରେ ଥିବା ବ୍ଲକର ଗଦାଧରପୁର, ହାଟମାଳ ଓ ବଡନାଉପୁଟ ପଞ୍ଚାୟତ ଅଧୀନ ୧୫ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମରୁ ପର୍ଯ୍ୟାପ୍ତ ପରିମାଣର ବନ୍ଧା ଓ ଫୁଲକୋବି ଚାଷ ହୋଇଥାଏ ଯାହାକି ତିଗିରିଆ ସମେତ କଟକ ମାଲଗୋଦାମ, ଭୁବନେଶ୍ୱରର ୧ନଂ ମାର୍କେଟ ସହ ପଡୋଶୀ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ହାଟବଜାରର ଚାହିଦା ମେଣ୍ଟାଇଥାଏ। ମାତ୍ର ତିଗିରିଆ ବ୍ଲକ ଦେଇ ରେଙ୍ଗାଲୀ କେନାଲ ଖନନ ପରେ ତିଗିରିଆ ବ୍ଲକର ଜଳସ୍ତର ବହୁତ ନିମ୍ନଗାମୀ ହେବା



ସହ ବ୍ଲକର ପ୍ରମୁଖ ଜଳଉତ୍ସ ବୋଲାଉଥିବା ବାରମାଣ ବନ୍ଧ, ଜମୁନାବନ୍ଧ, କୁକୁଡାଖାଇ ବନ୍ଧ ଓ ଜରିତଇଳା ବନ୍ଧର ଜଳସ୍ତର ବହୁ ପରିମାଣରେ ହ୍ରାସ ପାଇଛି ଯାହାକି ରବି ଫସଲରେ ଉତ୍ପାଦନରେ ଗୁରୁତର ବିଭ୍ରାଟ ସୃଷ୍ଟି କରିଛି। ଅନୁରୂପ ଭାବେ ଶହ ଶହ କୋଟି ଟଙ୍କାର ବ୍ୟୟବରାଦରେ ନିର୍ମିତ ରେଙ୍ଗାଲୀ ଦକ୍ଷୀଣ ପାର୍ଶ୍ୱ କେନାଲଟିର ଖନନ କାର୍ଯ୍ୟ ସରିଥିଲେ ହେଁ ଏହାଦେଇ ଜଳସେଚନ ପ୍ରକ୍ରିୟା ସ୍ୱାଭାବିକ ହୋଇ ନ ଥିବାରୁ ନିୟମିତ ପରିବା ପତ୍ର ଚାଷ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ଚାଷୀ ପରିବା ଚାଷ ପ୍ରତି ବିମୁଖ ହୋଇଛନ୍ତି। ଫଳରେ ଚଳିତ ବର୍ଷ ତିଗିରିଆ ବ୍ଲକ ସହ ସାରାରାଜ୍ୟରେ ପରିବା ଦରକୁ ଊର୍ଦ୍ଧ୍ୱମୁଖୀ କରି ରଖିଛି। ଅନ୍ୟପକ୍ଷରେ ସ୍ୱାଭାବିକଠାରୁ କମ୍ ଜଳସେଚନ ବ୍ୟବସ୍ଥା ଥିବା ମହାନଦୀ ଉତ୍ତରକୁଲାଟ ଅଞ୍ଚଳରେ ଯାହାବି କିଛି ସଜ ପରିବା ଉତ୍ପାଦିତ ହେଉଛି ତାହାକୁ କଟକ, ଭୁବନେଶ୍ୱର, ଢ଼େଙ୍କାନାଳ ଓ ଅନୁଗୁଳ ଅଞ୍ଚଳର ବଡବଡ ବ୍ୟବସାୟୀମାନେ ସିଧାସଳଖ ଚାଷୀମାନଙ୍କ ଠାରୁ କ୍ରୟ କରି ନେଉଥିବାରୁ ବଳକା ପରିବା ତିଗିରିଆ ହାଟବଜାରକୁ ନିଅଣ୍ଟ ହେଉଛି। ସ୍ୱଳ୍ପ ବଞ୍ଚିତ ପରିବାକୁ ମାତ୍ରାଧିକ ଜନସାଧାରଣଙ୍କ ଚାହିଦା ରହୁଥିବାରୁ ତିଗିରିଆ ବ୍ଲକର ବିଭିନ୍ନ ହାଟ ବଜାରରେ ପରିବା ବିକ୍ରି କରୁଥିବା ବ୍ୟବସାୟୀ ବିକ୍ରି କରୁଥିବାରୁ ଏଠାରେ ପରିବା ଦର ଚଢ଼ା ରହୁଛି ବୋଲି ଜଣାପଡୁଛି। ତିଗିରିଆ ବ୍ଲକର ସମସ୍ତ ଚାଷଜମିକୁ ସ୍ୱାଭାବିକ ଜଳଯୋଗାଣ ହୋଇପାରିଲେ ଏହି ସମସ୍ୟାର ସବୁଦିନିଆ ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଉତ୍ତମାପୁର ବାଲିଘାଟକୁ ନେଇ ଛୁରାମାଡ଼ ଘଟଣା

# ଆଉ ୨ ଅଭିଯୁକ୍ତ ଗିରଫ



**ଫୁଲନଖରା,୨୦।୬(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଉତ୍ତମାପୁର ତୋଟାସାହି ଗ୍ରାମରେ ଚୋରା ବାଲିଘାଟକୁ ନେଇ ଗତ ୧୭ତାରିଖ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଛୁରା ମାଡ ଘଟଣାରେ ଦୁଇ ଯୁବକଙ୍କ ସମେତ ଜଣେ ମହିଳା ଆହତ ହୋଇଥିଲେ। ଆହତଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ପରେ ସଦର ଥାନା ତରଫରୁ ଉକ୍ତ ଦିନ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

ସୂଚନା ମୁତାବକ, ଦିପୁନା ଓ କାହ୍ନା ଚୋରା ବାଲି ଚାଲାଣରେ ବ୍ୟବହୃତ ଟ୍ରାକ୍ଟର ଗୁଡିକୁ ଗ୍ରାମର ନୂତନ ଭାବେ ନିର୍ମିତ ପିଚୁ ରାସ୍ତା ଉପର ଦେଇ ଯିବାକୁ ବାରଣ କରିଥିଲେ। ଯାହାଫଳରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଚୋରା ବାଲି ଚାଲାଣରେ ସଂଶ୍ଳିଷ୍ଟ ଅଭିଯୁକ୍ତମାନେ ଦିପୁନା ଓ କାହ୍ନାକୁ ଛୁରି ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ସଦର ଥାନା ପୁଲିସ ଏହାର ତଦନ୍ତ କରି ତୋଟାସାହିର ଦିଲ୍ଲୀପ, ସିଲୁ, ସାଗର ଓ ଅଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ସଂଶ୍ଳିଷ୍ଟ ତୋଟାସାହିର କେଦାର ସାମଲଙ୍କ ପୁଅ କୁନା ସାମଲ ଓ ଅଶୋକ ସାମଲଙ୍କ ପୁଅ ଅଜୟ ସାମଲ ଓରଫ ବଲିଆଙ୍କୁ ଗୁରୁବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

# ବାତ୍ୟା ଆଶ୍ରୟସ୍ଥଳରେ ମକଡ୍ରିଲ ପ୍ରଦର୍ଶନ



**ମାହାଙ୍ଗା,୨୦।୬(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ଠାରେ ଥିବା ବହୁମୁଖି ବାତ୍ୟାସ୍ଥଳ ପରିସରରେ କୁଆଁପାଳ ଅଗ୍ନିଶମ ପକ୍ଷରୁ ମକଡ୍ରିଲ ପ୍ରଦର୍ଶନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବାତ୍ୟା, ବନ୍ୟା ସମୟରେ କିପରି ବୃଦ୍ଧବୃଦ୍ଧା, ପ୍ରସୁତି, ଶିଶୁମାନଙ୍କୁ ଉଦ୍ଧାର କରାଯିବା ସହ ନିରାପଦ ସ୍ଥାନରେ ଥଇଥାନ କରାଯିବ ସେ ସଂପର୍କରେ ବିଭିନ୍ନ କର୍ମଚାରୀ ଏବଂ ବାତ୍ୟା ଆଶ୍ରୟସ୍ଥଳୀୟ କର୍ମକର୍ତ୍ତାଙ୍କୁ ସଚେତନ କରାଇଥିଲେ। ଏଥିରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର, ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ଜିପିଓ ଜନ୍ମେଜୟ ରାଉତ, ମାହାଙ୍ଗା ବ୍ଲକ ଦମକଳ ବାହିନୀ ମୁଖ୍ୟ ଅଫିସର ପ୍ରଭଞ୍ଜନ ସିଂହ, ଗୋଷ୍ଠୀ କେନ୍ଦ୍ର ସଂପ୍ରସାରଣ ଅଧିକାରୀ ସୁଧାଂଶୁ ଦାସ, ଗୋବିନ୍ଦ ବସ୍ତିଆ, ଏବିଇଓ ସୋମନାଥ ରାମ, ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀ, ଏନଜିଓ ଅଭିଯାନର କର୍ମକର୍ତ୍ତା ଅକ୍ଷୟ କୁମାର ମହାନ୍ତି, ପିଇଓ ଅମିତ ସ୍ୱାଇଁ, ବଡବାବୁ ସୁବାଷ ମିଶ୍ର, ଦେବୀପ୍ରସାଦ ପଲେଇ ପ୍ରମୁଖ ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଆଲୋଚନା କରିଥିଲେ। ଏଥିରେ ଆଶା, ଅଙ୍ଗନବାଡି, ୱାର୍ଡ ସଭ୍ୟସଭ୍ୟା, ମେଡିକାଲ କର୍ମଚାରୀ, ଶିକ୍ଷାବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ହୀରକ ଜୟନ୍ତୀ ପାଇଁ ବିଧାୟକଙ୍କ ସହ ଆଲୋଚନା

ନିଶ୍ଚିନ୍ତକୋଇଲି,୨୦।୬(ସମିସ)

ନିଶ୍ଚିନ୍ତକୋଇଲି ମୁଖ୍ୟାଳୟରେ ଅବସ୍ଥିତ ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏହି ଅବସରରେ ମଙ୍ଗଳବାର ଦିନ ଛାତ୍ର ସଂସଦ ପକ୍ଷରୁ ମାହାଙ୍ଗାର ନବନିର୍ବାଚିତ ବିଧାୟକ ଶାରଦା ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଆସନ୍ତା ଜୁନ୍ ୩୦ତାରିଖରେ ବିଦ୍ୟାଳୟରେ ହୀରକ ଜୟନ୍ତୀ ପାଳନ ପାଇଁ ସ୍ଥିର କରାଯାଇଥିବାରୁ କାର୍ଯ୍ୟକ୍ରମକୁ ସରସ, ସୁନ୍ଦର ଓ ସମୃଦ୍ଧ କରିବା ନିମନ୍ତେ ଛାତ୍ର ସଂସଦ ପକ୍ଷରୁ ବିଧାୟକଙ୍କ ସହିତ ଏକ ଆଲୋଚନା କରାଯାଇଛି। ହୀରକ ଜୟନ୍ତୀ ପାଇଁ ପୁରାତନ ଛାତ୍ର ସଂସଦ କି କି କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରିଛି ସେ ସଂକ୍ରାନ୍ତରେ ବିଧାୟକ ପଚାରି ବୁଝିଲା ପରେ କିଛି ନୂତନ କାର୍ଯ୍ୟକ୍ରମ କରିବା ପାଇଁ ପରାମର୍ଶ ଦେବା ସହିତ ଏଥିରେ ତାଙ୍କର ସମସ୍ତ ସହଯୋଗ ରହିବ ବୋଲି ପ୍ରକାଶ କରିଛନ୍ତି। ବିଧାୟକଙ୍କ ବିଭିନ୍ନ ଚିନ୍ତାଧାରାରେ ଛାତ୍ର ସଂସଦ ଖୁବ୍ ଉତ୍ସାହିତ ହୋଇଛନ୍ତି। ଏହି ଆଲୋଚନାରେ ଛାତ୍ର ସଂସଦ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ରାଉତ, ଅକ୍ଷୟ ଷଡ଼ଙ୍ଗୀ, ଦେବେନ୍ଦ୍ର ସାହୁ, ଶ୍ରୀଧର ଶେଖର ମହାପାତ୍ର, ରମାନାଥ ସାହୁ, ଅଶୋକ ବେହେରା, ବୈକୁଣ୍ଠନାଥ ସାହୁ, କିଶୋର ନାଥ, ଅଭିରାମ ପଣ୍ଡା, ତ୍ରିଲୋଚନ ବେହେରା, ନାରାୟଣ ରାଉତ, ପ୍ରମୋଦ ଦାଶ ଓ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ



**ମାହାଙ୍ଗା,୨୦।୬(ସମିସ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଲିଯୋଡ଼ା ସ୍ଥିତ ଜେଏନ କଲେଜ ଛକ ଠାରେ ଥିବା ତାରିଣୀ ମନ୍ଦିରର ୩୦ ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ଜଳ ଗ୍ରହଣ ସହ ସୂର୍ଯ୍ୟପୂଜା ଆଦି ଯଥା ରୀତିନୀତିରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ସୁରେଶ ପଣ୍ଡା, ବଟକୃଷ୍ଣ ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ କର୍ତ୍ତା ଭାବେ ନିରଞ୍ଜନ ସ୍ୱାଇଁ ଓ କର୍ତ୍ତୀ ଭାବେ ଲତିକା ସ୍ୱାଇଁ ଯୋଗଦେଇଥିଲେ। ଏହି ବାର୍ଷିକ ଉତ୍ସବରେ ଗଙ୍ଗାଧର ବିଶ୍ୱାଳ, ରମେଶ ଲେଙ୍କା, ନରେନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି କର୍ମକର୍ତ୍ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର

**ନିଶ୍ଚିନ୍ତକୋଇଲି,୨୦।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ କୁମାର ନନ୍ଦ, କଟକ ସଦର ବ୍ଲକ ପ୍ରାକ୍ତନ ବିଜେପି ସଭାପତି ସୁରେଶଚନ୍ଦ୍ର ଜେନା, ବିଜେପି ମହିଳା ମୋର୍ଚ୍ଚା ପ୍ରାକ୍ତନ ସମ୍ପାଦିକା ସବିତା ଦାସ, ବିଜେପି କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ଜେନାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ଗତ କିଛି ମାସ ହେବ ଦଳରୁ ନିଲମ୍ବନ କରାଯାଇଥିଲା। ଗତ ନିର୍ବାଚନରେ ଏହି କର୍ମକର୍ତ୍ତାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଏବଂ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରିବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ପୁର୍ନବାର ଉକ୍ତ କର୍ମକର୍ତ୍ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ଏହି ଅବସରରେ ସମ୍ପୃକ୍ତ କର୍ମକର୍ତ୍ତାମାନେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଏବଂ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆଶା ଦିଦିଙ୍କ ପରଲୋକ



**ମାହାଙ୍ଗା,୨୦।୬(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ମୂଳବସନ୍ତ ଗ୍ରାମର କାର୍ଯ୍ୟରତ ଆଶା ଦିଦି ସନ୍ଧ୍ୟାରାଣୀ କର (୫୫)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଛି। ସେ ନଡ଼ିଆସାହାସପୁର ସେକ୍ଟରରେ ଆଶା ଦିଦି ଭାବେ କାର୍ଯ୍ୟ କରି ଲୋକମାନଙ୍କ ପ୍ରିୟପାତ୍ର ପାଲଟିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ନଡିଆସାହାସପୁର ସ୍ୱାସ୍ଥ୍ୟ ଅଧିକାରୀ ସମେତ ସମସ୍ତ କର୍ମଚାରୀମାନେ ଶୋକବ୍ୟକ୍ତ କରିଛନ୍ତି। ଏନେଇ ଆଜି ସମସ୍ତ ଆଶାକର୍ମୀ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୨୦।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନୀପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ଧର୍ମପ୍ରାଣ ମହିଳା କୁଞ୍ଜଲତା ସ୍ୱାଇଁ (୮୫)ଙ୍କ ବାସଭବନରେ ପରଲୋକ ହୋଇଛି। କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ନାରାୟଣ ସ୍ୱାଇଁ ଯାମାତା ମାଧବଚନ୍ଦ୍ର ରାଉତ, ସୁରେନ୍ଦ୍ର ଖଟୁଆ, ବ୍ରଜକିଶୋର ବେଦାନ୍ତ, ଅକ୍ଷୟକୁମାର ଖଟୁଆଙ୍କ ସମେତ ୪ କନ୍ୟା ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବର ପାଇ ସ୍ଥାନୀୟଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ କନିଷ୍ଠ ପୁତ୍ର ପ୍ରାକ୍ତନ ସିଆରସିସି ପ୍ରଭାକର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ବସୁଧା ସମାଜ ସେବକ ସଂଘ କୋଷାଧ୍ୟକ୍ଷଙ୍କ ପରଲୋକ



**ମାହାଙ୍ଗା,୨୦।୬(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ଗ୍ରାମର ତଥା ବସୁଧା ସମାଜ ସେବକ ସଂଘର କୋଷାଧ୍ୟକ୍ଷ ହେମନ୍ତ କୁମାର ସାହୁ (୬୨)ଙ୍କ ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ମଧୁମେୟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ପ୍ରାଣ ହରାଇଛନ୍ତି। ସ୍ୱର୍ଗତ ସାହୁ ଜଣେ ମିଷ୍ଟଭାଷୀ, ପରୋପକାରୀ ଏବଂ ସାମଜିକ ଅନୁଷ୍ଠାନ ସହ ଜଡିତ ହୋଇ ବିଭିନ୍ନ ଦୁଃଖ ସମୟରେ ସେମାନଙ୍କର ନିକଟରେ ପହଞ୍ଚି ସାହାଯ୍ୟ ସହଯୋଗର ହାତ ବଢାଇଥାନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ପୁତ୍ର ଶାନ୍ତନୁ ମୁଖାଗ୍ନି ଦେଇଥିବାବେଳେ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ସମାଜସେବୀ ରାକେଶ ସାହୁ, ଉଦୟଭାନୁ ଦାସ, କ୍ଷିତୀଶ ସାହୁ, ବିଚିତ୍ରା ସାହୁ, ଅଭୟ ସାହୁ, ପ୍ରଫୁଲ୍ଲ ବେହେରା, ବିମଳ ସାହୁ, ବିଭୂତି ନାୟକ, ଦିବ୍ୟଜ୍ୟୋତି ବାରିକ, ବିପ୍ରବର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ଅଂଶୁଘାତରେ ଛାତ୍ରୀ ଅଚେତ ଅଭିଯୋଗ



**ନରସିଂହପୁର,୨୦।୬(ସମିସ):** ଭୀଷଣ ଗୁଳୁଗୁଳିରେ ଜଣେ ଛାତ୍ରୀ ଅଚେତ ହୋଇପଡ଼ିଛି। ନରସିଂହପୁର ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସସ୍ମିତା ସେଠୀ ଅଂଶୁଘାତର ଶିକାର ହୋଇ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଶିକ୍ଷକ-ଶିକ୍ଷୟିତ୍ରୀ ୧୦୮ ଆମ୍ବୁଲାନ୍ସରେ ନରସିଂହପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଛାତ୍ରୀଙ୍କୁ ଚିକିତ୍ସା କରାଯିବା ପରେ ଛାତ୍ରୀ ଜଣକ ସୁସ୍ଥ ଅନୁଭବ କରିଥିଲେ। ଖରାର ତାତି ପ୍ରକୋପ ହ୍ରାସ ପାଇ ନ ଥିବା ବେଳେ ସ୍କୁଲ ଖୋଲିଥିବା ହେତୁ ଛାତ୍ରଛାତ୍ରୀ ଖରାର ପ୍ରକୋପ ସମ୍ଭାଳି ପାରୁ ନ ଥିବା ଦେଖିବାକୁ ମିଳିଛି।

ସରକାରୀ ଜମିରେ ଗୃହ ନିର୍ମାଣ ଘଟଣା

# ତହସିଲ ପକ୍ଷରୁ ବନ୍ଦ କରିବାକୁ ନିର୍ଦ୍ଦେଶ

ମାହାଙ୍ଗା,୨୦।୬(ସମିସ)

ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଜୋରଜବରଦସ୍ତ ଦଖଲ କରିବା ସହ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଥିଲା। ଯଦି କେହି ଏହାକୁ ବିରୋଧ କରୁଛି ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଇଥିଲା। ମାହାଙ୍ଗା ତହସିଲ ଅନ୍ତର୍ଗତ କଇଥା ପଞ୍ଚାୟତ ତ୍ରିନାଥପୁର ଗୁନିସାହି ଗ୍ରାମର ଏହି ଘଟଣାକୁ ନେଇ ଅଭିଯୋଗ ହେଲା ପରେ ତହସିଲ ପକ୍ଷରୁ ଉକ୍ତ ବେଆଇନ ଘର ନିର୍ମାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ, ତ୍ରିନାଥପୁର ଗୁନିସାହି ଗ୍ରାମର ସ୍ୱର୍ଗତ ରମେଶ ଗାହାଣଙ୍କ ପୁତ୍ର ରଜତ ବେଆଇନ ଭାବେ ଗେଙ୍ଗୁଟୀ ନଦୀ (ବାଇଁସିଆ) ନଦୀ ପାର୍ଶ୍ୱରେ ଏକ



ଗୃହ ନିର୍ମାଣ କରୁଛନ୍ତି। ଏନେଇ ଏହି ଗ୍ରାମର ଅମୂଲ୍ୟ ଗାହାଣଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଗୃହ ନିର୍ମାଣକୁ ବିରୋଧ କରିବା ସହ ତହସିଲଠାରୁ ଆରମ୍ଭ କରି ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜଳ ନିବାଶ ବିଭାଗ ଠାରେ ଅଭିଯୋଗ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରସାରଣ ହୋଇଥିଲା। ଗୁରୁବାର ତହସିଲ ପ୍ରଶାସନ ପକ୍ଷରୁ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଏବଂ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗୃହ ନିର୍ମାଣ କରୁଥିବା ରଜତକୁ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ସଂପର୍କରେ ତହସିଲଦାର ଶ୍ରୀ ମିଶ୍ରଙ୍କୁ ପଚାରିବାରୁ ଗୃହ ନିର୍ମାଣସ୍ଥଳରେ ପହଞ୍ଚି ଗୃହ ନିର୍ମାଣକାରୀକୁ ଗୃହ କାର୍ଯ୍ୟ ବନ୍ଦ କରିବାକୁ କହିଥିଲୁ। ଉଭୟ ପକ୍ଷଙ୍କୁ ନୋଟିସ ଜାରୀ କରାଯାଇ ଗୃହ ଭଙ୍ଗାଯିବ ବୋଲି କହିଥିଲେ।



# କେକେ ପ୍ଲାଜାରେ ଅଗ୍ନିକାଣ୍ଡ; ୧୩୦ ଉଦ୍ଧାର





## ତାଲା ବନ୍ଦ ଘରୁ ଲାଗିଥିଲା ନିଆଁ

ଭୁବନେଶ୍ୱର, ୨୦।୬(ସମିସ): ରାଜଧାନୀର ପଟିଆସ୍ଥିତ କେକେ ପ୍ଲାଜା ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟର ଅଷ୍ଟମ ମହଲା ଫ୍ଲାଟ ନଂ-୮୦୩ ଫ୍ଲାଟ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ଫଳରେ ଉକ୍ତ ଫ୍ଲାଟ୍‌ରୁ ପ୍ରବଳ ମାତ୍ରାରେ ଧୂଆଁ ବାହାରିଥିଲା। ଖବର ପାଇ ଚନ୍ଦକା ଏବଂ ଚନ୍ଦ୍ରଶେଖରପୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ୪ଟି ଗାଡ଼ି ଏବଂ ୨୦ ଜଣ କର୍ମଚାରୀ ଏକ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଲିଭାଇଥିଲେ। ଏଥିରେ କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। କିନ୍ତୁ ଧୂଆଁ ଅନ୍ୟ ଫ୍ଲାଟ୍‌କୁ ପଶୁଥିବାରୁ ଅଣନିଶ୍ୱାସୀ ହୋଇ ଜୀବନ ଯିବାର ଆଶଙ୍କା ରହିଥିବାରୁ ୧୩୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ୮୦୩ ଫ୍ଲାଟ୍‌ରେ କୋଟି କୋଟି ଟଙ୍କାର ଘରର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘରର ମାଲିକ ଦେବାଶିଷ ଏବଂ ବନ୍ଦନା ବୋଲି ଜଣାପଡ଼ିଛି। ସେ ଦୁଇ ମାସ ହେବ ସେ ଘର ତାଲା ପକାଇ କୋଲକାତାକୁ ଯାଇଥିଲେ। ନିଆଁ ଲାଗିବା ଫଳରେ ତାଙ୍କର ଶୋଇବା ରୁମ୍, ଡାଇନିଂ ରୁମ୍, କିଚେନ୍ ରୁମ୍ ଭିତରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲେ। ଏସି, ଫ୍ରିଜ୍, ଏଲ୍‌ଇଡି ଟିଭି, ଡାଇନିଂ ଟେବୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ ଇନ୍‌ଭଟର୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ବିଲ୍ଡର ନାମରେ ଥାନାରେ ଅଭିଯୋଗ

ଉକ୍ତ ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ତାତିଛନ୍ତି ଅନ୍ତେବାସୀ। ସେମାନଙ୍କୁ ବିଲ୍ଡର ଠକି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। କାରଣ ଘର ନେବା ପୂର୍ବରୁ ବିଲ୍ଡର ସଂସ୍ଥା ତାଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିବା କହିଥିଲେ। କିନ୍ତୁ ଘର କଣିବା ପରେ ସେଥିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସେମାନେ କହିଛନ୍ତି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି।

## ଆପାର୍ଟମେଣ୍ଟରେ ରହୁନି ଅଗ୍ନି ନିରାପତ୍ତା ବ୍ୟବସ୍ଥା

**ବିଲ୍ଡର ସଂସ୍ଥା ମିଛ କହି ଫ୍ଲାଟ୍‌କୁ ବିକ୍ରି କରିଛନ୍ତି**

**ଅଗ୍ନିଶମ ବିଭାଗଠାରୁ ନେଉନାହାନ୍ତି ସାର୍ଟିଫିକେଟ**

**ନିୟମିତ ଯାଞ୍ଚ କରିବାକୁ ଭୁଲି ଯାଉଛି ବିଭାଗ**

ଭୁବନେଶ୍ୱର, ୨୦।୬(ସମିସ): ରାଜଧାନୀରେ ପ୍ରତିଦିନ ଛତୁ ଫୁଟିଲା ପରି ଅଟ୍ଟାଳିକା ନିର୍ମାଣ କରାଯାଉଛି। ବିଶେଷକରି ବିଲ୍ଡରମାନେ ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ଲୋକଙ୍କ ଜୀବନ ବିପଦକୁ ଠେଲି ଦେଉଛନ୍ତି। ନା ସେମାନେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରୁଛନ୍ତି, ନା ବିଭାଗ ଠାରୁ ସାର୍ଟିଫିକେଟ୍ ନେଉଛନ୍ତି। ସେମାନେ ଘର ନିର୍ମାଣ କରି ରାତାରାତି କୋଟି କୋଟି ଟଙ୍କାରେ ବିକ୍ରି କରି ଦେଉଛନ୍ତି। ଯାହାର ଉଦାହରଣ ପଟିଆସ୍ଥିତ କେ.କେ ପ୍ଲାଜା ଆପାର୍ଟମେଣ୍ଟରେ ଦେଖିବାକୁ ମିଳୁଛି। ଉକ୍ତ ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ନିଆଁ ଲାଗିଥିଲା। ପୂର୍ବରୁ ମଧ୍ୟ ଚନ୍ଦ୍ରଶେଖରପୁର ନନ୍ଦନବିହାରରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଭୋରରୁ ୩ ମହଲା କୋଠାରେ ନିଆଁ ଲାଗି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଗଲା। ଏହି ଅଗ୍ନିକାଣ୍ଡ ଏମ୍ବାସୀ ବାର୍ ମାଲିକଙ୍କ ଘରେ ସର୍ଟସର୍କିଟରୁ ଘଟିଥିଲା। ହଠାତ ନିଆଁ ଦେଖି ଘର ମାଲିକଙ୍କ ସ୍ତ୍ରୀ ଓ ପିଲା ବାଥ୍‌ରୁମ୍‌ରେ ପଶିଯାଇଥିଲେ। ସାୱାର ଖୋଲି ଦୀର୍ଘ ସମୟ ପର୍ଯ୍ୟନ୍ତ ବାଥରୁମ ଭିତରେ ରହିଥିଲେ। ଏଭଳି ଅଗ୍ନିକାଣ୍ଡ ଭଳି ଅନେକ ଲୋକଙ୍କ ଘରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ନିଆଁ ଲାଗିଲେ ଘରୁ ବାହାରିବା ପାଇଁ ନା ବାଟ ଅଛି ନା ଉଦ୍ଧାର କରିବା ପାଇଁ ଅଗ୍ନିଶମ ଗାଡ଼ି ଯିବାକୁ ବାଟ ଅଛି। ଯାହାଫଳରେ ନିଆଁରେ ଧନହାନୀ ଘଟିବାର ଅଧିକ ସମ୍ଭାବନା ରହିଛି।

### ପାଳନ ହେଉନି ନିୟମାବଳୀ

ଅଗ୍ନିଶମ ନିୟମାବଳୀ ଅନୁସାରେ ଯେଉଁ ଅଟାଳିକାର ଉଚ୍ଚତା ୧୫ ମିଟରରୁ ତଳେ ରହିଛି। ସେଠାରେ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଆବଶ୍ୟକତା ନାହିଁ। ୧୫ ମିଟର ଉଚ୍ଚତାରୁ ଅଧିକ ହେଲେ ଅଗ୍ନିଶମ ସାର୍ଟିଫିକେଟ୍ ନେବା ବାଧ୍ୟତାମୂଳକ। ଆହୁରି ମଧ୍ୟ ଛାତ ଉପରେ ୨୨ହଜାର ଲିଟର ପାଣି ରହିବାର ଟାଙ୍କି କରିବାର ନିୟମ ରହିଛି। କିନ୍ତୁ ଅନେକ ଆପାର୍ଟମେଣ୍ଟରେ ଏହି ପାଣିଟାଙ୍କି ନଥିବାର ଦେଖିବାକୁ ମିଳିଛି। ନିଆଁ ଲାଗିଲେ ଅଗ୍ନିଶମ କର୍ମଚାରୀ ଉକ୍ତ ଟାଙ୍କିରୁ ପାଣି ବ୍ୟବହାର କରି ନିଆଁକୁ ଲିଭାଇ ପାରିବେ। ସେହିପରି ପ୍ରତି ଫ୍ଲୋର୍‌ରେ ଗୋଟିଏ ପାଣି ପମ୍ପ ଲାଗିବା ନିୟମ ରହିଛି। ଏଥିସହ ସ୍ପ୍ରିଙ୍କ୍‌ଲର, ନିଆଁ ଲିଭାଇବା ସିଲିଣ୍ଡର ଏବଂ ନିଆଁ ଲାଗିଲେ ସାଇରନ୍ ବ୍ୟବସ୍ଥା କରିବାକୁ କୁହାଯାଇଛି। କିନ୍ତୁ କୌଣସି ଆପାଟମେର୍ଣ୍ଟ ସେଭଳି ବ୍ୟବସ୍ଥା କରିନାହାନ୍ତି। କିନ୍ତୁ ଅନେକଙ୍କୁ ଅଗ୍ନିଶମ ସାର୍ଟିଫିକେଟ୍ ଦିଆଯାଇଛି। ତେଣୁ କେଉଁ ଅଧିକାରୀ ଆପାର୍ଟମେଣ୍ଟକୁ ଯାଇ ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଦେଲେ ତାହା ସନ୍ଦେହ ଘେରରେ।

### ଅନ୍‌ଲାଇନ୍ ଆବେଦନ ଜାଣୁନାହାନ୍ତି

ଏବେ ଅନ୍‌ଲାଇନ୍‌ରେ ଅଗ୍ନିଶମ ସାର୍ଟିଫିକେଟ୍ ମିଳୁଛି। ଜଣେ ଘର କରିବା ପରେ ଏହାର ଡିଜାଇନ୍‌କୁ ଅଗ୍ନିଶମର ସାଇଟ୍‌ରେ ଅପ୍‌ଲୋଡ୍ କରିବେ। ପରେ ତାଙ୍କୁ ଉକ୍ତ ଅଞ୍ଚଳର ଅଗ୍ନିଶମ ଅଧିକାରୀ ପଚାରି ବୁଝିବେ। ପରେ ଅଗ୍ନିଶମ ଅଧିକାରୀ ଉକ୍ତ ଆପାର୍ଟମେଣ୍ଟକୁ ଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରି ରିପୋର୍ଟ ଦେବେ। ରିପୋର୍ଟ ଦେବା ପରେ ପୁଣି ସମସ୍ତ କପି ଆବେଦନକାରୀଙ୍କ ପକ୍ଷରୁ ଅନ୍‌ଲାଇନ୍‌ରେ ଅପଲୋଡ୍ କରାଯିବ। ଶେଷରେ ପୁଣି ଥରେ ଡକ୍ୟୁମେଣ୍ଟକୁ ଯାଞ୍ଚ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯିବ। କିନ୍ତୁ ଅନେକ ବ୍ୟକ୍ତି ଏହି ଅନ୍‌ଲାଇନ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ନାହାନ୍ତି।

### କେବେ ହେବ ଅତର୍କିତ ଯାଞ୍ଚ

ସହରରେ ବଡ଼ ବଡ଼ ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କିନ୍ତୁ ଏହାକୁ ଅତର୍କିତ ଚଢ଼ଉ କରାଯାଇ ଯାଞ୍ଚ କରାଯାଉ ନାହିଁ। ଯାଞ୍ଚ ପରେ ଯେଉଁମାନେ ସାର୍ଟିଫିକେଟ୍ କରିନାହାନ୍ତି ସେମାନଙ୍କୁ ତାଗିଦ କରି ନିର୍ଦ୍ଦିଷ୍ଟ ସମୟ ଦିଆଯାଉ। ଏହି ସମୟରେ ସେମାନେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିନଥିଲେ ମୋଟା ଅଙ୍କର ଜରିମାନା କରିବାକୁ ସାଧାରଣରେ ଦାବି ହେଉଛି।

## ଅପହରଣ ପରେ ମହିଳାଙ୍କ ମୁଣ୍ଡଜାମିନ୍

ଭୁବନେଶ୍ୱର, ୨୦।୬(ସମିସ): ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କୁ ଅପହରଣ କରାଯାଇଛି। ଅପହୃତା ମହିଳା ହେଲେ ସ୍ମୃତିରେଖା ପାଣି। ମହିଳାଙ୍କୁ ମୁଣ୍ଡଜାମିନ୍ ବାବଦରେ ଅପହରଣକାରୀମାନେ କୋଟିଏ ଟଙ୍କା ଦାବି କରିଛନ୍ତି। ଟଙ୍କା ନ ଦେଲେ ମହିଳାଙ୍କୁ ଜୀବନରୁ ମାରିଦେବେ ବୋଲି ଅପହରଣକାରୀମାନେ ଧମକ ଦେଇଛନ୍ତି। ଏନେଇ ଚନ୍ଦକା ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। କମିସନରେଟ୍ ପୁଲିସ ପକ୍ଷରୁ ୬ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ ଚଳାଇଛି। ମହିଳାଙ୍କ ନମ୍ବରରୁ ଧମକ ଆସିଥିବାରୁ ଉକ୍ତ ନମ୍ବରର ଲୋକେସନ୍‌କୁ ଟ୍ରାକିଂ କରାଯାଇ ତନାଘନା କରାଯାଉଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଆମେରିକାରେ ରହୁନ୍ତି। ପାରିବାରିକ ବିବାଦରୁ ପ୍ରାୟ ଅଢ଼େଇ ବର୍ଷ ହେବ ମହିଳାଜଣକ ତାଙ୍କ ସ୍ୱାମୀ ପାଖରୁ ଅଲଗା ହୋଇ ବାପ ଓ ମା'ଙ୍କ ସହ ଚନ୍ଦକା ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ରହୁଛନ୍ତି। ଉକ୍ତ ଆପାର୍ଟମେଣ୍ଟରେ ଦୁଇଜଣ ଘରୋଇ ସହାୟକ ମଧ୍ୟ ତାଙ୍କ ପରିବାର ସହ ରହୁଛନ୍ତି। ବୁଧବାର ସାଢ଼େ ୩ଟାରେ ମହିଳାଙ୍କୁ ସନ୍ଧାନ ମିଳି ନ ଥିଲା। ସନ୍ଧ୍ୟା ୬ଟାରେ ମହିଳାଙ୍କ ନମ୍ବରରୁ ତାଙ୍କ ବାପାଙ୍କୁ କଲ୍ ଆସିଥିଲା। ତାଙ୍କୁ ଝିଅକୁ ଅପହରଣ କରିଥିବା ନେଇ ଦୁର୍ବୃତ୍ତମାନେ ଫୋନ୍ ଯୋଗେ କହିଥିଲେ। ମହିଳା ଜଣକ ସେମାନଙ୍କ କବ୍‌ଜାରେ ରହିଛନ୍ତି ଓ ମୁଣ୍ଡଜାମିନ୍ ବାବଦରେ ଅପହରଣକାରୀମାନେ କୋଟିଏ ଟଙ୍କା ଦାବି କରିଥିଲେ। ଏନେଇ ମହିଳାଙ୍କ ବାପା ଚନ୍ଦକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆପାର୍ଟମେଣ୍ଟ ଓ ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ଅପହରଣକାରୀମାନେ ହିନ୍ଦୀ ଭାଷାରେ କଥା ହେବାରୁ ଅପହରଣ ପଛରେ ଅଣଓଡ଼ିଆ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ପ୍ରକୃତରେ ମହିଳାଙ୍କୁ ଅପହରଣ କରାଯାଇଛି ନା ଏହା ପଛରେ କୌଣସି ନାଟକ ରଚାଯାଇଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

**କୋଟିଏ ଟଙ୍କା ମାଗୁଛନ୍ତି ଅପହରଣକାରୀ**

**୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ପୁଲିସର ତନାଘନା**

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

କଟକ, ୨୦।୬(ସମିସ): ଜଣେ ନାବାଳିକାକୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ଅଭିଯୋଗରେ ଆସାମୀକୁ କଟକସ୍ଥିତ ଆଡହକ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଆଇନର ଧାରା-୬ ଅନୁସାରେ ଆସାମୀ ତଥା ଜଗତସିଂହପୁର ଜିଲ୍ଲା ଜଗତସିଂହପୁର ଥାନା ବଡ଼ମୁଣ୍ଡାଇଲୋ ଅଞ୍ଚଳର କାଳିଆ ଓରଫ ଯୁଗଳ କିଶୋର ଭୋଇ(୩୦)କୁ ୨୦ ବର୍ଷ ସଶ୍ରମ ଜେଲ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅତିରକ୍ତ ୬ମାସ ଜେଲ ଦଣ୍ଡ ଆସାମୀ ଭୋଗିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୦ ଜୁଲାଇ ୫ରେ କଟକ ଜିଲ୍ଲା ନିଆଳି ଥାନା ଅଞ୍ଚଳର ପୀଡ଼ିତା ନାବାଳିକା ଜଣକ ନିଜ ଘରୁ ସୁନା ଜିନିଷ ନେଇ ସମ୍ପୃକ୍ତ ଅଭିଯୁକ୍ତ ସହ ଫେରାର ହୋଇଯାଇଥିଲା। ଏନେଇ ନାବାଳିକା ପରିବାର ପକ୍ଷରୁ ନିଆଳି ଥାନାରେ ଏତଲା ଦିଆଯାଇଥିଲା। ପୀଡ଼ିତାଙ୍କୁ ଆସାମୀ ଜଣକ ଅପହରଣ ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ୨୦୨୦ ଜୁଲାଇ୫ରେ ଆସାମୀକୁ ଗିରଫ କରିବା ସହ ୨୦୨୧ ମାର୍ଚ୍ଚ ୨୮ରେ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ ରାୟ।

## ଦୁଇ ସାଙ୍ଗଙ୍କୁ ଆକ୍ରମଣ; ୩ ଗିରଫ



**ପୂର୍ବରୁ ଜେଜେବିରେ ହାଜର ହୋଇଥିଲେ ୩ ନାବାଳକ**

ଭୁବନେଶ୍ୱର, ୨୦।୬ (ସମିସ): ଦୁଇ ଜଣ ସାଙ୍ଗଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଥରବନ୍ଧ ବସ୍ତି ହନୁମାନ ସାହିର ରାକେଶ ନାୟକ (୨୭), ମୁନା ଓରଫ୍ ଆକାଶ ନାୟକ (୨୪) ଓ ଚନ୍ଦୁ ରାଓ (୨୪)। ପୁଲିସ ସୂଚନା ଅନୁସାରେ, ପଥରବନ୍ଧ ବସ୍ତିରେ ରହୁଥିବା କୈଳାସ ରେଡ୍ଡୀଙ୍କ ପୁଅ ଓ ତାଙ୍କ ସାଙ୍ଗ ଗତ ୧୭ ତାରିଖ ସନ୍ଧ୍ୟାରେ ମଟରସାଇକଲ୍ ଯୋଗେ ଭିଏସ୍‌ଏସ୍ ମାର୍କେଟ ଅଭିମୁଖେ ଯାଉଥିଲେ। ସେମାନେ ପ୍ରଭୁଜୀ ସ୍କୁଲ ନିକଟରେ ପାଇଥିବା ବେଳେ ରାକେଶ, ମୁନା, ଚନ୍ଦୁ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ରାସ୍ତାରେ ଅଟକାଇବା ସହିତ ସାଙ୍ଗରେ ଆଣିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ କୈଳାସଙ୍କ ପୁଅ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ତଳେ ପଡ଼ି ଯାଇଥିଲେ। ଅଭିଯୁକ୍ତମାନେ ତାଙ୍କ ବେକରୁ ଏକ ସୁନା ଚେନ ଓ ପକେଟରୁ ୨ ହଜାର ଟଙ୍କା ନେଇଯାଇଥିଲେ। ଘଟଣା ସମ୍ପର୍କରେ ପୁଲିସରେ ଅଭିଯୋଗ କଲେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଏକ କାର ଯୋଗେ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ସହିଦନଗର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାରେ ସଂପୃକ୍ତ ଥିବା ତିନିଜଣ ନାବାଳକଙ୍କୁ ବୁଧବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିଥିଲା ପୁଲିସ। ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଝୁଲି ପଡ଼ିଲେ ଯୁବକ

ଭୁବନେଶ୍ୱର, ୨୦।୬(ସମିସ): କ୍ୟାପିଟାଲ ଥାନା ଶିଶୁଭବନ ଛକରେ ରହୁଥିବା ଜଣେ ୧୯ ବର୍ଷିୟ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବକ ହେଲେ ଅନୁଭବ ଦାଶ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଗତକାଲି ସେ ପରିବାର ଲୋକଙ୍କ ସହ ଭଲରେ ମିଳାମିଶା କରିଥିଲା। ହେଲେ ସକାଳୁ ସେ ବେକରେ ଗାମୁଛା ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ପାଇ ପୁଲିସକୁ ଜଣାଇଥିଲେ।

**ଦ୍ୱୈତନଗରୀର ଟ୍ରାଫିକ୍ ସ୍ଥିତି ଅଣାୟତ୍ତ**

# ବଦଳୁଛନ୍ତି ଡିସିପି, ବିଗୁଡ଼ୁଛି ସ୍ଥିତି

ଭୁବନେଶ୍ୱର, ୨୦।୬(ସମିସ): ଦ୍ୱୈତନଗରୀରେ ଥରକୁ ଧର ବଦଳୁଛନ୍ତି ଟ୍ରାଫିକ୍ ଡିସିପି। ଗତ ୪ ବର୍ଷର ରେକର୍ଡକୁ ଦେଖିଲେ ଡିସିପି ପାହ୍ୟାରେ ୮ ଜଣ ଅଧିକାରୀ ଅବସ୍ଥାପିତ ହେଲେଣି। ଶେଷଥର ପାଇଁ ଗତ ମେ ୩୧ ତାରିଖରେ ଟ୍ରାଫିକ ଡିସିପି ଥିବା ପ୍ରାଣକୃଷ୍ଣ ରାଉତଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୩ ସପ୍ତାହରୁ ଅଧିକ ଦିନ ହେଲା ସେଇ ପଦରେ କାହାରିକୁ ଅବସ୍ଥାପିତ କରାଯାଇ ପାରିନାହିଁ। ସେହି ସ୍ଥାନରେ କମାଣ୍ଡାଣ୍ଟ ତଥା ୟୁପି ଓ ଟିଟିଆଇ ପ୍ରିନ୍ସପାଲ ତାପସ ରଞ୍ଜନ ଦାଶଙ୍କୁ ଭାରପ୍ରାପ୍ତ ଟ୍ରାଫିକ୍ ଡିସିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷେ ଭୁଶୁଡ଼ିପଡ଼ିଲାଣି ସହରର ଟ୍ରାଫିକ୍ ବ୍ୟବସ୍ଥା। ମୁଖ୍ୟରାସ୍ତା ଠାରୁ ଆରମ୍ଭ କରି ଟ୍ରାଫିକ୍ ଛକଗୁଡ଼ିକରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଜାତୀୟ ରାଜପଥ ଅବସ୍ଥା ଅହୁରି ଖରାପ। ସନ୍ଧ୍ୟାରେ ସହରର ଟ୍ରାଫିକ୍‌ର ଭିଡ଼ରେ ଫସି କାନ୍ଦୁଛନ୍ତି ଗାଡ଼ି ଚାଳକ।

୨୦୧୯ ମସିହାରେ ଦ୍ୱୈତନଗରୀରେ ଟ୍ରାଫିକ୍ ବ୍ୟବସ୍ଥାକୁ ଅନ୍ୟ ମେଟ୍ରୋସିଟି ଭାବେ ନୂଆ ରୂପରେ ଗଢ଼ି ତୋଳିବା ଲାଗି ସ୍ୱତନ୍ତ୍ର ଭାବେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଦ୍ୱୈତନଗରୀରେ ପ୍ରଥମ ମହିଳା ଟ୍ରାଫିକ୍ ଡିସିପି ଭାବେ ଆଇପିଏସ୍ ସାଗରିକା ନାଥଙ୍କୁ ଅବସ୍ଥାପିତ କରାଯାଇଥିଲା। ସେ ସହରର ଟ୍ରାଫିକ ସ୍ଥିତିକୁ ନୂଆ ରୂପ ଦେବାରେ ଲାଗି ପଡ଼ିଥିଲେ। ଆଉ ଏକ ନକ୍ସା ପ୍ରସ୍ତୁତ କରିବା ସହ ଟ୍ରାଫିକ ସଜାଡ଼ିବା ଲାଗି ନୂଆ ଯୋଜନା ଓ ବନ୍ଦ ହେବାକୁ ବସିଥିବା ପୁରୁଣା ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଜେବ୍ରା କ୍ରସିଂ ଠାରୁ ହେଲ୍‌ମେଟ୍ ଅବା ଲେନ୍ ଡ୍ରାଇଭିଂ ବ୍ୟବସ୍ଥାକୁ ଲାଗୁ କରିଥିଲେ। ଏଥିରେ ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସିବା ସହ ନୂଆ ନିୟମରେ ଲୋକେ ଅଭ୍ୟସ୍ତ ହୋଇଥିଲେ। କିନ୍ତୁ ସହରରେ ଟ୍ରାଫିକ ସ୍ଥିତିରେ ଆହୁରି ସୁଦୃଢ଼ୀକରଣ ହେବା ପୂର୍ବରୁ ୨୦୨୦ ମସିହାରେ ଡିସିପି ସାଗରିକା ନାଥଙ୍କୁ ସୁନ୍ଦରଗଡ଼ ଏସ୍‌ପି ଭାବେ ବଦଳି କରାଯାଇଥିଲା।



**ଥଇଥାନ୍ କେନ୍ଦ୍ର ପାଲଟିଛି ଟ୍ରାଫିକ୍ ଡିସିପି ପାହ୍ୟା**

**୪ ବର୍ଷରେ ଦ୍ୱୈତନଗରୀରେ ୮ ଟ୍ରାଫିକ୍ ଡିସିପି**

ତାଙ୍କ ବଦଳି ପରେ ଏହି ପଦବୀ କିଛି ଦିନ ଫାଙ୍କା ପଡ଼ିଥିଲେ। ପରେ ପୁଣି ୨୦୨୦ ମସିହା ସେପ୍ଟେମ୍ବରରେ ଟ୍ରାଫିକ ଡିସିପି ଭାବେ ଆଇପିଏସ୍ ସୌମ୍ୟା ମିଶ୍ରଙ୍କୁ ନିଯୁକ୍ତ ଦିଆଯାଇଥିଲା। କିନ୍ତୁ ସେ ଅଳ୍ପ ଦିନ ଏହି ପଦରେ ରହିବା ପରେ ୨୦୨୧ ଫେବୃଆରୀ ମାସରେ କ୍ୟାଡର୍ ବଦଳାଇ ପଞ୍ଜାବ ପଳାଇଥିଲେ। ଏହାପରେ ସମାନ ଭାବେ କିଛିଦିନ ଏହି ପଦ ଖାଲି ପଡ଼ିଥିଲା। ତାଙ୍କ ସ୍ଥାନରେ କିଶୋର ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅନୁରୂପ ଭାବେ ପଦୋନ୍ନତି ପାଇଥିବା ମାୟାଧର ସେଠୀଙ୍କୁ ଟ୍ରାଫିକ ଡିସିପି ଭାବେ ଅବସ୍ଥାପିତ କରାଯାଇଥିଲା। ତାଙ୍କୁ ବଦଳାଇ ପୁଣି ଥରେ ତାଙ୍କ ସ୍ଥାନରେ ୨୦୨୧ ଡିସେମ୍ବର ମାସରେ ଆଇପିଏସ୍ ଏସ୍.ସୁଶ୍ରୀଙ୍କୁ ଟ୍ରାଫିକ ଡିସିପି ଭାବେ ଅବସ୍ଥାପିତ କରାଯାଇଥିଲା। ସେ କିଛି ଦିନ ପୁରୁଣା ଯୋଜନାକୁ ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବି ବଦଳାଇ ଦିଆଗଲା। ଆଇପିଏସ୍ ଏସ୍.ସୁଶ୍ରୀଙ୍କୁ ନବରଙ୍ଗପୁର ଜିଲ୍ଲାର ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଥିଲା। ତାଙ୍କ ବଦଳି ପରେ ଓପିଏସ୍‌ରୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିବା ଠାକୁର ପ୍ରସାଦ ପାତ୍ରଙ୍କୁ ଦ୍ୱୈତନଗରୀର ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ସେ କିଛି ମାସ କାର୍ଯ୍ୟ ତୁଳାଇବା ପରେ ତାଙ୍କର କାର୍ଯ୍ୟକାଳ ସରିଯାଇଥିଲା। ପରେ ଅତିରିକ୍ତ ଟ୍ରାଫିକ୍ ଡିସିପି ଭାବେ ଡିଡି କରଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ୨୦୨୩ ମସିହା ନଭେମ୍ବର ୧୪ ତାରିଖରେ ପ୍ରାଣକୃଷ୍ଣ ରାଉତଙ୍କୁ ଟ୍ରାଫିକ୍ ଡିସିପିର କାର୍ଯ୍ୟଭାର ଦିଆଯାଇଥିଲା। ସେ ସାଢ଼େ ୬ମାସ ରହିବା ପରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲା।

ଅନ୍ୟପଟେ ୨୦୧୪ ମସିହାରେ ଦ୍ୱୈତନଗରୀର ଟ୍ରାଫିକ ସ୍ଥିତିରେ ସୁଧାର ଆଣିବା ଟ୍ରାଫିକ ଡିସିପିର ପଦ ସୃଷ୍ଟି କରାଯାଇଥିଲା। ଦ୍ୱୈତନଗରୀର ପ୍ରଥମ ଟ୍ରାଫିକ ଡିସିପି ଭାବେ ଏମ୍.ଏନ୍ ବହିଦାରଙ୍କୁ ନିଯୁକ୍ତି ମିଳିଥିଲା। ପରେ କେ.ସି ସାମଲ, ଏସ୍.କେ ମହାପାତ୍ର, ବି.କେ ସାହୁ, ଏ.କେ ପଣ୍ଡାଙ୍କୁ ଅବସ୍ଥାପିତ କରାଯାଇଥିଲା। ସେମାନେ ପଦୋନ୍ନତି ମିଳିବା ପରେ ଟ୍ରାଫିକ ଡିସିପି ଭାବେ ନିଯୁକ୍ତି ଦିଆଯାଉଥିଲା।

### ନୂଆ ଡିସିପି ନୂଆ ଯୋଜନା

ଏହି ପଦରେ ଯୋଗଦେବା ପରେ ସମ୍ପୃକ୍ତ ଟ୍ରାଫିକ୍ ଡିସିପିମାନେ ନୂଆ ନୂଆ ଯୋଜନା କରୁଛନ୍ତି। ସହରର ଟ୍ରାଫିକ୍ ସ୍ଥିତି ବଦଳାଇବା ପରିବର୍ତ୍ତେ ଅନ୍ୟ ଟ୍ରାଫିକ କର୍ମଚାରୀଙ୍କୁ ଅଡୁଆରେ ପକାଉଛନ୍ତି। ସହରର ଭିତ୍ତିଭୂମି ଠାରୁ ବ୍ୟବସ୍ଥା ଅଧିକ କରୁଛନ୍ତି। ଟ୍ରାଫିକ ପରିଚାଳନା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଲାଗି ଯେତେ ଯୋଜନା କରାଯାଇଥିଲା ତାହା ଆଗେଇ ପରୁନି। କେଉଁଟା ଅଧପାନ୍ତିରିଆ ତ ଆଉ କେଉଁଟା ଅକାମୀ ହୋଇଗଲା। ନୂଆ ନୂଆ ଅଧିକାରୀଙ୍କ ଥଇଥାନ କରିବା ଯୋଗୁଁ ରାଜଧାନୀରେ ଅସଜଡ଼ା ଟ୍ରାଫିକ ବ୍ୟବସ୍ଥା ସୁଧାର ଆସିବା ବେଳକୁ ପୁଣି ବିଗିଡ଼ି ଯାଉଛି। ଉକ୍ରଟ ସ୍ଥିତ ଦେଇ ସହରର ଟ୍ରାଫିକ ବ୍ୟବସ୍ଥାଗତି କରୁଛି। ଭିତ୍ତିଭୂମି ଅଧିକ ଥିଲେ ମଧ୍ୟ ଆଇନ କାର୍ଯ୍ୟକାରୀ କରିବା ଏବେ ନୂଆ ଅଧିକାରୀଙ୍କ ଲାଗି କାଠିକର ପାଠ ହୋଇଛି। ଫଳରେ ସାଧାରଣଲୋକଙ୍କ ଠାରୁ ଆରମ୍ଭ କରି ଗାଡ଼ିଚାଳକ ଏଥିରେ ପେସି ହୋଇ ଯାଉଛନ୍ତି। ସୂଚନାଯୋଗ୍ୟ ଯେ, ଟ୍ରାଫିକ ଡିସିପିମାନେ ନୂଆ ନୂଆ ଯୋଜନା ଖଞ୍ଜି ଦେଇଥିଲେ। ବେଆଇନ୍ ପାର୍କିଂ ହଟାଇବା, ଅଟୋ ବେ', ନୋ ଓଭରଟେକିଂ ଜୋନ୍, ଏଏନ୍‌ସିଆର୍ ସିଷ୍ଟମ, ଗ୍ରୀନ କରିଡର୍, ୱାନ୍ ୱେ ବ୍ୟବସ୍ଥା, ଲେନ୍ ଡ୍ରାଇଭିଂ, ସିଟ୍ ବେଲ୍ଟ ବାନ୍ଧିବା, ହେଲ୍‌ମେଟ୍ ପିନ୍ଧିବା, କଲେଜ ପଢ଼ୁଆ ସ୍ୱେଚ୍ଛାସେବୀଙ୍କୁ ମୁତୟନ, ଜେବ୍ରା କ୍ରସିଂ ଓ ଡ୍ରୋନ୍ ଉଡାଇବା, କାର୍‌ଗୁଡିକରୁ କଳାକାଚ ହଟାଇବା, ଓଭର୍‌ବ୍ରିଜ ତଳେ ପାର୍କିଂ ହେଉଥିବା ବେଆଇନ୍ ପାର୍କିଂ ଉଠାଇବା, ସହରରେ ସିସିଟିଭି ବଢ଼ାଇବା, ବାମପାର୍ଶ୍ୱ ଫାଙ୍କା କରିବା, ଆମ୍ବୁଲାନ୍ସ ଅଟକାଇଲେ ଜରିମାନା ଆଦାୟ, ଫୋନ୍ ଗପିଲେ ଲାଇସେନ୍ସ ବାତିଲ, ଗାଡ଼ିର ବେଗ ୫୦ ଟପିଲେ ଜରିମାନା, ବିନା କାଗଜପତ୍ରରେ ଅଟୋ ସହରରେ ଗଡ଼ିବା ମନା ଆଦି ଯୋଜନା କରିଥିଲେ। କିନ୍ତୁ ଟ୍ରାଫିକ ଡିସିପିଙ୍କ ବଦଳି ପରେ କିଛି ଯୋଜନା ଏବେ କାର୍ଯ୍ୟକ୍ଷମ ହେଉଥିବା ବେଳେ ଆଉ କିଛି ଯୋଜନାକୁ ବନ୍ଦକରି ଦିଆଯାଇଥିଲା।

## ରାଜ୍ୟରେ ବଢୁଛି ଠକେଇ ଆପ୍ ରାକେଟ୍

# ହଂକଂରେ ପଞ୍ଜୀକରଣ; ଦୁବାଇରୁ ସଞ୍ଚାଳନ

**ଭୁବନେଶ୍ୱର,୨୦।୬(ସମିସ):** ରାଜ୍ୟରେ ବଢୁଛି ଠକେଇ ଆପ୍ର ରାକେଟ୍। ଦେଶର ବିଭିନ୍ନ ରାଜ୍ୟରେ ଠକେଇ କରିବା ସହ ଓଡ଼ିଶାର ଲକ୍ଷାଧିକ ଲୋକ ଏହି ଆପ୍ ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି। ପୂର୍ବରୁ ଠକେଇ ହୋଇଥିବା ଏକାଧିକ ଜାଲ୍ କମ୍ପାନୀ ହଂକଂରେ ପଞ୍ଜିକରଣ କରାଯାଇଥିବା ବେଳେ ମାଷ୍ଟରମାଇଣ୍ଡ ଦୁବାଇରୁ ଏହାକୁ ସଞ୍ଚାଳନ କରୁଥିବା ଇଓଡବ୍ଲ୍ୟୁ ସୂଚନା ପାଇଛି। ତେଣୁ ଦେଶ ବାହାରୁ ସେମାନଙ୍କୁ ଗିରଫ କରିବା ଇଓଡବ୍ଲ୍ୟୁ ପାଇଁ କଷ୍ଟକର ହେଉଛି।

- ୧୨୦ ଆପ୍ ଉପରେ କ୍ରାଇମବ୍ରାଞ୍ଚର ନଜର
- ୩୦ ଠକେଇ ଆପ୍ ବନ୍ଦ କରିବାକୁ ଚିଠି

ପୂର୍ବରୁ ଠକେଇ କରିଥିବା ୭୦ରୁ ଊର୍ଦ୍ଧ୍ୱ ଆପ୍କୁ ବ୍ୟାନ୍ କରିବା ପାଇଁ ଇଓଡବ୍ଲ୍ୟୁ ଗୁଗଲକୁ ଚିଠି ଲେଖିଥିଲା। ଚିଠି ପରେ ପ୍ଲେ-ଷ୍ଟୋରରୁ ଏହି ଆପ୍ ଗୁଡ଼ିକୁ ହଟାଯାଇଥିଲା; କିନ୍ତୁ ଏହି ଠକ ସଂସ୍ଥାଗୁଡ଼ିକ ଏବେ ଭିନ୍ନ ନାମରେ କାରବାର ଆରମ୍ଭ କରିଛନ୍ତି। କମ୍ ସମୟରେ ଟଙ୍କା ରୋଜଗାର କରିବାର ଲୋଭରେ ପଡ଼ି ଅନେକ ଲୋକ ଏହି ଆପ୍ର ଶିକାର ହେଉଛନ୍ତି। ତେଣୁ ଲୋକଙ୍କୁ ଠକେଇ କରୁଥିବା ୩୦ଟି ଆପ୍କୁ ବ୍ୟାନ୍ କରିବା ପାଇଁ ଏବେ ଇଓଡବ୍ଲ୍ୟୁ ଗୁଗୁଲକୁ ଚିଠି ଲେଖିଛି।

ପୂର୍ବରୁ ବନ୍ଦ ହୋଇଥିବା ଜଏନ୍ ଟ୍ରେଡ୍ ଆପ୍ ମଧ୍ୟ ହଂକଂରେ ପଞ୍ଜିକରଣ ହୋଇଥିବା ବେଳେ ଦୁବାଇରୁ ଅପରେଟ୍ ହେଉଥିବା ତଦନ୍ତରୁ ଜଣାପଡ଼ିଥିଲା। ସେମାନେ ବିଭିନ୍ନ ରାଜ୍ୟରୁ ଏଜେଣ୍ଟ ଠିକ୍ କରିବା ପରେ ଠକେଇ କରୁଥିଲେ। ଠକେଇ ପାଇଁ ବିଭିନ୍ନ ରାଜ୍ୟର ରାଜଧାନୀରେ କଲ ସେଣ୍ଟର ଖୋଲି ସ୍ଥାନୀୟ ପିଲାଙ୍କୁ ଏଥିରେ ନିଯୁକ୍ତି ଦେଉଥିଲେ। ଏହି କଲ୍ ସେଣ୍ଟରରୁ ବିଭିନ୍ନ ଲୋକଙ୍କୁ ଫୋନ୍ କରାଯାଇ ସେମାନଙ୍କୁ ଲୋଭନୀୟ ଅଫର ଦେଖାଇ ଠକୁଥିବା ୧୨୦ ଆପ୍ ଉପରେ ଇଓଡବ୍ଲ୍ୟୁ ନଜର ରଖିଛି।

ଠକ ସଂସ୍ଥା ଗୁଡ଼ିକ ମିଛ ମିଛ ବିଜ୍ଞାପନ ଦେବା ସହ ୨ହଜାରରୁ ୨କୋଟି ଟଙ୍କା ପାଇବାର ପ୍ରଲୋଭନ ଦେଖାଉଛନ୍ତି ଏବଂ ଏଥିରେ ଲୋକମାନେ ପ୍ରଲୋଭିତ ହୋଇ ଠକଙ୍କ ଶିକାର ହେଉଛନ୍ତି। ଲୋନ୍ ଆପ୍, ଅନ୍ଲାଇନ୍ ଟ୍ରେଡିଂ ଆପ୍, ୧୮ ଫୁଟ୍‌ବଲ୍(.)କମ୍ ଆପ୍, ଜଏନ୍ ଟ୍ରେଡ୍ ଆପ୍ ଆଦି ହଂକଂରେ ରେଜିଷ୍ଟ୍ରେସନ ହୋଇଥିଲା ଓ ଦୁବାଇରୁ ଅପରେଟ୍ ହେଉଥିଲା। ଏଭଳି ଜାଲ୍ କମ୍ପାନୀକୁ କଳା ତାଲିକା କରିବା ପାଇଁ ପୂର୍ବରୁ ଇଓଡବ୍ଲ୍ୟୁ ଅର୍ଥମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ।

# ଆଧୁନିକତାର ଛାପରେ ଲୁପ୍ତପ୍ରାୟ ଲୋକସଙ୍ଗୀତ

## ରାପ୍ ଗୀତରେ ହଜିଗଲାଣି ଢଗଢମାଳି

**ଭୁବନେଶ୍ୱର,୨୦।୬(ସମିସ):** ସଙ୍ଗୀତ ବିନା ଜୀବନ ଅଧୁରା। ଲୋକ କଥାରୁ ସୃଷ୍ଟ ଲୋକସଙ୍ଗୀତ କାହିଁ କେଉଁ ବର୍ଷ କାଳରୁ ଲୋକଙ୍କ ଜୀବନ ସହିତ ଜଡ଼ିତ। ସଙ୍ଗୀତ ମାନସିକ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ବିଶ୍ୱାସ ରହି ଆସିଛି। ଖୁସି ହେଉ ଅବା ବିଷାଦ ସବୁ ସମୟରେ ସଙ୍ଗୀତ ପ୍ରତ୍ୟେକଙ୍କ ଜୀବନରେ ଏକ ଥେରାପି ଭଳି କାର୍ଯ୍ୟ କରେ। କାରଣ ଲୋକ ସଙ୍ଗୀତ ଲୋକ ସଂସ୍କୃତିର କେବଳ ଅଂଶବିଶେଷ ନୁହେଁ, ଓଡ଼ିଆ ଜୀବନଶୈଳୀ ଓ ପ୍ରଥା ସହିତ ଜଡ଼ିତ ଥିଲା। ଗାଁଗହଳିରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ କଥା କହୁଥିଲା ଲୋକସଙ୍ଗୀତ; କିନ୍ତୁ ଗ୍ରାମାଞ୍ଚଳର ଦୈନନ୍ଦିନ ଜୀବନ ଶୈଳୀ ସହିତ ସଂଶ୍ଳିଷ୍ଟ ଲୋକ ସଙ୍ଗୀତ ଏବେ ଲୁପ୍ତ ହେବାରେ ଲାଗିଛି।

ଓଡ଼ିଶାର କଳା ଓ ସଂସ୍କୃତିର ଆଧାର କୁହାଯାଉଥିବା ଲୋକସଙ୍ଗୀତ ସମୟ ପରିବର୍ତ୍ତନ ଓ ଆଧୁନିକତା ଭିତରେ ଧୀରେ ଧୀରେ ହଜିବାରେ ଲାଗିଛି। ପୂର୍ବରୁ ଯଦିଓ ଓଡ଼ିଶାର ପ୍ରତ୍ୟେକ ପର୍ବପର୍ବାଣୀ ସହ ବିଭିନ୍ନ ଲୋକ ସଙ୍ଗୀତର ପ୍ରଚଳନ ରହି ଆସିଥିଲା ତାହା ଏବେ ଡିଜେ ଓ ଆଧୁନିକ ସଙ୍ଗୀତ ଆଢୁଆଳରେ ହଜିଗଲାଣି। ପ୍ରୋତ୍ସାହନ ତଥା ତାଲିମର ଅଭାବ ଯୋଗୁଁ ଲୋକ କଳାକାରଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ଅନେକ ଲୋକସଙ୍ଗୀତ ଏବେ ବିଲୁପ୍ତ ପ୍ରାୟ। ସେହିପରି ବିବାହ ସମୟରେ କାନ୍ଦଣା ଗୀତ, ଢଗଢମାଳି, ନାନାବାୟା ଗୀତ, ଚିତାକୁଟା ଗୀତ, ଡାଲଖାଇ ଗୀତ ପ୍ରାୟ ସଭିଏ ହରାଇବା ଅବସ୍ଥାରେ ପହଞ୍ଚିଛି। ଗାଁ ଗହଳିରେ ଥିବା କୃଷକ ଗୀତ, ନାଉରୀ ଗୀତ, ଦଣ୍ଡନାଟ ଗୀତ, ଚକୁଳିଆ ପଣ୍ଡା ଗୀତ, ରଥଗୀତ ଏବେ ଇତିହାସ। ଇଣ୍ଟରନେଟ୍ ଓ ମୋବାଇଲ ବ୍ୟବହାର ଭିତରେ ବି ହଜିଗଲାଣି ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଚକା ଚକା ଭଉଁରୀ, ଇଟିକିଲି ମିଟିକିଲି, ବୋହୂ ଚୋରୀ ଗୀତ, ମୋ ପେଁକାଳି ବଜାଇ ଦେ ଆଦି ଲୋକ ଗୀତ। ଏହିସବୁ ଲୋକ ଗୀତ ଗୁଡ଼ିକ ବଞ୍ଚାଇ ରଖିବାକୁ ହେଲେ ଏଥିପାଇଁ ପ୍ରଶିକ୍ଷଣ ଅନୁଷ୍ଠାନ, ଦକ୍ଷ ପ୍ରଶିକ୍ଷକ ଏବଂ ବାଦ୍ୟଯନ୍ତ୍ରର ଆଦି ଉପାଦାନର ଆବଶ୍ୟକତା ରହିଛି। ଲୋକସଙ୍ଗୀତ କଳାକାରଙ୍କୁ ଏଥିରେ ନିୟୋଜିତ କରାନଗଲେ ଆଗାମୀ ଦିନରେ ଲୋକସଙ୍ଗୀତ ବଞ୍ଚାଇ ରଖିବା ତ ଦୂରର କଥା ଏ ବିଷୟରେ ପ୍ରଶିକ୍ଷଣ ଦେବାକୁ କେହି ନଥିବେ ବୋଲି ଲୋକ କଳାକାରମାନେ କହିଛନ୍ତି।

**ଆଜି ବିଶ୍ୱ ସଙ୍ଗୀତ ଦିବସ**

ଏ ସମ୍ପର୍କରେ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି ଯେ, ପ୍ରତ୍ୟେକ ଜିଲ୍ଲାରେ ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ସ୍କୁଲ ଖୋଲାଯିବା ସହ ତାଲିମ କେନ୍ଦ୍ର ଖୋଲାଯିବାକୁ ଯୋଜନା ରହିଛି। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ବ୍ୟାପକ। ଏଥିପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏହାଦ୍ୱାରା ଜିଲ୍ଲାର ଲୋକକଳାକାର ନିୟମିତ ଭାବେ ବର୍ଷ ତମାମ ପ୍ରଶିକ୍ଷଣ ପାଇବେ। ସେମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଦକ୍ଷ ଗୁରୁଙ୍କୁ ନିୟୋଜିତ କରାଯିବ। ଫଳରେ ଉକ୍ତ ଜିଲ୍ଲାର କଳାକାରମାନେ ଆର୍ଥିକ ସହାୟତା ପାଇବା ସହ ହଜି ଯାଉଥିବା ଲୋକ ସଙ୍ଗୀତର ପୁନରୁଦ୍ଧାର ହୋଇପାରିବ। କାରଣ ଲୋକବାଦ୍ୟର ଏବଂ ଲୋକ ସଙ୍ଗୀତର ମହାତ୍ମ୍ୟ ନିଆରା। ସେହି ପରିପ୍ରେକ୍ଷୀରେ ବିଭିନ୍ନ ଲୋକବାଦ୍ୟକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ 'ଦାଶରଥ' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ସେହି ବାଦ୍ୟଯନ୍ତ୍ରର ଲୋକପ୍ରିୟତା ବୃଦ୍ଧି କରାଯାଇ ପାରିବ ସେଥିପାଇଁ ପ୍ରୟାସ ଜାରି ରଖିଛି। ଉପାନ୍ତ ଅଞ୍ଚଳରେ ପ୍ରଚଳିତ ଘୋଡ଼ି ନାଗରା, ମହୁରୀ, ଶିଙ୍ଘ ବାଜା, ଚାଙ୍ଗୁ ଆଦି ଦିଆରା ବାଦ୍ୟଯନ୍ତ୍ର। କନ୍ଧମାଳ, ବରଗଡ଼, ଭଦ୍ରକ, ମୟୂରଭଞ୍ଜର ବିଭିନ୍ନ ଲୋପିପ୍ର ବାଦ୍ୟଯନ୍ତ୍ର ଏବଂ ଏହାକୁ ତିଆରି କରୁଥିବା କାରିଗରମାନଙ୍କୁ ଦୀକ୍ଷାନ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଆଗାମୀ ଦିନରେ ତାହାକୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି।

# ପ୍ରାକ୍ ବଜେଟ ବୈଠକରେ ଯୋଗଦେବେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ

**ଭୁବନେଶ୍ୱର, ୨୦। ୬(ସମିସ):** କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ପ୍ରାକ୍ ବଜେଟ୍ ବୈଠକ ଓ ଜିଏସଟି କାଉନସିଲ୍ ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେବେ। ଆସନ୍ତା ଶନିବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏହି ବୈଠକ ଅନୁଷ୍ଠିତ ହେବ।

# ଅଙ୍ଗନବାଡି ଭିତ୍ତିଭୂମି ବିକାଶ ଉପରେ ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୨୦।୬(ସମିସ):** ଅଙ୍ଗନବାଡିରେ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତିକୁ ନିୟମିତ ଯାଞ୍ଚ କରିବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ। ଏହାସହ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ସହ ଅଙ୍ଗନବାଡ଼ି ସଦସ୍ୟଙ୍କୁ ନିୟମିତ ତାଲିମ ଓ ବୀମା ସୁବିଧା ଯୋଗାଇ ଦେବାକୁ ମହିଳା ଶିଶୁ ବିଭାଗର ପରିଦର୍ଶନ କରି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।



ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଶ୍ରୀମତୀ

**ଛତୁଆର ନିୟମିତ ଗୁଣବତ୍ତା ଯାଞ୍ଚ ନିର୍ଦ୍ଦେଶ**

ପରିଡ଼ା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ତୃଣମୂଳସ୍ତରର ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝିବା ସହିତ ବିଭିନ୍ନ ବିଭାଗର ସହଭାଗିତାରେ ସମସ୍ୟାର ସମାଧାନ କରି କିପରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ, ସେ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ କର୍ମଜୀବୀ ମହିଳା ହଷ୍ଟେଲ ସଂଖ୍ୟାକୁ ତ୍ୱରାନ୍ୱିତ କରି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କ୍ରେଚ୍‌ର ସୁବିଧା ଯୋଗାଇଦେବା, ସୁଭଦ୍ରା ଯୋଜନାରେ ମାର୍ଗଦର୍ଶିକ ପ୍ରସ୍ତୁତ କରି ୧୦୦ ଦିନରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଓ ବିଭାଗୀୟ ନିର୍ଦ୍ଦେଶକ ମନୀଷା ବାନାର୍ଜୀଙ୍କ ସହ ଅନନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

■ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ବିଶ୍ୱସ୍ତରୀୟ ହେବ ଭୁବନେଶ୍ୱର



**ଭୁବନେଶ୍ୱର, ୨୦। ୬(ସମିସ):** ବର୍ଷାଋତୁରେ ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ସହ କୃତ୍ରିମ ବନ୍ୟାକୁ ପ୍ରତିହତ କରିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ଆଜି ପୂର୍ବାହ୍ନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ମଡେଲ ଭାବରେ ଗଢ଼ି ତୋଳିବା

- ଧାର୍ଯ୍ୟ ସମୟରେ ସରିବ ମେଟ୍ରୋ ପ୍ରକଳ୍ପ
- ବର୍ଷାଋତୁ ସମସ୍ୟା ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ସହ ରାଜ୍ୟର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତି ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହାସହ ମେଟ୍ରୋ ପ୍ରକଳ୍ପକୁ ମଧ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ। ସେହିପରି ବର୍ଷାଋତୁରେ ଭୁବନେଶ୍ୱର ପରି ସହରରେ ପାଣି ଜମିବା, ଜଳ ନିଷ୍କାସନରେ ଅବ୍ୟବସ୍ଥା ପରି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ଦୂର କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ 'ସହରାଞ୍ଚଳ ବିକାଶରେ ସଫଳ ଯାତ୍ରା' ସମ୍ପର୍କରେ ଉପସ୍ଥାପନା କରି ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତାର ବିବରଣୀ ଦେଇଥିଲେ। ସେ ଡ୍ରିଙ୍କ ଫ୍ରମ ଟ୍ୟାପ୍, ଆହାର କେନ୍ଦ୍ର, ମୁକ୍ତା ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ବିଏମ୍‌ସି କମିସନର୍ ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ବୃତ୍ତିଗତ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୦।୬(ସମିସ):** ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ଅତିଥି ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ସମୀକ୍ଷା କରିବା ସହ ଅଧିକାରୀ ଓ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ନିମନ୍ତେ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହିତ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୂରଣ କରିବା ଉପରେ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗୀୟ କାର୍ଯ୍ୟାବଳୀ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ସମୟରେ ବିଭାଗରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ସମେତ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ପଦକ୍ଷେପ, ବଜେଟ ବ୍ୟବସ୍ଥା, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଅଧିକ ସୁଦୃଢ଼ କରିବା, ସାମାଜିକ ଗଣମାଧ୍ୟମ, ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିପାଦିତ ହୋଇଥିବା ନୂଆ ସରକାରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପାଇଁ କହିଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବିର ସିଂ, ଅର୍ଥ ପରାମର୍ଶ ଦାତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

- ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗରେ ମନ୍ତ୍ରୀଙ୍କ ସମୀକ୍ଷା

# ନୂତନ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ପ୍ରତିଷ୍ଠା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୦।୬ (ସମିସ):** ରାଜ୍ୟ ସରକାର ନିଜ ସଂକଳ୍ପପତ୍ର ଅନୁଯାୟୀ, ଆଗାମୀ ୧୦୦ ଦିନ ମଧ୍ୟରେ ରାଜ୍ୟର ସମୃଦ୍ଧି ନିମନ୍ତେ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରିବେ। ବିଜେପି ସରକାର ସାଧାରଣ ଲୋକଙ୍କ ସରକାର। ତେଣୁ, ସାଧାରଣ ଲୋକ କିପରି ଭାବେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ସୁବିଧା ପାଇପାରିବେ ସେଥିପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବିଭାଗୀୟ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଓକାକ୍ ପ୍ରଥମ ମହଲାରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ମନ୍ତ୍ରୀ କହିଥିଲେ ଯେ ଭାରତ ସରକାରଙ୍କ ଡିଜିଟାଲ ଇଣ୍ଡିଆ ଉପକ୍ରମକୁ ପ୍ରାଧାନ୍ୟ ଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ତୃଣମୂଳସ୍ତରରେ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ କିପରି ନୂତନ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଗଢ଼ି ଉଠିବ ଏବଂ ନିବେଶକମାନେ ରାଜ୍ୟରେ ନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିବେ, ତାହାକୁ ପ୍ରାଥମିକତା ଦିଆଯିବ। ବୈଠକରେ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, 'ଓକାକ' ସିଇଓ ତଥା ଅତିରିକ୍ତ ଶାସନ ସଚିବ ମନୋଜ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଓକାକର ମହାପ୍ରବନ୍ଧକ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ଆଦିତ୍ୟ ମହାପାତ୍ର, ଯୁଗ୍ମ ସଚିବ ଜୟନ୍ତୀ ଦେଇ ଏବଂ ବିଭାଗର ଅନ୍ୟ ଅଧିକାରୀଗଣ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ଆଇନ ପଢ଼ିବାକୁ ସାମ୍ସରେ ହେବ ଆବେଦନ

**ଭୁବନେଶ୍ୱର, ୨୦।୬(ସମିସ):** ଆଇନ ପାଠ୍ୟକ୍ରମର ନାମଲେଖା ପ୍ରକ୍ରିୟା ଏଣିକି ସାମ୍ସ ୱେବ୍‌ସାଇଟ୍ ମାଧ୍ୟମରେ ହେବ। ୩ ବର୍ଷୀୟା ଏଲ୍‌ଏଲ୍‌ବି ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୪ ତାରିଖରୁ ସାମ୍ସ ୱେବ୍‌ସାଇଟ୍‌ରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଜୁଲାଇ ୧୧ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଆବେଦନପତ୍ରରେ ତ୍ରୁଟି ଥିଲେ, ଜୁଲାଇ ୧୨ତାରିଖରେ ସଂଶୋଧନ କରିପାରିବେ। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ୧୮ ତାରିଖରେ ପ୍ରକାଶ ପାଇବ। ଏଥିରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନେ ୧୯ରୁ ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଜୁଲାଇ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହାର ନାମଲେଖା ୨୯ରୁ ୩୦ ତାରିଖ ମଧ୍ୟରେ ହେବ। ସେହିପରି ଅଗଷ୍ଟ ୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହାର ନାମଲେଖା ୬ ଓ ୭ ତାରିଖରେ ହେବ। ୱେଟିଂ ଲିଷ୍ଟରେ ଥିବା ପିଲାମାନେ ନିଜର ଆବେଦନପତ୍ର ୯ ଓ ୧୦ ତାରିଖରେ କଲେଜରେ ଦାଖଲ କରିବେ। ଏହାର ମେରିଟ୍ ଲିଷ୍ଟ ୧୪ ତାରିଖରେ ପ୍ରକାଶ ପାଇ ୧୬ ଓ ୧୭ ତାରିଖରେ ନାମଲେଖା ହେବ। ଅଗଷ୍ଟ ୨୦ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଜୁନ୍ ୨୪ରୁ ଜୁଲାଇ ୧୧ ଯାଏଁ ଆବେଦନ ଅବଧି**

■ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

# କଳିଙ୍ଗ ଷ୍ଟାଡିୟମ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୬(ସମିସ):** ଆସନ୍ତାକାଲି ରାଜ୍ୟବ୍ୟାପୀ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବ। ଏବର୍ଷର ଥିମ୍ ରହିଛି 'ନିଜ ସ୍ୱାସ୍ଥ୍ୟ ଓ ସମାଜ ପାଇଁ ଯୋଗ'। ଏଥିରେ ସମସ୍ତ ବର୍ଗର ଲୋକ ଅଂଶଗ୍ରହଣ କରିବେ। ସକାଳ ୬ଟାରୁ ୭ଟା ଭିତରେ ଅଂଶଗ୍ରହଣକାରୀମାନେ କାର୍ଯ୍ୟକ୍ରମ ସ୍ଥଳରେ ସମବେତ ହେବେ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି କଟକରେ ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍ ଓ ବିଭିନ୍ନ ଜିଲ୍ଲାସ୍ତରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକମାନେ ଯୋଗଦେବେ।

ରାଜ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଆଜି ଏକ ସମୀକ୍ଷା ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉଚ୍ଚ ଶିକ୍ଷା ବିଭାଗ କମିସନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିସନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଅନ୍ୟ ସମସ୍ତ ମହାନଗର ନିଗମର କମିସନରମାନେ ଆଭାସୀ ବୈଠକରେ ଯୋଗଦେଇ ଯୋଗ ଦିବସର ପ୍ରସ୍ତୁତି ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରି ସୂଚନା ପ୍ରଦାନ କରିଥିଲେ। ସ୍କୁଲ, କଲେଜ ସମେତ ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜିଲ୍ଲାସ୍ତରରେ ଯୋଗଦିବସ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ବିଭିନ୍ନ ମେଡିକାଲ କଲେଜ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଗ୍ରାମାଞ୍ଚଳର ସାଂସ୍କୃତିକ-ଐତିହାସିକ ସ୍ଥଳ: ପ୍ରଭାତୀ

**ଭୁବନେଶ୍ୱର,୨୦।୬(ସମିସ):** ଗୁରୁବାର ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ବିଭାଗର କାର୍ଯ୍ୟଧାରା ସମୀକ୍ଷା କରିଛନ୍ତି। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଦିଗରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଜାରି ରହିଥିବା ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ସେ ଅଧିକାରୀମାନେ ଆଲୋଚନା କରିଥିଲେ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ନୂତନ ସ୍ଥାନକୁ ଯୋଡ଼ିବା, ଅବହେଳିତ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ ଏବଂ ବିଭିନ୍ନ ଗ୍ରାମାଞ୍ଚଳରେ ସାଂସ୍କୃତିକ-ଐତିହାସିକ ଗୌରବ ବହନ କରୁଥିବା ସ୍ଥାନଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ପଦକ୍ଷେପ ନେବା, ରାଜ୍ୟରେ ପର୍ଯ୍ୟଟନ ସମ୍ଭାବନାର ଅଭିବୃଦ୍ଧି କରି ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ବଜେଟ୍‌ରେ ସ୍ୱତନ୍ତ୍ର ଧ୍ୟାନ ଦେବା, ପର୍ଯ୍ୟଟନ ବିଭାଗ ସହ ଜଡ଼ିତ ଅଂଶୀଦାରମାନଙ୍କୁ ପ୍ରୋତ୍ସାହନ ଦେବାକୁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସି/ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗୀୟ କାର୍ଯ୍ୟର ସମୀକ୍ଷା

# ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଯିବ: ନିତ୍ୟାନନ୍ଦ

**ଭୁବନେଶ୍ୱର,୨୦।୬(ସମିସ):** ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଯିବ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି। ଏଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୧୦୦ ଦିନିଆ କାର୍ଯ୍ୟ ଯୋଜନାର ଦସ୍ତାବିଜ ପ୍ରସ୍ତୁତ କରି ବିଭାଗକୁ ଏକ ନୂତନ ସ୍ତରରେ ପହଞ୍ଚାଇବା, ଆଦିବାସୀ ପରିବାର ସଦସ୍ୟ ଓ ଛାତ୍ରଛାତ୍ରୀଙ୍କ ରହିବା-ଖାଇବା ପାଇଁ ବହୁମୁଖୀ କମ୍ୟୁନିଟି ସେଣ୍ଟର, ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ସହରାଞ୍ଚଳ ଆବାସିକ ବ୍ୟବସ୍ଥା ନିର୍ମାଣ ପାଇଁ ଏକ ନୂତନ ଯୋଜନା ହାତକୁ ନେବା, ସହରାଞ୍ଚଳରେ ମେଧାବୀ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନ ପାଇଁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅନ୍ୱେଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ରାଜ୍ୟ ଯୋଜନା ମାଧ୍ୟମରେ ରାଜ୍ୟରେ ଅନୁସୂଚିତ ଜାତି ଓ ପଛୁଆ ବର୍ଗ ଛାତ୍ରଛାତ୍ରୀମାଙ୍କ ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା, ଅଧିକ ହଷ୍ଟେଲ ସୁବିଧା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ବିଭାଗୀୟ କମିସନର ତଥା ସଚିବ ରୂପା ରୋଶନ ସାହୁଙ୍କ ସମେତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦେଶରେ ଗାଡ଼ି ଚଳାଇବେ ପ୍ରଶିକ୍ଷିତ ଓଡ଼ିଆ

**ଭୁବନେଶ୍ୱର, ୨୦।୬ (ସମିସ):** ବିଦେଶରେ ଗାଡ଼ି ଚଳାଇବେ ଓଡ଼ିଶାର ପ୍ରଶିକ୍ଷିତ ଗାଡ଼ି ଚାଳକ। ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ଗାଡ଼ି ଚାଳନା ପ୍ରଶିକ୍ଷଣ ଅନୁଷ୍ଠାନରେ ଶିକ୍ଷା ସମାପ୍ତ ପରେ ସେମାନଙ୍କୁ ବିଦେଶରେ ନିଯୁକ୍ତି ପ୍ରଦାନ କରାଯିବ। ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ, ଦକ୍ଷତା ବିକାଶ ବିଭାଗ ଏବଂ ଏକ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସୁବାହକ ଯୋଜନା ମାଧ୍ୟମରେ ପ୍ରଶିକ୍ଷିତ ଗାଡ଼ି ଚାଳକମାନଙ୍କୁ ବିଦେଶରେ ନିଯୁକ୍ତି ସୁଯୋଗ ମିଳିବ। ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଚାରିଟି ସ୍ଥାନରେ ଗାଡ଼ି ଚାଳନା ପ୍ରଶିକ୍ଷଣ ଦିଆଯାଉଛି। ଯାଜପୁରର ଛତିଆ, ଗଞ୍ଜାମ, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ଗାଡ଼ି ଚାଳନା ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏଠାରେ ଯୁବକ ଯୁବତୀମାନଙ୍କୁ ବିନା ମୂଲ୍ୟରେ ଭାରୀଯାନ ଚାଳନା ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ଶେଷ ହେବା ପରେ ବିଭାଗ ସହାୟତାରେ ସେମାନଙ୍କୁ ରାଜ୍ୟ ଓ ଦେଶ ଭିତରେ କର୍ମନିଯୁକ୍ତି ଯୋଗାଇ ଦିଆଯାଉଛି।

# ବନ୍ଧାହେଲେ ନକଲି ଶିକ୍ଷକ

**ବଲାଙ୍ଗିର, ୨୦।୬(ସମିସ):** ନକଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଜଣେ ଶିକ୍ଷକଙ୍କୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ସେ ହେଲେ, ସହାୟକ ଶିକ୍ଷକ କମଳଲୋଚନ ପଟେଲ। ସ୍ଥାୟୀ ନିଯୁକ୍ତି ବେଳେ ସେ ଦେଇଥିବା ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ପ୍ରମାଣପତ୍ର ନକଲି ବୋଲି ସ୍ପଷ୍ଟ ହୋଇଛି। ଏ ସଂପର୍କରେ ବଲାଙ୍ଗିର ସଦର ବ୍ଲକ ଶିକ୍ଷା ଅଧିକାରୀ ଟାଉନ୍ ଥାନାରେ ଅଭିଯୋଗ କରିବାରୁ ପୁଲିସ ତାଙ୍କୁ ଗିରଫ କରିଛି। ସେ ବଲାଙ୍ଗିର ଜିଲ୍ଲା ସଦର ବ୍ଲକ କର୍ଲାପିଟା ଉନ୍ନୀତ ସରକାରୀ ବିଦ୍ୟାଳୟରେ ନିୟୋଜିତ ଥିଲେ। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୭ • ପାଉଣ୍ଡ ୧୦୬.୭୪
- ୟୁରୋ ୮୯.୪୪ • ୟେନ୍ ୦.୫୨

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୩୪୦ (ନୂଆଦିଲ୍ଲୀ)
- ରୁପା : ୯୦,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୪୭୮.୦୦
- ନିଫ୍ଟି ୨୩,୫୬୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ନିର୍ମାଣ ହେବ ୫୦ ହଜାର କିମିର ଏକ୍ସପ୍ରେସ୍ ୱେ'

## ପରିଚାଳନା ପାଇଁ ଗଠନ ହେବ ନୂଆ ଏଜେନ୍ସି



**ନୂଆଦିଲ୍ଲୀ,୨୦।୬(ଏଜେନ୍ସି):** ଜାତୀୟ ରାଜପଥ ପରେ ବର୍ତ୍ତମାନ କେନ୍ଦ୍ର ସରକାର ଏକ୍ସପ୍ରେସୱେ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ସରକାରଙ୍କ ଯୋଜନା ଯହଉଛି ଦେଶରେ ପାଖାପାଖି ୫୦ ହଜାର କିମି ଆକ୍ସେସ କଣ୍ଟ୍ରୋଲ ଏକ୍ସପ୍ରେସୱେ ନିର୍ମାଣ କରିବା । ଏହି କାମକୁ ଶୀଘ୍ର କରିବା ପାଇଁ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସହ ଆଉ ଏକ ଏଜେନ୍ସି ବା କର୍ତ୍ତପକ୍ଷଙ୍କର ଆବଶ୍ୟକତା ରହିଛି । ଏହି ଏଜେନ୍ସି କେବଳ ଏକ୍ସପ୍ରେସୱେର ନିୟନ୍ତ୍ରଣ କରିବେ । ରିପୋର୍ଟ ମୁତାବକ, ଏକ୍ସପ୍ରେସୱେର ବିକାଶ ପାଇଁ ଏନ୍‌ଏଚ୍‌ଏଆଇ ବ୍ୟତୀତ ଅନ୍ୟ ଏକ ଏଜେନ୍ସିରଙ୍କ ଆବଶ୍ୟକତା ପାଇଁ ଅନୁଭବ କରାଯାଇଛି । କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରାଳୟ ନିଜ ୧୦୦ ଦିନର ଏଜେଣ୍ଟରେ ଏଭଳି ଏକ ଏଜେନ୍ସି ବା କର୍ତ୍ତୃପକ୍ଷ ଗଠନ ବିଚାରକୁ ସାମିଲ କରିଛି । ନୂଆ ଜେନ୍ସି ଦେଶରେ କେବଳ ଏକ୍ସପ୍ରେସୱେ ନିର୍ମାଣ କରିବା ଏବଂ ଏହାର ପରିଚାଳନା ପ୍ରତି ଧ୍ୟାନ ଦେବ । ଏଥିରେ ଏନଏଚଆଇର ବୋଝ ମଧ୍ୟ କମ୍ ହେବ । ରିପୋର୍ଟ ଅନୁଯାୟୀ, ସରକାର ଚାହୁଁଛନ୍ତି ଯେ ଏନ୍‌ଏଚ୍‌ଏଆଇ କେବଳ ଜାତୀୟ ରାଜପଥର ନିର୍ମାଣ ଉପରେ ଧ୍ୟାନ ଦେଉ । ଏକ୍ସପ୍ରେସୱେ କର୍ତ୍ତପକ୍ଷ ନିର୍ମାଣ ସହ ଟୋଲର ପରିଚାଳନା ମଧ୍ୟ କରିବ । ଏଥିରେ ଏକ୍ସପ୍ରେସୱେର ଭିତ୍ତିଭୂମି ମଧ୍ୟ ସୁଦୃଢ ହେବ । ସରକାର ୨୦୪୭ ପାଇଁ ଆବଶ୍ୟକତା ହିସାବରେ ଦେଶରେ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ ୱେର ନିର୍ମାଣ ଉପରେ ଜୋର ଦେଉଛି । ଏଥିପାଇଁ ମାଷ୍ଟରପ୍ଲାନ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏଥିସହ ଦେଶରେ ହାରାହାରି ୫୦ ହଜାର କିମି ଏକ୍ସପ୍ରେସୱେ ନିର୍ମାଣ କରାଯିବ । ବର୍ତ୍ତମାନ ଦେଶରେ ୨୯୧୩ କିମି ଏକ୍ସପ୍ରେସୱେ ରହିଛି । ସରକାରଙ୍କ ବିଶ୍ୱାସ ରହିଛି ଯେ, ଏକ୍ସପ୍ରେସୱେ ଏବଂ ନୂଆ ଜାତୀୟ ରାଜପଥ ସାହାଯ୍ୟରେ ଲଜିଷ୍ଟିକ ଖର୍ଚ୍ଚ ୩ ରୁ ୪ ପ୍ରତିଶତ ହ୍ରାସ ହୋଇପାରିବ ।

# ବଜେଟରେ ବଦଳିବ ଆୟକର ସ୍ଲାବ୍

## ୧୦ ଲକ୍ଷ ଯାଏ ଆୟ ଉପରେ ମିଳିବ ଟିକସ ରିଆତି

## ଧାରା ୮୦ ସିରେ ହୋଇପାରେ ପରିବର୍ତ୍ତନ

## ୩୦% ଟିକସ ସ୍ଲାବରେ ମଧ୍ୟ ପରିବର୍ତ୍ତନ ସମ୍ଭାବନା



ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

ଜୁଲାଇ ତୃତୀୟ ସପ୍ତାହରେ ନରେନ୍ଦ୍ର ମୋଦୀ ସରକାର ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସମ୍ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବେ । ଏଭଳି ପରିସ୍ଥିତିରେ ବଜେଟରେ ସରକାର ମଧ୍ୟବିତ୍ତ ଏବଂ ଟିକସଦାତାଙ୍କୁ କେତେକାଂଶରେ ଆରାମ ପ୍ରଦାନ କରିବା ନେଇ ଆଶା କରାଯାଉଛି । ମଧ୍ୟବର୍ତ୍ତୀ ବଜେଟରେ ସାଧାରଣ ଲୋକଙ୍କୁ ସରକାର ଆୟକରରେ କୌଣସି ଲାଭ ଦେଇନାହାଁନ୍ତି । ସେତେବେଳେ ଅର୍ଥମନ୍ତ୍ରୀ ଆୟକର ସମ୍ବନ୍ଧୀୟ କୌଣସି ବଡ଼ ଘୋଷଣା କରିନାହାଁନ୍ତି । ରିପୋର୍ଟ ଅନୁଯାୟୀ, ମୋଦୀ ୩.୦ ସରକାର ଏହାର ପ୍ରଥମ ବଜେଟରେ ବାର୍ଷିକ ୧୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ପାଇଁ ଆୟକର ହାର ହ୍ରାସ କରିବାକୁ ଚିନ୍ତା କରୁଛନ୍ତି । ଏହାବ୍ୟତୀତ ସରକାର ଆୟକର ସ୍ଲାବରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି । ବଜେଟରେ ସରକାର ଏକ ନିର୍ଦ୍ଦିଷ୍ଟ ବେତନ ଶ୍ରେଣୀ ଏବଂ ମଧ୍ୟବିତ୍ତ ଲୋକଙ୍କୁ ଏହି ଆରାମ ପ୍ରଦାନ କରିପାରିବେ । ଏଥିସହ ବଜେଟରେ ସରକାର ଆୟକର ଛାଡ ସୀମାକୁ ୩ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିପାରନ୍ତି । ଏହି ପରିବର୍ତ୍ତନ କେବଳ ନୂତନ ଟିକସ ବ୍ୟବସ୍ଥାରେ ରିଟର୍ଣ୍ଣ ଦାଖଲ କରୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ହେବ ।

ମନେକରାଯାଉ ବାର୍ଷିକ ଆୟ ୫ ଲକ୍ଷ ଟଙ୍କା କ୍ଷେତ୍ରରେ ନୂତନ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ । ଏପରି ପରିସ୍ଥିତିରେ ଅବଶିଷ୍ଟ ୨ ଲକ୍ଷ ଟଙ୍କା ଉପରେ ୫ ପ୍ରତିଶତ ହାରରେ ଟିକସ ଦେବାକୁ ପଡିବ । ଅର୍ଥାତ୍ ୧୦ ହଜାର ଟଙ୍କା ଟିକସ ଦେବାକୁ ପଡିବ । ତେବେ ଏହି ବ୍ୟବସ୍ଥାରେ ସରକାର ଧାରା ୮୭ ଏ ଅନୁଯାୟୀ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ କରିଛନ୍ତି । ଏଥିରେ ମଧ୍ୟ ଏକ ପେଞ୍ଚ ରହିଛି । ଯଦି ଆପଣ ଜାଣେ ବେତନଧାରୀ ଆଉ ରୋଜଗାର ୭.୫ ଲକ୍ଷ ଟଙ୍କାରୁ ଗୋଟିଏ ଟଙ୍କା ମଧ୍ୟ ଅଧିକ ତେବେ ଆପଣଙ୍କୁ ଗୋଟିଏ ଟଙ୍କା ନୁହେଁ ଟିକସ ଆୟକର ବାବଦ ୪,୫୦,୦୦୧ ଟଙ୍କା ଦେବାକୁ ପଡିବ । ଏବେ ଆପଣଙ୍କୁ ୩ ଲକ୍ଷ ଟଙ୍କା ଟିକସ ଛାଡ ହେବା ପରେ ଅବଶିଷ୍ଟ ୪,୫୦୦୦୧ ଟଙ୍କା ମଧ୍ୟରୁ ୩ ଲକ୍ଷ ଟଙ୍କା ଉପରେ ୫% ହାରରେ ଏବଂ ୧୫ ହଜାର ଯଙ୍କା ଏବଂ ଅବଶିଷ୍ଟ ୧,୫୦୦୦୧ ଟଙ୍କା ଉପରେ ୧୦ % ହାରରେ କୁ ୩% ଉପରେ ୫% ଏବଂ ୧୫,୦୦୦୧ ଟଙ୍କା ଉପରେ ୧୦% ହାରରେ ୧୫ ହଜାର ଟଙ୍କା ଟିକସ ଦେବାକୁ ପଡିବ ।

ଏଠାରେ ସୂଚନାଯୋଗ୍ୟ ଯେ, ପୁରୁଣା ଟିକସ ବ୍ୟବସ୍ଥାରେ ମୋଟ ୫ଟି ଆୟକର ସ୍ଲାବ ରହିଛି । ଏଥିମଧ୍ୟରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଟିକସମୁକ୍ତ । ୨.୫ ଲକ୍ଷ ଟଙ୍କାରୁ ୫ ଲକ୍ଷ ପର୍ଯ୍ୟନ୍ତ ଆୟ ୫% ହାରରେ ଟିକସ ଲାଗୁକରାଯାଏ, ଯେଉଁଠାରେ, ୫-୧୦ ଲକ୍ଷ ଟଙ୍କା ଆୟ ଉପରେ ୨୦% ହାରରେ ଟିକସ ଦେବାକୁ ପଡିବ । ୧୦-୨୦ ଲକ୍ଷ ମଧ୍ୟରେ ଆୟ ପାଇଁ ୩୦%ରେ ଟିକସ ନିଆଯାଏ । ସେହିପରି ଲକ୍ଷରୁ ଅଧିକ ରୋଜଗାର କ୍ଷେତ୍ରରେ ୩୦% ଟିକସ ଦେବାକୁ ପଡିବ । ତେବେ ନୂତନ ଟିକସ ବ୍ୟବସ୍ଥାରେ ବର୍ତ୍ତମାନ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ଟିକସମୁକ୍ତ ଶ୍ରେଣୀରେ ଆସୁଛି । ରିପୋର୍ଟ ଅନୁଯାୟୀ, ବଜେଟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଢ଼ାଞ୍ଚାରେ ପରିବର୍ତ୍ତନ ଆଶା କରାଯାଉଛି । ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଉପରେ ସିଧାସଳଖ ୨୦ ପ୍ରତିଶତ ଟିକସ ନିଆଯାଉଛି । ସରକାର ଏଥିରେ ପରିବର୍ତ୍ତନ କରିପାରିବେ । ଏଥିରେ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ହାର ୨୦%ରୁ ୧୦%କୁ ହ୍ରାସ କରାଯାଇପାରେ । ଏହାବ୍ୟତୀତ, ସରକାର ୩୦% ଟିକସ ସ୍ଲାବରେ ମଧ୍ୟ ପରିବର୍ତ୍ତନ କରିବା ଉପରେ ବିଚାର କରୁଛନ୍ତି ।

# ସର୍ବକାଳୀନ ନିମ୍ନ ସ୍ତରକୁ ଖସିଲା ଟଙ୍କା

## ୧୭ ପଇସା ଖସି ୮୩.୬୨ ଟଙ୍କାକୁ ହ୍ରାସ

## ବିଦେଶୀ ସାମଗ୍ରୀ କିଣିବା ମହଙ୍ଗା ହେବ




ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

ଦୁର୍ବଳ ହୋଇଛି ଘରୋଇ ମୁଦ୍ରା ଟଙ୍କା । ଗୁରୁବାର କାରବାରରେ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ୧୭ ପଇସା ହ୍ରାସ ହୋଇ ସର୍ବକାଳୀନ ନିମ୍ନ ସ୍ତର ୮୩.୬୨ ଟଙ୍କାକୁ ଖସିଆସିଛି । ଏହାପୂର୍ବରୁ ଚଳିତବର୍ଷ ୧୬ ଏପ୍ରିଲରେ ଡଲାର ତୁଳନାରେ ଏହା ସର୍ବନିମ୍ନ ୮୩.୬୧ ଟଙ୍କା ସ୍ତରରେ କାରବାର ଶେଷ କରିଥିଲା ।

ଗୁରୁବାର ବିନିମୟ ବଜାରରେ ୮୩.୪୩ ଟଙ୍କା ସ୍ତରରୁ କାରବାର ଆରମ୍ଭ କରି ଟଙ୍କା ଦିନର ସର୍ବୋଚ୍ଚ ୮୩.୪୨ ଟଙ୍କା ଛୁଇଁଥିଲା । ଏହାପରେ ଦିନର କାରବାର ମଧ୍ୟରେ ଟଙ୍କା ଡଲାର ତୁଳନାରେ ସର୍ବକାଳୀନ ସର୍ବନିମ୍ନ ୮୩.୬୮ ଟଙ୍କା ସ୍ତର ଛୁଇଁ ଶେଷରେ ଏହା ପୂର୍ବ ଡଲାର ତୁଳନାରେ 17 ପଇସା ହ୍ରାସ ସହିତ ୮୩.୬୨ ଟଙ୍କାରେ ବନ୍ଦ ହୋଇଥିଲା । ବଜାର ଅନୁସନ୍ଧାନକାରୀ ବିଶ୍ଳେଷକ ଅନୁଜ ଚୌଧୁରୀଙ୍କ ଅନୁଯାୟୀ ଆମେରିକୀୟ ଡଲାର ସୁଦୃଢ଼ ହେବା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଇଛି । ସନ୍ଧ୍ୟା ୫ଟା ୩୦ ମିନଟ୍‌ରେ ଡଲାର ସୂଚକାଙ୍କ ୧୦୫ ଉପରେ କାରବାର କରୁଥିଲା | ବିଶେଷଜ୍ଞଙ୍କ ଅନୁଯାୟୀ ଡଲାର ପ୍ରବାହ ହେତୁ ଟଙ୍କା ଚାପରେ ଜାରି ରହିଛି । ସ୍ଥାନୀୟ ଆମଦାନୀକାରୀଙ୍କ ନିକଟରେ ଡଲାରର ଚାହିଦା ମଧ୍ୟ ମଜବୁତ ହୋଇଛି । ଏହାବ୍ୟତୀତ କେତେକ ଭୌଗୋଳିକ ସଙ୍କଟ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଏହା ଭାରତୀୟ ଟଙ୍କା ଉପରେ ଚାପ ବଢ଼ାଉଛି । ଏଥି ସହିତ କେନ୍ଦ୍ର କ୍ୟାବିନେଟ ଦ୍ୱାରା ୧୪ ଖରିଫ ଫସଲ ପାଇଁ ଏମଏସପି ବୃଦ୍ଧି, ଡଲାରର ଚାହିଦା ବୃଦ୍ଧି, ଅଶୋଧିତ ତେଲର ବୃଦ୍ଧି ଡଲାରକୁ ମଜବୁତ କରୁଛି ଏବଂ ଟଙ୍କାର ବିନିମୟ ମୂଲ୍ୟକୁ ଦୁର୍ବଳ କରୁଛି ।

ଟଙ୍କା ମୂଲ୍ୟରେ ହ୍ରାସ ଅର୍ଥ ହେଉଛି ଯେ ଆମଦାନୀ ଭାରତ ପାଇଁ ମହଙ୍ଗା ହେବାକୁ ଯାଉଛି । ଏହାର ପ୍ରଭାବ ସ୍ୱରୂପ ବିଦେଶ ଭ୍ରମଣ ଏବଂ ପାଠ ପଢ଼ା ମଧ୍ୟ ମହଙ୍ଗା ହେବ । ଏହି କାରଣରୁ, ଫିଠାରୁ ଆରମ୍ଭ କରି ରହିବା, ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ମହଙ୍ଗା ହେବ ।

# ଜୟଆଲୁକ୍କାସ୍‌ର 'ଅତୁଳନୀୟ ଅଳଙ୍କାର ବିକ୍ରି' ଯୋଜନା

Joyalukkas
World's favourite jeweller

**ଗଢ଼ା ମଜୁରିରେ ଫ୍ଲାଟ୍ ୫୦% ରିଆତି**

ଭୁବନେଶ୍ୱର,୨୦।୬(ସିମସ)

ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ୨୦୨୪ର ସବୁଠାରୁ ଆକର୍ଷଣୀୟ ବିକ୍ରୟ- 'ଅତୁଳନୀୟ ଅଳଙ୍କାର ବିକ୍ରୟ' ଯୋଜନା ଘୋଷଣା କରି ସାରା ଦେଶରେ ଅଳଙ୍କାର ଉତ୍ସାହୀଙ୍କୁ ଚକିତ ଓ ଉଲ୍ଲସିତ କରିବାକୁ ଯାଉଛନ୍ତି । ଗ୍ରାହକମାନେ ବର୍ତ୍ତମାନ ସମସ୍ତ ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିଆତି ଉପଭୋଗ କରିପାରିବେ । ୧୪ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଅଫରରେ ସୁନା, ହୀରା, ମୂଲ୍ୟବାନ ପଥର ଏବଂ ରୂପା ସମେତ ବହୁ ଅଳଙ୍କାର ଅନ୍ତର୍ଭୁକ୍ତ । ଏହି ରୋମାଞ୍ଚକର ଅଫର ସହିତ ସଂଯୁକ୍ତ ହୋଇଥିବା ଚିତ୍ତାକର୍ଷକ ସଂଗ୍ରହର ଏକ ସମ୍ପୂର୍ଣ୍ଣ ପରିସର ଅଳଙ୍କାର ଶଫିଂକୁ ସମସ୍ତଙ୍କ ପାଇଁ ଏକ ମନୋରମ ଏବଂ ସ୍ମରଣୀୟ ଅନୁଭୂତି ଯେ ପ୍ରଦାନ କରିବ ଏଥିରେ ସନ୍ଦେହ ନାହିଁ । 'ଅତୁଳନୀୟ ଅଳଙ୍କାର ବିକ୍ରି ଯୋଜନା' ବିଷୟରେ ମତବ୍ୟକ୍ତ କରି ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ଜୟଆଲୁକ୍କାସ୍ କହିଛନ୍ତି, ଆମେ ଏକ ଅଦ୍ୱିତୀୟ ଅଳଙ୍କାର ଶଫିଂ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ଆମର ଗ୍ରାହକମାନେ ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ପାଇଁ ଅଳଙ୍କାରର ସର୍ବୋତ୍ତମ ଏବଂ ବ୍ୟାପକ ଚୟନ ଆମଠାରୁ ଆଶା କରିପାରନ୍ତି । ଏହି ଉତ୍ସାହଜନକ ଅଫର ପାଇବାକୁ ଏବଂ ଜୟଆଲୁକ୍କାସ୍ ପାର୍ଥକ୍ୟକୁ ଅନୁଭବ କରିବାକୁ ଗ୍ରାହକମାନେ ନିଜର ନିକଟତମ ଆମର ଅତ୍ୟାଧୁନିକ ଶୋ'ରୁମ୍ ପରିଦର୍ଶନ କରିପାରିବେ । 'ଅତୁଳନୀୟ ଅଳଙ୍କାର ବିକ୍ରି ଅଫର' ଭାରତର ସମସ୍ତ ଜୟଆଲୁକ୍କାସ୍ ଶୋ' ରୁମରେ ୧୪ ଜୁଲାଇ ପର୍ଯ୍ୟନ୍ତ ବୈଧ ରହିବ । ଏହି ଏକ୍ସକ୍ଲୁସିଭ୍ ଅଫର୍ ସହି ଗ୍ରାହକମାନେ ମଧ୍ୟ ମାଗଣାରେ ଆଜୀବନ ରକ୍ଷଣାବେକ୍ଷଣ ଏକ ବର୍ଷର ମାଗଣା ବୀମା ଏବଂ ପ୍ରତ୍ୟେକ କ୍ରୟ ସହିତ ବାୟ ବ୍ୟାକ୍ ଭରସା ପାଇଥାନ୍ତି, ଯାହା ଏହି ପ୍ରୋତ୍ସାହନମୂଳକ ସମୟକୁ ଅଳଙ୍କାର ପ୍ରେମୀମାନଙ୍କ ପାଇଁ ଏକ ଆଦର୍ଶ ସମୟ ହୋଇଥାଏ ।

# କେଏଫ୍‌ସିର କ୍ରିସ୍ପି ଡେଜ୍ ଅଫର୍

**ମୁମ୍ବଇ,୨୦।୬:** କେଏଫ୍‌ସିର ସୀମିତ ଅବଧି କ୍ରିସ୍ପି ଡେଜ୍ ଅଫର୍ ପୁଣିଥରେ ଆରମ୍ଭ ହୋଇଛି । ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରାହକ ଏଥିରେ ୪୦% ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ । ସ୍ୱତନ୍ତ୍ର ହଟ୍ ଆଣ୍ଡ କ୍ରିସ୍ପି ଲେଗ୍ ପିସ୍ ଭଳି ଆପଣଙ୍କର ସ୍ୱାଦିଷ୍ଟ କେଏଫ୍‌ସି ଫେଭରାଇଟ୍‌ଗୁଡିକର ୮ ପିସ୍‌କୁ ଉପଭୋଗ କରନ୍ତୁ । ହଟ୍ ୱିଙ୍ଗ୍ସର ମୂଲ୍ୟ କେବଳ ୨୯୯ ଟଙ୍କାରୁ ଆରମ୍ଭ । ୪୯୯ ଟଙ୍କାରୁ ଆରମ୍ଭ ହେଉଥିବା ଅନ୍‌ଲିମିଟେଡ ପେପ୍ସି ଜିରୋ ସୁଗାର ରିଫିଲ୍ସ ସହ ଚିକେନ ପ୍ରେମୀମାନେ ହଟ୍ ଆଣ୍ଡ କ୍ରିସ୍ପି ଲେଗ୍ ପିସ୍, ହଟ୍ ୱିଙ୍ଗସ୍ ଏବଂ ନରମ ଓ ଜୁସି ପେରି ପେରି ଷ୍ଟ୍ରିପ୍ ଭଳି ସିଗ୍‌ନେଚର ମେନ୍ୟୁ ଆଇଟମ ସହିତ ଏକ କ୍ରିସ୍ପି ମିଲ୍‌ରେ ମଜା ନେଇପାରିବେ । କେଏଫ୍‌ସି ଆପ୍ ମାଧ୍ୟମରେ ଡାଇନ୍-ଇନ୍ କିମ୍ବା ଅର୍ଡର୍ ଉପରେ ଆକର୍ଷଣୀୟ କ୍ରିସ୍ପି ଅଫର୍ ପାଇଁ ନିକଟସ୍ଥ କେଏଫ୍ସି ରେସ୍ତୋରାଁ ଯାଆନ୍ତୁ ଏବଂ ମାଗଣା ଡେଲିଭରି ପାଆନ୍ତୁ । ଆସନ୍ତା ଜୁନ୍ ୩୦ ପୂର୍ବରୁ ଚଳିତ ବର୍ଷର ସବୁଠାରୁ କ୍ରିସ୍ପି ଅଫର୍ ହାସଲ ପାଇବା ପାଇଁ କମ୍ପାନୀ କହିଛି ।

**ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ସମୀକ୍ଷା**

# ବଜାର ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ଗହମ ମହଜୁଦ



ନୂଆଦିଲ୍ଲୀ,୨୦।୬(ଏଜେନ୍ସି)

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସମୀକ୍ଷା ପାଇଁ ଆଜି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗହମର ମହଜୁଦ ସ୍ଥିତି ଏବଂ ମୂଲ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆରଏମଏସ (ରବି ବିପଣନ ଋତୁ) ୨୦୨୩ରେ ୨୬୨ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ଗହମ କ୍ରୟ ହୋଇଥିବା ବେଳେ ଆରଏମଏସ ୨୦୨୪ରେ ୧୮.୦୬.୨୦୨୪ ସୁଦ୍ଧା ପ୍ରାୟ ୨୬୬ ଏଲଏମଟି ଗହମ କ୍ରୟ କରାଯାଇଛି । ପିଡିଏସ୍ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଆବଶ୍ୟକତା, ଯାହା ପାଖାପାଖି ୧୮୪ ଏଲଏମଟି, ତାହାକୁ ପୂରଣ କରିବା ପରେ ଆବଶ୍ୟକ ସ୍ଥଳେ ବଜାରର ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ପରିମାଣର ଗହମ ମହଜୁଦ ରହିଛି । ଗହମର ମୂଲ୍ୟ ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ଦେଶର ଉପଭୋକ୍ତାଙ୍କ ପାଇଁ ମୂଲ୍ୟ ସ୍ଥିରତା ସୁନିଶ୍ଚିତ କରିବା ନିମନ୍ତେ ଉପଯୁକ୍ତ ନୀତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ୪ ବର୍ଷର ସର୍ବନିମ୍ନ ସ୍ତରରେ

## ଭାରତୀୟଙ୍କ ୯୭୭୧ କୋଟି ଟଙ୍କା ଠୁଳ

## ଜମା ପରିମାଣରେ ୭୦% ହ୍ରାସ




ଜୁରିଚ୍,୨୦।୬(ଏଜେନ୍ସି)

୨୦୨୩ରେ ସ୍ୱିସ୍ ବ୍ୟାଙ୍କଗୁଡିକରେ ଭାରତୀୟ ଏବଂ ଭାରତୀୟ କମ୍ପାନୀଗୁଡିକ ଜମା କରିଥିବା ଅର୍ଥ ଯଥେଷ୍ଟ ହ୍ରାସ ପାଇଛି । ଏହି ଜମା ରାଶିରେ ଗୋଟିଏ ବର୍ଷରେ ୭୦ ପ୍ରତିଶତ ହ୍ରାସ ଘଟିଛି । ଫଳରେ ଫଳରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଦ୍ୱାରା କରାଯାଇଥିବା ଅର୍ଥ ଜମା ୪ ବର୍ଷର ସର୍ବନିମ୍ନ ସ୍ତରକୁ ହ୍ରାସ ଘଟିଛି । ତେବେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ମୋଟ ଜମା ଅର୍ଥର ପରିମାଣ ୯,୭୭୧ କୋଟି ଟଙ୍କା ଅର୍ଥାତ୍ ୧.୦4 ବିଲିୟନ ସ୍ୱିସ୍ ଫ୍ରାଙ୍କରେ ପହଞ୍ଚିଛି । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ଗୁରୁବାର ଏହି ତଥ୍ୟ ପ୍ରକାଶ କରାଯାଇଛି ।କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ସ୍ୱିସ୍ ବ୍ୟାଙ୍କରେ ଭାରତୀୟ ଗ୍ରାହକଙ୍କ ମୋଟ ଜମା ରାଶି ହ୍ରାସ ପାଇଛି । ତେବେ ୨୦୨୧ ମସିହାରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ପରିମାଣ ୧୪ ବର୍ଷର ରେକର୍ଡ ଭାଙ୍ଗି ସର୍ବାଧିକ ୩.୮୩ ବିଲିୟନ ଫ୍ରାଙ୍କରେ ପହଞ୍ଚିଥିଲା । ଏହା ବ୍ୟତୀତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ଏବଂ ଭାରତର ଅନ୍ୟ ବ୍ୟାଙ୍କ ଶାଖା ମାଧ୍ୟମରେ ଜମା ରେ ଅର୍ଥ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି । ବଣ୍ଡ, ସିକ୍ୟୁରିଟି ଏବଂ ଅନ୍ୟାନ୍ୟ ଆର୍ଥିକ ଉପକରଣ ମାଧ୍ୟମରେ ଜମା ହୋଇଥିବା ଅର୍ଥ ପରିମାଣରେ ତୀବ୍ର ହ୍ରାସ ହେତୁ ଏପରି ଘଟିଥିବା କୁହାଯାଉଛି । ଅପରପକ୍ଷେ ସ୍ୱିସ୍ ନ୍ୟାସନାଲ ବ୍ୟାଙ୍କ (ଏସ୍‌ଏନ୍‌ବି) ସ୍ୱିଜରଲ୍ୟାଣ୍ଡରେ ଭାରତୀୟଙ୍କ ଦ୍ୱାରା ଜମା ଥିବା ବହୁ ଚର୍ଚ୍ଚିତ କଳା ଟଙ୍କା ପରିମାଣ ସୂଚିତ କରୁନାହିଁ । ଏହି ପରିସଂଖ୍ୟାନରେ ସେହି ଅର୍ଥକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇନାହିଁ ଯାହା ଭାରତୀୟ, ଏନ୍‌ଆର୍‌ଆଇ କିମ୍ବା ଅନ୍ୟମାନେ ତୃତୀୟ ଦେଶ ସଂସ୍ଥା ନାମରେ ସ୍ୱିସ୍ ବ୍ୟାଙ୍କରେ ରଖିଥାଇପାରନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୧୭୧୩ ମସିହାରେ ସ୍ୱିଜରଲ୍ୟାଣ୍ଡର ପ୍ରଥମ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ସ୍ୱିଜରଲ୍ୟାଣ୍ଡରେ ୪୦୦ ରୁ ଅଧିକ ବ୍ୟାଙ୍କ କାର୍ଯ୍ୟ କରୁଛନ୍ତି । ଏହି ବ୍ୟାଙ୍କଗୁଡିକ ସ୍ୱିସ୍ ଫେଡେରାଲ୍ ବ୍ୟାଙ୍କିଙ୍ଗ୍ ଆଇନର ଗୋପନୀୟତା ଅଧିନିୟମର ଧାରା ୪୭ ଅନୁଯାୟୀ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଅଧିକାର ପାଇଛନ୍ତି । ଯାହାକୁ ଆମେ ଏକ ସ୍ୱିସ୍ ବ୍ୟାଙ୍କ ବୋଲି କହୁଛୁ ତାହା ହେଉଛି ପ୍ରକୃତରେ ୟୁବିଏସ୍ ଯାହା ୟୁନିଅନ୍ ବ୍ୟାଙ୍କ ଅଫ୍ ସ୍ୱିଜରଲ୍ୟାଣ୍ଡ ଏବଂ ସ୍ୱିସ୍ ବ୍ୟାଙ୍କ କର୍ପୋରେସନ୍ର ମିଶ୍ରଣ ପରେ ୧୯୯୮ରେ ସୃଷ୍ଟି ହୋଇଥିଲା । ବିଶ୍ୱର ଶ୍ରେଷ୍ଠ ବ୍ୟାଙ୍କ ମଧ୍ୟରେ ସ୍ୱିସ୍ ବ୍ୟାଙ୍କଗୁଡିକ ଗଣନା କରାଯାଏ ।

# ଅଙ୍କୁରା ହସ୍‌ପିଟାଲରେ ଏଣ୍ଡୋମେଟ୍ରିଓସିସ୍ ଏବଂ ଜଟିଳ ଲାପ୍ରୋସ୍କୋପିକ୍ ସର୍ଜରୀ ଆରମ୍ଭ

**ଭୁବନେଶ୍ୱର,୨୦।୬(ସମିସ):** ଭୁବନେଶ୍ୱରସ୍ଥିତ ଅଙ୍କୁରା ହସପିଟାଲ ଡାଃ ଜିଏସ୍‌ଏସ୍ ମହାପାତ୍ରଙ୍କ ଦିଗ୍‌ଦର୍ଶନରେ ଉନ୍ନତ ଲାପରୋସ୍କୋପି ଏବଂ ଏଣ୍ଡୋମେଟ୍ରିଓସିସ୍, ଅଙ୍କୁରା ମହିଳା ଏବଂ ଚାଇଲ୍ଡ କେୟାର ହସ୍ପିଟାଲ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ସେଂଟର ଅଫ୍ ଏକ୍ସଲେନ୍ସ ଉନ୍ମୋଚନ କରିଛି । ଏହା ଏଣ୍ଡୋମେଟ୍ରିଓସିସ୍ ଏବଂ ଲାପାରୋସ୍କୋପିକ୍ ସର୍ଜରୀ ପାଇଁ ଉନ୍ନତ ସ୍ତ୍ରୀ ରୋଗ ଚିକିତ୍ସା ଯୋଗାଇବା ପାଇଁ ଉତ୍ସର୍ଗୀକୃତ ହୋଇଛି । ଏହି କେନ୍ଦ୍ର ଓଡ଼ିଶାର ମହିଳାମାନଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ କରିବା ସହ ସର୍ଜରୀ ସୁବିଧା ପ୍ରଦାନ କରିବ । ଏଣ୍ଡୋମେଟ୍ରିଓସିସ ହେଉଛି ଗର୍ଭାଶୟ ଭିତରେ ଥିବା ଲାଇନରେ ସମସ୍ୟା ଏହା ଦ୍ୱାରା ମହିଳାମାନେ ବହୁ କଷ୍ଟ ପାଇଥାନ୍ତି । ଏଣ୍ଡୋମେଟ୍ରିଓସିସ ବିଶେଷଜ୍ଞ ଡାଃ ଜିଏସ୍‌ଏସ୍ ମହାପାତ୍ର ଏହି ରୋଗ ଉପରେ ଫ୍ରାନ୍ସରୁ ପ୍ରଶିକ୍ଷଣପ୍ରାପ୍ତ । ସେ ଓଡ଼ିଶାର ପ୍ରଥମ ରୋବୋଟିକ ସର୍ଜନ ଯିଏକି ଭିନିସି ପ୍ଲାଟଫର୍ମରେ ଅସ୍ତ୍ରୋପଚାର କରିଥିଲେ । ସେ ମଧ୍ୟ ଭିନୋଟସ ଅସ୍ତ୍ରୋପଚାର, ଲାପ୍ରୋସ୍କୋପିକ ଓ ହିଷ୍ଟେରେକ୍ଟୋମି ପରି ଜଟିଳ ଅସ୍ତ୍ରୋପଚାର କରିଛନ୍ତି । ଏହି ଅବସରରେ ଡକ୍ଟର ଜିଏସ୍‌ଏସ୍ ମହାପାତ୍ର ଅଙ୍କୁରା ହସପିଟାଲର ଆଡଭାନ୍ସଡ ଲାପ୍ରୋସ୍କୋପି ଓ ଏଣ୍ଡୋମେଟିଓସିସ ନିର୍ଦ୍ଦେଶକ ଭାବରେ ଯୋଗଦେଇଛନ୍ତି ।



# ଖେଳ ଦୁନିଆ

ସକାଳ THE SAKALA
www.sakalaepaper.com

ଘରୋଇ ମାଟିରେ ୫ଟେଷ୍ଟ, ୮ ଟି-୨୦ ଖେଳାଯିବ

## ବାଂଲା ଓ ନ୍ୟୁଜିଲାଣ୍ଡ ସହ ଟେଷ୍ଟ ଖେଳିବ ଭାରତ

**ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଭାରତରେ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ଘୋଷଣା କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବା ବିସିସିଆଇ। ଘରୋଇ ମାଟିରେ ବାଂଲାଦେଶ ସହ ୨ ଟିକିଆ ଟେଷ୍ଟ ସିରିଜ୍‌ରୁ ଭାରତ ଖେଳ ଆରମ୍ଭ କରିବ। ବାଂଲାଦେଶ ସହ ସିରିଜ୍‌କୁ ମିଶାଇଲେ ଭାରତ ଘରୋଇ ମାଟିରେ ୫ ଟେଷ୍ଟ, ୮ ଟି-୨୦ ଓ ଇଂଲଣ୍ଡ ସହ ୩ ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଇଂଲଣ୍ଡ ସିରିଜରେ କଟକର ବାରବାଟୀ ଷ୍ଟାଡିୟମ୍ ଏହା ମଧ୍ୟରୁ ଗୋଟିଏ ମ୍ୟାଚ୍ ଆୟୋଜନ କରିବ। ୨ ବର୍ଷ ପରେ କଟକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏଣୁ ସେପ୍ଟେମ୍ବର ୨୦୨୪ରୁ ଫେବୃଆରୀ ୧୨ ମଧ୍ୟରେ ଭାରତ ୧୦ଟି ଟେଷ୍ଟ, ୮ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ଭାରତ କେବଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ ଏବଂ ଅନ୍ୟ ସମସ୍ତ ଟୁର୍ ଭାରତରେ ଆୟୋଜିତ ହେବ।

**ଫେବୃଆରୀ ୯, ୨୦୨୫**
**କଟକ ବାରବାଟୀରେ ଖେଳାଯିବ ଭାରତ-ଇଂଲଣ୍ଡ ଦିନିକିଆ**

### ବାଂଲା ବିପକ୍ଷ ଟେଷ୍ଟରୁ ସିରିଜ୍ ଆରମ୍ଭ

ଭାରତର ଘରୋଇ କ୍ରିକେଟ ସିରିଜ୍ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଆରମ୍ଭ ହୋଇ ଅକ୍ଟୋବର ୧ରେ ଶେଷ ହେବ। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ଟେଷ୍ଟ ଦୁଇଟି ଚେନ୍ନାଇ ଓ କାନପୁରରେ ଯଥାକ୍ରମେ ସେପ୍ଟେମ୍ବର ୧୯ ଓ ୨୭ରୁ ଆରମ୍ଭ ହେବ। ଏହା ପରେ ଧର୍ମଶାଳା, ଦିଲ୍ଲୀ, ହାଇଦ୍ରାବାଦ୍‌ରେ ୩ଟି ଟି-୨୦ ମ୍ୟାଚ୍ ଯଥାକ୍ରମେ ଅକ୍ଟୋବର ୬, ୯ ଓ ୧୨ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ନ୍ୟୁଜିଲାଣ୍ଡ ସହ ୩ ଟେଷ୍ଟ

ବାଂଲାଦେଶ ପରେ ଭାରତ ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ ଆସିବ। ଏହି ସିରିଜ୍‌ର ଟେଷ୍ଟ ମ୍ୟାଚ୍ ଗୁଡ଼ିକ ବେଙ୍ଗାଲୁରୁ, ପୁଣେ ଓ ମୁମ୍ବଇରେ ଖେଳାଯିବ। ଏହି ଟେଷ୍ଟ ଗୁଡ଼ିକ ଯଥାକ୍ରମେ ଅକ୍ଟୋବର ୧୬, ଅକ୍ଟୋବର ୨୪ ଓ ନଭେମ୍ବର ୧ରୁ ଆରମ୍ଭ ହେବ। କେବଳ ଟେଷ୍ଟ ସିରିଜ୍ ଖେଳି ନ୍ୟୁଜିଲାଣ୍ଡ ସ୍ୱଦେଶ ଫେରିଯିବ।

### ନଭେମ୍ବରରେ ଭାରତ ଯିବ ଅଷ୍ଟ୍ରେଲିଆ

ଏହା ମଧ୍ୟରେ ଅଷ୍ଟ୍ରେଲିଆ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏହି ୫ଟି ଟେଷ୍ଟ ଯଥାକ୍ରମେ ପର୍ଥ, ଆଡିଲେଡ, ବ୍ରିସ୍‌ବେନ୍, ମେଲବୋର୍ଣ୍ଣ ଓ ସିଡ୍‌ନୀରେ ଖେଳାଯିବ। ସେହିପରି ଏହି ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ନଭେମ୍ବର ୨୨, ଡିସେମ୍ବର ୬, ଡିସେମ୍ବର ୧୪, ଡିସେମ୍ବର ୨୬ ଓ ୨୦୨୫ ଜାନୁଅରୀ ମାସ ୩ରୁ ଆରମ୍ଭ ହୋଇ ଜାନୁଆରୀ ୭ରେ ଟେଷ୍ଟ ହେବ।

### ଘରୋଇ ମାଟିରେ ଇଂଲଣ୍ଡ ସହ ସିରିଜ୍

ଅଷ୍ଟ୍ରେଲିଆରୁ ଫେରିବା ପରେ ଘରୋଇ ମାଟିରେ ଭାରତ ସହ ଇଂଲଣ୍ଡର ସୀମିତ ଓଭର ସିରିଜ୍ ଆୟୋଜିତ ହେବ। ଏହି ସିରିଜ୍‌ରେ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଖେଳାଯିବାକୁ ଥିବା ଟି-୨୦ ସିରିଜ୍‌ର ମ୍ୟାଚ୍‌ଗୁଡିକ ଚେନ୍ନାଇ, କୋଲକାତା, ରାଜକୋଟ, ପୁଣେ ଓ ମୁମ୍ବଇରେ ଯଥାକ୍ରମେ ଜାନୁଆରୀ ୨୨, ୨୫, ୨୮, ୩୧ ଓ ଫେବୃଆରୀ ୨ରେ ଖେଳାଯିବ। ସେହିପରି ଦିନିକିଆ ସିରିଜ୍‌ର ମ୍ୟାଚ ଗୁଡିକ୍ ନାଗପୁରରେ ଫେବୃଆରୀ ୬, କଟକର ବାରବାଟୀ ଷ୍ଟାଡିୟମ୍‌ରେ ଦ୍ୱିତୀୟ ମ୍ୟାଚ୍ ଫେବୃଆରୀ ୯ ଓ ତୃତୀୟ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଫେବୃଆରୀ ୧୨ରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି।

### ବିଶ୍ୱକପ୍ ପରେ ଜିମ୍ବାୱେ ଗସ୍ତ

ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଜିମ୍ବାୱେ ଗସ୍ତରେ ଯିବ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍‌ଗୁଡ଼ିକ ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଯଥାକ୍ରମେ ଜୁଲାଇ ୬, ୭, ୧୦, ୧୩ ଓ ୧୪ରେ ଖେଳାଯିବ।

## ଭାରତର କ୍ରିକେଟ କାର୍ଯ୍ୟସୂଚୀ

### ଜିମ୍ବାୱେ ଗସ୍ତ: ୫ ଟି-୨୦

| ତାରିଖ | ମ୍ୟାଚ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୬ | ପ୍ରଥମ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୭ | ଦ୍ୱିତୀୟ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୦ | ତୃତୀୟ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୩ | ଚତୁର୍ଥ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୪ | ପଞ୍ଚମ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |

### ବାଂଲା ଟୁର : ୨ ଟେଷ୍ଟ

| | | | |
|---|---|---|---|
| ୧୯ରୁ ୨୩।୯ | ପ୍ରଥମ ଟେଷ୍ଟ | ଚେନ୍ନଇ | ସକାଳ ୯ଟା୩୦ |
| ୨୭।୯ରୁ ୧।୧୨ | ଦ୍ୱିତୀୟ ଟେଷ୍ଟ | କାନପୁର | ସକାଳ ୯ଟା୩୦ |

### ୩ ଟି-୨୦

| | | | |
|---|---|---|---|
| ଅକ୍ଟୋବର ୬ | ପ୍ରଥମ ଟି-୨୦ | ଧର୍ମଶାଳା | ରାତି ୭ଟା |
| ଅକ୍ଟୋବର ୯ | ଦ୍ୱିତୀୟ ଟି-୨୦ | ଦିଲ୍ଲୀ | ରାତି ୭ଟା |
| ଅକ୍ଟୋବର ୧୨ | ତୃତୀୟ ଟି-୨୦ | ଧର୍ମଶାଳା | ରାତି ୭ଟା |

### ନ୍ୟୁଜିଲାଣ୍ଡ ଟୁର : ୩ ଟେଷ୍ଟ

| | | | |
|---|---|---|---|
| ୧୬ରୁ ୨୦।୧୦ | ପ୍ରଥମ ଟେଷ୍ଟ | ବେଙ୍ଗାଲୁରୁ | ସକାଳ ୯ଟା୩୦ |
| ୨୪ରୁ ୨୮।୧୦ | ଦ୍ୱିତୀୟ ଟେଷ୍ଟ | ପୁଣେ | ସକାଳ ୯ଟା୩୦ |
| ୧ରୁ ୫।୧୧ | ତୃତୀୟ ଟେଷ୍ଟ | ମୁମ୍ବଇ | ସକାଳ ୯ଟା୩୦ |

### ଭାରତର ଅଷ୍ଟ୍ରେଲିଆ ଟୁର୍ : ୫ ଟେଷ୍ଟ, ୩ ଟି-୨୦

| | | | |
|---|---|---|---|
| ୨୨ରୁ ୨୬।୧୧ | ପ୍ରଥମ ଟେଷ୍ଟ | ପର୍ଥ | ସକାଳ ୮ଟା |
| ୬ରୁ ୧୦।୧୨ | ଦ୍ୱିତୀୟ ଟେଷ୍ଟ | ଆଡିଲେଡ୍ | ସକାଳ ୯ଟା ୩୦ |
| ୧୪ରୁ ୧୮।୧୨ | ତୃତୀୟ ଟେଷ୍ଟ | ବ୍ରିସ୍‌ବେନ୍ | ସକାଳ ୫ଟା ୩୦ |
| ୨୬ରୁ ୩୦।୧୨ | ଚତୁର୍ଥ ଟେଷ୍ଟ | ମେଲବୋର୍ଣ୍ଣ | ସକାଳ ୫ଟା ୩୦ |
| ୩ରୁ ୭।୧୧ | ପଞ୍ଚମ ଟେଷ୍ଟ | ସିଡନୀ | ସକାଳ ୫ଟା ୩୦ |

### ଇଂଲଣ୍ଡ ଟୁର୍ : ୫ ଟି-୨୦

| | | | |
|---|---|---|---|
| ଜାନୁଆରୀ ୨୨ | ପ୍ରଥମ ଟି-୨୦ | ଚେନ୍ନଇ | ରାତି ୭ଟା |
| ଜାନୁଆରୀ ୨୫ | ଦ୍ୱିତୀୟ ଟି-୨୦ | କୋଲକାତା | ରାତି ୭ଟା |
| ଜାନୁଆରୀ ୨୮ | ତୃତୀୟ ଟି-୨୦ | ରାଜକୋଟ | ରାତି ୭ଟା |
| ଜାନୁଆରୀ ୩୧ | ଚତୁର୍ଥ ଟି-୨୦ | ପୁଣେ | ରାତି ୭ଟା |
| ଫେବୃଆରୀ ୨ | ପଞ୍ଚମ ଟି-୨୦ | ମୁମ୍ବଇ | ରାତି ୭ଟା |

### ୩ ଦିନିକିଆ

| | | | |
|---|---|---|---|
| ଫେବୃଆରୀ ୬ | ପ୍ରଥମ ଦିନିକିଆ | ନାଗପୁର | ଅପରାହ୍ଣ ୧ଟା୩୦ |
| ଫେବୃଆରୀ ୯ | ଦ୍ୱିତୀୟ ଦିନିକିଆ | କଟକ | ଅପରାହ୍ଣ ୧ଟା୩୦ |
| ଫେବୃଆରୀ ୧୨ | ତୃତୀୟ ଦିନିକିଆ | ଅହମ୍ମଦାବାଦ୍ | ଅପରାହ୍ଣ ୧ଟା୩୦ |



୧୮ ବର୍ଷରୁ କମ୍ ବାଳିକା ଜାତୀୟ କନିଷ୍ଠ ରଗ୍‌ବୀ

## ଓଡ଼ିଶା ରନର୍ସଅପ୍

**ଭୁବନେଶ୍ୱର,୨୦।୬(ସମିସ):** ପୁଣେରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଜାତୀୟ କନିଷ୍ଠ ରଗବୀ ୭ଏସ୍ ଚାମ୍ପିଅନସିପ୍‌ରେ ଓଡ଼ିଶାର ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଛି। ଗତ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଓଡ଼ିଶା ୦-୧୭ରେ ବିହାରଠାରୁ ପରାସ୍ତ ହୋଇଛି। ଏହାପୂର୍ବରୁ ସେମିଫାଇନାଲରେ ଓଡ଼ିଶା ୧୭-୧୨ରେ ରାଜସ୍ଥାନକୁ ହରାଇ ଫାଇନାଲକୁ ଉଠିଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୭ଟି ଦଳକୁ ୯ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା। ଓଡ଼ିଶା ସମେତ ପୁଲ୍ ଏ'ରେ ଝାଡଖଣ୍ଡ ଓ ପଞ୍ଜାବ ସ୍ଥାନିତ ହୋଇଥିଲେ। ଗ୍ରୁପ୍ ଶୀର୍ଷରେ ରହି ଓଡ଼ିଶା ନକ୍‌ଆଉଟ ପର୍ଯ୍ୟାୟକୁ ଉଠିଥିଲା। ଓଡ଼ିଶା ରଗବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଦଳରେ ଶବନମ୍ ସାମିଲ

**ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟିନୀ ଦ୍ରୁତ ବୋଲର ଶବନମ ଶକିଲଙ୍କୁ ଭାରତୀୟ ବରିଷ୍ଠ ମହିଳା କ୍ରିକେଟ୍ ଦଳରେ ସାମିଲ କରାଯାଇଛି। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଲାଗି ଶବନମଙ୍କୁ ସିରିଜ ମଝିରେ ଡକରା ଆସିଛି। ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷରେ ଚାଲିଥିବା ଏକଦିବସୀୟ ସିରିଜରେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଛି। ସେ ପୂଜା ବସ୍ତ୍ରକାର କିମ୍ବା ରେଣୁକା ସିଂଙ୍କ ସହ ନୂଆ ବଲ୍ ପକାଇବାର ସମ୍ଭାବନା ରହିଛି।

## ପ୍ୟାରିସ ଅଲିମ୍ପିକ୍ସ: ଭାରତୀୟ ରିକର୍ଭ ତୀରନ୍ଦାଜୀ ଦଳକୁ ଯୋଗ୍ୟତା



**ଅଣ୍ଟାଲ୍ୟା, ୨୦।୬ (ଏଜେନ୍ସି):** ତୁର୍କୀରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ-୩ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ପଦକ ଜିତିବାରେ ବିଫଳ ହୋଇଛି। ଏହାସତ୍ତ୍ୱେବିଶ୍ୱ ର୍‍ୟାଙ୍କିଂ ଆଧାରରେ ଭାରତର ଉଭୟ ପୁରୁଷ ଓ ମହିଳା ରିକର୍ଭ ତୀରନ୍ଦାଜୀ ଦଳ ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ପୁରୁଷ ଦଳରେ ଧୀରଜ, ତରୁଣଦୀପ୍ ରାଇ ଓ ପ୍ରବୀଣ ଯାଦବ ରହିଛନ୍ତି। ସେହିଭଳି ଭଜନ, ଦୀପିକା କୁମାରୀ ଓ ଅଙ୍କିତା ଭକ୍ତଙ୍କୁ ନେଇ ଭାରତୀୟ ମହିଳା ରିକର୍ଭ ଦଳ ଗଠିତ। ରିକର୍ଭ ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ ବିଶ୍ୱ ମାନ୍ୟତାରେ ଦକ୍ଷିଣ କୋରିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ମହିଳା ଦଳ ୮ମ ସ୍ଥାନରେ ରହିଛି। ମହିଳା ବିଭାଗରେ ଶ୍ରେଷ୍ଠ-୭ଟି (ଦକ୍ଷିଣ କୋରିଆ, ଚାଇନା, ଜର୍ମାନୀ, ଫ୍ରାନ୍ସ, ମେକ୍ସିକୋ, ଆମେରିକା ଓ ଚାଇନିଜ ତାଇପେଇ) ରିକର୍ଭ ଦଳ ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ଅଲିମ୍ପିକ୍ସ ଟିକଟ୍ ହାସଲ କରିସାରିଛନ୍ତି। ଏଥିସହ ତୀରନ୍ଦାଜୀର ରିକର୍ଭରେ ଭାରତ ସମସ୍ତ ୫ଟି ଇଭେଣ୍ଟ ଯଥା ପୁରୁଷ ଓ ମହିଳା ଟିମ୍, ବ୍ୟକ୍ତିଗତ ଓ ମିକ୍ସଡ ଟିମ୍ ଇଭେଣ୍ଟରେ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବ।

## ଶ୍ରେଷ୍ଠ-୫୦ରେ ଓଡ଼ିଶାର ପଣ୍ଡା ଭଗିନୀ



**ଭୁବନେଶ୍ୱର, ୨୦।୬ (ସମିସ):** ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ଲାଗି ଖୁସି ଖବର। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଯୁଗଳ ର୍‍ୟାଙ୍କିଙ୍ଗ୍‌ରେ ଏହି ଦୁଇ ଭଉଣୀ ୪୭ତମ ସ୍ଥାନକୁ ଉଠିଛନ୍ତି। ଓଡ଼ିଶାର ପ୍ରଥମ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପଣ୍ଡା ଭଗିନୀ ଶୀର୍ଷ-୫୦ ମଧ୍ୟରେ ରହିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସହ ରାଜ୍ୟ କ୍ରୀଡ଼ାଜଗତରୁ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଭୟ ଶ୍ୱେତପର୍ଣ୍ଣା ଓ ଋତୁପର୍ଣ୍ଣା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ। ଋତୁପର୍ଣ୍ଣା ୨୦୨୧ରେ ଏଠାରେ ବିବିଏରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ଏମ୍‌ବିଏ ପଢୁଛନ୍ତି। ସେହିଭଳି ଶ୍ୱେତପର୍ଣ୍ଣା ୨୦୨୩ରେ ବିବିଏରେ ଆଡମିସନ କରିଥିଲେ। ଉଭୟଙ୍କୁ କିଟ୍ ପକ୍ଷରୁ ମାସିକ ସ୍କୋଲାରଶିପ୍ ପ୍ରଦାନ କରାଯାଉଥିବାବେଳେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ସମୟରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଆସୁଛି।

୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ

## ସାର୍ଥକଙ୍କ ଦ୍ୱିଶତକରେ ଜିତିଲା କେନ୍ଦୁଝର



**କଟକ,୨୦।୬(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗୁରୁବାର କେନ୍ଦୁଝର ୨୪୬ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଦ୍ୱିଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କେନ୍ଦୁଝର ଦଳ ଅଧିନାୟକ ତଥା ଓପନ୍‌ର ସାର୍ଥକ ସ୍ୱୟଂପ୍ରକାଶ। ଚଳିତ ସଂସ୍କରଣରେ ଏଯାବତ୍ ଏହା ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ ବିବେଚିତ ହୋଇଛି। ସାର୍ଥକ ୧୪୧ ବଲରୁ ୨୦୧ ରନର ପାଳି ଖେଳିଥିଲେ। ଯେଉଁଥିରେ ୨୯ଟି ଚୌକା ଏବଂ ୭ଟି ଛକା ସାମିଲ ଥିଲା। ସାର୍ଥକଙ୍କ ଏହି ମାରାଥନ କେନ୍ଦୁଝର ୭ ୱିକେଟ ବିନିମୟରେ ୪୧୮ ରନ କରିଥିଲା। ଜବାବରେ ବିଜୟ ଲକ୍ଷ୍ୟକୁ ପିଛା କରି କନ୍ଧମାଳ ୧୭୨ ରନରେ ଅଲଆଉଟ ହୋଇଥିଲା।

ଦ୍ୱିଶତକୀୟ ପାଳି ଖେଳିଥିବା ସାର୍ଥକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। କେନ୍ଦୁଝର ଭୋଇପୁର ଅଞ୍ଚଳର ସଞ୍ଜୀବ କୁମାର ବାରିକ ଏବଂ ରଞ୍ଜିତା ବାରିକଙ୍କ ପୁଅ ସାର୍ଥକ। ଚଳିତ ଟୁର୍ଣ୍ଣାମେଣ୍ଟର ପଦାର୍ପଣ ମ୍ୟାଚ୍‌ରେ ସେ ଆକର୍ଷଣୀୟ ପାଳି ଖେଳିଛନ୍ତି। ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ଖୋର୍ଦ୍ଧା ୭ ୱିକେଟରେ ରାଉରକେଲାକୁ, ବାଲେଶ୍ୱର ୧ ୱିକେଟରେ ପାରାଦ୍ୱୀପକୁ, ବରଗଡ ୫ ୱିକେଟରେ ନବରଙ୍ଗପୁରକୁ, ସମ୍ବଲପୁର-ଏ ୫୮ରନରେ କଟକ-ବିକୁ, ଢେଙ୍କାନାଳ ୧୬୮ରନରେ ପୁରୀକୁ ହରାଇଛି। ଢେଙ୍କାନାଳର ପ୍ରୟାଣ ସାମଲ ୧୧୭ ରନ ସହ ୨ ୱିକେଟ୍ ନେଇ ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

## ଆଜିଠାରୁ କୋପା ଆମେରିକା ଫୁଟବଲ



**ଆର୍ଜେଣ୍ଟିନା-କାନାଡା ଉଦ୍‌ଘାଟନୀ ମୁକାବିଲା**

**ଆଟଲାଣ୍ଟା,୨୦।୬(ଏଜେନ୍ସି):** ଦକ୍ଷିଣ ଆମେରିକାର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର ୪୮ତମ ସଂସ୍କରଣ ଗୁରୁବାରଠାରୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ସକାଳେ ଆଟଲାଣ୍ଟର ମର୍ସିଡିଜ- ବେଞ୍ଜ୍ ଷ୍ଟାଡିୟମରେ ପ୍ରଥମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଓ କାଡ଼ାଡା ପରସ୍ପରକୁ ଭେଟିବେ। ଏହି ଟୁର୍ଣ୍ଣାମେଣ୍ଟକୁ ଆମେରିକା ଦ୍ୱିତୀୟଥର ପାଇଁ ଆୟୋଜନ କରୁଛି। ପୂର୍ବରୁ ୨୦୧୬ରେ ଆମେରିକା ପ୍ରଥମଥର ପାଇଁ ଏହାକୁ ଆୟୋଜନ କରିଥିଲା। ଜୁନ୍ ୨୧ରୁ ଆରମ୍ଭ ହୋଇ ଏହି ଟୁର୍ଣ୍ଣାମେଣ୍ଟ ଜୁଲାଇ ୨୫ରେ ଶେଷ ହେବ। ଦୁଇଟି କନଫେଡେରେସନ ଦକ୍ଷିଣ ଆମେରିକା ଫୁଟବଲ ମହାସଂଘ କନମେବୋଲ ଏବଂ ଉତ୍ତର, କେନ୍ଦ୍ରୀୟ ଆମେରିକା ଓ କ୍ୟାରିବିୟାନ ଫୁଟବଲ ମହାସଂଘ କନକାକାଫ୍‌ରୁ ମୋଟ୍ ୧୬ଟି ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କନମେବୋଲରୁ ୧୦ ଓ କନକାକାଫ୍‌ରୁ ୬ଟି ଦେଶ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।

### ୪ଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଲେଖାଏ ଦଳ କ୍ୱାର୍ଟର ଖେଳିବେ

୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି ଓ ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସାମିଲ ହୋଇଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ଅର୍ଥାତ ମୋଟ୍ ଉପରେ ୮ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଗ୍ରୁପ୍ ଏ'ରେ ଆର୍ଜେଣ୍ଟିନା, ପେରୁ, ଚିଲି, କାନାଡା ସ୍ଥାନିତ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ମେକ୍ସିକୋ, ଇକ୍ୱେଡର, ଭେନେଜୁଏଲା, ଜାମାଇକା ସ୍ଥାନ ପାଇଛନ୍ତି। ଗ୍ରୁପ୍ ସି'ରେ ଆୟୋଜକ ଆମେରିକା, ଉରୁଗୁଏ, ପାନାମା ଓ ବଲିଭିଆକୁ ସାମିଲ କରାଯାଇଛି। ସେହିପରି ଗ୍ରୁପ୍ ଡି'ରେ ବ୍ରାଜିଲ, କଲମ୍ବିଆ, ପାରାଗୁଏ ଓ କୋଷ୍ଟାରିକା ସାମିଲ ହୋଇଛନ୍ତି।

### ଆର୍ଜେଣ୍ଟିନା, ଉରୁଗୁଏ ସଫଳତମ ଦଳ

କୋପା ଆମେରିକା ଇତିହାସରେ ଆର୍ଜେଣ୍ଟିନା ଓ ଉରୁଗୁଏ ସଫଳତମ ଦଳ ସାବ୍ୟସ୍ତ ହୋଇଛନ୍ତି। ଏହି ଦୁଇ ଦଳ ଏପର୍ଯ୍ୟନ୍ତ ସର୍ବାଧିକ ୧୫ଥର ଲେଖାଏ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୨୧ରେ ଅନୁଷ୍ଠିତ ଗତ ସଂସ୍କରଣରେ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ୧-୦ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ଏଥର ମଧ୍ୟ ଆର୍ଜେଣ୍ଟିନା ଟାଇଟଲ ବଜାୟ ରଖିବାକୁ ପ୍ରୟସା କରିବ। ଏହା ତୃତୀୟ ସର୍ବାଧିକ ଲୋକପ୍ରିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଛି। ଫ୍ଲୋରିଡାର ମିଆମି ଗାର୍ଡନ୍ସସ୍ଥିତ ହାର୍ଡ ରକ୍ ଷ୍ଟାଡିୟମରେ ଜୁଲାଇ ୧୪ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

କଳାହାଣ୍ଡି କପ୍ ଫାଇନାଲ

## ସମ୍ବିତଙ୍କୁ ୬ ୱିକେଟ; ଅବଶିଷ୍ଟ ଓଡ଼ିଶା-ସି ୧୩୪/୧୦



**କଟକ,୨୦।୬(ସମିସ):** ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଫାଇନାଲ ମୁକାବିଲା ଗୁରୁବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ ଭୁବନେଶ୍ୱର-ଏ ଓ ଅବଶିଷ୍ଟ ଓଡ଼ିଶା-ସି ଦଳ ସାମ୍ନାସାମ୍ନି ହୋଇଛନ୍ତି। ଦ୍ୱିଦିବସୀୟ ଏହି ମୁକାବିଲାର ପ୍ରଥମ ଦିନରେ ଭୁବନେଶ୍ୱର-ବି ପ୍ରଭାବ ବିସ୍ତାର କରି ରଖିଛି। ଡାହାଣହାତୀ ପେସ୍ ବୋଲର ସମ୍ବିତ ବରାଳ ୬ ୱିକେଟ ଦଖଲ କରିବା ଯୋଗୁଁ ଅବଶିଷ୍ଟ ଓଡ଼ିଶା-ସି ଦଳର ପାଳି ୧୩୪ ରନ୍‌ରେ ସୀମିତ ରହିଛି। ଜବାବରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଭୁବନେଶ୍ୱର-ଏ ୧୨ ଓଭରରେ ଗୋଟିଏ ୱିକେଟ ହରାଇ ୩୦ରନ କରିବା ସହିତ ବିଜୟଠାରୁ ୧୦୫ ରନ ଦୂରରେ ରହିଛି। ଅଧିନାୟକ ଶାନ୍ତନୁ ୮ରନରେ ଆଉଟ ହୋଇଛନ୍ତି। ସାଇ ଶୁଭମ ୧୨ରନ ଏବଂ ସନ୍ଦୀପ ପଟ୍ଟନାୟକ ୭ରନରେ ଅପରାଜିତ ରହିଛନ୍ତି।

ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର-ଏ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅବଶିଷ୍ଟ ଓଡ଼ିଶା-ସି ଦଳ ବାରବାଟୀ ପିଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୬ ରନ୍‌ରେ ଦଳ ଉଭୟ ଓପନରଙ୍କୁ ହରାଇଥିଲା। ଅରସଦ କିଶୋର ଖାତା ଖୋଲିବା ପୂର୍ବରୁ ଏବଂ ଗୌରବ ଚୌଧୁରୀ ୨ ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟିଂକ୍ରମର ୩ୟ ସ୍ଥାନରେ କ୍ରିଜକୁ ଆସିଥିବା ବିଶ୍ୱଭୂଷଣ ବିହାରୀ ଦଳ ନିମନ୍ତେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ସେ ୫୭ ବଲରୁ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜଳ ସିଂହ ୧୩, ଆଶୀର୍ବାଦ ସ୍ୱାଇଁ ୭, ରାକେଶ ପଟ୍ଟନାୟକ ୫, କ୍ରୀଷ୍ଣା ପଲାଇ ୧୪, ଶୁଭମ ଶତ୍ରୁଜିତ ୧ ରନରେ ଆଉଟ୍ ହୋଇଥିବାବେଳେ ସୌଭାଗ୍ୟ ରାଉତ ଖାତା ଖୋଲିପାରି ନ ଥିଲେ। ତେବେ ନିମ୍ନକ୍ରମରେ ଅଭିଜ୍ଞ ଦେବବ୍ରତ ପ୍ରଧାନ ୮୪ ବଲରୁ ୩୧ ରନ୍‌ର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ଶହେରନ ଅତିକ୍ରମ କରିଥିଲା। ପ୍ରତିପକ୍ଷ ଭୁବନେଶ୍ୱର-ଏ ପକ୍ଷରୁ ସମ୍ବିତ ୩୪ ରନ ବ୍ୟୟ କରି ୬ ୱିକେଟ ସଫଳତା ପାଇଥିଲେ।

# ରୋଗର ସୂଚନା ଦିଏ ପରିସ୍ରା ରଙ୍ଗ



ପରିସ୍ରା ମାଧ୍ୟମରେ ଶରୀରରୁ ବର୍ଜ୍ୟ ବାହାରିବା ଏକ ପ୍ରାକୃତିକ ପ୍ରକ୍ରିୟା। ପରିସ୍ରା ସ୍ୱଚ୍ଛ କିମ୍ବା ଫିକା ହଳଦିଆ ହୋଇଥାଏ। ତେବେ ଖାଦ୍ୟପେୟ, ଔଷଧ ସେବନ, ଅତ୍ୟଧିକ ଶାରୀରିକ ପରିଶ୍ରମ ଆଦି ପରିସ୍ରା ରଙ୍ଗକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ପରିସ୍ରାର ରଙ୍ଗ ଲାଲ୍, ହଳଦିଆ, ଗୋଲାପି, ସବୁଜ, ବାଇଗଣୀ, ଜାମୁକୋଳି, ନାରଙ୍ଗୀ, ଧୂସରିଆ, କଳା ରଙ୍ଗର ହୋଇଥାଏ। ଯଦିଓ ଥରକରେ ପରିସ୍ରା ରଙ୍ଗ ପରିବର୍ତ୍ତନ ଚିନ୍ତାର କାରଣ ନୁହେଁ, ତଥାପି ବାରମ୍ବାର ଅସ୍ୱାଭାବିକ ପରିସ୍ରା ରଙ୍ଗ କିଛି ରୋଗର ପ୍ରାରମ୍ଭିକ ସୂଚନା ଦେଇଥାଏ।

### ଲାଲ୍

ଯଦି ପରିସ୍ରା ଲାଲ୍ ରଙ୍ଗ ହୋଇଥାଏ। ଏହା ପରିସ୍ରାନଳୀ ଭିତରେ କୌଣସି ସ୍ଥାନରେ ରକ୍ତସ୍ରାବ ହେଉଥିବାକୁ ସୂଚାଏ। ସେହିପରି କୌଣସି ସ୍ଥାନରେ ପଥର କିମ୍ବା ଟ୍ୟୁମର ହେଲେ ମଧ୍ୟ ପରିସ୍ରା ଲାଲ୍‌ରଙ୍ଗ ହୋଇଥାଏ। ଅଧିକ ବିଟ୍ ଖାଇବା ଦ୍ୱାରା ପରିସ୍ରା ରଙ୍ଗ ଲାଲ୍ କିମ୍ବା ଗୋଲାପି ହୋଇଥାଏ। ପ୍ରୋଷ୍ଟେଟ୍ ଏବଂ ମୂତ୍ରନଳୀ ସହ ସଂଯୋଗ ଥିବା ନଳୀରେ ରକ୍ତସ୍ରାବ, ବୃକ୍‌କରେ ପଥର ହେବା, କର୍କଟ, ୟୁରିନାରି ଟ୍ରାକ୍‌ରେ ସଂକ୍ରମଣ ଦ୍ୱାରା ପରିସ୍ରା ଲାଲ୍‌ରଙ୍ଗ ହୋଇଥାଏ। ତେଣୁ ବାରମ୍ବାର ପରିସ୍ରା ଲାଲ୍ ରଙ୍ଗ ହେଉଥିବା ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

### ହଳଦିଆ

କମ୍ ପାଣି ପିଇବା ଦ୍ୱାରା ପରିସ୍ରା ଗାଢ଼ ହଳଦିଆ ଏବଂ ନାରଙ୍ଗୀ ରଙ୍ଗ ହୋଇଥାଏ। ପରିସ୍ରା ହଳଦିଆ ୟୁରୋବିଲିନ୍ ଯୋଗୁଁ ହୋଇଥାଏ। ସେହିପରି ପିତ୍ତ ନିର୍ମାଣରେ ବିଲିରୁବିନ ସହାୟକ ହେଉଥିବାବେଳେ, ପିତ୍ତ ଖାଦ୍ୟ ହଜମ କରିଥାଏ। ପିତ୍ତ ଅନ୍ତନଳୀରେ ରହି ମଳ ଜରିଆରେ ଶରୀରରୁ ବାହାରିଥାଏ। ହେଲେ ଏଥିରୁ ବ୍ୟତିକ୍ରମ ହେଲେ, ଗଲ୍‌ଷ୍ଟୋନ୍ ତଥା ପିତ୍ତ ପଥୁରି କର୍କଟ ହୋଇଥାଏ। କେବଳ ସେତିକି ନୁହେଁ; କୌଣସି ରୋଗ ଦ୍ୱାରା ଯଦି ଲାଲ୍ ରକ୍ତ କଣିକା ଶରୀରରେ ଭାଙ୍ଗିଯାଏ, ସେଥିରୁ ବିଲିରୁବିନ୍ ନିର୍ଗତ ହୋଇଥାଏ। ଏହା ରକ୍ତ ବାହିକାରେ ପହଞ୍ଚି ପରିସ୍ରା ମାଧ୍ୟମରେ ନାରଙ୍ଗୀ କିମ୍ବା ହଳଦିଆ ରଙ୍ଗରେ ବାହାରିଥାଏ। ବିଲିରୁବିନ୍ ବୃଦ୍ଧିରୁ ମଧ୍ୟ ଜଣ୍ଡିସ୍ ହୁଏ। ଅନ୍ୟପଟେ ଆଣ୍ଟିବାୟୋଟିକ୍ ରିଫାମିସିନ ଓ ଅନ୍ୟାନ୍ୟ ଔଷଧ ସେବନ ଦ୍ୱାରା ପରିସ୍ରା ନାରଙ୍ଗୀ ରଙ୍ଗ ହୋଇଥାଏ। ଗାଢ଼ ହଳଦିଆ ପରିସ୍ରା ଡିହାଇଡ୍ରେସନକୁ ସୂଚାଇଥାଏ।

### ନୀଳ ଓ ସବୁଜ

ସବୁଜ କିମ୍ବା ନୀଳ ରଙ୍ଗର ପରିସ୍ରା ମାମଲା ଖୁବ୍ କମ୍ ଦେଖିବାକୁ ମିଳେ। ଏହାର କାରଣ ହେଉଛି, ଖାଦ୍ୟ-ପେୟରେ ମିଶାଯାଉଥିବା ବିଭିନ୍ନ ରଙ୍ଗ। ଜଣେ ବ୍ୟକ୍ତି ଅତ୍ୟଧିକ ଭାବେ ଏହି ରଙ୍ଗଯୁକ୍ତ ଖାଦ୍ୟପେୟ ଗ୍ରହଣ କରିବା ଦ୍ୱାରା ପରିସ୍ରା ନୀଳ କିମ୍ବା ସବୁଜ ରଙ୍ଗ ହୋଇଥାଏ। ସେହିପରି ଅନେସ୍ଥେଟିକ୍ସ, ଭିଟାମିନ୍, ଆଣ୍ଟିହିଷ୍ଟାମାଇନ୍ସ ଆଦି ଔଷଧ ସେବନ କରିବା ଦ୍ୱାରା ମଧ୍ୟ ସବୁଜ କିମ୍ବା ନୀଳ ରଙ୍ଗର ପରିସ୍ରା ହୋଇଥାଏ। ସେହିପରି ସୁଡୋମୋନାସ ଏରୁଜିନୋସା ନାମକ ଏକ ଜୀବାଣୁ ସଂକ୍ରମଣ କାରଣରୁ ପରିସ୍ରାରେ ରଙ୍ଗ ପରିବର୍ତ୍ତନ ସହ ମୂତ୍ରାଶୟରେ ଜଳାପୋଡ଼ା ହୋଇଥାଏ।

### ବାଇଗଣୀ

ପରିସ୍ରା ସଂକ୍ରମଣ ହେଲେ ପର୍ପଲ ୟୁରିନ୍ ବ୍ୟାଗ୍ ସିଣ୍ଡ୍ରୋମ ନାମକ ଦୁର୍ଲଭ ରୋଗ ଆକ୍ରାନ୍ତ କରେ। ଯେଉଁମାନେ ସର୍ବଦା କେଥେଟର ଉପରେ ନିର୍ଭରଶୀଳ, ସେମାନଙ୍କ ପରିସ୍ରାରେ ରହୁଥିବା ଜୀବାଣୁ ଦ୍ୱାରା ପରିସ୍ରା ରଙ୍ଗ ବାଇଗଣୀ ରଙ୍ଗର ହୋଇଥାଏ।

### ଧୂସରିଆ କିମ୍ବା କଳା

ଧୂସରିଆ କିମ୍ବା କଳା ରଙ୍ଗର ପରିସ୍ରାକୁ ଡାକ୍ତର କୋକୋକୋଲା ସହ ତୁଳନା କରନ୍ତି। ଅଧିକ ପରିଶ୍ରମ କିମ୍ବା ପ୍ରଚୁର ମାତ୍ରାର ଔଷଧ ସେବନ ଦ୍ୱାରା ରବ୍‌ଡୋମାୟୋଲିସିସ୍ ନାମକ ଏକ ଗମ୍ଭୀର ରୋଗ ହୋଇଥାଏ। ଏଥିରେ ମାଂସପେଶୀ ଗୁଣ୍ଡ ହୋଇ ମାୟୋଗ୍ଲୋବିନ୍ ନାମକ କମ୍ପାଉଣ୍ଡରେ ବଦଳିବା କାରଣରୁ ପରିସ୍ରା ରଙ୍ଗ ଧୂସରିଆ ତଥା କଳା ହୋଇଥାଏ। ଏହା ବିଲିରୁବିନ୍‌ରୁ ମଧ୍ୟ ଆସିଥାଏ। ବିଲିରୁବିନ୍ ପରିସ୍ରାର ରଙ୍ଗକୁ ଏତେ ଗାଢ଼ କରିଦିଏ ଯେ ଏହା ନାରଙ୍ଗୀ ବଦଳରେ ଧୂସରିଆ ଦିଶିଥାଏ।

ସେହିପରି ପତଳା ଓ ଗାଢ଼ ହଳଦିଆ ପରିସ୍ରା ମଧୁମେହ ଓ ନିଶା ସେବନକୁ ସୂଚାଏ। କମଳା ରଙ୍ଗର ପରିସ୍ରା ଯକୃତ୍ ସମସ୍ୟାକୁ ସୂଚାଇଥାଏ। ତେଣୁ ନିୟମିତ ପରିଶ୍ରମ କରିବା ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିପାରିବେ। ଯଦିଓ ପରିସ୍ରା ଗାଢ଼ ରଙ୍ଗ ଓ ଅତି ପତଳା ହେବା ନିର୍ଦ୍ଦିଷ୍ଟ ରୋଗକୁ ସଙ୍କେତ ଦିଏ। ତେଣୁ ମୂତ୍ରର ରଙ୍ଗ ବଦଳିବା ସମସ୍ୟାକୁ ଡାକ୍ତରଙ୍କୁ ଜଣାଇ ଔଷଧ ସେବନ ସହ ଦିନକୁ ୭ରୁ ୮ ଗ୍ଲାସ ପାଣି ପିଇବା ଉଚିତ।

---

ସକାଳର ସ୍ୱାସ୍ଥ୍ୟ

ସମ୍ପ୍ରତି ରାଜ୍ୟରେ ଡିପ୍‌ଥେରିଆ ସଂକ୍ରମଣ ବୃଦ୍ଧି ପାଇଛି। ଏହି ରୋଗରେ ପାଞ୍ଚଜଣ ଲୋକଙ୍କ ମୃତ୍ୟୁ ହୋଇଛି। ସଂକ୍ରମଣ ରୋକିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଡିପ୍‌ଥେରିଆ ପାଇଁ ଟିକାକରଣ ଅଭିଯାନ ଚଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଡିପ୍‌ଥେରିଆ ଏକ ସଂକ୍ରମଣ ରୋଗ। ଏହି ରୋଗର କାରଣ, ଲକ୍ଷଣ ଏବଂ ଉପଚାର ବିଷୟରେ ଜାଣିବା ଆବଶ୍ୟକ।

# ଶିଶୁଙ୍କ ପାଇଁ ଘାତକ ଡିପ୍‌ଥେରିଆ



କୋରିନେବ୍ୟାକ୍ଟେରିୟମ ଡିପ୍‌ଥେରିଆ ନାମକ ଜୀବାଣୁରୁ ଡିପ୍‌ଥେରିଆର ସୃଷ୍ଟି। ଏହି ଜୀବାଣୁ ନାକ, ଗଳା ତଥା ଶ୍ୱସନତନ୍ତ୍ରକୁ ଆକ୍ରମଣ କରିଥାଏ। ଜୀବାଣୁ ଶ୍ୱାସନଳୀରେ ପ୍ରବେଶ କରି ଗଳା, ନାକ ଓ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ଗଳାରେ ଧଳା ଆକାର ପରଦା ସୃଷ୍ଟି ହୁଏ। ଏହାଦ୍ୱାରା ଜଣେ ବ୍ୟକ୍ତି ଖାଇବା ଓ ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିଥାନ୍ତି। ବେକ ଫୁଲିବା ସହ ଜ୍ୱର ଲାଗି ରହିଥାଏ। ରୋଗ ପ୍ରତିରୋଧଶକ୍ତି ଦୁର୍ବଳ ଥିବା ଶିଶୁଙ୍କ ପାଇଁ ଏହା ଘାତକ ସାଜିଥାଏ।

**ଲକ୍ଷଣ:** ଜ୍ୱର, କଫ, ଗଳା ଯନ୍ତ୍ରଣା, ନିଃଶ୍ୱାସ ନେବାରେ ସମସ୍ୟା, ଥକ୍କାପଣ ଅନୁଭବ କରିବା, ନାକରୁ ଲଗାତାର ପାଣି ଗଡ଼ିବା ଆଦି ଡିପ୍‌ଥେରିଆର ଲକ୍ଷଣ। ସଂକ୍ରମଣର ୫ରୁ ୭ଦିନ ମଧ୍ୟରେ ଶ୍ୱାସନଳୀରେ ଏକ ମୋଟା ଆବରଣ ଦେଖାଯାଇଥାଏ। ପାନ୍ ଆମେରିକାନ୍ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ୫ରୁ ୧୦ ପ୍ରତିଶତ ମାମଲାରେ ଏହି ସଂକ୍ରମଣ ଘାତକ ସାଜିଥାଏ। ସଂକ୍ରମିତ ବ୍ୟକ୍ତି କାଶିବା କିମ୍ବା ଛିଙ୍କିବା ସମୟରେ ତାଙ୍କ ସଂସ୍ପର୍ଶରେ ଆସିଲେ, କିମ୍ବା ପୋଷାକ ବା ବାସନକୁସନ ଛୁଇଁବା ଦ୍ୱାରା ଅନ୍ୟ ଜଣଙ୍କୁ ଏହି ରୋଗ ବ୍ୟପିଥାଏ। ଦୀର୍ଘ ଦିନ ସଂକ୍ରମଣ ଦ୍ୱାରା ହୃତ୍‌ପିଣ୍ଡ, ପକ୍ଷାଘାତ ଫୁସ୍‌ଫୁସ୍ ସଂକ୍ରମଣ ସହ ଫୁସ୍‌ଫୁସ୍ କାର୍ଯ୍ୟ ହରାଇବାର ଅଧିକ ଆଶଙ୍କା ରହିଥାଏ।

**ଉପଚାର:** ସଂକ୍ରମିତ ବ୍ୟକ୍ତିଙ୍କୁ ଆଣ୍ଟିବାୟୋଟିକ, ଏରିଥ୍ରୋମାଇସିନ୍ କିମ୍ବା ପେନିସିଲିନ, ଅକ୍ସିଜେନ୍ ଦେବାକୁ ପଡ଼ିଥାଏ। ଏହି ରୋଗର ନିରାକରଣ ପାଇଁ ପ୍ରତିଷେଧକ ଟିକା ଡିପିଟି ନାମରେ ଆସେ। ଏହା ଡିପ୍‌ଥେରିଆ, ପର୍ଟୁସିସ୍, ଟିଟାନସ ପାଇଁ ଦିଆଯାଏ। ଦେଢ଼ମାସରୁ ଆରମ୍ଭ କରି ପାଞ୍ଚବର୍ଷ ମଧ୍ୟରେ ଦିଆଯିବା ଜରୁରି। ନିୟମିତ ହାତ ସଫା କରିବା ସହ କାଶିବା ଓ ଛିଙ୍କିବା ସମୟରେ ମୁହଁକୁ କପଡ଼ାରେ ଢାଙ୍କିବା ଉଚିତ।

---

# ଟେଲି ସର୍ଜରୀ

## ଦୂରରୁ ଥାଇ ଜଟିଳ ଅସ୍ତ୍ରୋପଚାର ସମ୍ଭବ

ସମ୍ପ୍ରତି ବିଜ୍ଞାନର ଯୁଗ। ଉନ୍ନତ ଜ୍ଞାନକୌଶଳ ବଳରେ ଚିକିତ୍ସା କ୍ଷେତ୍ରରେ ପ୍ଲାଷ୍ଟିକ୍ ସର୍ଜରୀଠାରୁ ରୋବୋଟିକ୍ ସର୍ଜରୀ ସଫଳ ହେଉଛି। ଏହି କ୍ରମରେ ଏବେ ଚର୍ଚ୍ଚାର ପରିସରରେ ରହିଛି ଟେଲି ସର୍ଜରୀ। ଏହା ଏପରି ଏକ ଚିକିତ୍ସା, ଯେଉଁଠି ରୋଗୀଙ୍କୁ ସର୍ଜରୀ କରିବାକୁ ଅଭିଜ୍ଞ ସର୍ଜନ ଉପଲବ୍ଧ ନଥାନ୍ତି, ସେଠାରେ ଟେଲି ସର୍ଜରୀ ରୋଗୀଙ୍କ ପାଇଁ ବରଦାନ ସଦୃଶ ହୋଇଥାଏ। ଅଭିଜ୍ଞ ଡାକ୍ତର ୪୦ରୁ ୫୦ କିମି ଦୂରରେ ରହି ଅନ୍ୟ ସ୍ଥାନରେ ରୋଗୀର ସଫଳ ଅସ୍ତ୍ରୋପଚାର କରିଥା'ନ୍ତି। ନିକଟରେ ଦିଲ୍ଲୀର ରାଜୀବ ଗାନ୍ଧି ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ରିସର୍ଚ୍ଚରେ ୪୦ କିମି ଦୂରରେ ଗୁଡ୍‌ଗାଁଓରେ ଡାକ୍ତରୀ ଟିମ୍ ଟେଲି ସର୍ଜରୀ ମାଧ୍ୟମରେ ପ୍ରୋଷ୍ଟେଟ୍ କର୍କଟର ସଫଳ ଅସ୍ତ୍ରୋପଚାର କରିଛନ୍ତି।

**ଟେଲି ସର୍ଜରୀରୁ ଦୂରସ୍ଥ ସର୍ଜରୀ:** ଏହାକୁ ଦୂରସ୍ଥ ସର୍ଜରୀ କୁହାଯାଇଥାଏ। ଏହା ମିନିମାଲି ଇନ୍‌ଭାସିଭ୍ ସର୍ଜରୀ। ଏଥିରେ ଡାକ୍ତର ଦୂରସ୍ଥାନରୁ ରହି ଚିକିତ୍ସା କରନ୍ତି। ନିକଟରେ ଦିଲ୍ଲୀର ଚିକିତ୍ସା ନିର୍ଦ୍ଦେଶକ ତଥା ଜେନିଟୋ- ୟୁରୋ ଅଙ୍କୋଲୋଜି ବିଭାଗର ଅଧ୍ୟକ୍ଷ ଡା. ସୁଧୀର ରାୱଲ ଏବଂ ତାଙ୍କ ଟିମ୍ ଏହି ଅସ୍ତ୍ରୋପଚାର କରିଥିଲେ। ୪୫ ମିନିଟ୍ ଧରି ଚାଲିଥିବା ଏହି ସର୍ଜରୀ ପରେ ରୋଗୀର ସ୍ଥିତି ଠିକ୍ ରହିଥିବାରୁ ରୋଗୀଙ୍କୁ ତୁରନ୍ତ ହସ୍‌ପିଟାଲରୁ ଡିସ୍‌ଚାର୍ଜ କରିଦିଆଯିବ ବୋଲି କୁହାଯାଇଥିଲା।

**ରୋବୋଟିକ୍ ଉପକରଣରେ ସର୍ଜରୀ:** ଟେଲି ସର୍ଜରୀରେ ଡାକ୍ତର ରୋବୋଟିକ୍ ଉପକରଣ ବ୍ୟବହାର କରନ୍ତି। ଏହି ଉପକରଣ କମ୍ପ୍ୟୁଟର ଏବଂ ହାଇସ୍ପିଡ୍ ଇଣ୍ଟରନେଟ୍ ସହିତ ସଂଯୋଗ ରହିଥାଏ। ଫଳରେ ଦୂର ସ୍ଥାନରେ ରହିଲେ ବି ଡାକ୍ତର ରୋଗୀର ସ୍ଥିତି ଅସ୍ତ୍ରୋପଚାରକୁ ନିୟନ୍ତ୍ରଣ କରିପାରନ୍ତି। ତେବେ ସର୍ବପ୍ରଥମେ ଅସ୍ତ୍ରୋପଚାର ହେବାକୁ ଥିବା ସ୍ଥାନର ପ୍ରସ୍ତୁତ କରାଯାଏ, ଅନ୍ୟପଟେ ହାଇ-ଡେଫିନେସନ କ୍ୟାମେରା ଏବଂ କଣ୍ଟ୍ରୋଲ ପ୍ୟାନେଲ ଥିବା ଅନ୍ୟ ଏକ ଅପରେସନ ଥିଏଟର ନିୟନ୍ତ୍ରଣ କକ୍ଷରେ ଡାକ୍ତର ରହିଥା'ନ୍ତି। ଯଦ୍ଦ୍ୱାରା ଅସ୍ତ୍ରୋପଚାର ସ୍ଥାନର ଫଟୋକୁ ଦେଖି ଡାକ୍ତର କଣ୍ଟ୍ରୋଲ



ପ୍ୟାନେଲ ବ୍ୟବହାର କରି ରୋବୋଟିକ୍ ଉପକରଣ ବ୍ୟବହାର କରନ୍ତି। ଏହି ରୋବୋଟିକ୍ ଉପକରଣରେ ରୋଗୀ ଶରୀରରେ ଛୋଟ କଣା କରି ଅସ୍ତ୍ରୋପଚାର କରାଯାଇଥାଏ। ଏହା କମ୍ ଯନ୍ତ୍ରଣା ଓ ଶୀଘ୍ର ଆରୋଗ୍ୟ ପ୍ରଦାନ କରିଥାଏ। କେବଳ ସେତିକି ନୁହେଁ; ଯେହେତୁ ଓଟିରେ ଡାକ୍ତର ଉପସ୍ଥିତ ନଥା'ନ୍ତି, ତେଣୁ ସେଠାରେ ରୋଗୀ ଶରୀରରେ ସଂକ୍ରମଣ ହେବାର ଆଶଙ୍କା ମଧ୍ୟ ଖୁବ୍ କମ୍ ରହିଥାଏ। ପରବର୍ତ୍ତୀ ସମୟରେ ଯେଉଁ ସ୍ଥାନରେ ରୋଗୀର ଅସ୍ତ୍ରୋପଚାର ହୋଇଥାଏ, ସେଠାରେ ହିଁ ତାଙ୍କର ଦେଖାଶୁଣା କରାଯାଇଥାଏ। ଆଗାମୀ ଦିନରେ ଟେଲି ସର୍ଜରୀ ଦ୍ୱାରା ଅନେକ ଜଟିଳ ଅସ୍ତ୍ରୋପଚାରକୁ ଦୂର ସ୍ଥାନରୁ କରି ରୋଗୀଙ୍କୁ ନୂତନ ଜୀବନ ମିଳିପାରେ ଏଥିରେ ସନ୍ଦେହ ନାହିଁ।

---

# ଚିଡ଼ିଚିଡ଼ାପଣ ଦୂର କରେ ଭିଟାମିନ୍-'ପି'

**ଶରୀରରକୁ ସୁସ୍ଥ ରହିବା ପାଇଁ ଖାଦ୍ୟରୁ ମିଳୁଥିବା 'ଭିଟାମିନ୍-ପି'ର ଆବଶ୍ୟକତା ରହିଛି। 'ପି'ର ଅର୍ଥ ଫ୍ଲେବର, ଯାହାକି ସ୍ୱାଦିଷ୍ଟ ଖାଦ୍ୟ ସେବନ କରିବା ପରେ ଖୁସି ପ୍ରଦାନ କରେ। ଏହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଏହି ଭିଟାମିନ୍ ଚିଡ଼ିଚିଡ଼ା, ପାଚନ ଆଦି ବିକାର ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ ହୋଇଥାଏ।**

**ଦୃଢ ରୋଗ ପ୍ରତିରୋଧକ ଶକ୍ତି:** ଭିଟାମିନ୍ ପି ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ। ତେଣୁ ବିଭିନ୍ନ ସଂକ୍ରମଣ କାରଣରୁ ହେଉଥିବା ରୋଗ ନିୟନ୍ତ୍ରଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭିଟାମିନ୍- ପିଯୁକ୍ତ ବ୍ଲୁବେରୀ, ବ୍ଲାକବେରୀ,ଲେମ୍ବୁ, ପାଳଙ୍ଗ, ବ୍ରୋକଲି ଆଦି ସେବନ ଦ୍ୱାରା ହୃଦ୍‌ରୋଗ, ମଧୁମେହ ତଥା କର୍କଟ ପରି ଗମ୍ଭୀର ରୋଗ ନିୟନ୍ତ୍ରଣ ରୁହେ। ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ହୁଏ।

**ତ୍ୱଚାକୁ ସୁସ୍ଥ ରଖେ:** ଭିଟାମିନ୍ ପି ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦୂର କରେ। ମୁହଁରେ ଦାଗ କିମ୍ବା ବ୍ରଣ ଆଦି ସମସ୍ୟାକୁ ଦୂର କରିବାରେ ସହାୟକ ହୁଏ। ଚେହେରାରେ ଭାଙ୍ଗ ପଡ଼ିନଥାଏ।

**ଓଜନ ନିୟନ୍ତ୍ରଣକାରୀ:** ନିୟନ୍ତ୍ରଣ ପାଇଁ ଏହା ସବୁଠୁ ଉତ୍ତମ ବିକଳ୍ପ। ପାଚନ ଏବଂ ପୋଷକତତ୍ତ୍ୱକୁ ଅବଶୋଷଣରେ ସୁଧାର ଆଣୁଥିବାରୁ ଏହା ଶରୀରରୁ ଅଧିକ ଚର୍ବିକୁ କମାଇଥାଏ। ମୋଟାପା ସମସ୍ୟାର ଭୟ ରୁହେ ନାହିଁ।




---

# ହାଡ଼କୁ ଶକ୍ତ କରେ ଲିଚୁ



**ଲିଚୁ ଫଳରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଲିଚୁର ବିଭିନ୍ନ କିସମ ମଧ୍ୟରୁ କଲିକତିଆ ଲିଚୁ, ଚାଇନା ଲିଚୁ ଅନ୍ୟତମ। ଲିଚୁରେ ପାଣି, ପ୍ରୋଟିନ୍, ଶର୍କରା, ସାଇଟ୍ରିକ୍ ଏସିଡ୍, କ୍ୟାଲସିୟମ, ଫସ୍‌ଫରସ୍ ଆଦି ପ୍ରଚୁର ମାତ୍ରାରେ ମିଳିଥାଏ। ତେଣୁ ଲିଚୁ ଖାଇବା ଦ୍ୱାରା କେଉଁ ସବୁ ସମସ୍ୟା ଦୂର ହୁଏ, ଜାଣନ୍ତୁ।**

### ଟୁଟ୍‌କା ଚିକିତ୍ସା

- ଲିଚୁ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହିତ ଶୋଷ ଦୂର ହୋଇଥାଏ। ଅଂଶୁଘାତ ମଧ୍ୟ ରୋକାଯାଇପାରେ। କେବଳ ସେତିକି ନୁହେଁ; ମହିଳାମାନଙ୍କ ସୌନ୍ଦର୍ଯ୍ୟକୁ ଚିରସ୍ଥାୟୀ କରିଥାଏ ଲିଚୁ। ନିୟମିତ ଲିଚୁ ଖାଇବା ଦ୍ୱାରା ମୁଖଗହ୍ୱରର ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ।
- ଲିଚୁ ଜୁସ୍ ପିଇଲେ, ଡିହାଇଡ୍ରେସନ, କୋଷ୍ଠକାଠିନ୍ୟ, ମୁଣ୍ଡ ବୁଲାଇବା ଆଦି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ଅନିଦ୍ରା ହୋଇ ଅସୁସ୍ଥତା ଅନୁଭବ କଲେ, ଲିଚୁ ଜୁସ୍ ପିଇବା ଦ୍ୱାରା ଆରାମ ମିଳେ।
- ଲିଚୁ ତ୍ୱଚାର ଔଜ୍ଜ୍ୱଲ୍ୟ ବୃଦ୍ଧି ପାଇଁ ବେଶ୍ ଉପଯୋଗୀ। ଏହା ଚର୍ମରୋଗ ଆରୋଗ୍ୟ କରିବାରେ ସାହାଯ୍ୟ କରିଥାଏ।
- ସ୍ମୃତିଶକ୍ତି ବୃଦ୍ଧି, ମାଂସପେଶୀ, ଶରୀରର ହାଡ଼କୁ ମଜବୁତ କରିବାରେ ଏହା ସାହାଯ୍ୟ କରିଥାଏ। ତେଣୁ ସର୍ବଦା ଲିଚୁକୁ ରାତ୍ର ସମୟରେ ନଖାଇ, ସକାଳେ ଖାଇବେ ଉଚିତ।

## ସୁପର-୮ ମୁକାବିଲା; ସୂର୍ଯ୍ୟକୁମାରଙ୍କ କ୍ରମାଗତ ଅର୍ଦ୍ଧଶତକ

# ଆଫଗାନିସ୍ତାନକୁ ହରାଇଲା ଭାରତ

**ବ୍ରିଜ୍‌ଟାଉନ୍, ବାର୍ବାଡୋସ୍, ୨୦।୬(ଏଜେନ୍ସି):** ସୂର୍ଯ୍ୟକୁମାର ଯାଦବଙ୍କ କ୍ରମାଗତ ଅର୍ଦ୍ଧଶତକ ସହ ବୋଲରଙ୍କ ଶୃଙ୍ଖଳିତ ବୋଲିଂ ବଳରେ ଭାରତ ଏଠାରେ ଗୁରୁବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ସୁପର-୮ର ଏକ ମୁକାବିଲାରେ ୪୭ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୮୨ ରନର ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଆଫଗାନିସ୍ତାନ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ କରିପାରିଥିଲା। ଏହି ବିଜୟ ସହ ଭାରତ ସୁପର୍-୮ ଗ୍ରୁପ୍-୧ରେ ଦୁଇ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଶନିବାର ବାଂଲାଦେଶକୁ ଏବଂ ସେହିଦିନ ଅଷ୍ଟ୍ରେଲିଆ ସହ ଆଫଗାନିସ୍ତାନର ମୁକାବିଲା ହେବ।

କିଙ୍ଗ୍‌ସଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ସୁପର୍-୮ ମ୍ୟାଚରେ ୧୮୨ ରନର ଲକ୍ଷ୍ୟକୁ ପିଛା କରିଥିବା ଆଫଗାନିସ୍ତାନ ୫ ଓଭର ମଧ୍ୟରେ ୨୩ ରନରେ ପ୍ରଥମ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ଦୁଇ ଓପନର୍ ରହମନୁଲ୍ଲା ଗୁର୍‌ବାଜ ୧୧ ଓ ହଜରତୁଲ୍ଲା ଜଜାଇ ୨ ରନ କରି ଯଶପ୍ରୀତ୍ ବୁମ୍‌ରାଙ୍କ ଶିକାର ବନିଥିଲେ। ସେହିଭଳି ନିର୍ଭରଯୋଗ୍ୟ ଇବ୍ରାହିମ୍ ଜର୍ଦାନ ୧୧ ବଲରେ ୮ ରନ କରି ଅକ୍ଷର ପଟେଲଙ୍କ ବଲରେ ରୋହିତ୍ ଶର୍ମାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତେବେ ମଧ୍ୟକ୍ରମରେ ଆଫଗାନିସ୍ତାନ ବ୍ୟାଟର କିଛିଟା ଲଢ଼େଇ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଦଳ ପାଳିର ଶେଷ ବଲରେ ୧୩୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଜମତୁଲ୍ଲା ଓମାରଜାଇ ୨୬, ନାଜିବୁଲ୍ଲା ଜର୍ଦାନ ୧୯, ଗୁଲାବଦିନ ନାଇବ ୧୭, ମହମ୍ମଦ ନବି ୧୪ରନ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ଯଶପ୍ରୀତ୍ ବୁମ୍‌ରା ୩ଟି ଲେଖାଏ, କୁଲଦୀପ ଯାଦବ ୨ ଏବଂ ଅକ୍ଷର ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ବୁମ୍‌ରା ତାଙ୍କ ୪ ଓଭର ସ୍ପେଲରେ ଗୋଟିଏ ମେଡେନ ସହ ମାତ୍ର ୭ ରନ ବ୍ୟୟ କରିଥିଲେ।

### ସୂର୍ଯ୍ୟକୁମାର ଶ୍ରେଷ୍ଠ ଖେଳାଳି

ରୋହିତ୍ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେ ଦଳର ପ୍ରଥମ ଖେଳାଳି ଭାବେ ମାତ୍ର ୮ ରନ୍‌ରେ ଆଉଟ ହୋଇ ନିଜ ନିଷ୍ପତ୍ତିକୁ ଭୁଲ ପ୍ରମାଣ କରିଥିଲେ। ଏହାପରେ ଦିଲ୍ଲୀର ଦୁଇ ଖେଳାଳି ବିରାଟ କୋହଲି ଓ ଋଷଭ ପନ୍ତ ଦ୍ୱିତୀୟ ୱିକେଟରେ ୨୫ ବଲ୍‌ରୁ ୪୩ ରନ୍ ଉଠାଇ ପ୍ରାରମ୍ଭିକ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। କିନ୍ତୁ ଉଭୟ ଖେଳାଳି ୮ ରନ୍ ବ୍ୟବଧାନରେ ଆଉଟ ହୋଇଯାଇଥିଲେ। ଏମାନଙ୍କ ମଧ୍ୟରୁ ପନ୍ତ ୧୧ ବଲ୍‌ରୁ ଗୋଟିଏ ଓଭରରେ କ୍ରମାଗତ ୪ ଚୌକା ସହ ୨୦ ଏବଂ କୋହଲି ୨୪ ବଲ୍‌ରୁ ୨୪ ରନ୍ କରିଥିଲେ। ଶିବମ ଦୁବେ ମଧ୍ୟ ୧୦ ରନ୍‌ର ଯୋଗଦାନ ଦେଇଥିଲେ। ୯୦ ରନ୍‌ରେ ଚତୁର୍ଥ ୱିକେଟ ପତନ ପରେ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା କିଛିଟା ଲଢୁଆ ବ୍ୟାଟିଂ କରି ଭାରତର ସମ୍ମାନ ରକ୍ଷା କରିବା ସହ ସ୍କୋରକୁ ଆଗକୁ ନେଇଥିଲେ। ଏମାନେ ମିଳିତଭାବେ ୩୭ ବଲ୍‌ରୁ ୬୦ ରନ୍ ଉଠାଇଥିଲେ। ସୂର୍ଯ୍ୟକୁମାର ୨୮ ବଲ୍ ଖେଳି ୫ଚୌକା ଓ ୩ଛକା ସହ ୫୩ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୩୨ ରନ୍ କରିଥିଲେ। ଏହି ଦୁଇ ଖେଳାଳିଙ୍କ ଯୋଗଦାନ ଯୋଗୁ ଦଳ ଦେଢ଼ଶ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଶେଷ ଭାଗରେ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ପାରି ନ ଥିଲେ। ଫଳରେ ଦଳୀୟ ସ୍କୋର ୮ ୱିକେଟ ବିନିମୟରେ ୧୮୧ ରନ୍‌ରେ ସୀମିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ ଦୁଇ ବୋଲର ଫଜଲହକ୍ ଫାରୁକୀ ଓ ଲେଗ୍ ସ୍ପିନର ରଶିଦ୍ ଖାନ୍ ଚମତ୍କାର ବୋଲିଂ କରି ୩ ଜଣ ଲେଖାଏଁ ଭାରତୀୟ ବ୍ୟାଟରଙ୍କୁ ଆଉଟ କରିଥିଲେ। ଆମେରିକା ବିପକ୍ଷରେ ୫୦ ରନ କରିଥିବା ସୂର୍ଯ୍ୟ ପୁଣିଥରେ ବ୍ୟାଟରେ କମାଲ ଦେଖାଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଆଜିର ସୁପର-୮ ମ୍ୟାଚ୍

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ (ଗ୍ରୁପ୍) | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ୨୧।୬ | ଅଷ୍ଟ୍ରେଲିଆ-ବାଂଲାଦେଶ | ନର୍ଥ ସାଉଣ୍ଡ | ସକାଳ ୬ଟା |
| ୨୧।୬ | ଇଂଲଣ୍ଡ-ଦ.ଆଫ୍ରିକା | ଗ୍ରସ୍ ଆଇଲେଟ୍ | ରାତି ୮ଟା |

### ସଂକ୍ଷିପ୍ତ ସ୍କୋର

**ଭାରତ:** ୧୮୧/୮,୨୦ ଓଭର (ସୂର୍ଯ୍ୟକୁମାର- ୫୩, ହାର୍ଦ୍ଦିକ- ୩୨, କୋହଲି- ୨୪, ପନ୍ତ- ୨୦, ରୋହିତ- ୮, ଫାରୁକୀ- ୩/୩୩, ରଶିଦ- ୩/୨୬)

**ଆଫଗାନିସ୍ତାନ:** ୧୩୪/୧୦, ୨୦ ଓଭର (ଓମାରଜାଇ- ୨୬, ଜର୍ଦାନ- ୧୯, ଗୁଲାବଦିନ- ୧୭, ନବୀ- ୧୪, ରଶିଦ- ୨, ବୁମ୍‌ରା- ୩/୭, ଅର୍ଶଦୀପ୍- ୩/୩୬)।



# ଚାମ୍ପିଅନ ଇଂଲଣ୍ଡର ଦମ୍‌ଦାର୍ ବିଜୟ



**ଗ୍ରସ୍ ଆଇଲେଟ୍, ୨୦।୬(ଏଜେନ୍ସି):** ଓପନର ଫିଲିପ ସଲ୍ଟଙ୍କ ଅପରାଜିତ ଅର୍ଦ୍ଧଶତକ ଓ ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରେ ଜନି ବେୟାରଷ୍ଟୋଙ୍କ ସହ ୯୭ ରନ୍ ମିଳିବା ପରେ ଏଠାରେ ଗୁରୁବାର ସକାଳେ ଅନୁଷ୍ଠିତ ସୁପର-୮' ଗ୍ରୁପ୍-୨ର ଏକ ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ୮ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ବିଶ୍ୱସନୀୟ ବିଜୟ ହାସଲ କରିଛି। ଏହା ଫଳରେ ୱେଷ୍ଟଇଣ୍ଡିଜ୍‌ର ବିଶ୍ୱକପ୍ ବିଜୟଧାରାରେ ବ୍ରେକ୍ ଲାଗିଛି। ଦଳ ଏହି ମେଗା ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ୮ଟି ମ୍ୟାଚ୍ ଜିତିବା ପରେ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ଦମ୍‌ଦାର ଖେଳ ପ୍ରଦର୍ଶନ କରି ୪୭ ବଲ୍‌ରୁ ୭ ଚୌକା ଓ ୫ ଛକା ସହ ଅପରାଜିତ ୮୭ ରନ୍ କରିଥିବା ସଲ୍ଟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପରବର୍ତ୍ତୀ ମ୍ୟାଚ୍‌ରେ ଜୁନ୍ ୨୧ ତାରିଖରେ ଇଂଲଣ୍ଡ ସହ ଦକ୍ଷିଣ ଆଫ୍ରିକା ଓ ସେହିଦିନ ୱେଷ୍ଟଇଣ୍ଡିଜ୍ ସହ ଆମେରିକାର ମୁକାବିଲା ହେବ।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଉଭୟ ବ୍ୟାଟିଂ ଓ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୪ ୱିକେଟରେ ୧୮୦ ରନ୍ କରିଥିଲା। କିନ୍ତୁ ଦଳର ପ୍ରଥମ ୬ଜଣଙ୍କ ବ୍ୟାଟରଙ୍କ ମଧ୍ୟରୁ ୫ଜଣ ଭଲ ଆରମ୍ଭ ପାଇଥିଲେ ମଧ୍ୟ କେହି ବଡ଼ ସ୍କୋର କରି ପାରି ନଥିଲେ କିମ୍ବା ବିସ୍ଫୋରକ ପାଳି ଖେଳି ନଥିଲେ। ସେମାନଙ୍କ ମଧ୍ୟରୁ ଜନସନ ଚାର୍ଲସ ସର୍ବାଧିକ ୩୮, ନିକୋଲସ ପୂରନ ଓ ଅଧିନାୟକ ରୋଭମାନ ପାୱେଲ ୩୬ ରନ୍ ଲେଖାଏଁ, ଶେର୍ଫାନ ରଦରଫୋର୍ଡ ୧୫ ବଲ୍‌ରେ ଅପରାଜିତ ୨୮ ଓ ଓପନର ବ୍ରାଣ୍ଡନ କିଙ୍ଗ୍ ୨୩ ରନ୍ କରିଥିଲେ। ଜବାବରେ ଇଂଲଣ୍ଡ ୧୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ଅତି ସହଜରେ ହାସଲ କରିନେଇଥିଲା। ଏହାକୁ ପିଛା କରି ଦଳ ୮୪ ରନ୍‌ରେ ୨ ୱିକେଟ ହରାଇଥିଲା। କିନ୍ତୁ ଏହା ପରେ ସଲ୍ଟ ଓ ଜନି ବେୟାରଷ୍ଟୋ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୨.୩ ଓଭର ଖେଳ ଓ ୮ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଜୋଶ ବଟ୍ଲର ୨୫, ମୋଇନ୍ ଅଲି ୧୩ ରନ୍ କରି ଆଉଟ ହୋଇଥିଲେ। ବେୟାରଷ୍ଟୋ ୨୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୪୮ ରନ୍‌ରେ ଅପରାଜିତ ଥିଲେ। କିନ୍ତୁ ୪୭ ବଲ୍‌ରେ ୭ ଚୌକା ଓ ୫ ଛକା ସହ ୮୭ ରନ୍ କରି ଅପରାଜିତ ରହିଥିବା ସଲ୍ଟ ଏଠାରେ ଶ୍ରେଷ୍ଠ ଖେଳାଳି ହେବା ସହ ଏକାଧିକ ରେକର୍ଡ ଭାଙ୍ଗିଦେଇଥିଲେ। ସେ ରୋମାରିଓ ସେଫର୍ଡଙ୍କ ଗୋଟିଏ ଓଭରରେ ୩୦ ରନ୍ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ଇଣ୍ଡିଜ୍ ବିପକ୍ଷ ଟି-୨୦ରେ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୪୭୮, ସର୍ବାଧିକ ୩୨ଟି ଛକା ମାରିବାର ବ୍ୟକ୍ତିଗତ ରେକର୍ଡ କରିଥିଲେ। ଏହି ବିଜୟ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବଢ଼ାଇବାରେ ସମର୍ଥ ହୋଇଛି।

# ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟର ଡେଭିଡ୍ ଜନ୍‌ସନ୍‌ଙ୍କ ପରଲୋକ

**ବେଙ୍ଗାଲୁରୁ,୨୦।୬(ଏଜେନ୍ସି):** ଭାରତୀୟ ପୂର୍ବତନ ଟେଷ୍ଟ କ୍ରିକେଟର ତଥା ଦ୍ରୁତ ବୋଲର ଡେଭିଡ୍ ଜନସନ ଗୁରୁବାର ପରଲୋକଗମନ କରିଛନ୍ତି। ବେଙ୍ଗାଲୁରୁରେ ସେ ୫୨ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ୧୯୯୬ରେ ସେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳି ୩ଟି ୱିକେଟ ଅକ୍ତିଆର କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ଦୁଇ ପତ୍ନୀ ଓ ଦୁଇ ପିଲା ପାଖରେ ଉପସ୍ଥିତ ଥିଲେ। କୋଥାନୁରସ୍ଥିତ କନକ ଶ୍ରୀ ଲେଆଉଟ୍‌ରେ ଥିବା ନିଜର ଆପାର୍ଟମେଣ୍ଟର ଚତୁର୍ଥ ତାଲାରୁ ସେ ତଳକୁ ଖସି ପଡିଥିଲେ। ତାଙ୍କ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୩୯ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି



୧୯୭୧ ଅକ୍ଟୋବର ୧୬ରେ ଜନ୍ମିତ ଡାହାଣହାତୀ ଦ୍ରୁତ ବୋଲର ଜନସନ କର୍ଣ୍ଣାଟକ ତରଫରୁ ୩୯ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୧୨୫ଟି ୱିକେଟ ନେଇଥିଲେ। ଏଥିରେ ତାଙ୍କର ୪ଥର ୫ ୱିକେଟ ଓ ଗୋଟିଏ ୧୦ ୱିକେଟ ସଫଳତା ସାମିଲ ରହିଛି। ଦ୍ରୁତଗତିରେ ବଲ ପକାଇ ସେତେବେଳେ ସେ ପ୍ରସିଦ୍ଧି ହାସଲ କରିଥିଲେ। ୧୯୯୫-୯୬ ରଣଜୀ ଟ୍ରଫି ସିଜନରେ ସେ କେରଳ ବିପକ୍ଷରେ ୧୫୨ ରନ ଦେଇ ୧୦ ୱିକେଟ ହାସଲ କରିଥିଲେ। ଏହି ସଫଳତା ବଳରେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ।

### ୧୫୭.୮ କିମି ବେଗରେ ବୋଲିଂ କରିଥିଲେ

ଜନ୍‌ସନ୍ ୧୯୯୬ରେ ଟେଷ୍ଟ ପଦାର୍ପଣ କରିଥିଲେ। ଅଷ୍ଟ୍ରେଲିଆର ଭାରତ ଗସ୍ତ ସମୟରେ ସେ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ମାଇକେଲ ସ୍ଲାଟରଙ୍କୁ ଆଉଟ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ଏକଦା ୧୫୭.୮ କିମି ବେଗରେ ବଲ ପକାଇ ଚର୍ଚ୍ଚା ସୃଷ୍ଟି କରିଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ସେ ଡର୍ବାନରେ ପ୍ରଥମ ଟେଷ୍ଟରେ ହର୍ଶଲ ଗିବ୍ସ ଓ ବ୍ରାଏନ ମ୍ୟାକମିଲନଙ୍କୁ ଆଉଟ କରିଥିଲେ। ବିସିସିଆଇ ସମ୍ପାଦକ ଜୟ ଶାହା, ପୂର୍ବତନ ଭାରତୀୟ ସ୍ପିନର ଅନିଲ କୁମ୍ବଲେ, ପୂର୍ବତନ ଓପନର ଗୌତମ ଗମ୍ଭୀର ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଫିଟ୍‌ନେସ କାରଣରୁ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟରେ ସଂଘର୍ଷ କରିବାକୁ ପଡିଥିଲା। ଅନିଲ କୁମ୍ବଲେ, ଜଭାଗାଲ ଶ୍ରୀନାଥ, ଭେଙ୍କଟେଶ ପ୍ରସାଦ ଓ ଦୋଡା ଗଣେଷଙ୍କ ସହ କର୍ଣ୍ଣାଟକ ବୋଲିଂ ବିଭାଗର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସନ୍ୟାସ ନେବା ପରେ ସେ କ୍ରିକେଟ ଏକାଡେମୀ ଚଳାଉଥିଲେ ଓ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

# ଜାତୀୟ ହକି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ଅମିତ୍



**ବେଙ୍ଗାଲୁରୁ, ୨୦।୬ (ଏଜେନ୍ସି):** ଆଗାମୀ ଜାତୀୟ ପ୍ରଶିକ୍ଷଣ ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୨୭ ଜଣିଆ ସମ୍ଭାବ୍ୟ ଭାରତୀୟ ବରିଷ୍ଠ ପୁରୁଷ ହକି ଦଳ ଘୋଷଣା କରାଯାଇଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ଶୁକ୍ରବାରଠାରୁ (ଜୁନ ୨୧) ଏହି ଶିବିର ଆରମ୍ଭ ହେବ। ଆସନ୍ତା ମାସରେ ପ୍ୟାରିସ ଅଲିମ୍ପିକ୍ସ ଅନୁଷ୍ଠିତ ହେବାକୁ ଥିବାବେଳେ ଭାରତୀୟ ହକି ଦଳ ଲାଗି ଏହି ପ୍ରଶିକ୍ଷଣ ଶିବିର ବେଶ୍ ଗୁରୁତ୍ୱବହନ କରୁଛି। ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ୍ ରୋହିଦାସ ସ୍ଥାନ ପାଇଛନ୍ତି।

ଭାରତୀୟ ଦଳ ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ପର୍ଯ୍ୟାୟ ମୁକାବିଲା ଖେଳି ପ୍ରତ୍ୟାବର୍ତ୍ତନ କରିଛି। ପ୍ରୋ ଲିଗ୍‌ରେ ଭାରତ ୧୬ ମ୍ୟାଚ୍ ଖେଳି ୨୪ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି। ପ୍ରୋ ଲିଗ୍‌ର ୟୁରୋପ୍ ପର୍ଯ୍ୟାୟରେ ଭାରତ କରିଥିବା ତ୍ରୁଟିକୁ ଏହି ଶିବିରରେ ସୁଧାରିବାକୁ ଲକ୍ଷ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ପୁଲ୍-ବି'ରେ ସ୍ଥାନ ପାଇଛି। ଏହି ପୁଲରେ ଭାରତ ସମେତ ବେଲ୍‌ଜିୟମ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି। ଜୁଲାଇ ୨୭ରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଖେଳି ଭାରତ ଅଲିମ୍ପିକ୍ସରେ ଅଭିଯାନ ଆରମ୍ଭ କରିବ।

# ୪ ଗ୍ରାଣ୍ଡସ୍ଲାମ୍ ବିଜୟିନୀଙ୍କୁ ୱିମ୍ବଲଡନ୍ ୱାଇଲ୍ଡକାର୍ଡ

**ଲଣ୍ଡନ,୨୦।୬(ଏଜେନ୍ସି):** ଜାପାନର ପୂର୍ବତନ ନଂ ୧ ମହିଳା ଟେନିସ ଖେଳାଳି ନାଓମି ଓସାକାଙ୍କ ସମେତ ମୋଟ ୪ଜଣ ଗ୍ରାଣ୍ଡସ୍ଲାମ ବିଜୟିନୀଙ୍କୁ ୱିମ୍ବଲଡନ ୱାଇଲ୍ଡକାର୍ଡ ପ୍ରଦାନ କରାଯାଇଛି। ଦୁଇଥର ଲେଖାଏ ଅଷ୍ଟ୍ରେଲିଆନ୍ ଓ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଥିବା ଓସାକା ଏଥିସହ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ନିଶ୍ଚିତ ହୋଇଛି। ମା ହେବା ପରେ ୨୬ ବର୍ଷୀୟା ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ୱିମ୍ବଲଡନ ମୁଖ୍ୟ ଡ୍ର'ରେ ଅବତୀର୍ଣ୍ଣ ହେବେ। ସେହିପରି ଡେନମାର୍କର ପୂର୍ବତନ ୧ ନଂ ମହିଳା ଖେଳାଳି ୩୩ ବର୍ଷୀୟ କାରୋଲିନ୍ ଓଜ୍ନିଆକିଙ୍କୁ ମଧ୍ୟ ୱିମ୍ବଲଡନ ୱାଇଲ୍ଡ କାର୍ଡ ମିଳିଛି। ଜର୍ମାନୀର ପୂର୍ବତନ ୧ ନଂ ମହିଳା ଖେଳାଳି ଆଞ୍ଜେଲିକ କରବର ଓ ବ୍ରିଟେନର ୨୧ ବର୍ଷୀୟା ଇମା ରାଡୁକାନୁଙ୍କୁ ମଧ୍ୟ ୱାଇଲ୍ଡକାର୍ଡ ପ୍ରଦାନ କରାଯାଇଛି। ଉଲ୍ଲେଖଥାଉ କି, ଯେଉଁ ଖେଳାଳିମାନେ ନିଜ ର୍‌ୟାଙ୍କିଙ୍ଗ୍ ବଳରେ ମୁଖ୍ୟ ଡ୍ର'ରେ ସାମିଲ ହେବାକୁ ସଫଳ ହୋଇ ନଥାନ୍ତି ସେମାନଙ୍କୁ ଅଲ୍ ଇଂଲଣ୍ଡ କ୍ଲବ୍ ୱାଇଲ୍ଡ କାର୍ଡ ପ୍ରଦାନ କରିଥାଏ। ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟ ଜୁଲାଇ ପହିଲାରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

# 'ଫିଫା' ର୍‌ୟାଙ୍କିଙ୍ଗ୍‌ରେ ଭାରତ ପୁଣି ଖସିଲା

**ଜୁରିକ, ୨୦।୬ (ସମିସ):** ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ସଦ୍ୟପ୍ରକାଶିତ ର୍‌ୟାଙ୍କିଂରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ଅବନତି ଘଟିଥିବା ଦେଖିବାକୁ ମିଳିଛି। ବିଶ୍ୱ ତାଲିକାରେ ଭାରତ ୩ଟି ପାହାଚ ତଳକୁ ଖସି ୧୨୩ତମ ସ୍ଥାନରେ ରହିଛି। ଗତ ୭ ବର୍ଷରେ ଭାରତର ଏହା ସବୁଠୁ ନିମ୍ନ ର୍‌ୟାଙ୍କିଂ। ୯ ମାର୍ଚ୍ଚ ୨୦୧୭ରେ ଭାରତ ଫିଫା ମାନ୍ୟତାର ୧୩୨ତମ ସ୍ଥାନରେ ରହିଥିଲା। ସେତେବେଳେ ଏହା ଭାରତର ଖରାପ ର୍‌ୟାଙ୍କିଂ ଥିଲା। ଗତ ସପ୍ତାହରେ ମୁଖ୍ୟ ପ୍ରଶିକ୍ଷକ ଆଇଗର ଷ୍ଟିମାକଙ୍କୁ ବିଦା କରିବା ପରେ ମାନ୍ୟତାରେ ଭାରତର ଏହା ପ୍ରଥମ ଅବନତି ଥିଲା। ଫିଫା ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ କତାର ନିକଟରୁ ପରାଜୟବରଣ କରିବା ପରେ ମାନ୍ୟତାରେ ତଳକୁ ଖସିଛି।

# କର୍ଣ୍ଣାଟକ ଛାଡ଼ିଲେ ସମର୍ଥ; ଉତ୍ତରାଖଣ୍ଡରୁ ଖେଳିବେ

**ବେଙ୍ଗାଲୁରୁ, ୨୦।୬ (ଏଜେନ୍ସି):** ଗତ ଏକ ଦଶନ୍ଧି ଧରି କର୍ଣ୍ଣାଟକ ଘରୋଇ କ୍ରିକେଟ୍ ଦଳର ପ୍ରମୁଖ ବ୍ୟାଟର୍ ରହିଆସିଥିବା ଆର୍ ସମର୍ଥ ଆଗାମୀ ସିଜନରେ ଉତ୍ତରାଖଣ୍ଡ ପକ୍ଷରୁ ଖେଳିବାକୁ ଘୋଷଣା କରିଛନ୍ତି। ୩୧ ବର୍ଷୀୟ ସମର୍ଥ କର୍ଣ୍ଣାଟକ ଛାଡ଼ିବା ନେଇ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘକୁ ଏନ୍‌ଓସି ପାଇଁ ଆବେଦନ କରିଥିଲେ। ଗୁରୁବାର ତାଙ୍କୁ ଏନ୍‌ଓସି ମିଳିଯାଇଥିବା ସେ କହିଛନ୍ତି। ୨୦୧୩ରେ କର୍ଣ୍ଣାଟକ ପକ୍ଷରୁ ପଦାର୍ପଣ କରିଥିବା ଡାହାଣହାତୀ ବ୍ୟାଟର୍ ସମର୍ଥ ବର୍ତ୍ତମାନ ସୁଦ୍ଧା ୮୮ ପ୍ରଥମ ଶ୍ରେଣୀ ଓ ୬୪ ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି। ପ୍ରଥମ ଶ୍ରେଣୀ ଫର୍ମାଟ୍‌ରେ ସେ ୫୦.୫୧ ହାରରେ ୫୫୦୮ ଓ ଲିଷ୍ଟ-ଏ'ରେ ୪୮.୪୫ ହାରରେ ୨୬୬୫ ରନ କରିଛନ୍ତି। ଉଭୟ ଫର୍ମାଟ୍‌ରେ ତାଙ୍କ ନାମରେ ମୋଟ୍ ୨୧ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି।

# ଇଂଲଣ୍ଡ- ଡେନମାର୍କ ମୁକାବିଲା ଅମୀମାଂସିତ

**ଫ୍ରାଙ୍କଫର୍ଟ,୨୦।୬(ଏଜେନ୍ସି):** ଚଳିତ ୟୁରୋକପ୍‌ରେ ଗୁରୁବାର ଗତଥରର ରନର୍ସଅପ୍ ଇଂଲଣ୍ଡ ଓ ଡେନମାର୍କ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ ସି' ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଫଳରେ ଉଭୟ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ୨ ମ୍ୟାଚ୍ ଖେଳି ଇଂଲଣ୍ଡ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ଅଙ୍କ ହାସଲ କରି ଗ୍ରୁପ୍ ଶୀର୍ଷରେ ରହିଛି। ଅନ୍ୟପଟେ ଡେନମାର୍କ ୨ଟି ମ୍ୟାଚ୍ ଖେଳି ଦୁଇଟି ଡ୍ର ସହ ୨ ଅଙ୍କ ପାଇଁ ଦ୍ୱିତୀୟ ସ୍ଥାନରେ ରହିଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଦୁଇ ଦଳ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମ୍ୟାଚ୍‌ର ୧୮ ତମ ମିନିଟ୍‌ରେ ସୁପରଷ୍ଟାର ତଥା ଅଭିଜ୍ଞ ଷ୍ଟ୍ରାଇକର ହ୍ୟାରୀ କେନ୍ ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୩୪ତମ ମିନିଟ୍‌ରେ ଡେନମାର୍କ ଏହି ଗୋଲ ପରିଶୋଧ କରିଥିଲା। ଡେନମାର୍କ ମିଡ୍‌ଫିଲ୍ଡର ମୋର୍ଟେନ ଜୁଲମାଣ୍ଡ ଏହି ଗୋଲ ଦେଇ ଇଂଲଣ୍ଡକୁ ନିରାଶ କରିଥିଲେ। ଇଂଲଣ୍ଡ ତା'ର ତୃତୀୟ ମ୍ୟାଚ୍‌ରେ ବୁଧବାର ସ୍ଲୋଭେନିଆକୁ ଓ ଡେନମାର୍କ ଏହି ଦିନ ସର୍ବିଆକୁ ଭେଟିବ।

### ଆଜିର ୟୁରୋକପ୍ ମୁକାବିଲା

- ସ୍ଲୋଭାକିଆ-ୟୁକ୍ରେନ୍ । ସ୍ଥାନ:ଡୁସେଲଡୋର୍ଫ । ସମୟ: ସନ୍ଧ୍ୟା ୬.୩୦
- ପୋଲାଣ୍ଡ- ଅଷ୍ଟ୍ରିଆ । ସ୍ଥାନ: ବର୍ଲିନ । ସମୟ: ରାତି ୯.୩୦
- ନେଦରଲାଣ୍ଡସ-ଫ୍ରାନ୍ସ । ସ୍ଥାନ: ଲେପ୍‌ଜିଗ୍ । ସମୟ: ରାତି ୧୨.୩୦

**ପ୍ରସାରଣ -:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ସ୍ଲୋଭେନିଆ- ସର୍ବିଆ ମ୍ୟାଚ୍ ଡ୍ର

ଗୁରୁବାର ସ୍ଲୋଭେନିଆ ଓ ସର୍ବିଆ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ ସି'ର ଏକ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ମ୍ୟୁନିକରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ୬୯ତମ ମିନିଟ୍‌ରେ ୨୯ ବର୍ଷୀୟ ଡିଫେଣ୍ଡର ଜାନ କାର୍ଣ୍ଣିକନିକ୍ ଗୋଲ ସ୍କୋର କରି ସ୍ଲୋଭେନିଆକୁ ଅଗ୍ରଣୀ କରାଇଥିଲେ। ସ୍ଲୋଭେନିଆ ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ୫ମ ମିନିଟ୍‌ରେ ସର୍ବିଆର ୨୬ ବର୍ଷୀୟ ଫରୱାର୍ଡ ଲୁକା ଜୋଭିକ ଗୋଲ ସ୍କୋର କରି ମ୍ୟାଚ୍‌କୁ ଡ୍ର ରଖିଥିଲେ। ୨୬ ତାରିଖ ବୁଧବାର ସ୍ଲୋଭେନିଆ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ। ସେହିପରି ସର୍ବିଆ ଏହି ଦିନ ଡେନମାର୍କକୁ ଭେଟିବ।

### ପଏଣ୍ଟ ଭାଗ କଲେ ସ୍କଟଲାଣ୍ଡ ଓ ସ୍ୱିଜରଲାଣ୍ଡ

ବୁଧବାର ବିଳମ୍ବିତ ରାତିରେ ସ୍କଟଲାଣ୍ଡ ଓ ସ୍ୱିଜରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ ଏ'ର ଏକ ମ୍ୟାଚ୍ ମଧ୍ୟ ୧-୧ ଗୋଲରେ ଅମୀମାଂସିତ ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ୧୩ତମ ମିନିଟ୍‌ରେ ୨୭ ବର୍ଷୀୟ ମିଡ୍‌ଫିଲ୍ଡର ସ୍କଟ ମ୍ୟାକ ଟୋମିନେ ଗୋଲ ସ୍କୋର କରି ସ୍କଟଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ୨୬ତମ ମିନିଟ୍‌ରେ ସ୍ୱିଜରଲାଣ୍ଡର ଜେର୍ଡାନ ଶାକିରି ଗୋଲ ସ୍କୋର କରି ମ୍ୟାଚ୍ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ଉଭୟ ଦଳ ଗୋଲ ଦେବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ସ୍କଟଲାଣ୍ଡ ୨୪ ତାରିଖ ସୋମବାର ହଙ୍ଗେରୀ ଓ ସ୍ୱିଜରଲାଣ୍ଡ ଏହି ଦିନ ଜର୍ମାନୀକୁ ଭେଟିବ।



ଇଂଲଣ୍ଡ-ଡେନମାର୍କ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର

EDITOR: UMAKANT MISHRA